# ସମାରୋହ

ଡିସେମ୍ବର ୨୦୨୫

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility


***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


Swastik Srishti
FIRE EXTINGUISHER
Extinguisher Box
Way Fire Hydrant
Couplings
Water Jet Monitor
Sensor
Extinguisher
DSPA
Hose Reel
Landing Valves
SWASTIK SRISHTI
A Complete Range of
Fire Protection , Safety & Rescue Equipment, Fire Detection & Suppresion Systems

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 3**
**December - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଶ୍ରୀକ୍ଷେତ୍ର ଓ ଶ୍ରୀମଦ୍ ଜଗଦ୍‌ଗୁରୁ**
ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ.... ୬
**ମା' ମଝିଘରିଆଣୀ** ଡ. ସୁଚେତା ରାଉତ........... ୮


### କଥା ଓ କାହାଣୀ


**ଅନୁଜ ସ୍ୱର** ପ୍ର. ଉପେନ୍ଦ୍ର ପ୍ରସାଦ ନାୟକ.... ୧୨
**ପାଟଳୀପୁତ୍ରର ରାଜନର୍ତ୍ତକୀ** ଡକ୍ଟର ତ୍ରିନାଥ ପଟ୍ଟନାୟକ...... ୧୮
**ଅନ୍ତିମ ବ୍ୟାଧି** ଡାକ୍ତର ଶ୍ରୀପ୍ରସାଦ ମହାନ୍ତି...... ୨୮
**ରଙ୍ଗଣୀ ଫୁଲର ରଙ୍ଗ** ବିଜୟ ପଟ୍ଟନାୟକ............ ୩୧
**ସ୍ୱଦେଶେ ପ୍ରବାସୀ** ଚୌଧୁରୀ ବରଦାପ୍ରସନ୍ନ ଦାସ....୩୬
**ଜଠର** ମୂଳ ସିନ୍ଧୀ – ଅରୁଣା ଜେଠୱାଣୀ
ନଗେନ୍ଦ୍ର ନାଥ ପଟ୍ଟନାୟକ...... ୩୮
**କଳାଜାଇ** ମନୋଜ କୁମାର ଜେନା........ ୪୧
**ଅପମାନର ପ୍ରେରଣା** ଡ. ଚନ୍ଦ୍ରକଳା ନାୟକ.......... ୪୩


### କବିତା


**ବିପରୀତ** ନରହରି ମିଶ୍ର.................. ୪୬
**ଗୋଠ ଗମାତ** ଅଜୟ ପ୍ରଧାନ................. ୪୬
**ହେ ! ସଂଘର୍ଷର ବାଦଶାହା !** ଡାଃ ମନୋରଂଜନ ଦାଶ........ ୪୭
**ଝାଉଁଳା ଈଶ୍ୱର** ରମେଶ ଚନ୍ଦ୍ର ସାହୁ.............୪୭
**ଶିକାର** ନୀଳକଣ୍ଠ ବେହେରା...........୪୮
**ଅନ୍ଧାର ହେଲାଣିତ** ପୀୟୂଷ ପଟ୍ଟନାୟକ............ ୪୮
**ଭୋଜି** ଦିଲ୍ଲୀପ ଶତପଥୀ...............୪୮
**ନିଜକୁ ଚିହ୍ନିବା** ବାସନ୍ତୀ ଦାସ.................. ୪୯
**ଅନ୍ତରପୁରୁଷ** ପଲ୍ଲବୀ ଦାସ...................୪୯
**ମନ ଶାରୀ : ରଟୁ ନାହିଁ ରାମ ହର**
ଜ୍ୟୋତି ପ୍ରକାଶ କର...........୫୦
**ଜହ୍ନରେ ଘର** ବିଳାସ ଚନ୍ଦ୍ର ବେହେରା........୫୦
ଗୋଟେ ମାତ୍ର ଚକୋଲେଟ୍ କୁମାର ଧର୍ମନ୍................ ୫୧
**ପରିଣୟର ଅଭିନନ୍ଦନ..** ମନୋଜ କୁମାର ବେହେରା.....୫୧

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଡା. ଅମରେନ୍ଦ୍ରନାଥ ଦାସ**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

## ତନ୍ମାତ୍ର

**ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ**.................................. ୫୨

## ଖେଳ ଓ ଖେଳାଳୀ

**ସତରେ କ'ଣ ସଂକଟରେ ଭାରତୀୟ କ୍ରୀକେଟ !!**..... ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**



**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | |
|---|---|
| ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |

*ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।*

# ସଂପାଦକୀୟ

ପ୍ରତି ମୁହୂର୍ତ୍ତରେ ସଂସାରରେ ଯିବା ଆସିବା ଲାଗି ରହିଛି । ତା'ରି ଭିତରେ ଦୁଇ ହଜାର ପଚିଶି ମସିହା ନୂଆବର୍ଷ ହୋଇ ପଶି ଆସିଥିଲା । ସେ ଆଜି "Old is Gold" ନହୋଇ copper ପାଲଟି ଯାଇଛି । ବହୁ ପ୍ରକାରର ଘଟଣା ଦୁର୍ଘଟଣା ଆସ୍ଥା ଅନାସ୍ଥା ଭିତରେ ଗତି କରି ଡିସେମ୍ବର ମାସର ୧୧ ତାରିଖ ଉପନୀତ ହେଲାଣି ।

"ବଞ୍ଚିଥିଲେ ରୋଇ
ଫଟା ଭୂମିରେ ଗୋଧନ ଚରାଇ"

ଆମେମାନେ ସେହିପରି ଗୋଟିଏ ପରେ ଗୋଟିଏ କାର୍ଯ୍ୟ କରିଚାଲିଛୁ ଯେଉଁଥିରେ ତା'ର ପରିଣାମ ନବୁଝି କେବଳ କିଛି କରିଛୁ ବୋଲି ତୃପ୍ତ ହୋଇଛୁ । ଆମେରିକା ପ୍ରେସିଡେଣ୍ଟ ଟ୍ରମ୍ପ ଆସିଗଲା ପରେ ଆମ ଓଡ଼ିଶାରେ ମଧ୍ୟ ଓଲଟ ପାଲଟ ହୋଇ ଚାଲିଛି । ମହାପୁରୁଷମାନେ ଆସୁଛନ୍ତି ବୋଲି ଜଗତର ଉନ୍ନତି କରିବା ପରିବର୍ତ୍ତେ ଗତିରୋଧକ ପକାଇ ଦେଇ ଠେଲାଠେଲି ଦଳା ଚକଟା ହୋଇ ମୃତ୍ୟୁ ମଧ୍ୟ ଘଟୁଛି ସେ ପ୍ରତି ଆମେ ସଚେତନ ହୋଇ ପାରୁନୁ । ସୁନୀତା ଉଇଲିୟମ ଗୋଟେ ଖୋପ ଭିତରେ ପଶି ଯମ ଯନ୍ତ୍ରଣା ଭୋଗୁଥିବା ବେଳେ ବାହାରକୁ ହସି କଥା କହିବା ପରେ କୌଣସି ଉପାୟରେ ତାକୁ ଉଦ୍ଧାର କରାଯାଇଥିଲା । ଏପରି ଅନେକ ଘଟଣା ଘଟିଛି, ସମୟକ୍ରମେ ମୋର ସ୍ମୃତି ଶକ୍ତି ବହୁ ପରିମାଣରେ କମିଯାଇଛି । ସମ୍ପାଦକୀୟଟିକୁ ଲେଖିବାପାଇଁ ବହୁତ ସମୟ ଧରି କଳ୍ପନା ଜଳ୍ପନାରେ ସବୁ ଲେଖିବାକୁ ବସିଲା ବେଳକୁ ସେ ଆଉ ଆଖି ସାମନାକୁ ଆସି ପାରୁନାହିଁ । କଥାରେ ଅଛି । ଝରଣାରୁ ବୋହି ଆସୁଥିବା ନଈ ବହୁ ପଥ ଅତିକ୍ରମ କରି ବାଧାବିଘ୍ନ ଅନୁଭବ କରି ଅଙ୍କାବଙ୍କା ହୋଇ ଶେଷରେ ସମୁଦ୍ରରେ ମିଳି ତା'ର ଇପ୍‌ସିତ ସ୍ଥାନ ପ୍ରାପ୍ତ ହୋଇଥାଏ । କିନ୍ତୁ ମୁଁ ନଈ ନୁହେଁ । ମଣିଷ ଭିତରେ ଯେତିକି ଶକ୍ତି ଅଛି ତାହା ଖର୍ଚ୍ଚ କରି ଏବେ ଆଉ ଲେଖିବା ସମ୍ଭବ ହେଉନାହିଁ । ଜଗତକୁ ଦୃଷ୍ଟିରେ ରଖି କିଛି ଲେଖିବାକୁ ଚେଷ୍ଟା କଲେ ମଧ୍ୟ ଆଗେଇ ପାରୁନାହିଁ । ତେବେ ଏ ଜୀବନ ଅଛି, ଦାୟିତ୍ୱଟି ଅଛି ମୁକ୍ତି ମିଳିନାହିଁ । ତେଣୁ ଦୁଇହଜାର ଛବିଶ ମସିହାକୁ ଧୂପ, ଦୀପ, ନୈବେଦ୍ୟ ଧରି ପତ୍ର ପୁଷ୍ପରେ ସୁଶୋଭିତ କରି ସଫଳ କରିବାର ପ୍ରୟାସ ମନ ଭିତରେ ଉଙ୍କି ମାରୁଥିଲେ ମଧ୍ୟ କାର୍ଯ୍ୟରୂପେ ପ୍ରକାଶ କରିବାର ଶକ୍ତି ଆଉ ନାହିଁ ।

ଡିସେମ୍ବର ମାସ ଥର ଥର ଶୀତ ଋତୁରେ ହୃଦୟର ନିଭୃତ କୋଣରୁ ଶକ୍ତି ସଂଗ୍ରହ କରି କିଛି ଗୋଟାଏ ଉଚ୍ଚକୋଟୀର ଲେଖା ଲେଖିବାର ସମ୍ଭାବନା ଆଉ ନାହିଁ । ଯଦିଓ ବହୁଦିନ ପରେ ଦିନେ ଦିନେ ଖବରକାଗଜ ଦେଖୁଛି ସେଥିରେ ଦେଶକୁ ଚଳାଉଥିବା ପ୍ରଧାନ ବୀର ଶୂର ମାନଙ୍କର ଓଲଟ ପାଲଟ ନୀତିର ସମୀକ୍ଷା କରିବା ସାହସ ମୋ'ର ନାହିଁ ।

ଭଗବାନ୍‌ଙ୍କ ଦୟାରୁ ସମ୍ପାଦିକା ଭାବେ ମତେ ଗୋଟିଏ ପଦ ପଦବୀ ମିଳି ପାରିଛି । ମୋ ଭିତରେ ଯାହା ଉଠୁଛି ତା'କୁ ପ୍ରକାଶ କଲେ ସାରା ସମାଜକୁ ତାହା ରୁଚିକର ହେବ ବୋଲି । ହତ୍ୟା, ରକ୍ତଛିଟା, ଧର୍ଷଣ ଇତ୍ୟାଦିରେ ପରିପୂର୍ଣ୍ଣ ଏ ଜଗତ ବିଦ୍ୟାଦେବୀ ସରସ୍ୱତୀ ମାଆ ସହ୍ୟ କରିପାରୁଥିବେ କି ନାହିଁ ମୁଁ ଜାଣୁନି । ମୁଁ ସହ୍ୟ କରିପାରୁନି । ତେଣୁ ଦୁଇ ହଜାର ପଚିଶିର ଶେଷ ସମ୍ପାଦକୀୟଟିକୁ ଏଇଠି ସମାପ୍ତ କରି ସୃଷ୍ଟି କର୍ତ୍ତାଙ୍କ ଉପରେ ନିର୍ଭର ଓ ବିଶ୍ୱାସ କରି ଏଇଠି ବିରତି ନେଲି । ତେଣୁ ଆପଣମାନେ ଯେଉଁମାନେ ଏହାକୁ ପାଠ କରିବେ ମୋତେ କ୍ଷମା କରିବେ । କାରଣ ମୁଁ ଆଉ ସହ୍ୟ କରିପାରୁନାହିଁ । କରୁଣା ସାଗର ଆମମାନଙ୍କ ପାଇଁ ପଥର ପାଲଟିଗଲେ ବୋଲି ମତେ ମନେହୁଏ ।

ବର୍ତ୍ତମାନ ବହୁତ କିଛି ବଣ୍ଟା କୁଣ୍ଟା ଚାଲିଛି । ଅନେକ ତାକୁ ପାଇ ସାମୟିକ ଆନନ୍ଦ ପାଉଥିବେ । କିନ୍ତୁ ଚିରନ୍ତନ ଆନନ୍ଦର ସ୍ୱାଦୁ ସେଥିରେ ନଥିବ । ଦିକି ଦିକି ହୋଇ ଜଳୁଥିବା ଦୀପଟି ଧପ୍‌କରି ଲିଭିଯିବାର ଶବ୍ଦ ହେବ । ତା'ପରେ ଯେଉଁ ନୂତନ ବର୍ଷର ଆଲୋକ ଆସିବ ବ୍ୟକ୍ତି ବିଶେଷଙ୍କ ପରିବର୍ତ୍ତନ କରାଇ ସମାଜକୁ ପ୍ରକୃତ ସୁଖ ଶାନ୍ତି ପ୍ରଦାନ କରୁ । ଏତିକି ଆଶା ନେଇ ଜଗତର ନାଥ ଜଗନ୍ନାଥଙ୍କ ଚରଣତଳେ ଅନନ୍ତ କୋଟି ପ୍ରଣାମ କରି ରହିଲି । ମାଗିବାର ଆଉ ନାହିଁ । ଯାହା ତାଙ୍କର ଦେବାର ଅଛି ସେ ଦେଇ ଚାଲନ୍ତୁ ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ଶ୍ରୀକ୍ଷେତ୍ର ଓ ଶ୍ରୀମଦ୍ ଜଗଦ୍‌ଗୁରୁ

**ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

**ସଚ୍ଚିଦାନନ୍ଦ ରୂପାୟ କୃଷ୍ଣାୟ କ୍ଲିଷ୍ଟ କର୍ମଣୋ**
**ନମୋ ବେଦାନ୍ତ ବେଦ୍ୟାୟ ଗୁରବେ ବୁଦ୍ଧି ସାକ୍ଷିଣୋ**

ପୁରୀ ଗୋବର୍ଦ୍ଧନ ମଠର ଅବସ୍ଥିତି ଶ୍ରୀକ୍ଷେତ୍ରରେ । ହିନ୍ଦୁ ଧର୍ମର ଗୁରୁଭାବରେ ସଦାପୂଜ୍ୟ ଆଦିଶଙ୍କରଙ୍କ ଦ୍ୱାରା ସାରାଭାରତରେ ପ୍ରତିଷ୍ଠା ଲାଭ ପାଇଥିବା ଚାରିଗୋଟି ମଠ ମଧ୍ୟରୁ ଏହା ଅଗ୍ରଗଣ୍ୟ । ଆନୁମାନିକ ୨୫୨୪ ବର୍ଷ ପୂର୍ବେ ଆଦି ଶଙ୍କରଙ୍କର ଆର୍ବିଭାବ ହୋଇଥିଲା । ବୈଦିକ ସନାତନ ଧର୍ମର ପୁନର୍ନବାୟନରେ ଆଦିଶଙ୍କରଙ୍କର ଅବଦାନ ଅବିସମ୍ବାଦିତ । ଏଥିପାଇଁ ସିଏ ଭାରତର ଚାରି ଦିଗରେ ଚାରିଗୋଟି ମଠ ପ୍ରତିଷ୍ଠା କରିବା ସହିତ ସେହି ମଠମାନଙ୍କୁ ଗୁରୁକୁଳ ଆଶ୍ରମ ବୈଦିକ ପାଠଶାଳାରେ ପରିଣତ କରିଦେଇଥିଲେ । ଏହି ମଠମାନେ ଦକ୍ଷିଣରେ କର୍ଣ୍ଣାଟକରେ ରାମେଶ୍ୱର ଶୃଙ୍ଗେରୀ ମଠ, ଉତ୍ତର ଦିଗରେ ବଦ୍ରିନାଥ ଜ୍ୟୋତିଃ ମଠ, ପଶ୍ଚିମରେ ଗୁଜୁରାଟରେ ଦ୍ୱାରକା ମଠ ଓ ପୂର୍ବରେ ପୁରୀରେ ଗୋବର୍ଦ୍ଧନ ମଠ ନାମରେ ନାମିତ । ମଠ ପ୍ରତିଷ୍ଠା ପରେ ଏହାର ସୁଷମ ସଂଚାଳନ ପାଇଁ ଆଦିଶଙ୍କର ନିଜର ପ୍ରଧାନ ଚାରିଶିଷ୍ୟଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସେମାନେ ହେଲେ:- ପଦ୍ମପାଦ, ହସ୍ତମଳକ, ଭର୍ତ୍ତ୍ରିକାକର ଓ ତୋଟକାଚାର୍ଯ୍ୟ ।

***"ପୁରୀଧାମ ଗୋବର୍ଦ୍ଧନ ମଠ ଶ୍ରୀମଦ୍ ଜଗତଗୁରୁ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କ ପଟ୍ଟାଭିଷେକର ପଂଚବିଂଶତମ ପୂର୍ତ୍ତି ଉପଲକ୍ଷେ ତଥା ଅଖଣ୍ଡ ଭାରତବର୍ଷର ଚାରିଗୋଟି ଆଧ୍ୟାତ୍ମିକ ରାଜଧାନୀର ସଂକଳ୍ପ ନେଇ ।"***

ଆଦି ଶଙ୍କରଙ୍କର ସିଦ୍ଧାନ୍ତ କଳ୍ପେ, ଏମାନେ ଶଙ୍କରାଚାର୍ଯ୍ୟ ନାମରେ ନାମିତ ହେଲେ । ଆଦିଶଙ୍କର କୃତ "ମଠାମ୍ନାୟ ମହାନୁଶାସନମ"ରେ ଏ ସଂପର୍କରେ ସ୍ପଷ୍ଟ ଘୋଷଣା ରହିଛି । ଶ୍ରୀକ୍ଷେତ୍ରରେ ଥିବା ଗୋବର୍ଦ୍ଧନପୀଠ ଶ୍ରୀଜଗନ୍ନାଥ ମନ୍ଦିର ସହିତ ଆତ୍ମିକ ଭାବେ ସଂଶ୍ଳିଷ୍ଟ । ପଦ୍ମପାଦାଚାର୍ଯ୍ୟ ଏହି ମଠର ଥିଲେ ପ୍ରଥମ ମଠାଧୀଶ । ଆଚାର୍ଯ୍ୟ ଆଦିଶଙ୍କରଙ୍କ ପ୍ରଥମ ଶିଷ୍ୟ ପଦ୍ମପାଦ ନିଜର ଅତୁଳନୀୟ ଗୁରୁଭକ୍ତି ଓ ଐଶ୍ୱର୍ଯ୍ୟ ଶକ୍ତି ସକାଶେ ଥିଲେ ସମସ୍ତଙ୍କର ବନ୍ଦନୀୟ । ନୃସିଂହ ମନ୍ତ୍ରରେ ସିଦ୍ଧ ସ୍ୱାମୀ ପଦ୍ମପାଦଙ୍କୁ ପ୍ରଥମ ଅଧ୍ୟକ୍ଷ ଭାବରେ ପାଇ ଗୋବର୍ଦ୍ଧନ ପୀଠ ଗୌରବାନ୍ୱିତ ହେଲା । ଆଚାର୍ଯ୍ୟ ଶଙ୍କର ପୀଠାଧୀଶ ରୂପେ ପଦ୍ମପାଦଙ୍କୁ ବୈଭବମୟ ପରିବେଶରେ ସ୍ୱହସ୍ତରେ ଅଭିଷିକ୍ତ କରାଇଥିଲେ । ଗୋବର୍ଦ୍ଧନ ମଠର ଇତିବୃତ୍ତ ଆକଳନରୁ ଜଣାଯାଏ ଯେ, ଦ୍ୱାରକାମଠର ମଠାଧୀଶ ସ୍ୱାମୀ ଭାରତୀକୃଷ୍ଣ ୧୯୨୫ ମସିହାରେ ଏହି ମଠର ଦାୟିତ୍ୱ ସମ୍ଭାଳି ଥିଲେ । ସ୍ୱାମୀ ଭାରତୀକୃଷ୍ଣ ଆତ୍ମସାକ୍ଷାତକାର କାର୍ଯ୍ୟକ୍ରମ ପାଇଁ ଯାଇ ଆମେରିକାରୁ ଫେରିଲାପରେ ଏଇ ଗୋବର୍ଦ୍ଧନ ମଠର ପରିଚାଳନାଭାର ସମ୍ଭାଳିଥିଲେ । ୧୯୬୦ ମସିହାରେ ଭାରତୀକୃଷ୍ଣଙ୍କ ମହାସମାଧୀ ହେଲା । ତାଙ୍କ ପରେ ନିରଞ୍ଜନଦେବ ତୀର୍ଥ ଦାୟିତ୍ୱ ଗ୍ରହଣ କଲେ । ଧର୍ମ ସମ୍ରାଟ୍ କରପାତ୍ରୀ ମହାରାଜଙ୍କ ଅନୁମୋଦନ କ୍ରମେ ଗୃହସ୍ଥି ବିଦ୍ୱାନ ଶ୍ରୀ ନିରଞ୍ଜନଦେବ ତୀର୍ଥଙ୍କୁ ପ୍ରଥମେ ସନ୍ୟାସ ଦେଇ ତତ୍‌ପରେ ଦଣ୍ଡି ଦେଇ ୧୯୬୧ ମସିହାରେ ୧୪୪ତମ ଶଙ୍କାରାଚାର୍ଯ୍ୟ ପଦରେ ଅଭିଶିକ୍ତ କରାଯାଇଥିଲା । ଶରୀରର ଅସୁସ୍ଥତା ପାଇଁ ଶ୍ରୀ ନିରଞ୍ଜନ ଦେବ ତୀର୍ଥ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୧୯୯୨ ମସିହା ଇଂରାଜୀ ଫେବୃୟାରୀ ମାସ ୯ ତାରିଖ ପବିତ୍ର ଶ୍ରୀପଞ୍ଚମୀ ତିଥିରେ ୧୪୫ତମ ଶଙ୍କରାଚାର୍ଯ୍ୟ ପଦରେ ଅଭିଷେକ କରାଇଥିଲେ । ଏହାପରେ ୧୯୯୨ ମସିହାରୁ ବର୍ତ୍ତମାନର ମଠାଧୀଶ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଦାୟିତ୍ୱ ଗ୍ରହଣ କରି ଅଦ୍ୟାବଧି କର୍ମତତ୍ପର ରହିଛନ୍ତି । ଗୋବର୍ଦ୍ଧନ ମଠ ପରମ୍ପରାରେ ସ୍ୱାମୀ ନିଶ୍ଚଳାନନ୍ଦ ହେଉଛନ୍ତି ୧୪୫ତମ ଶଙ୍କରାଚାର୍ଯ୍ୟ । ପଦ୍ମପାଦାଚାର୍ଯ୍ୟ ଓ ଭାରତୀକୃଷ୍ଣଙ୍କ ପରେ ନିଶ୍ଚଳାନନ୍ଦ ସରସ୍ୱତୀ ହେଉଛନ୍ତି ଶଙ୍କରାଚାର୍ଯ୍ୟ ଅନୁସୃତ ଆଧ୍ୟାତ୍ମିକ ପରମ୍ପରାର ଜଣେ ସଫଳ ଦାୟଦ । ବୈଦିକ ଧର୍ମ ଶାସ୍ତ୍ରର ଉପଯୋଗୀତାଙ୍କୁ ପ୍ରୟୋଗାତ୍ମକ ଭାବେ ଉପସ୍ଥାପନରେ ସିଏ ସିଦ୍ଧହସ୍ତ । ୧୯୯୨ ମସିହାରେ ଶ୍ରୀପଞ୍ଚମୀ ପୁଣ୍ୟତିଥିରେ ସ୍ୱାମୀ ନିଶ୍ଚଳାନନ୍ଦ ଗୋବର୍ଦ୍ଧନ ପୀଠର ଦାୟିତ୍ୱ ଗ୍ରହଣ କଲାପରେ ଶ୍ରୀମନ୍ଦିର,ଗୋବର୍ଦ୍ଧନ ପୀଠ ସମେତ ସର୍ବଭାରତୀୟ ପ୍ରେକ୍ଷାପଟ୍ଟରେ ଆଧ୍ୟାତ୍ମିକତାର ଏକ ନୂତନ ସ୍ପନ୍ଦନ ସୃଷ୍ଟି ହୋଇଛି ।

ଗୋବର୍ଦ୍ଧନ ମଠର ପ୍ରଥମ ପୀଠାଧୀଶଙ୍କ ଠାରୁ ପରଂମ୍ପରା କ୍ରମେ ଅନେକ ସୁଯୋଗ୍ୟ ଧର୍ମଭାବାପନ୍ନ ବ୍ୟକ୍ତି ପୀଠାଧିଶ ଆସନ ଅଳଂକୃତ କରିଆସିଛନ୍ତି । ଆଜକୁ ୨୫୦୦ବର୍ଷ ଧରି ସେହି ପରଂପରା ଅକ୍ଷୁର୍ଣ୍ଣ ରହିଛି । ଆଚାର୍ଯ୍ୟ ଆଦି ଶଙ୍କରଙ୍କ ଉତ୍କଳ ଆଗମନ ଓ ପ୍ରସ୍ଥାନର ଅଢେଇ ହଜାର ବର୍ଷ ଅତୀତ ହୋଇଯାଇଥିଲେ ହେଁ ଆଚାର୍ଯ୍ୟଶଙ୍କରଙ୍କ କୃତି ଓ କୀର୍ତ୍ତିର ମହକ ଏବେ ମଧ୍ୟ ଉଜ୍ଜିବୀତ ରହିଛି । ଶଙ୍କରଙ୍କ ନିର୍ଦ୍ଧାରିତ ଅଦ୍ୱୈତ ପରଂପରାରେ ଶ୍ରୀମଦ ଭାଗବତର ମହାନ ଟୀକାକାର ଥିଲେ ଶ୍ରୀଧର ସ୍ୱାମୀ ଓ ଶ୍ରୀ ମଧୁସୂଦନ ସରସ୍ୱତୀ । ବିଂଶ ଶତାବ୍ଦୀରେ ଗୋବର୍ଦ୍ଧନ ପୀଠର ପୀଠାଧୀଶ ସ୍ୱାମୀ ଭାରତୀକୃଷ୍ଣ ବୈଦିକ ଗଣିତରେ ଅସାଧାରଣ ଦକ୍ଷତା ପ୍ରାପ୍ତ ହୋଇ ଆନ୍ତର୍ଜାତିକ

ଖ୍ୟାତି ଅର୍ଜନ କରିଥିଲେ । ତାହାଙ୍କ ପରେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିବାରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଅଗ୍ରଗଣ୍ୟ । ଆଧ୍ୟାତ୍ମିକ ତତ୍ତ୍ୱ ସମୂହର ବୈଜ୍ଞାନିକ ସିଦ୍ଧାନ୍ତ ନିର୍ଣ୍ଣୟ କରିବାରେ ସିଏ ସିଦ୍ଧହସ୍ତ । ଏଥିପାଇଁ ବିଭିନ୍ନ ଆଲୋଚନା ତଥା ସଂପାନରେ ସିଏ ନିଜର ଦୃଢ ମତ ଉପସ୍ଥାପନ କରିଥାନ୍ତି । ଏପରିକି ଧର୍ମାନ୍ତରିକରଣକୁ ନେଇ ତାଙ୍କ ମତାମତ ଯଥେଷ୍ଟ ବଳିଷ୍ଠ ଓ ପ୍ରଭାବଶାଳୀ ଥିଲା । ଏକଦା ସେ ହିନ୍ଦୁ ଧର୍ମାନ୍ତରିକରଣ ପକ୍ରିୟାରେ ବ୍ୟଥିତ ହୋଇ କହିଥିଲେ ଯେ, ଯଦି ବ୍ୟକ୍ତିର ମୌଳିକ ଆବଶ୍ୟକତା ପୁରଣ ହୋଇପାରନ୍ତା ଓ ସାମାଜିକ ପ୍ରତିବନ୍ଧକ ହଟା ଯାଇପାରନ୍ତା ତେବେ ଧର୍ମାନ୍ତରିକରଣ ପ୍ରଶମିତ ହୋଇପାରନ୍ତା । ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଯାନ୍ତ୍ରୀକ ଓ ଚିକିତ୍ସା ମହାବିଦ୍ୟାଳୟ, ଡି.ଆର.ଡି.ଓ. (ଓଡିଶା) , ଇସ୍ରୋ (ବାଙ୍ଗାଲୋର), ଆଇ.ଆଇ.ଏମ୍. (ଅହମ୍ମଦାବାଦ୍), ଜେ-ଏମ୍ୟୁ ଦିଲ୍ଲୀ, ଆହ୍ଲାବାଦ ଉଚ୍ଚତମ ନ୍ୟାୟାଳୟ, ଜାତୀୟ ତାପଜ୍ ବିଦ୍ୟୁତ୍ କେନ୍ଦ୍ର (ତାଳଚେର) ମାନଙ୍କରେ ତାଙ୍କର ତେଜସ୍ୱୀ ସମ୍ଭାଷଣ ଉଲ୍ଲେଖନୀୟ । ବୈଦିକ ଗଣିତ ପ୍ରତି ତାଙ୍କର ଅବଦାନ ଅବର୍ଣ୍ଣନୀୟ । ଭାରତୀକୃଷ୍ଣଙ୍କ ଦ୍ୱାରା ପ୍ରଜ୍ୱଳିତ ବୈଦିକ ଅଙ୍କ ଦୀପଟି ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ହାତରେ ଏକ ମହାଦୀପରେ ପରିଣତ ହୋଇଛି । ସ୍ୱାମୀ ନିଶ୍ଚଳାନନ୍ଦ ଜଣେ ପ୍ରବିଣ ଗଣିତଜ୍ଞ । ଏ ସଂପର୍କରେ ସିଏ ପ୍ରାୟ ୧୦ଖଣ୍ଡ ଗଣିତ ଶାସ୍ତ୍ର ବେଦକୁ ଆଧାର କରି ରଚନା କରିଛନ୍ତି ।

୧୯୪୩ ମସିହାରେ ନୀଳାମ୍ବର ଝା ନାମଧରୀ ଉତ୍ତରଭାରତର ହରିପୁରଠାରେ ଜନ୍ମଗ୍ରହଣ କରିଥିବା ଆଜିର ନିଶ୍ଚଳାନନ୍ଦ ସରସ୍ୱତୀ ଏକଦା ପାଠପଢିବା ସମୟରେ ବିଜ୍ଞାନ, ଗଣିତ ଓ ଅନ୍ୟାନ୍ୟ ସଂସ୍କୃତ ଶାସ୍ତ୍ରରେ ଯଥେଷ୍ଟ ଆଗ୍ରହ ରଖୁଥିଲେ । ସିଏ ଥିଲେ ମିଥିଳା ନରେଶଙ୍କର ରାଜପଣ୍ଡିତ ଲାଲ୍ ବଂଶୀ ଝା ଏବଂ ଶ୍ରୀମତୀ ଗୀତା ଦେବୀଙ୍କର ତୃତୀୟ ସନ୍ତାନ । ବାଲ୍ୟକାଳରୁ ତାଙ୍କଠାରେ ଅନେକ ଅଲୌକିକ ଲକ୍ଷଣମାନ ପ୍ରକାଶ ପାଇଥିଲା । ପଦ୍ମାସନରେ ଘଣ୍ଟା ଘଣ୍ଟା ଧରି ବସି ରହି ଧ୍ୟାନସ୍ଥ ହୋଇଯାଉଥିଲେ । ମାତ୍ର ୧୬ବର୍ଷ ବୟସରେ ପ୍ରତ୍ୟକ୍ଷ ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ହୋଇ ଗୃହତ୍ୟାଗ କରି ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ । ଜ୍ୟୋତିଃ ମଠର ଶଙ୍କରାଚାର୍ଯ୍ୟଙ୍କ ଆଶିର୍ବାଦ ପ୍ରାପ୍ତ ହୋଇ 'ଧ୍ରୁବଚୈତନ୍ୟ' ନାମରେ ନାମିତ ହେଲେ । ୧୯୭୦ ମସିହାରେ ବିଭିନ୍ନ ତୀର୍ଥ ପରିକ୍ରମା କରି ଶୁଦ୍ଧଜ୍ଞାନର ଅଧିକାରୀ ହେଲେ । ୧୯୭୪ ମସିହାରେ ଏହି ସାଧୁ ପରିବ୍ରାଜକ ନିଶ୍ଚଳାନନ୍ଦ ନାମରେ ପରିଚିତ ହେଲେ । ତାଙ୍କ ଅସାଧାରଣ ଜ୍ଞାନ ତଥା ବିଦ୍‌ବତ୍ତା ସର୍ବଭାରତୀୟ ସ୍ତରରେ ତାଙ୍କୁ ଏକ ମର୍ଯ୍ୟାଦାମୟ ସମ୍ମାନରେ ସମ୍ମାନିତ କରାଇଲା ଓ ୧୯୯୨ ମସିହାରେ ଗୋବର୍ଦ୍ଧନ ପୀଠର ହେଲେ ପୀଠାଧୀଶ । ଶ୍ରମଦ୍ ସ୍ୱାମୀ ନିରଞ୍ଜନ ଦେବ ତୀର୍ଥ ମହରାଜ ନିଜର ଚିନ୍ମୟ କରକମଳରେ ତା ୦୯.୦୨.୧୯୯୨ରିଖ ମାଘ ଶୁକ୍ଳ ଶ୍ରୀପଞ୍ଚମୀ ରବିବାର ଶୁଭ ଲଗ୍ନରେ ୧୪୫ତମ ପୀଠାଧିଶ୍ୱର ଭାବେ ସ୍ୱାମୀ ନିଶ୍ଚଳାନନ୍ଦଙ୍କୁ ଦାୟିତ୍ୱ ଅର୍ପଣ କଲେ । ୨୦୦୬ ମସିହାରେ ତାଙ୍କ ବୈଦିକ ଗଣିତ ସବୁ ଲୋକଚୋନକୁ ଆସିବାରେ ସାରା ବିଶ୍ୱର ଗଣିତଜ୍ଞ ତାଙ୍କ ପ୍ରତି ଆକୃଷ୍ଟ ହେଲେ । ଶୂନ୍ୟର ଗୁରୁତ୍ୱ ଦର୍ଶାଇ ସିଏ ବିଶ୍ୱର ଦୃଷ୍ଟି ଆକର୍ଷକ ହେଲେ । ତାଙ୍କର ଯୁକ୍ତି ଅନୁସାରେ ଶୂନର ସ୍ଥାନ ଏକର ଉପରେ । ଏଥିପାଇଁ ସେ ୧୮ଗୋଟି ସୂତ୍ରର ପ୍ରଣୟନ କରିଛନ୍ତି ଯାହା ତାଙ୍କ ନିଷ୍କର୍ଷକୁ ନିର୍ବିବାଦୀୟ କରିପାରିଛି । କେବଳ ଏତିକି ନୁହେଁ ସାରା ବିଶ୍ୱରେ ବୈଦିକ ଗଣିତ ବର୍ତ୍ତମାନ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପାଇଁ ଏକ ଆନ୍ଦୋଳନରେ ପରିଣତ ହୋଇପାରିଛି । ଏହା ସହିତ ମାନବିକ ସକଳ ସମସ୍ୟା ସମେତ ରାଷ୍ଟ୍ରୀୟ ସମସ୍ୟାର ସମାଧାନ ସୂତ୍ର ପ୍ରଣୟନରେ ସେ ଯଥେଷ୍ଟ ପଟୁତା ଅର୍ଜନ କରିଛନ୍ତି । ଆଜି ବିଶ୍ୱ କଂପ୍ୟୁଟରର ବ୍ୟାପକ ପ୍ରଚଳନ କରୁଥିବା ସମୟରେ ସ୍ୱାମୀ ନିଶ୍ଚଳାନନ୍ଦ କୁହନ୍ତି ଯେ କଂପ୍ୟୁଟରର ମୌଳିକ ତତ୍ତ୍ୱ ବେଦରେ ରହିଛି । ବେଦ ହିଁ କଂପ୍ୟୁଟରର ବିକାଶର ମୂଳଭିତ୍ତି । ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ଅଧିକ୍ଷତାରେ ଗୋବର୍ଦ୍ଧନ ମଠର ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ଗଙ୍ଗା ସୁରକ୍ଷା ଅଭିଯାନ, ଗୋ ରକ୍ଷା ଅଭିଯାନ ତଥା ରାଷ୍ଟ୍ରୋତ୍କର୍ଷ ଅଭିଯାନ ଆଦି ସମଗ୍ର ଭାରତ ବର୍ଷରେ ସେବା ଓ ସମାଜ କଲ୍ୟାଣର ବ୍ରତୀ ଥିବା ଅନୁଷ୍ଠାନ ମାନ ରହିଛନ୍ତି । ଉଲ୍ଲେଖନୀୟ ଦୁଃଖର କଥା ଯେ, ଏକଦା ଦେଶରେ ଗୋମାତାର ସୁରକ୍ଷା ପାଇଁ ଗୋ-ସୁରକ୍ଷା ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ସ୍ୱାମୀଜୀ ତା ୦୯.୧୧.୧୯୬୬ରୁ ୫୨ଦିନ ପର୍ଯ୍ୟନ୍ତ ତିହାର ଜେଲରେ ବନ୍ଦୀ ଭାବେ ରହିଥିଲେ । ଏହା ସତ୍ୱେ ଆଦିଶଙ୍କରଙ୍କ ଭଳି ଧର୍ମ ସୁରକ୍ଷା ମାର୍ଗରେ ଅବିଶ୍ରାନ୍ତ ଆଗେଇ ଚାଲିଛନ୍ତି । ଦେଶର ଅଖଣ୍ଡତା, ସୀମାସୁରକ୍ଷା, ଗୋ ଓ ଗଙ୍ଗା ସୁରକ୍ଷା, ମହିଳା ଜାଗରଣ, ପର୍ଯ୍ୟବରଣ ସୁରକ୍ଷା, ରାମ ସେତୁ ରକ୍ଷା, ଧର୍ମାନ୍ତରିକରଣ ଅବରୁଦ୍ଧ କରିବା ଇତ୍ୟାଦି ମହାନ୍ ଧର୍ମ ରକ୍ଷା କାର୍ଯ୍ୟରେ ଥକି ଯାଇନାହାଁନ୍ତି । ସବୁଠୁ ବଡ ଗୌରବର ବିଷୟ ଯେ, ୧୯୮୯ ମସିହାରୁ ବିଭିନ୍ନ ସମୟରେ ବିଶ୍ୱ ବ୍ୟାଙ୍କ ଗୁରୁଜୀଙ୍କ ପରାମର୍ଶକ୍ରମେ ଆନ୍ତର୍ଜାତୀୟ ଆର୍ଥିକ ସମସ୍ୟାର ସମାଧାନ କରିଛନ୍ତି । ଏପରିକି ସଂଯୁକ୍ତ ରାଷ୍ଟ୍ର ସଂଘ ମଧ୍ୟ ସ୍ୱାମୀଜୀଙ୍କ ଠାରୁ ମାର୍ଗ ଦର୍ଶନ କାମନା କରିଥାଆନ୍ତି । ଆଧୁନିକ ଉଦ୍ଭାବକମାନେ ସ୍ୱାମୀ ନିଶ୍ଚଳାନନ୍ଦଙ୍କ ଅନୁଶୀଳିତ ଓ ରଚିତ "ସ୍ୱସ୍ତିକ ଗଣିତ'' "ଅଙ୍କ ପଦାୟମ୍'' ଓ "ଗଣିତ ଦର୍ଶନମ'' ଆଦିରେ ଅନୁପ୍ରାଣିତ ହୋଇଛନ୍ତି । ତାଙ୍କର ସ୍ୱପ୍ନ ଓ ସଙ୍କଳ୍ପ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ଶିକ୍ଷତ, ସୁସ୍ଥ, ସୁ-ସମ୍ପନ୍ନ, ଶୋଷଣ ମୁକ୍ତ, ଧର୍ମନିୟନ୍ତ୍ରୀତ, ପକ୍ଷପାତହୀନ ମାର୍ଗରେ ଗଢି ତୋଳିବା । ତାଙ୍କର ନିର୍ଣ୍ଣୟ ସର୍ବୋତ୍କୃଷ୍ଟ ଓ ସପ୍ରମାଣ । ଇତିହାସରେ ଏପର୍ଯ୍ୟନ୍ତ ଆଦିଶଙ୍କରଙ୍କ ଆର୍ବିଭାବ ସମୟ ସ୍ଥିର କରିପାରିନଥିବା ବେଳେ ସ୍ୱାମୀ ନିଶ୍ଚଳାନନ୍ଦ ଆଦିଶଙ୍କରଙ୍କ ସମୟ ଖ୍ରୀ.ପୂ: ୫୦୭ ବୋଲି ସପ୍ରମାଣ ନିର୍ଣ୍ଣୟ କରିଛନ୍ତି ।

ବାସ୍ତବରେ ଏଭଳି ଜଣେ ମହାପୁରୁଷଙ୍କୁ ପାଇ ଓଡିଶା ଧନ୍ୟ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିରର ବାହ୍ୟ ଓ ଆଭ୍ୟନ୍ତରୀଣ ସଂସ୍କାର ପକ୍ରିୟାରେ ତାଙ୍କର ଅବଦାନ ଅବର୍ଣ୍ଣନୀୟ । ରଥ ଉପରେ ପ୍ରଭୁଙ୍କୁ ଦର୍ଶନ ଓ ସ୍ପର୍ଶ ନିର୍ଣ୍ଣୟ ତାଙ୍କର ଏକ ଯୁଗାନ୍ତକାରୀ ନିଷ୍ପତ୍ତି । ଶେଷରେ ତାଙ୍କରି ଉକ୍ତିକୁ ଉଦ୍ଧାର କରାଯାଉଛି- 'ବିଶ୍ୱରେ ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନର ସୂତ୍ର ବେଦ ବେଦାନ୍ତରେ ନାହିଁ ।' ମାତ୍ର ଏ ସଂପର୍କରେ ପ୍ରଶ୍ନ କରିବାପାଇଁ ସଚେତନ ଯୋଗ୍ୟ ପ୍ରଶ୍ନକର୍ତ୍ତାଙ୍କର ଅଭାବ ରହିଛି । ତେବେ ଏଭଳି ଜଣେ ଜଣେ ତତ୍ତ୍ୱଦ୍ରଷ୍ଟା, ତଥ୍ୟଦ୍ରଷ୍ଟା, ଦୂରଦ୍ରଷ୍ଟା, ତ୍ରୀକାଳଜ୍ଞ ସାରଦ୍ରଷ୍ଟାଙ୍କୁ ପାଇ କେବଳ ଗୋବର୍ଦ୍ଧନ ପୀଠ ନୁହେଁ ଅପରନ୍ତୁ ସମଗ୍ର ଭାରତ ଧନ୍ୟ ହୋଇଛି । 'ଅଖଣ୍ଡ ଭାରତ'ର ସ୍ୱପ୍ନ ଦେଖୁଥିବା ଅଦ୍ୱିତୀୟ ବ୍ୟକ୍ତି ଭାବରେ ସିଏ ସର୍ବମାନ୍ୟ । ତାଙ୍କର ପଞ୍ଚବିଂଶତମ ପଟ୍ଟାଭିଷେକ ଦିବସରେ ଏତିକି କେବଳ ନିବେଦନ:-

**"ନାରାୟଣ ସମାରମ୍ଭା ଶଙ୍କରାଚାର୍ଯ୍ୟା ମଧ୍ୟମାମ୍**
**ଅସ୍ମଦ୍ ଆଚାର୍ଯ୍ୟ ପର୍ଯ୍ୟନ୍ତମଂ ବନ୍ଦେ ଗୁରୁ ପରଂପରାମ ।"**

*ମହାସଚିବ, ପୀଠ ପରିଷଦ, ଗୋବର୍ଦ୍ଧନ ମଠ, ପୁରୀ*
*ଦୂରଭାଷ: ୯୪୩୭୦୭୭୭୬୭*

# ମା' ମଝିଘରିଆଣୀ

**ଡ. ସୁଚେତା ରାଉତ**

ଉତ୍କଳୀୟ ଧର୍ମୀୟ ସଂସ୍କୃତିରେ ଶକ୍ତିପୂଜାର ପ୍ରାଧାନ୍ୟ ବହୁ ଯୁଗରୁ ପ୍ରସିଦ୍ଧି ଲାଭ କରିଆସିଛି । ଐତିହାସିକମାନଙ୍କ ମତରେ ପ୍ରାୟତଃ ଷଷ୍ଠ ଶତାବ୍ଦୀରୁ ହିନ୍ଦୁମାନଙ୍କ ଭିତରେ ଶକ୍ତିପୂଜା ପ୍ରଚଳିତ । ପୌରାଣିକ ତଥ୍ୟରୁ ଜଣାଯାଏ ଭାରତ ଭୂଖଣ୍ଡରେ ଶକ୍ତି ଉପାସନା ଯେତିକି ପ୍ରାଚୀନ, ସେତିକି ବୈଚିତ୍ର୍ୟମୟ । ତେବେ ଶାକ୍ତ ଧର୍ମର ଆଦ୍ୟ ପୀଠ ଯେ ପୂଣ୍ୟଭୂମି ଉତ୍କଳ ତାହା ଐତିହାସିକ, ଗବେଷକ ତଥା ପଣ୍ଡିତମାନଙ୍କର ମତ ବିଶ୍ୱବ୍ରହ୍ମାଣ୍ଡରେ ସୃଷ୍ଟି, ସ୍ଥିତି, ପ୍ରଳୟ ତଥା ପ୍ରଳୟର ପ୍ରତୀକ ହେଉଛନ୍ତି ମାତୃ ଶକ୍ତି । ସୃଷ୍ଟି, ସ୍ଥିତି, ପ୍ରଳୟ ତଥା ପ୍ରେମର ଅଧିକାରିଣୀ ହେଉଛନ୍ତି ଜଗଜ୍ଜନନୀ ମା' ଦୁର୍ଗତୀ ନାଶିନୀ । ସେ ଜଗତର କଲ୍ୟାଣ ପାଇଁ ଭିନ୍ନ ଭିନ୍ନ ନାମରେ ପୂଜିତା । ସେହିପରି ଏକ ଦେବୀ ହେଉଛନ୍ତି ଜଗଜ୍ଜନନୀ ମା' ମଝି ଘରିଆଣୀ, ଯେ ରାୟଗଡ଼ାର ଅଧିଷ୍ଠାତୀ ଦେବୀ ଭାବରେ ପୂଜିତା ।

ଆନ୍ଧ୍ର ଓଡ଼ିଶା ସୀମାବର୍ତ୍ତୀ ରାୟଗଡ଼ା ଜିଲ୍ଲାର ଘନ ଜଙ୍ଗଲରେ ପରିବେଷ୍ଟିତ ପୂର୍ବଘାଟ ପର୍ବତମାଳା ପାଦଦେଶରେ ବହୁ ପ୍ରାଚୀନ କାଳରୁ ଶୋଭାବର୍ଦ୍ଧନ କରି ଆସୁଛି ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର । ଖଡ୍ଗ ଖର୍ପରଧାରିଣୀ, ଦୁଷ୍ଟ ବିନାଶିନୀ, ବିପଦ ଭଞ୍ଜନୀ ମା' ମଝିଘରିଆଣୀ ଦକ୍ଷିଣ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ ଆଦି ବହୁ ଅଞ୍ଚଳର ଆରାଧ୍ୟ ଦେବୀ ଭାବରେ ପୂଜିତା ।

ମା' ମଝିଘରିଆଣୀଙ୍କ ପୀଠକୁ ଯଦି କେହି ଯିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଉଭୟ ସଡ଼କପଥ ଓ ରେଳପଥ ସୁଗମ ଅଟେ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ଯିବାକୁ ହେଲେ ସେମାନଙ୍କୁ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇ ସେଠାରୁ ତପ୍ତପାଣି, ମୋହନା, ଅଡ଼ବା ଓ ମୁକୁନ୍ଦପୁର ଘାଟି ଦେଇ ରାୟଗଡ଼ା ପର୍ଯ୍ୟନ୍ତ ୩୯୦ କି.ମି. ପଥ ଅତିକ୍ରମ କରିଯିବାକୁ ହୁଏ । ରେଳପଥରେ ଗଲେ ଭୁବନେଶ୍ୱରଠାରୁ ବିଜୟନଗରମ୍ ଦେଇ ରାୟଗଡ଼ା ପର୍ଯ୍ୟନ୍ତ ୫୦୭ କି.ମି. ଯିବାକୁ ପଡ଼େ ।

ଜନଶ୍ରୁତିରୁ ଜଣାଯାଏ, ଆଜିର ରାୟଗଡ଼ା ଅତୀତରେ ଗାଁଟିଏ ହୋଇଥିଲା ଏବଂ ମଝିଘରିଆଣୀ ଆନ୍ଧ୍ର ଓଡ଼ିଶା ରାସ୍ତା କଡ଼ରେ ଏକ କ୍ଷୁଦ୍ର କୁଡ଼ିଆ ଘରେ ରହି ପୂଜା ପାଉଥିଲେ । ସେହି ବାଟଦେଇ ବାଟୋଇମାନେ ଗଲାବେଳେ ମଙ୍ଗଳାମୟୀ ମା'ଙ୍କୁ ପୂଜାର୍ଚ୍ଚନା କରି ତାଙ୍କର ଗନ୍ତବ୍ୟସ୍ଥଳକୁ ଚାଲିଯାଉଥିଲେ । ବିଜୟନଗର ରାୟପୁର ରେଳ ପଥ ନିର୍ମାଣ ହୋଇନଥିଲେ ମା'ଙ୍କ ମହିମା ହୁଏତ ଲୋକଲୋଚନକୁ ଆସି ପାରିନଥନ୍ତା । ମା'ଙ୍କ ମହିମା ବଡ଼ ବିଚିତ୍ର । ସେଥିପାଇଁ ନିଜ ଉପସ୍ଥିତିକୁ ବି ଅଲୌକିକ ଢ଼ଙ୍ଗରେ ପ୍ରତିଭାତ କଲେ । ୧୯୩୦ ମସିହାରେ ବ୍ରିଟିଶ ଶାସନାଧିନ କାଳରେ ରାୟଗଡ଼କୁ ରେଳପଥ ସଂଯୋଗୀକରଣ ନିମନ୍ତେ ରେଳପଥର କାର୍ଯ୍ୟାରମ୍ଭ ହେଲା । ଏଥିପାଇଁ ରାୟଗଡ଼ ନିକଟ ଝଞ୍ଜାବତୀ ନଦୀ ଉପରେ ରେଳପୋଲ ନିର୍ମାଣର ଦାୟିତ୍ୱ ନେଲେ ଆନ୍ଧ୍ରପ୍ରଦେଶର ନିଲା ରାଜୁ ନାମକ ଏକ ଠିକାଦାର । ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲାବେଳେ ବହୁତ ଅଘଟଣ ଘଟିଲା । ଦିନରେ ଯାହା କାମ ହେଉଥିଲା ତାହା ରାତିରେ ଧ୍ୱଂସ ହୋଇଯାଉଥିଲା । ଇଂଜିନିୟରମାନଙ୍କ ଚେଷ୍ଟା ବିଫଳ ହେଉଥିଲା । ସମସ୍ତେ ହତୋତ୍ସାହିତ ହୋଇପଡ଼ିଲେ । ଦିନେ ରାତ୍ରୀରେ ଠିକାଦାରଙ୍କୁ ଦେବୀଙ୍କ ସ୍ୱପ୍ନାଦେଶ ହେଲା, ସ୍ୱପ୍ନରେ ମା' କହିଲେ, "ମୁଁ ହେଉଛି ରାଣୀଗଡ଼ର ଠାକୁରାଣୀ ମା' ମଝିଘରିଆଣୀ । ଗଡ଼ର ମଝିରେ ଘରେ ରହି ମୁଁ ପୂଜା ପାଉଥିଲି । ବର୍ତ୍ତମାନ ବାହାରେ ଖରାବର୍ଷାରେ ପଡ଼ିରହି ବହୁତ କଷ୍ଟ ପାଉଛି । ତେଣୁ ମୋତେ ଏଠାରୁ ଉଦ୍ଧାର କରି ମନ୍ଦିର ଭିତରେ ରଖି ପୂଜା ନ କଲା ପର୍ଯ୍ୟନ୍ତ ପୋଲ ନିର୍ମାଣ ସମ୍ଭବ ନୁହେଁ ।"

ପରଦିନ ଠିକାଦାର ନିକଟରେ ଥିବା ବରୁଣ ଗଛ ମୂଳରୁ ମା'ଙ୍କୁ ଠାବ କରି ଅତି ଯତ୍ନର ସହ ପୂଜା କଲେ । ଟାଇଲ୍ ଘର ନିର୍ମାଣ କରି ମା'ଙ୍କୁ ପ୍ରତିଷ୍ଠା କରି ପାଇକମାନଙ୍କ ଦ୍ୱାରା ନୀତିନିୟମ ପ୍ରକାରେ ପୂଜାର୍ଚ୍ଚନା କଲେ । ଏହା ପରେ ପୋଲ କାର୍ଯ୍ୟ ନିର୍ବିଘ୍ନରେ ଚାଲିଲା । ସେହିଦିନଠାରୁ ମାଆଙ୍କ ମହିମା ସବୁଆଡ଼େ ସଂପ୍ରସାରିତ ହେଲା ।

ରାୟଗଡ଼ା ସହରର ନାମକରଣ ସମ୍ବାଦରେ ଅନେକ କିମ୍ବଦନ୍ତୀ ରହିଛି । ତନ୍ମଧ୍ୟରୁ ଏକ ଜନଶ୍ରୁତି ଅନୁଯାୟୀ ପ୍ରାଚୀନ କାଳରେ ଜଣେ

ରାଜା ଏଠାରେ ରାଜୁତି କରୁଥିଲେ। ସେ ଅତ୍ୟନ୍ତ ଧାର୍ମିକ ଓ ଗୁଣବନ୍ତ ଥିଲେ। ତାଙ୍କର ସନ୍ତାନ ସନ୍ତତି ନଥିବାରୁ ରାଜବଂଶ ଲୋପ ପାଇଯିବାର ଆଶଙ୍କା ରହିଥିଲା। ଏହିପରି ଏକ ସଙ୍କଟମୟ ପରିସ୍ଥିତିରେ ଜଣେ ଜ୍ୟୋତିଷ ରାଜାଙ୍କୁ ପରାମର୍ଶ ଦେଲେ, ସେ ଯଦି ନିଜ ରାଜଧାନୀକୁ ତିନିଥର ପରିବର୍ତ୍ତନ କରନ୍ତି, ତେବେ ସନ୍ତାନ ଲାଭ ସମ୍ଭବ ହେବ। ଜ୍ୟୋତିଷଙ୍କ କଥା ଅନୁସାରେ ରାଜା ତାଙ୍କ ରାଜଧାନୀକୁ ତିନିଥର ପରିବର୍ତ୍ତନ କରି ଜୟପୁର, ନନ୍ଦପୁର ଏବଂ ରାୟଗଡ଼ରେ ଗଡ଼ ସ୍ଥାପନ କରିଥିଲେ। ରାୟଗଡ଼ରେ ଗଡ଼ ସ୍ଥାପନ କରିଥିବାରୁ ଏହା ରାୟଗଡ଼ ବା ବର୍ତ୍ତମାନର ରାୟଗଡ଼ା ହୋଇଥିବା ଜଣାଯାଏ।

ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ ଗଡ଼ ସ୍ଥାପନ ପୂର୍ବରୁ ଏହି ଘଞ୍ଚ ଅରଣ୍ୟ ମଧ୍ୟରେ ଆଦିବାସୀମାନଙ୍କର ଜନ ବସତି ରହିଥିଲା। 'ରାୟଜାନୀ' ସେମାନଙ୍କର ନେତା ଥିଲେ। ସେ ଅତ୍ୟନ୍ତ ପରାକ୍ରମୀ ଓ ପ୍ରଭାବଶାଳୀ ଥିଲେ। ପଡ଼ୋଶୀ ରାଜାଙ୍କର ଆକ୍ରମଣ ସମୟରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ ମଧ୍ୟ ରାୟଜାନୀ ପରାସ୍ତ ହୋଇଯାଇଥିଲେ। ଯୁଦ୍ଧ ସମୟରେ ରାୟଜାନୀଙ୍କ ବୀରତ୍ୱ ଦେଖି ଆକ୍ରମଣକାରୀ ରାଜା ଲଜ୍ଜା ପାଇ ଯାଇଥିଲେ। ଏହି ଅପୂର୍ବ ବୀର ରାୟଜାନୀଙ୍କ ନାମାନୁସାରେ ସେହି ଅଞ୍ଚଳର ନାମ ରାୟଗଡ଼ ରଖାଯାଇଥିଲା ବୋଲି ଜନ ଶ୍ରୁତିରୁ ଜଣାପଡ଼େ।

ସେହିପରି ମା' ମଝିଘରିଆଣୀଙ୍କ ସମ୍ବନ୍ଧରେ ବହୁ ଜନଶ୍ରୁତି ରହିଛି, ଯେଉଁଥିରୁ ମା'ଙ୍କର ମହିମା ଏବଂ ମନ୍ଦିର ସ୍ଥାପନା ବିଷୟରେ କିଛି ସୂଚନା ମିଳେ। ଏହି ସୂଚନା ଅନୁସାରେ ସେ ସମୟରେ ରାୟଗଡ଼ରେ ଜଣେ ଧର୍ମ ପରାୟଣ ରାଜା ରାଜୁତି କରୁଥିଲେ, ଯାହାଙ୍କର ନାମ ଥିଲା ବିଶ୍ୱନାଥ ଦେବ। ସେ ନନ୍ଦପୁରରୁ ରାୟଗଡ଼ାକୁ ନିଜର ରାଜଧାନୀ ସ୍ଥାନାନ୍ତର କରି ନିଜର ଇଷ୍ଟଦେବୀଙ୍କୁ ଗଡ଼ ମଧ୍ୟରେ ସ୍ଥାପନା କରି ଭକ୍ତିପୂର୍ବକ ପୂଜାର୍ଚ୍ଚନା କରୁଥିଲେ। ଗଡ଼ ମଧ୍ୟରେ ଦେବୀ ପୂଜା ପାଉଥିବାରୁ ନାଁ ହେଲା "ମଝିଘରିଆଣୀ"। ଅନ୍ୟ ଏକ ତଥ୍ୟ ଅନୁଯାୟୀ ପ୍ରଥମେ ମା'ଙ୍କର ନାମଥିଲା। ନାରାୟଣୀ। ପରବର୍ତ୍ତୀ ସମୟରେ ମା'ଙ୍କ ନାମକୁ ପରିବର୍ତ୍ତନ କରାଯାଇ ରଖାଯାଇଥିଲା ମଝିଘରିଆଣୀ।

କିମ୍ବଦନ୍ତୀ ପରିପୁଷ୍ଟ ମଝି ଘରିଆଣୀ ପରିସରରେ ରହିଛି ସତୀକୁଣ୍ଡ। ଏହି ସତୀକୁଣ୍ଡ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ। କଥିତ ଅଛି ଗୋଲକୁଣ୍ଡା ସୁଲତାନ୍ ଇବ୍ରାହିମ୍ କୁତବ୍ ଶାହା ରାୟଗଡ଼କୁ ଆକ୍ରମଣ କଲେ। ଯୁଦ୍ଧରେ ରାୟଗଡ଼ର ତତ୍କାଳୀନ ରାଜା ବିଶ୍ୱନାଥ ଦେବ ସୁଲତାନଙ୍କର ସେନାପତି ରୁସ୍ତୁଫ୍ ଖାଁଙ୍କ ଦ୍ୱାରା ନିହତ ହେଲେ। ରାଜାଙ୍କର ମୃତ୍ୟୁ ପରେ ତାଙ୍କର ଶହେ ଆଠରାଣୀ ଜଣକ ପରେ ଜଣେ ରାଜାଙ୍କ ଚିତାରେ ସତୀ ହେଲେ। ସମୟ କ୍ରମେ ଏହି ଚିତାକୁଣ୍ଡ ସତୀକୁଣ୍ଡ ନାମରେ ନାମିତ ହେଲା। ରାଜା କାହିଁକି ୧୦୮ ରାଣୀ କରିଥିଲେ, ସେ ବିଷୟରେ କୁହାଯାଏ, ରାଜା ବିଶ୍ୱନାଥ ଦେବ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର କରିବା ଦିଗରେ ବ୍ୟାପକ ଉଦ୍ୟମ କରିଥିବାବେଳେ, ବୈଷ୍ଣବ ଧର୍ମରେ ଏତେ ଅନୁପ୍ରାଣିତ ହୋଇଯାଇଥିଲେ ଯେ ଶ୍ରୀକୃଷ୍ଣଙ୍କ ପ୍ରେମା ଭାବରେ ଉନ୍ମୁକ୍ତ ହୋଇ ପରକୀୟା ପ୍ରୀତିର ନିଦର୍ଶନ ସ୍ୱରୂପ ଶ୍ରୀକୃଷ୍ଣଙ୍କ ସଦୃଶ ୧୦୮ଟି ସ୍ତ୍ରୀଙ୍କୁ ରାଣୀରୂପେ ଗ୍ରହଣ କରିଥିଲେ। ରାୟଗଡ଼ ରାଜା ବିଶ୍ୱନାଥ ଦେବଙ୍କର ଶହେ ଆଠରାଣୀ ଏକତ୍ର ଗୋଟିଏ ସ୍ଥାନରେ ରହିବାପାଇଁ ରାଜା ଶହେ ଆଠକୋଠି ବିଶିଷ୍ଟ ଏକ ଗଡ଼ ନିର୍ମାଣ କରିଥିଲେ। ରାଣୀମାନେ ସେଠାରେ ରହୁଥିବାରୁ ସେହିଗଡ଼ର ନାମ ରାଣୀଗଡ଼ ନାମରେ ନାମିତ ହେଲା। ପରବର୍ତ୍ତୀ ସମୟରେ ତାହା ରାଣୀଗୁଡ଼ା ନାମରେ ପରିଚିତ ହେଲା। ରାଣୀଗଡ଼ର ଭଗ୍ନାବଶେଷ ରାଣୀଗୁଡ଼ାଠାରେ ଏବେ ମଧ୍ୟ ଦେଖିବାକୁ ମିଳେ। କେତେକଙ୍କ ମତରେ ଏହିରାଣୀ ଗଡ଼ର ମଧ୍ୟ ସ୍ଥଳରେ ଠାକୁରାଣୀଙ୍କୁ ସ୍ଥାପନା କରି ରାଜା ଓ ରାଣୀମାନେ ପୂଜାର୍ଚ୍ଚନା କରୁଥିଲେ। ତାଙ୍କୁ ରାଣୀଗଡ଼ର ଠାକୁରାଣୀ କୁହାଯାଉଥିଲା। ପରେ ସେ ମଝି ଘରିଆଣୀ ନାମରେ ଖ୍ୟାତ ହେଲେ। କଥିତ ଅଛି, ଏହି ଗଡ଼ରୁ ଠାକୁରାଣୀଙ୍କ ଭଉଣୀ ଦୁର୍ଗାଙ୍କୁ ଆଣି ରାଜା କୁମ୍ଭାରୀ ପୁଟ ଅଞ୍ଚଳରେ ପେଣ୍ଡିଲି ଗ୍ରାମ ନିକଟସ୍ଥ ଏକ ପାହାଡ଼ରେ ସ୍ଥାପନ କରିଥିଲେ। ଯାହାକି ବର୍ତ୍ତମାନ ରାଣୀଦୁର୍ଗା ନାମରେ ଖ୍ୟାତି ଲାଭ କରିଛି। କିନ୍ତୁ ଐତିହାସିକମାନଙ୍କ ମତ ଅନୁଯାୟୀ ମୋଟ ନଅଜଣ ଭଉଣୀଙ୍କ ମଧ୍ୟରୁ ସବୁଠାରୁ ବଡ଼ଭଉଣୀ ମଝି ଘରିଆଣୀ ଓ ସାନଭଉଣୀ ଦୁର୍ଗା। ସାନଭଉଣୀ ଦୁର୍ଗା ପାଇକ ସାହିର ଦୁର୍ଗା ମନ୍ଦିରରେ ପୂଜା ପାଉଛନ୍ତି। ଅନ୍ୟ ସାତ ଭଉଣୀ ଚାମୁଣ୍ଡି, ଭୈରବୀ, କାଳସୁଣୀ, ବ୍ରାହ୍ମଣ ସାହି ଶେଷ ଭାଗରେ ଖୋଲା ଜାଗାରେ ରହି ପୂଜା ପାଉଛନ୍ତି। ଠାକୁରାଣୀଙ୍କ ବାର୍ଷିକ ଘଟଯାତ୍ରା ସମୟରେ ପାଇକ ପୁଜାରୀମାନଙ୍କ ବ୍ୟତୀତ ରାଣୀମାନେ ମଧ୍ୟ ଠାକୁରାଣୀଙ୍କ ଘଟଧରି ନଗର ପରିକ୍ରମା କରୁଥିଲେ। ଏହି ପରଂପରା ଅନୁଯାୟୀ ବର୍ତ୍ତମାନ ବିଭିନ୍ନ ଗ୍ରାମର ଠାକୁରାଣୀ ଯାତ୍ରା ଓ ମା' ମଝି ଘରିଆଣୀଙ୍କ ଚୈତ୍ର ପର୍ବ ପାଳନ ଅବସରରେ ସଂପୃକ୍ତ ଗ୍ରାମର ଝିଅ ଓ ବୋହୂମାନେ ଗ୍ରାମଦେବୀ ବା ଠାକୁରାଣୀଙ୍କ ଘଟ ଧରି ନଗର ପରିକ୍ରମା କରିଥାଆନ୍ତି। ରାଜାଙ୍କ ୧୦୮ ରାଣୀ ଚିତାଗ୍ନିରେ ଝାସ ଦେଇଥିବା ଅଗ୍ନିକୁଣ୍ଡ (ସତୀକୁଣ୍ଡ)କୁ ଦର୍ଶନ କଲେ ଖାଲି ପୁଣ୍ୟ ହୋଇନଥାଏ ବରଂ କୁମାରୀମାନଙ୍କୁ ମନଲାଖି ବରପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ମା'ଙ୍କ ମନ୍ଦିର ଦକ୍ଷିଣ ପାର୍ଶ୍ୱର ନିମ୍ନ ଭାଗରେ ରହିଛି ଜେନାବଲ୍ଲଭୀ ପୀଠ। ପୂର୍ବରୁ ବର୍ଣ୍ଣନା କରାଯାଇଛି ତତ୍କାଳୀନ ରାୟଗଡ଼ ଥିଲା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଛୋଟ ଗାଁଟିଏ। ସେହି ସମୟରେ ମା' ରାସ୍ତାପାର୍ଶ୍ୱରେ ଥିବା ଏକ କୁଡ଼ିଆ ଘରେ ପୂଜା ପାଇଆସୁଥିଲେ। ସେହି ରାସ୍ତାଦେଇ ଗଲାବେଳେ ପଥିକମାନେ ରାସ୍ତା ପାର୍ଶ୍ୱରୁ ପଥର ଖଣ୍ଡିଏ ଆଣି ମା'ଙ୍କ ପାଖରେ ଉତ୍ସର୍ଗ କରି ଚାଲି ଯାଉଥିଲେ। ଯାହାକୁ କୁହାଯାଉଥିଲା ଜେନା ପଥର। ଏହି ପଥର ଖଣ୍ଡକ ଆଦିବାସୀମାନଙ୍କ ସର୍ବଶ୍ରେଷ୍ଠ ଅର୍ଘ୍ୟ ତଥା ଭୋଗ ନୈବେଦ୍ୟର ସାମଗ୍ରୀ ଥିଲା। କାଳକ୍ରମେ ଏହାକୁ ଜେନାବଲ୍ଲଭୀ ପୀଠ ଭାବରେ ଅଭିହିତ କରାଗଲା।

ମା'ଙ୍କ ମନ୍ଦିର ସମ୍ମୁଖ ଭାଗରେ ରହିଛି ପିତ୍ତଳ ନିର୍ମିତ ସୁନ୍ଦର ଏକ ଅଶ୍ୱମୂର୍ତ୍ତି। ଜନଶ୍ରୁତିରୁ ଜଣାଯାଏ, ଘୋର ନିଶାର୍ଦ୍ଧ ସମୟରେ ମା'

ଖଣ୍ଡା ଧରି ଏହି ଅଶ୍ୱପିଠିରେ ବସି ଭ୍ରମଣ କରନ୍ତି। ଭକ୍ତଗଣ ଏବଂ ସେଠାକାର ଅଧିବାସୀମାନଙ୍କର ଦୁଃଖ ସୁଖ ବୁଝିବା ପାଇଁ ଏହା ହେଉଛି ମା'ଙ୍କର ରାତ୍ରିଭ୍ରମଣର ଉଦ୍ଦେଶ୍ୟ। ମା'ଙ୍କ ମନ୍ଦିରକୁ ପ୍ରବେଶ କରିବା ସମୟରେ ମନ୍ଦିରର ବାମ ପାର୍ଶ୍ୱରେ ଅଛି କଳ୍ପବୃକ୍ଷ। ମା'ଙ୍କ ନିକଟରେ ମାନସିକ ରଖି ଯେଉଁ ଭକ୍ତ ଏହି କଳ୍ପବୃକ୍ଷ ଡାଳରେ ନାଲି ରଙ୍ଗର କପଡ଼ାଟିଏ ବାନ୍ଧିଥାଏ। ମା' ତା'ର ମନକଥା ଜାଣି ତା'ର ମନବାଞ୍ଛା ଶୀଘ୍ର ପୂରଣ କରିଥା'ନ୍ତି। ମାନସିକ ପୂରଣ ହେଲାପରେ ମାନସିକଧାରୀ ନିଜର ମସ୍ତକ ମୁଣ୍ଡନ କରନ୍ତି। କେତେକ ଭକ୍ତ ମାନସିକ ପୂରଣ ହେବା ପରେ କୁକୁଡ଼ାବଳି ମା'ଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥା'ନ୍ତି।

ରାୟଗଡ଼ା ସହର ଦେଇ ବୋହି ଯାଉଥିବା ଝଞ୍ଜାବତୀ ନଦୀକୂଳରେ ମା' ମଝିଘରିଆଣୀଙ୍କ ମନ୍ଦିର ଅବସ୍ଥିତ। ମା' ପଶ୍ଚିମାଭିମୁଖୀ। ବହଳ ସିନ୍ଦୂର ଦ୍ୱାରା ମା'ଙ୍କ ମୁଖମଣ୍ଡଳ ଆଚ୍ଛାଦିତ ରହୁଥିବାରୁ ମା'ଙ୍କୁ କୁହାଯାଏ ସିନ୍ଦୂରବଦନୀ। ନାଲିଶାଢ଼ୀ, ନାଲିଚୁଡ଼ି, ନାଲି ମନ୍ଦାର, ତ୍ରିଶାଖା ବେଲପତ୍ର, ଝୁଣାଧୂପ ସାଙ୍ଗକୁ ଜାଜ୍ୱଲ୍ୟମାନ ଦୀପ। ଅଭୟ ବରଦାୟିନୀ ମଝି ଘରିଆଣୀଙ୍କୁ ବାହ୍ୟ ରୂପେ କେବଳ ଦର୍ଶନାର୍ଥୀଙ୍କ ସକାଶେ ଦେବୀ ସଦୃଶ ଏକ ମୁଖାକୁ ପୂଜା କରାଯାଏ। ବାସ୍ତବ କ୍ଷେତ୍ରରେ ଦେବୀ ପୁଷ୍ପ, ଚନ୍ଦନ ଓ ସିନ୍ଦୂର ମଧ୍ୟରେ ଘୋଡେଇ ହୋଇ ଯାଇଥିବାରୁ ଦେବୀଙ୍କ ପ୍ରକୃତ ରୂପ ଲୁଚି ରହିଥାଏ। ଦେବୀଙ୍କ ପୂର୍ବଦିଗରେ ଦେବୀଙ୍କର ଭଉଣୀମାନଙ୍କ ପ୍ରସ୍ତର ଲିଙ୍ଗ ରହିଛି। ସପ୍ତାହରେ ରବିବାର ଓ ବୁଧବାର ଦେବୀଙ୍କ ବାର ବୋଲି ଧରାଯାଇଛି। କଥିତ ଅଛି ମା' ରବିବାର ଦିନ ପ୍ରକଟ ହୋଇଥିଲେ ଏବଂ ବୁଧବାର ଠାରୁ ମନ୍ଦିର ମଧ୍ୟରେ ପୂଜା ପାଇଲେ। ଏଣୁ ସପ୍ତାହର ଏହି ଦୁଇଦିନ ମା'ଙ୍କର ଦର୍ଶନ ପାଇଁ ବହୁ ଭକ୍ତଙ୍କର ସମାଗମ ହୋଇଥାଏ। ଏହି ଦୁଇଦିନ ବ୍ୟତୀତ ମା'ଙ୍କ ମନ୍ଦିରରେ ବର୍ଷ ସାରା ଅନେକ ପର୍ବପର୍ବାଣୀ ପାଳନ କରାଯାଇଥାଏ। ତେବେ ମା'ଙ୍କର ପାଳିତ ସମସ୍ତ ପର୍ବ ପର୍ବାଣୀ ମଧ୍ୟରୁ ଦୁଇଟି ପର୍ବ ପ୍ରଧାନ ଅଟେ। ଯଥା- ଚୈତ୍ର ପର୍ବ ଓ ଦଶହରା ପର୍ବ।

ଚୈତ୍ର ପର୍ବ ମା' ମଝିଘରିଆଣୀଙ୍କ ମୁଖ୍ୟ ପର୍ବ। ଏହି ପର୍ବ ସମୟରେ ମା'ଙ୍କ ମହିମା ସ୍ୱତଃ ପ୍ରକଟିତ ହୋଇଥାଏ। ଏହା ଚୈତ୍ର ମାସରେ ହେଉଥିବାରୁ ଏହାକୁ ଚଇତି ପରବ ଭାବରେ ବିବେଚନା କରାଯାଏ। କେତେକ ଏହାକୁ ଝାମୁ ଯାତ୍ରା କହିଥାଆନ୍ତି। ଏହା ୫ ଦିନ ଧରି ହୋଇଥାଏ। ଏହି ଦିନମାନଙ୍କରେ ମା'ଙ୍କ ଚଳନ୍ତି ପ୍ରତିମା ରୂପେ ତିନୋଟି ଘଟ ନଗର ପରିକ୍ରମା କରିଥାଏ। ମନ୍ଦିର ପୂଜକଙ୍କ ନିଆଁ ଉପରେ ଚାଲିବା, କଣ୍ଟା ଦୋଳିରେ ନିର୍ବିକାର ଭାବରେ ଝୁଲିବା ହେଲା ଏହି ପର୍ବର ମୁଖ୍ୟ ଆକର୍ଷଣ। ପ୍ରଥମ ଦିନ ସନ୍ଧ୍ୟାରେ ଏହାର ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ। ଏହାକୁ ଅଧିବାସ କୁହାଯାଏ। ପ୍ରଥମେ ଧୂପ ପରେ କୁଙ୍କୁମ ଓ ହଳଦୀ ଦ୍ୱାରା ମା'ଙ୍କ ଘଟକୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ମା'ଙ୍କ ମଣ୍ଡପଠାରେ ସ୍ଥାପନ କରାଯାଏ। ପ୍ରତିଦିନ ମଧ୍ୟାହ୍ନରେ ଅନ୍ନଭୋଗ ହୁଏ। ଚାରିଟାବେଳେ ଧୂପ ଦେବା ପଟେ ଘଟ ଗୁଡ଼ିକ ନଗର ପରିକ୍ରମା କରିଥାଏ। ପ୍ରଥମ ଦିନଠାରୁ ପଞ୍ଚମ ଦିନ ପର୍ଯ୍ୟନ୍ତ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ମା' ନଗର ପରିକ୍ରମା କରନ୍ତି। ନଗର ପରିକ୍ରମା ବେଳେ ପୂଜକଙ୍କ ସହ ଘଟ, ଢ଼ାଲ, ଚାମର, ଚାନ୍ଦୁଆ ଆଦି ସହ ମା'ନଗର ପରିକ୍ରମା କରିଥାନ୍ତି। ପାଞ୍ଚଦିନ ନଗର ପରିକ୍ରମା ହେଉଥିଲେ ହେଁ ପ୍ରଥମ ଓ ଶେଷ ଦିନର ମାହାତ୍ମ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଶେଷ ଦିନ ପ୍ରବଳ ଜନ ସମାଗମ ହୁଏ। ଶେଷଦିନ ସନ୍ଧ୍ୟାବେଳେ ନଗର ପରିକ୍ରମା ପୂର୍ବରୁ ଝାମୁ କରାଯିବା ବ୍ୟବସ୍ଥା ହୋଇଥାଏ। ପଞ୍ଚ ଉପଚାର ପରେ ମନ୍ଦିର ପରିସରରେ ଥିବା ଝାମୁ କୁଣ୍ଡରେ ଝାମୁ କରାଯାଏ। ତା'ପରେ ପାରମ୍ପରିକ ଉପଚାରରେ କଣ୍ଟା ଦୋଳି ଟଣାଯାଏ। ଶେଷଦିନ ମା' ନଗର ପରିକ୍ରମା କରିବା ସହ ସହରରେ ଥିବା ସହଚରୀ ଦେବୀଙ୍କ ମନ୍ଦିର ଗୁଡ଼ିକ ପରିଦର୍ଶନ କରିଥା'ନ୍ତି। ପ୍ରଥମେ ପାରମ୍ପରିକ ଭାବେ ମନ୍ଦିର ପଛପଟେ ଥିବା ପୂଜାରୀ ସାହି ଭ୍ରମଣରେ ଯାଇ ସହରର ସମଲେଇ ମନ୍ଦିର, ଦୁର୍ଗା ମନ୍ଦିର, ବ୍ରାହ୍ମଣ ସାହିସ୍ଥ ସାତ ଭଉଣୀ ମନ୍ଦିର ଆଦି ବୁଲିଫେରି ଥା'ନ୍ତି।

ମା'ଙ୍କ ଆସ୍ଥାନସ୍ଥଳୀଟି ଆଠଫୁଟ୍ ଲମ୍ବ ଏବଂ ଆଠଫୁଟ୍ ଓସାର, ଯାହାର ଡାହାଣପଟେ ପୂଜା ପାଆନ୍ତି ଅଗ୍ରପୂଜ୍ୟ ପ୍ରଭୁ ଗଣେଶ। ମା'ଙ୍କ ମସ୍ତକ ମଣ୍ଡନ କରୁଥିବା ମୁକୁଟ ଏବଂ ମନ୍ଦିର ଉପରେ ଉଡୁଛି ଧ୍ୱଜା। ମା'ଙ୍କ ପାର୍ଶ୍ୱଦେବା ଦେବୀ ଭାବରେ ଅନେକ ଦେବାଦେବୀ ପୂଜା ପାଆନ୍ତି। ସେମାନେ ହେଲେ ଦୁର୍ଗା, ତାରା, କାଳୀ, ଷୋଡ଼ଶୀ, ମାତଙ୍ଗୀ, କମଳା, ଛିନ୍ନମସ୍ତା, ବଗଳାମୁଖୀ ଏବଂ ଧୂମାବତୀ। ଏ ସମସ୍ତ ପାର୍ଶ୍ୱଦେବାଦେବୀ ଗଣ ମା'ଙ୍କ ମନ୍ଦିରରେ ଥିବା ଯଜ୍ଞବେଦୀ ଚତୁଃର୍ଦିଗସ୍ଥ କାନ୍ଥରେ ଥାଇ ପୂଜାପାଇ ଆସୁଛନ୍ତି। ଏତଦ୍ ବ୍ୟତୀତ ମା'ଙ୍କର ସାତ ଭଉଣୀଙ୍କର ଆସ୍ଥାନ ରାୟଗଡ଼ାରେ ଅଛି। ମା' ମଝି ଘରିଆଣୀ ଭଉଣୀମାନଙ୍କ ମଧ୍ୟରେ ଜ୍ୟେଷ୍ଠା ହୋଇଥିବାରୁ ତାଙ୍କର ମନ୍ଦିର ଉପରେ ଧ୍ୱଜା ଉଡ଼େ। ମା'ଙ୍କ ମନ୍ଦିରର ବାମପାର୍ଶ୍ୱରେ ଏକ କ୍ଷୁଦ୍ର ମନ୍ଦିର ରହିଛି, ଯେଉଁ ମନ୍ଦିର ମଧ୍ୟରେ ମା'ଙ୍କ ଚଳନ୍ତି ପ୍ରତିମା ରୂପେ ପୂଜା ପାଆନ୍ତି ପାଞ୍ଚଟି ଖଣ୍ଡା ଏବଂ ମା'ଙ୍କ ଛିନ୍ନ ପାଦଦ୍ୱୟ। ମା'ଙ୍କ ଉତ୍ସବ ସମୟରେ ଏହି ଖଣ୍ଡା ଗୁଡ଼ିକୁ ସାହି ସାହି ବୁଲାଯାଇ ପୂଜାର୍ଚ୍ଚନା କରାଯିବାର ପ୍ରଥା ରହିଛି। ଲୋକମାନଙ୍କର ବିଶ୍ୱାସ, ମା'ଙ୍କ ଖଣ୍ଡା ଗ୍ରାମ ପରିକ୍ରମା କଲେ ମହାମାରୀ କିମ୍ବା କଲେରା ବ୍ୟାପେ ନାହିଁ। ତିନୋଟି ଖଣ୍ଡା ମଧ୍ୟରୁ ଦୁଇଟି ଖଣ୍ଡା ଗ୍ରାମାଞ୍ଚଳ ପରିକ୍ରମା ବେଳେ ବ୍ୟବହାର କରାଯାଏ। ଗୋଟେ ମଣ୍ଡପରେ ସ୍ଥାପନ ହୁଏ। ଗ୍ରାମାଞ୍ଚଳ ପରିକ୍ରମା ପାଇଁ ମା' ଆମନ୍ତ୍ରିତ ହୋଇ ବୁଧବାର କିମ୍ବା ରବିବାର ବାହାରି ସେଠାରେ ତିନି ଚାରିଦିନ ରହିବା ପରେ ମନ୍ଦିରକୁ ଫେରିଥାଆନ୍ତି।

ମନ୍ଦିରକୁ ଫେରିବା ପରେ ହିଁ ପ୍ରକୃତ ଉପଚାର ଆରମ୍ଭ ହୋଇଥାଏ। ନଗର ଭ୍ରମଣ ପୂର୍ବରୁ ଲଗାଯାଇଥିବା ଝାମୁ ନିଆଁ ଝୁଲରେ ପରିଣତ ହୋଇଥାଏ। ଏଠାରେ ଏକ ଛେଳି ବଳି ଦିଆଯାଏ। ପୂଜକ କଣ୍ଟା ଦୋଳିରେ ବସି ଝୁଲନ୍ତି। ଗୋଟିଏ କୁକୁଡ଼ାକୁ ପୂଜା କରି ଝାମୁ ନିଆଁ ଝୁଲ ଭିତରେ ଛାଡ଼ି ଦିଆଯାଏ। ପୂଜକ ଖାଲି ପାଦରେ ନିଆଁରେ ଚାଲନ୍ତି। ଏହି ଦୃଶ୍ୟ ଦେଖି ଭକ୍ତମାନେ ଉପଭୋଗ କରିବା ସହ ମା'ଙ୍କ କରୁଣା ଓ

ମହିମାରେ ଗଦ୍‌ଗଦ୍ ହୋଇଉଠନ୍ତି । କେବଳ ପୂଜକ କାହିଁକି ସେ ସମୟରେ ଯେକୌଣସି ଭକ୍ତ ମା'ଙ୍କୁ ଏକାଗ୍ର ଚିତ୍ତରେ ଧ୍ୟାନ କରି ନିଆଁରେ ଚାଲିଲେ ପାଦ ପୋଡ଼ିବା ପରିବର୍ତ୍ତେ ଥଣ୍ଡା ଲାଗିଥାଏ ବୋଲି କହିଥାନ୍ତି । ମୁଖ୍ୟ ପୂଜାରୀ କୁହନ୍ତି ଏଥିରେ କୌଣସି ତନ୍ତ୍ର ମନ୍ତ୍ର ନଥାଏ । ମା'ଙ୍କ ଆଶୀର୍ବାଦ ଓ ତାଙ୍କ ଉପରେ ଭକ୍ତର ଅଟଳ ବିଶ୍ୱାସ ଓ ଭକ୍ତି ଯୋଗୁ ଏହା ସମ୍ଭବ ହୁଏ । ଏହି ଉତ୍ସବ ସେଦିନ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲି ଭୋର ସମୟରେ ମା'ଙ୍କ ପାଦଠାରେ ଘଟଗୁଡିକ ନେଇ ବିସର୍ଜନ କରାଯାଇଥାଏ । ଏହି ଚୈତ୍ର ପର୍ବ କୃଷ୍ଣପକ୍ଷ ଏକାଦଶୀ ତିଥିରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି ଦିଆଯାଏ ।

ଚୈତ୍ର ପର୍ବ ବ୍ୟତୀତ ମା'ଙ୍କର ଅନ୍ୟ ଏକ ମୁଖ୍ୟ ପର୍ବ ହେଲା ଦଶହରା ପର୍ବ । ଏହି ମହାନ୍ ପର୍ବ ଆଶ୍ୱିନ ମାସ ଶୁକ୍ଲପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ପାଳନ କରାଯାଏ । ପର୍ବର ପ୍ରଥମ ଦିନ ଦୁର୍ଗା ଖଣ୍ଡାଙ୍କୁ ବାହାର କରାଯାଇ ଦଶମୀ ପର୍ଯ୍ୟନ୍ତ ପରିକ୍ରମା କରାଯିବା ସହିତ ପୂଜାର୍ଚ୍ଚନା କରାଯାଏ । ମହାଷ୍ଟମୀ ଦିନ ମା'ଙ୍କର ମହାକାଳୀ ବେଶର ଆକର୍ଷଣରେ ଦର୍ଶନ ପାଇଁ ମଝିଘରିଆଣୀ ପୀଠରେ ବହୁ ଭକ୍ତଙ୍କର ସମାଗମ ହୁଏ ।

ଅନ୍ୟାନ୍ୟ ମନ୍ଦିରରେ ଭୋଗ ଲାଗି ହେଲା ଭଳି ଏଠାରେ ମଧ୍ୟ ଭୋଗ ହୋଇଥାଏ । ସପ୍ତାହର ପ୍ରତ୍ୟେକ ମଙ୍ଗଳବାର ଦିନ ଖେଚୁଡ଼ି, କାକରା ଭୋଗ ହେଉଥିଲା ବେଳେ ଅନ୍ୟ ଦିନମାନଙ୍କରେ ଅନ୍ନଭୋଗ କରାଯାଇଥାଏ । ଏଠାରେ ପ୍ରସାଦ ସୁଲଭ ମୂଲ୍ୟରେ ପାଇବାର ବ୍ୟବସ୍ଥା ରହିଛି । ଭକ୍ତମାନେ ରହିବା ପାଇଁ ଯାତ୍ରୀନିବାସ ସହିତ ଶୌଚାଳୟ, ହସ୍ତପାଦ ପ୍ରେକ୍ଷାଳୟ ଇତ୍ୟାଦିର ବ୍ୟବସ୍ଥା ଅଛି ।

ଦୁଷ୍ଟ ବିନାଶିନୀ, ଦୁଃଖ ନିବାରଣୀ, ଅଭୟ ଦାୟିନୀ, ବିପଦ ଭଞ୍ଜନୀ, କଲ୍ୟାଣମୟୀ ମା' ମଝିଘରିଆଣୀଙ୍କ ମହିମା ଅପାର । ସେ ଭକ୍ତମାନଙ୍କ ମନକଥା ଜାଣିପାରନ୍ତି ଏବଂ ଭକ୍ତର ମନବାଞ୍ଛା ଅଚିରେ ପୂରଣ କରନ୍ତି । ତାଙ୍କର ଅଲୌକିକ ଶକ୍ତି ଓ ମହିମା ପାଇଁ ସେ କେବଳ ରାୟଗଡ଼ା ନୁହେଁ ରାଜ୍ୟ ତଥା ରାଜ୍ୟ ବାହାରେ ଅଗଣିତ ଭକ୍ତଙ୍କ ଦ୍ୱାରା ପୂଜିତା ।

*ପ୍ଲଟ ନମ୍ବର-୨୯୨୦, ଲୁଇସ୍ ରୋଡ୍,*
*ଗ୍ୟାରେଜ ଛକ, ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୯୩୩୭୦୮୦୦୭୧, ୭୫୩୭୯୭୪୦୧୪*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

କଥା ଓ କାହାଣୀ

# ଅନୁଚ୍ଚ ସ୍ୱର

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ସମୟର ପ୍ରତିବିମ୍ବ ପରିମାପ ଅତ୍ୟନ୍ତ ଜଟିଳ। ଜୀବନର ବୈଚିତ୍ର୍ୟ ସମୟର ପ୍ରବାହରେ ସ୍ୱତଃ ଚିତ୍ରିତ ହୋଇଯାଇଥାଏ। ତାହାର ହାନିଲାଭ, ସଫଳତା, ବିଫଳତା ସବତଃ ସଂଗଠିତ ହୋଇଥାଏ।

ଏହି ପରିପ୍ରେକ୍ଷୀରେ ପରୀକ୍ଷିତଙ୍କ ଜୀବନଚର୍ଯ୍ୟା ସମୟକ୍ରମେ ବିଶେଷ ନାଟକୀୟ ହୋଇଯାଇଛି।

ଜୀବନ କେଉଁଠୁ କେମିତି ଆରମ୍ଭ ହୋଇ କେମିତି କେଉଁ ପ୍ରକାରେ ଗତିମୁଖର ହୋଇଛି, ପରୀକ୍ଷିତ ନିଜେ ବି ଆକଳନ କରିପାରିନାହାନ୍ତି।

ପରୀକ୍ଷିତ ଏକ ଉଚ୍ଚ, ବିତ୍ତ ପରିବାରର ଏକମାତ୍ର ସନ୍ତାନ। ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ଶେଷ ପରେ ଆଉ ଅଧିକ ଶିକ୍ଷା କିମ୍ବା ଗବେଷଣାରେ ମନନିବେଶ ନ କରି ନିଜ ପିତା ନୀଳମାଧବ ବାବୁଙ୍କ ସୁନା ବ୍ୟବସାୟରେ ପରିଚାଳନାରେ ପିତାଙ୍କୁ ସହାୟତା କଲେ।

ପରୀକ୍ଷିତଙ୍କ ଶିକ୍ଷା ଶେଷ ପୂର୍ବରୁ ପରୀକ୍ଷିତଙ୍କ ମାତା ହାରାମଣିଙ୍କ ଦେବୀଙ୍କର ପରଲୋକ ହୋଇଯାଇଥିଲା।

ନୀଳମାଧବ ବାବୁ ଓଡ଼ିଶାର ଅନ୍ୟତମ ଶିଳ୍ପପତି ସୁଦର୍ଶନ ଜୟସିଂହଙ୍କ ଜ୍ୟେଷ୍ଠାକନ୍ୟା ହେମାଙ୍ଗିନୀଙ୍କ ସହିତ ପରୀକ୍ଷିତଙ୍କର ଶୁଭ ପରିଣୟ ମହାସମାରୋହରେ ସମାହିତ କଲେ। ସାରା କଟକ, ଭୁବନେଶ୍ୱର ସହରର ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତିମାନଙ୍କ ସହିତ ମନ୍ତ୍ରୀ, ନେତା, ଶିଳ୍ପପତି ଯୋଗଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ଭିନ୍ନ ଭିନ୍ନ ପ୍ରାନ୍ତରର ବହୁ ପ୍ରତିଷ୍ଠିତ ବ୍ୟକ୍ତିବୃନ୍ଦ ଯୋଗଦାନ କରିଥିଲେ।

ପରୀକ୍ଷିତଙ୍କ ସହିତ ହେମାଙ୍ଗିନୀଙ୍କ ଦାମ୍ପତ୍ୟ ଜୀବନ ବେଶ୍ ସୁରୁଖୁରୁରେ ଗତିଶୀଳ ହେବାକୁ ଲାଗିଲା।

ନୀଳମାଧବ ବାବୁ କୁଳବଧୂ ହେମାଙ୍ଗିନୀଙ୍କୁ ବଧୂରୂପେ ନୁହେଁ, ନିଜ କନ୍ୟା ପରି ସ୍ନେହଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ। ହେମାଙ୍ଗିନୀ ମଧ୍ୟ ଶ୍ୱଶୁରଙ୍କୁ ସଯତ୍ନରେ ରଖିବା ସଙ୍ଗେସଙ୍ଗେ ସ୍ୱାମୀ ପରୀକ୍ଷିତଙ୍କୁ ପ୍ରେମ ସୋହାଗରେ ବାନ୍ଧି ରଖିଥିଲା।

ସୁଖରେ ଦିନଗୁଡ଼ାକ ବିତି ଯାଉଥିଲା ହେମାଙ୍ଗିନୀର ସମୟର ପ୍ରବାହରେ ସବୁ ବଦଳି ଗଲା। ହଠାତ୍ ହୃଦ୍‌ଘାତରେ ନୀଳମାଧବ ବାବୁଙ୍କର ଦେହାନ୍ତ ହେଲା।

ସମ୍ପୂର୍ଣ୍ଣ ଏକାକୀ ହେଇଗଲା ହେମାଙ୍ଗିନୀ, ନୀଳବାଧବଙ୍କ ଦେହାନ୍ତ ପରେ ପରୀକ୍ଷିତଙ୍କୁ ସମ୍ପୂର୍ଣ୍ଣ ବ୍ୟବସାୟରେ ସମୟ ବିତାଇବାକୁ ପଡ଼ିଲା। ହେମାଙ୍ଗିନୀକୁ ସ୍ନେହ, ପ୍ରେମ, ପ୍ରଦାନରେ ଦିନକୁ ଦିନ ଉଣାପଡ଼ିଲା।

ହେମାଙ୍ଗିନୀର ସାନ ଭଉଣୀ ଛାତ୍ରୀ ନିବାସରେ ରହିବାକୁ ଆଗ୍ରହ ପ୍ରକାଶ କରୁନଥିବାରୁ ହେମାଙ୍ଗିନୀର ପିତା ସୁଦର୍ଶନ ବାବୁ ନିଜର ସାନଝିଅ ପ୍ରଭାସିନୀକୁ ଆଣି ହେମାଙ୍ଗିନୀ ନିକଟରେ ଛାଡ଼ି ଦେଇଥିଲେ।

ପ୍ରଭାସିନୀ ନିଜ ଭଉଣୀ ହେମାଙ୍ଗିନୀର ସ୍ନେହ ମମତାରେ ବେଶ୍ ଆନନ୍ଦରେ ରହି ଇଂରାଜୀରେ ସ୍ନାତକୋତ୍ତର ଶିକ୍ଷା କରୁଥିଲା।

ପ୍ରତ୍ୟହ ପରୀକ୍ଷିତ ନିଜର ବ୍ୟବସାୟ କାର୍ଯ୍ୟ ଶେଷ କରି ବିଳମ୍ବିତ ରାତ୍ରିରେ ଘରକୁ ଫେରନ୍ତି। ତେଣୁ ପରୀକ୍ଷିତଙ୍କ ସହିତ ପ୍ରଭାସିନୀର ବିଶେଷ ସାକ୍ଷାତ ହେଉନଥିଲା।

ସେଦିନ ଥିଲା ଗୁରୁବାର। ପରୀକ୍ଷିତଙ୍କ ସୁନା ବ୍ୟବସାୟ ପ୍ରତି ଗୁରୁବାର ଦିନ ବନ୍ଦ ରହେ।

ସେଦିନ ପରୀକ୍ଷିତ ନିତ୍ୟକର୍ମ ଶେଷ କରି ସମ୍ବାଦପତ୍ରରେ ଆଖି ବୁଲାଉଥିଲେ।

ରାନ୍ଧୁଣୀ ରାଧାର ସେଦିନ ଆସିବାରେ ବିଳମ୍ବିତ ହୋଇଥିଲା। ତେଣୁ ହେମାଙ୍ଗିନୀ ନିଜେ ଚା' ତିଆରି କଲେ ଏବଂ ପ୍ରଭାସିନୀ ହାତରେ ପରୀକ୍ଷିତଙ୍କ ପାଖକୁ ଚା' ପଠାଇଲେ।

ପ୍ରଭାସିନୀ ଚା' କପ୍ ଆଣି ପରୀକ୍ଷିତଙ୍କ ସାମ୍ନାରେ ଥିବା ଟିପୟ ଉପରେ ରଖନ୍ତେ ପରୀକ୍ଷିତ ହଠାତ୍ ପ୍ରଭାସିନୀକୁ ଚାହିଁ ଦେଲେ।

ଦେଖିଲେ, ରାଧା ଚା' ଆଣିନାହିଁ। ଚା' ଆଣିଛି ଏମ.ଏ ପଢୁଥିବା ପ୍ରଭାସିନୀ, ତାଙ୍କ ପତ୍ନୀ ହେମାଙ୍ଗିନୀଙ୍କର ସାନ ଭଉଣୀ।

ପ୍ରଭାସିନୀ ମୁହଁକୁ ମୁହୂର୍ତ୍ତଟିଏ ଚାହିଁ ରହିଲେ ପରୀକ୍ଷିତ। ପ୍ରଭାସିନୀର ସୌନ୍ଦର୍ଯ୍ୟ ପରୀକ୍ଷିତଙ୍କର ମନକୁ ଚହଲାଇ ଦେଲା।

ପ୍ରଭାସିନୀ ଏପରି ଅନିନ୍ଦ୍ୟ ସୁନ୍ଦରୀ ବୋଲି ପୂର୍ବରୁ ଏମିତି ଆଖି ପୂରେଇ କେବେ ପ୍ରଭାସିନୀକୁ ଦେଖି ନଥିଲେ ପରୀକ୍ଷିତ।

ପତ୍ନୀ ହେମାଙ୍ଗିନୀ ସୁନ୍ଦରୀ । କିନ୍ତୁ ପ୍ରଭାସିନୀ ହେମାଙ୍ଗିନୀଠାରୁ ଯେ ଏତେ ପରିମାଣରେ ଅଧିକ ଅନିନ୍ଦ୍ୟ ସୁନ୍ଦରୀ କେବେ ନିରୀକ୍ଷଣ କରିନଥିଲେ ପରୀକ୍ଷିତ ।

ପ୍ରଭାସିନର କମନୀୟ ମୁଖମଣ୍ଡଳକୁ ଦେଖିଦେବା ପରେ ପରୀକ୍ଷିତଙ୍କ ସର୍ବାଙ୍ଗରେ ଗୋଟାଏ ଭିନ୍ନ ଶିହରଣ ଯେମିତି ଖେଳିଯାଇଥିଲା । ମନରେ ଏକ ଆନମନା ଭାବ ପ୍ରସରି ଗଲା । ମୁହୂର୍ତ୍ତଟିଏ ନୀରବ ରହି ପ୍ରକୃତିସ୍ଥ ହୋଇ ପ୍ରଭାସିନୀକୁ ପଚାରିଲେ –

– ତୁ କ'ଣ ଚା' ନେଇ ଆସିଛୁ ? ରାଧା କୁଆଡ଼େ ଗଲା କି ?

– ରାଧା ଏ ପର୍ଯ୍ୟନ୍ତ ଆସିନାହିଁ । ଅପା ମୋତେ କହିଲା – ଚା'ଟା ଆଣି ଦେଇଦେବାକୁ ।

– ହଉ ଠିକ୍ ଅଛି । ତୁ ବସ୍, କଥା ଅଛି ।

– କଥା ?

– ହଁ ତୁ ବସୁନୁ ଆଗ । ମୁଁ କହିବିନି ?

ପ୍ରଭାସିନୀ ଡ୍ରଇଁରୁମ୍ ଶୋଫାରେ ବସିଲା । ତାପରେ ପ୍ରଶ୍ନ କଲେ ପରୀକ୍ଷିତ – ମୁଁ ତ ମୋ ବ୍ୟବସାୟରେ ଏତେ ବ୍ୟସ୍ତ ରହିଯାଉଛି ଯେ ତୋ କଥା କିଛି ବି ବୁଝିପାରୁନି ।

– ଅପା ତ ମୋ କଥା ସବୁ ବୁଝୁଛି ।

– ହଁ ତୋ ଅପା ତ ଘର ଚଳାଉଛି । ତା ଭଳି ଅର୍ଦ୍ଧାଙ୍ଗିନୀଟିଏ ନ ପାଇଥିଲେ ମୋର ଯେ ଅବସ୍ଥା କ'ଣ ହେଇଥାନ୍ତା, ମୁଁ ଭାବିପାରୁନି ।

– ହୁଁ ସେ ମୋ ଅପାଟି ?

ହସି ହସି ଗମାନ୍ତ କରି କହିଲା ପ୍ରଭାସିନୀ । ତା' ହସରେ ହସ ମେଳାଇ ପରୀକ୍ଷିତ କହିଲେ – ନା, ଏଥର ମୁଁ ଘର ସଂସାର ପ୍ରତି, ତୋ ଅପା ପ୍ରତି ଏବଂ ତୋ ପ୍ରତି ନିଶ୍ଚିତ ଯତ୍ନ ନେବି ।

– ମୋ ପ୍ରତି ? ମୋ ପ୍ରତି କ'ଣ ଯତ୍ନ ନେବ ?

– ଆରେ ତୁ ଆମ ଘରେ ରହି ପଢୁଛୁ । ତୁ ଏଠି ଭଲରେ ରହିବୁ ବୋଲି ବାପା ତତେ ଏଠି ଛାଡ଼ିଛନ୍ତି । ତୋର ଭଲମନ୍ଦ ବୁଝିବା କ'ଣ ମୋର କର୍ତ୍ତବ୍ୟ ନୁହେଁ ?

– ଓହୋ ଯାହା ହେଉ ଭଗବାନ ତୁମକୁ ଆଜି ସୁବୁଦ୍ଧି ଦେଲେ ।

– ମୋ କଥା ଯାହା ହେଉ ଅନ୍ତତଃ ତୁମେ ମୋ ଅପାକୁ ଅଧିକ ସମୟ ଦେବା କଥା ନିଶ୍ଚୟ । ତୁମର ସେ ବ୍ୟବସାୟରେ ଟଙ୍କା ପଛରେ ନ ଗୋଡ଼େଇ ନିଜ ପରିବାରକୁ ନିଜ ପତ୍ନୀଙ୍କୁ ଅଧିକ ସମୟ ଦେଲେ ଅଧିକ ଯତ୍ନ ନେଲେ ତାହାହିଁ ହେବ ଆନନ୍ଦର କଥା ।

କଥାବାର୍ତ୍ତା ଭିତରେ ପରୀକ୍ଷିତ ଚା' ପିଇ ସାରିଥିଲେ । ଚା' କପ୍‌ଟା ଧରି ଘର ଭିତରକୁ ଯିବାକୁ ଛିଡ଼ା ହେଲା ପ୍ରଭାସିନୀ । ପରୀକ୍ଷିତ କହି ଉଠିଲେ – ଆରେ ଘର ଭିତରକୁ ଯିବାକୁ ଏତେ ବ୍ୟସ୍ତ କାହିଁକି ? ବସୁନୁ, ଆଉ ଟିକିଏ ଗପିବା ।

– ଉଁ ତୁମର ଆଜି ସିନା ବ୍ୟବସାୟ ବନ୍ଦ । ହେଲେ ମୋର ଯେ କ୍ଲାସ ଅଛି, ମୋତେ ୟୁନିଭର୍ସିଟି ଯିବାକୁ ହେବ ।

– ଯା ହେଉ ତୋର ତୋ ପାଠପ୍ରତି ନିୟମ ଅଛି ଜାଣି ଖୁସି ହେଲି । ହଉ ଯା... ।

ହସି ହସି ଘର ଭିତରକୁ ଚାଲିଗଲା ପ୍ରଭାସିନୀ । ପ୍ରଭାସିନୀର ରୂପଲାବଣ୍ୟ, ଉଜ୍ଜ୍ୱଳ ମୁଖମଣ୍ଡଳ ପରୀକ୍ଷିତଙ୍କ ଆଖିସାମ୍ନାରେ ମୁହୁର୍ମୁହୁ ନୃତ୍ୟ କରିବାକୁ ଲାଗିଲା । ତା'ର ହସହସ ମିଠା ମିଠା କଥା କର୍ଣ୍ଣରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ।

ସେଦିନ ଗୁରୁବାର ବ୍ୟବସାୟ ବନ୍ଦ । ପରୀକ୍ଷିତ ହେମାଙ୍ଗିନୀଙ୍କୁ ଡାକି କହିଲେ – ଆଜି ବାହାର, ଧଉଳି ଆଡ଼େ ବୁଲିବାକୁ ଯିବା । ମୁଁ ଅନେକ ଦିନ ହେଲା ତୁମକୁ କୁଆଡ଼େ ନେଇ ଯାଇପାରୁନି । ଏ ବ୍ୟବସାୟ ଆମ ସାମ୍ନାରେ ପ୍ରତିବନ୍ଧକ ସାଜିଛି । ହଁ ପ୍ରଭାସିନୀକୁ ବି ସାଙ୍ଗରେ ନେଇ ଚାଲ, ସେ ବି ବୁଲି ଆସିବ ।

ହେମାଙ୍ଗିନୀ ଖୁବ୍ ଖୁସି ହେଇଗଲେ । ମନେ ମନେ ଭାବିଲେ ଆଜି କ'ଣ ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇଛନ୍ତି ।

କେତେ ଅନୁନୟ କରି କହିଲେ ଯିଏ ବ୍ୟବସାୟର ଦାୟରେ ମୋର କୌଣସି ଅନୁରୋଧ ରଖିପାରନ୍ତି ନାହିଁ ସେ ଆଜି ହଠାତ୍ ଏମିତି ତାଙ୍କ ଆଡୁ ଏ ପ୍ରସ୍ତାବ ?

ଏ ସୁଯୋଗ ହାତଛଡା କରିବାର ନୁହେଁ, ପରୀକ୍ଷିତଙ୍କୁ ନିର୍ଣ୍ଣିମେଶ ନୟନରେ ଚାହିଁ ରହିଲେ ହେମାଙ୍ଗିନୀ ।

ପରୀକ୍ଷିତ ପ୍ରଶ୍ନ କଲେ – କ'ଣ ଏମିତି ବଲ ବଲ କରି ମୋତେ ଚାହିଁ ରହିଲ ଯେ ?

– ମୁଁ ଖାଲି ଭାବୁଛି, ସୂର୍ଯ୍ୟ ଆଜି କେଉଁ ଦିଗରେ ଉଦୟ ହୋଇଛନ୍ତି ?

– ମାନେ ?

– ମାନେ, କେବେ ବି ତ ଏପରି କେଉଁଠିକି ବୁଲିଯିବାକୁ ତୁମ ଆଡୁ ନିମନ୍ତ୍ରଣ ଆସିନଥିଲା । ହେଉ, ମୋର ଆଜି ମହାଭାଗ୍ୟ ।

– ଆଜି ଗୁରୁବାର । ମୋର ସୁନା ଦୋକାନ ବନ୍ଦ ତ ତେଣୁ ....

–କେତେ ତ ଗୁରୁବାର ଅତୀତରେ ଆସିଛି । ଆଜି କ'ଣ ପ୍ରଥମ କି ଗୁରୁବାର ଆମ ଜୀବନରେ ଆସିଲା ?

– ଓହୋଃ ମନର ଅବସ୍ଥା କେତେବେଳେ କ'ଣ ଥାଏ । ତାହା କ'ଣ ଆକଳନ କରିହୁଏ ?

ହେମାଙ୍ଗିନୀ ଆଉ ବେଶି, ପ୍ରଶ୍ନିଳ ହେବାକୁ ଚେଷ୍ଟା ନ କରି ମୃଦୁ ହସି କହିଲେ – ହଉ ଠିକ୍ ଅଛି – ମୁଁ ଓ ପ୍ରଭାସିନୀ ପ୍ରସ୍ତୁତ ହେଉଛୁ । ତୁମେ ବାହାର । ତୁମ କଫି ରଂଗର କୋଟ୍‌ଟା ଡ୍ରାଏ ୱାସ୍‌ରୁ ଆସିଛି । ଆଜି ସେଇଟା ପିନ୍ଧ ।

ଧଉଳି ବୁଲା ବେଶ୍ ଆମୋଦପ୍ରଦ ହେଲା । ଫେରିବା ବାଟରେ ଭେନସ୍ ଇନ୍‌କୁ ନେଇ ଉନ୍ନତ ଦୋଷା ଓ ବରା ଆଦି ଖୁଆଇଲେ ପରୀକ୍ଷିତ ।

ପରୀକ୍ଷିତ ପ୍ରଭାସିନୀର ପାଖେ ପାଖେ ରହିଥିବାର ବିଲକ୍ଷଣକୁ ଲକ୍ଷ୍ୟ କରି ପାରନିଥିଲା ପ୍ରଭାସିନୀ । ହେମାଙ୍ଗିନୀର ମନରେ ମଧ ସେପରି ଭାବ ପ୍ରବେଶ କରିନଥିଲା ।

କେବଳ ବ୍ୟବସାୟକୁ ବିଶେଷ ଗୁରୁତ୍ୱ ଦେଉଥିବା ପରୀକ୍ଷିତଙ୍କର ଏବେ ବ୍ୟବସାୟରେ ମନ ଲାଗୁନାହିଁ । ଆଖି ଆଗରେ କେବଳ ପ୍ରଭାସିନୀର ରୂପ ସୁଷମା ।

ହେମାଙ୍ଗିନୀର ରୂପରାଗ ପରୀକ୍ଷିତଙ୍କ ଦେହମନରେ ଯେଉଁ ଆମୋଦ

ଓ ତନ୍ମୟତା ସୃଷ୍ଟି କରିଥିଲା ତାହା ଏବେ ସମ୍ପୂର୍ଣ୍ଣ ଊଣା ପଡିଯାଇଛି ।

ହେମାଙ୍ଗିନୀ ସହିତ ପରୀକ୍ଷିତଙ୍କର ଏତେ ବର୍ଷ ହେଲା ବିବାହ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ହେମାଙ୍ଗିନୀ ମାତୃତ୍ୱ ଲାଭ କରିପାରିନାହିଁ ।

ପରୀକ୍ଷିତଙ୍କ ପିତା ନୀଳମାଧବ ବାବୁ ବଂଚିଥିଲା ବେଳେ ସେ ନାତି କି ନାତୁଣୀଟିଏ ଖେଳେଇବାକୁ ସେ ସଦାସର୍ବଦା ଚାହୁଁଥିଲେ ମଧ୍ୟ ସେ ସୁଯୋଗ ଘଟିନଥିଲା ।

ବିବାହର ଆଠ ବର୍ଷ ପରେ ଥରେ ହେମାଙ୍ଗିନୀଙ୍କୁ ନେଇ ମେଡିକାଲ୍‌ରେ ଜରୁରୀ ପରୀକ୍ଷା କରାଇଥିଲେ । ହେମାଙ୍ଗିନୀଙ୍କର କେତେକ ଜଟିଳତା ହେତୁ ସେ ଗର୍ଭଧାରଣ କରିବା ସମ୍ଭବ ହେଉନଥିଲା । ଉପଯୁକ୍ତ ଚିକିତ୍ସା ପରେ ହୁଏତ ସେ ମାତୃତ୍ୱ ଲାଭ କରିପାରିବେ ବୋଲି ପରୀକ୍ଷିତ ଜାଣିଥିଲେ ଏବଂ ତାହାର ନିରାକରଣ ନିମନ୍ତେ ଯତ୍ନର ସହ ଚିକିତ୍ସା ଚଳାଇଥିଲେ ।

ଦୀର୍ଘବର୍ଷ ପରେ ହେମାଙ୍ଗିନୀର ପୁତ୍ର କନ୍ୟା ଲାଭ କରିବାର ଦୁଃଖରେ ପରୀକ୍ଷିତ ମୁହ୍ୟମାଣ ଥିଲେ ମଧ୍ୟ ସେକଥା ଅଧିକ ଚିନ୍ତା କରୁନଥିଲେ ।

ପ୍ରଭାସିନୀକୁ ନେଇ ନାନାଦି କଳ୍ପନା ଜଳ୍ପନାରେ ବୁଡ଼ି ରହୁଥିଲେ ପରୀକ୍ଷିତ ।

ହେମାଙ୍ଗିନୀକୁ ପତ୍ନୀତ୍ୱରୁ କାଣିଚାଏ ଊଣା ନକରି ପ୍ରଭାସିନୀକୁ ନିଜର କରିପାରିଲେ ପରୀକ୍ଷିତ ହୁଏତ ଅପାର ଆନନ୍ଦ ଲାଭ କରିପାରନ୍ତେ । ହୁଏତ ସେ ଖୁବ୍‌ଶୀଘ୍ର ପିତୃତ୍ୱର ସୁଖ ମଧ୍ୟ ଅନୁଭବ କରିପାରନ୍ତେ ।

ଏ ସିଦ୍ଧାନ୍ତକୁ ବଳବତ୍ତର କରିବାକୁ ଅଧିକ ସମୟ ନଦେଲେ ପ୍ରଭାସିନୀକୁ ପ୍ରେମାନଳରେ ବଶ କରିବାକୁ ବ୍ୟସ୍ତ ହୋଇପଡିଲେ ସେ ।

ପ୍ରଭାସିନୀର ମନରେ ପରୀକ୍ଷିତଙ୍କ ପ୍ରତି ପ୍ରେମର ଭାବୋଚ୍ଛ୍ୱାସ ଉଦ୍ରେକ ହେବ ବା କାହିଁକି ?

ପରୀକ୍ଷିତ ତା' ନଦିଜ ବଡ ଭଉଣୀ ହେମାଙ୍ଗିନୀର ସ୍ୱାମୀ ।

ପ୍ରଭାସିନୀ ନିଜ ପାଠପଢ଼ା ନେଇ ବ୍ୟସ୍ତ ।

ପରୀକ୍ଷିତଙ୍କ ମନରେ ଅନେକ ପ୍ରଶ୍ନ ।

କେମିତି ସେ ପ୍ରଭାସିନୀକୁ ନିଜ ଆଡକୁ ଢଳେଇ ପାରିବେ ?

ସ୍ୱର୍ଣ୍ଣ ଅଳଙ୍କାର ପ୍ରତି ଝିଅମାନଙ୍କର ଥାଏ ଶ୍ରଦ୍ଧା ଓ ଆଗ୍ରହ । ଗୋଟାଏ ସୁନ୍ଦର ସୁନାହାର ଆଣି ପ୍ରଭାସିନୀକୁ ତା' ଜନ୍ମଦିନ ଅବକାଶରେ ଉପହାର ଦେଲେ ହୁଏତ ପ୍ରଭାସିନୀ ଅତ୍ୟନ୍ତ ଉଲ୍ଲସିତ ହେବ ଏବଂ ତାଙ୍କୁ ପ୍ରେମ କରିବାରେ ସହଜ ହେବ ।

ହେମାଙ୍ଗିନୀ କହୁଥିଲା ଆଉ ଆଠଦିନ ପରେ ପ୍ରଭାସିନୀର ଜନ୍ମଦିନ । ଜନ୍ମଦିନ ପାଇଁ ସେ କେତେଦିନ ପାଇଁ ପିତ୍ରାଳୟଯିବ । ଏବର୍ଷ ପ୍ରଭାସିନୀର ଜନ୍ମୋତ୍ସବ ଆମ ଆୟୋଜନରେ ଏକ ବଡ଼ ଫାଇଭଷ୍ଟାର ହୋଟେଲରେ କରାଇ ସେହି ଉତ୍ସବରେ ମୁଁ ତାକୁ ସୁନାହାରଟିଏ ଉପହାର ଦେଲେ ପ୍ରଭାସିନୀ ଆନନ୍ଦରେ ନାଚି ଉଠିବ ।

କିନ୍ତୁ ଏପରି ଏକ ଆୟୋଜନ କରି ପ୍ରଭାସିନୀକୁ ସୁନାହାର ଦେବାର ପ୍ରସ୍ତାବଟି ପ୍ରଥମେ ହେମାଙ୍ଗିନୀଠାରୁ ଅନୁମୋଦନ କରାଇବାକୁ ହେବ । ନହେଲେ ସବୁ ଓଲଟପାଲଟ ହେଇଯିବ ।

ହେମାଙ୍ଗିନୀ ଥରେ ମୋତେ ସନ୍ଦେହ କଲେ ପ୍ରଭାସିନୀକୁ ପ୍ରେମ ନିବେଦନ କରିବାକୁ ସୁଯୋଗର ଅବସର ମିଳିବ ନାହିଁ ।

ଏପରି ଆଶଙ୍କା କରି ପରୀକ୍ଷିତ ସେଦିନ ହେମାଙ୍ଗିନୀଙ୍କ ଆଗରେ ଜନ୍ମୋତ୍ସବର ଆୟୋଜନ ଏବଂ ସ୍ୱର୍ଣ୍ଣହାର ଉପହାର ପ୍ରସ୍ତାବ ଦିଅନ୍ତେ ହେମାଙ୍ଗିନୀ ଆନନ୍ଦରେ ଅଧୀର ହୋଇ ଉଠିଥିଲେ । ଉଲ୍ଲସିତ ହୋଇ କହିଲେ – ତୁମେ ପ୍ରଭାସିନୀର ଜନ୍ମୋତ୍ସବ ଏପରି ମହାସମାରୋହରେ ପାଳନ କଲେ ଆମ ପ୍ରଭାସିନୀ ନିଶ୍ଚିତ ଆନନ୍ଦରେ ଅଧୀର ହୋଇପଡିବ । ଏ ପ୍ରସ୍ତାବରେ ମୋ ବାପା ବି ଖୁସି ହେବେ ।

ହେମାଙ୍ଗିନୀଙ୍କର ଏପ୍ରକାର ମନ୍ତବ୍ୟ ଶୁଣି ମନେମନେ ଉଲ୍ଲସିତ ହୋଇ ଉଠିଥିଲେ ପରୀକ୍ଷିତ ।

ପ୍ରଭାସିନୀର ଜନ୍ମୋତ୍ସବ ଏପରି ମହାସମାରୋହରେ ପାଳିତ ହେବା ଯେତିକି ଖୁସି ହୋଇଥିଲା ପ୍ରଭାସିନୀ ଏତେ ସୁନ୍ଦର ମଣିପୁରଂ ସୁନାହାରଟିଏ ପରୀକ୍ଷିତଙ୍କଠାରୁ ଉପହାର ପାଇ ଆନନ୍ଦରେ ନାଚି ଉଠିଥିଲା ।

ହେମାଙ୍ଗିନୀ ଓ ପ୍ରଭାସିନୀଙ୍କ ପିତାମାତା ମଧ୍ୟ ପ୍ରଭାସିନୀଙ୍କ ଜନ୍ମୋତ୍ସବରେ ଯୋଗଦାନ କରି ଜାମାତା ପରୀକ୍ଷିତ ଓ କନ୍ୟା ହେମାଙ୍ଗିନୀ ଉପରେ ଅତ୍ୟନ୍ତ ପ୍ରୀତ ହୋଇ ଉଠିଥିଲେ ।

ପ୍ରଭାସିନୀ ପରୀକ୍ଷିତଙ୍କଠାରୁ ଏଡ଼େ ସୁନ୍ଦର ସୁନାହାରଟିଏ ଉପହାରରେ ପାଇ ସାରିବା ପରେ ପରୀକ୍ଷିତଙ୍କ ପ୍ରତି ପ୍ରଭାସିନୀର ଏକ ଦରପୂର୍ଣ୍ଣ ସମ୍ପର୍କର ପ୍ରବାହ ପ୍ରବାହିତ ହେବାକୁ ଲାଗିଲା ।

ଏହାପରେ ପ୍ରଭାସିନୀର ଅନ୍ୟାନ୍ୟ ଛୁଟିଦିନ ଏବଂ ରବିବାର ଛୁଟଦିନମାନଙ୍କରେ ପରୀକ୍ଷିତ ପ୍ରଭାସିନୀକୁ ସାଙ୍ଗରେ ତାଙ୍କ ସୁନା ଦୋକାନକୁ ନେଇଯାନ୍ତି । ଚିକେନ ରୋଲ, ଚିଲିଚିକେନ, ଛେନାଝିଲି ଓ ରାଜଭୋଗ ଆଣି ଖୁଆନ୍ତି । ଦିନେ ଦିନେ ଘରକୁ ଫେରିବା ବାଟରେ ବଡ଼ ହୋଟେଲରେ ଗୋଟାଏ ରୁମ୍ ନେଇ ମଧ୍ୟାହ୍ନଭୋଜନ କରିବାର ପ୍ରସ୍ତାବ ବାଢ଼ନ୍ତି ପରୀକ୍ଷିତ ପ୍ରଭାସିନୀ ଆଗରେ ପ୍ରଭାସିନୀ ଯେତେବାରଣ କଲେ ମଧ୍ୟ ପରୀକ୍ଷିତ ବଡ ପାଞ୍ଚ ତାରକା ହୋଟେଲକୁ ନେଇ ଅତ୍ୟନ୍ତ ଉନ୍ନତ ମଧ୍ୟାହ୍ନଭୋଜନ କରି ଫେରନ୍ତି । ଏପରି ଆଚରଣରେ ହେମାଙ୍ଗିନୀ ବିଶେଷ ମୁଣ୍ଡ ପୁରାନ୍ତି ନାହିଁ । ବରଂ ନିଜ ସାନଭଉଣୀଙ୍କୁ ପରୀକ୍ଷିତ ସ୍ନେହ ସୋହାଗ ପ୍ରଦର୍ଶନ କରୁଥିବାରୁ ହେମାଙ୍ଗିନୀ ଖୁସି ହେଉଥିଲେ ।

ସୁନ୍ଦରୀ ପ୍ରଭାସିନୀକୁ ନିଜ ଆଡକୁ ଆଉଜାଇ ଆଣି ତାଙ୍କ ପ୍ରେମ ଜାଲରେ ଫସେଇବାରେ କାମନାରେ ଆର୍ଦ୍ର ହୋଇ ଉଠିଥାନ୍ତି ପରୀକ୍ଷିତ ।

ଏହି ଧାରା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲା ।

ସମୟ ଚକ୍ରରେ ପ୍ରଭାସିନୀ ପରୀକ୍ଷିତଙ୍କର ଅଧିକ ନିକଟତର ହେବାକୁ ଲାଗିଲା ।

ସେଦିନ ଥିଲା ଅଗଷ୍ଟ ପନ୍ଦର । ସେଦିନ ବି ପରୀକ୍ଷିତଙ୍କ ସୁନାଦୋକାନ ବନ୍ଦ ଥିଲା ।

ପ୍ରଭାସିନୀକୁ ଲିଙ୍ଗରାଜା ମନ୍ଦିର ନେଇଯିବା ଆଳରେ ମନ୍ଦିର ଦର୍ଶନ ସାରି ପରୀକ୍ଷିତ ଏକ ପଞ୍ଚତାରକା ହୋଟେଲ୍‌ର ଏକ ଶୀତତାପ ନିୟନ୍ତ୍ରିତ କକ୍ଷରେ ସାମାନ୍ୟ ପାନୀୟ ସହିତ ଚିଲିଚିକେନ, ପୋଡା ପାମ୍ପଡ ମଗାଇ ଖାଇଲେ । ଗ୍ଲାସରେ ହୁଇସ୍କି ଢାଳି ପ୍ରଭାସିନୀକୁ ପିଇବାକୁ ଆହ୍ୱାନ ଦିଅନ୍ତେ

ପ୍ରଭାସିନୀରୁ ସେଥିରୁ କ୍ଷାନ୍ତ ରହିବାକୁ ଯେତେ ବାରଣ ରହିବାକୁ ଚେଷ୍ଟାକଲେ ମଧ ପରୀକ୍ଷିତଙ୍କ ସ୍ନେହ ପ୍ରେମର ବିସ୍ତାରିତ ଛାୟା ଚନ୍ଦ୍ରିକାରେ ମୋହଗ୍ରସ୍ତ ହୋଇ ହ୍ୱିସ୍କି ଗ୍ଲାସରେ ଓଠ ସ୍ପର୍ଶ ଦେବାକୁ ବାଧ ହୋଇଥିଲା।

ଏ ପ୍ରକାର ଖାଦ୍ୟ ପାନୀୟର ବ୍ୟବସ୍ଥା ଦିନକର ନଥିଲା। କ୍ରମଶଃ ଅଭ୍ୟାସ ପଡ଼ିଗଲା।

ପ୍ରଭାସିନୀ ସହିତ ମଦ୍ୟପାନ କରି ଘରକୁ ଫେରିବାକୁ ଭୟ କରି ବେଳେବେଳେ ହୋଟେଲରେ ରହି ରାତ୍ରିର ବିଳମ୍ବିତ ପ୍ରହରରେ ଫେରୁଥିଲେ।

ଏ ପ୍ରକାର ଅନିୟମିତ ଘରଫେରା, ଘରେ ନଖାଇ ଅଧିକାଂଶ ସମୟରେ ବାହାରୁ ଖାଇ ଫେରିବାର ଅଭ୍ୟାସକୁ ସହଜରେ ଗ୍ରହଣ କରିପାରୁନଥିଲେ ହେମାଙ୍ଗିନୀ।

ପରୀକ୍ଷିତଙ୍କ ଉପରେ ଥିବା ଅମାପ ବିଶ୍ୱାସରେ ସନ୍ଦେହର ମୋହର ଲାଗିଲା।

ପ୍ରଥମେ ପରୀକ୍ଷିତଙ୍କୁ କିଛି ନ କହି ପ୍ରଭାସିନୀକୁ ଆକଟ କରି କହିଲେ ହେମାଙ୍ଗିନୀ – ତୁ ପାଠପଢ଼ା ଛାଡି ତୋ ଭିଣୋଇଙ୍କ ସହିତ ଏକେ ଘୂରାଫେରା କାହିଁକି କରୁଛୁ ?

– ମୁଁ କ'ଣ କରିବି। ପରୀକ୍ଷିତ ଭାଇଙ୍କ କଥା ତ ଏଡ଼େ ପାରୁନି। ମୋ ଇଚ୍ଛା ବିରୁଦ୍ଧରେ ବି ସେ ହୋଟେଲକୁ ଡାକି ନେଇ ଆକର୍ଷଣୀୟ ଖାଦ୍ୟ ଖୁଆଇ ଦେଉଛନ୍ତି।

– ଠିକ୍ ଅଛି, ମୁଁ ତାଙ୍କୁ ବି କହି ଦେଉଛି। ଏ ହୋଟେଲ ସଂସ୍କୃତି ଛାଡନ୍ତୁ।

ଆଉ ବେଶି କିଛି ନକହି ଶୋଇବା ଘରକୁ ଚାଲିଗଲେ ହେମାଙ୍ଗିନୀ। ସ୍ଥିର ଚିତ୍ତରେ କିଛି ଭାବି ପାରୁନଥିଲା ପ୍ରଭାସିନୀ। ଗୋଟେ ପଟରେ ପରୀକ୍ଷିତଙ୍କ ସ୍ନେହ ପ୍ରେମର ବନ୍ଧନ ଅପରପଟେ ତା'ର ପାଠପଢ଼ା, ତା'ର ଭବିଷ୍ୟତ, ତା'ର ସାମାଜିକ ସଂଭ୍ରମତା। କ'ଣ କରିବ ସେ। ଏମିତି ଭାବେ ସେ କୋଟିପତି ପରୀକ୍ଷିତଙ୍କ ପ୍ରେମରେ ବାନ୍ଧି ହେଇଯିବ ବୋଲି ସେ କେବେ କଳ୍ପନା କରିନଥିଲା।

ସେ ଥିଲା ଅନ୍ୟ ଏକ ଗୁରୁବାର। ଅପରାହ୍ନରେ ପ୍ରଭାସିନୀକୁ ସଙ୍ଗରେ ଧରି ପରୀକ୍ଷିତ ବାହାରକୁ ଯିବାକୁ ବାହାରନ୍ତେ ଭୀଷଣ କ୍ଷୁବ୍ଧ ହୋଇ କଠୋର ସ୍ୱରରେ ପରୀକ୍ଷିତଙ୍କୁ ଆପେକ୍ଷ କରି କହିଲେ ହେମାଙ୍ଗିନୀ – ମୁଁ ତୁମକୁ କେତେଥର କହିଲିଣି ଯେ ତୁମେ ପ୍ରଭାସିନୀର ପାଠପଢ଼ା ବ୍ୟାହତ କରି ତାକୁ ବାରମ୍ବାର ବାହାରକୁ ବୁଲିବାକୁ ନିଅ ନାହିଁ ବୋଲି ?

– ପାଠପଢ଼ାରେ ଘଣ୍ଟାଏ ଦୁଇ ଘଣ୍ଟା ରିଲାକ୍ସ ତ ନିହାତି ଦରକାର। ତାକୁ ବାହାରୁ ବୁଲାଇ ଆଣିଲେ ସେ ବରଂ ପାଠପଢ଼ାରେ ଅଧିକ ମନେଯୋଗୀ ହୋଇପାରିବ।

– ଓ, ତୁମେ ଖୁବ୍ ବଡ ମନସ୍ତତ୍ୱବିତ୍ ତ। ସବୁ ମାନସିକ ଅବସ୍ଥାର ଗୁରୁତ୍ୱ ଓ ଗୁଢ଼ତତ୍ତ୍ୱ ସମ୍ପର୍କରେ ଟିକିନିଖି ଅନୁଧ୍ୟାନ କଲାପରି କହିପକାଉଛ।

ହେମାଙ୍ଗିନୀଙ୍କ ଆକ୍ଷେପ ଓ ପ୍ରତିରୋଧକୁ କୌଣସି ଗୁରୁତ୍ୱ ନଦେଇ ପରୀକ୍ଷିତ ପ୍ରଭାସିନୀକୁ କାର୍‌ରେ ବସାଇ ନେଇ ଯାଇଥିଲେ ଏକାମ୍ର ପାର୍କକୁ। ଦୁହେଁ ଯାଇ ବସିଲେ ଏକ ନିଛାଟିଆ ଗୋଲାପ ବଣରେ।

ପ୍ରଭାସିନୀକୁ ନିଜ ବକ୍ଷକୁ ଆଉଜାଇ ନେଇ ତା' ଅଧରରେ ଏବଂ ଗଣ୍ଡଦେଶରେ କେତୋଟି ଚୁମ୍ବନ ଆଙ୍କି ଦେଇଥିଲେ।

ପରୀକ୍ଷିତଙ୍କ ନିକଟରେ ପ୍ରଭାସିନୀ ଖୁବ୍ ସହଜ ହୋଇଯାଇଥିଲା। ପ୍ରଭାସିନୀ ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ ପରୀକ୍ଷିତ

– ଆଚ୍ଛା, ଯଦି ତୋତେ ଅନ୍ୟତ୍ର ବିବାହ ନ ଦେଇ ମୁଁ ନିଜେ ବାହା ହେଇ ପଡ଼େ।

– କାହିଁକି ମ ? ତୁମେ କ'ଣ ରାଜା ନା ମହାରାଜା ଯେ ଏକାଧିକ ପତ୍ନୀଙ୍କର ସ୍ୱାମୀ ପାଲଟିବ।

– ହଁ, ରାଜା ମହାରାଜାଙ୍କଠାରୁ ଅଧିକ। ସୁନା ବ୍ୟବସାୟ, କୋଟି କୋଟି ଟଙ୍କାର ମାଲିକ, ପରୀକ୍ଷିତ ବଳବନ୍ତରାୟର କ'ଣ ଦୁଇଟା ପତ୍ନୀ ଗ୍ରହଣ କରବାର ଶକ୍ତି ନାହିଁ।

– ମୋ ଅପାର ଜୀବନରେ ମୋତେ କଣ୍ଟା ହେବାକୁ ଚାହୁଁଛ। ମୁଁ ପୁଣି ହେବି ତା'ର ସଉତୁଣୀ ?

– ହଁ କ୍ଷତି କ'ଣ ?

– ନା ବାବା ନା ସେଥିରେ ମୋତେ ପୂରାଅନି। ମୋ ବାପାଙ୍କ ମାନ ସମ୍ମାନ ମାଟିରେ ମିଶିଯିବ।

– ନା ମାଟିରେ ମିଶିବ ନାହିଁ। ବରଂ ମର୍ଯ୍ୟାଦା ବଞ୍ଚିଯିବ। ତୋ ବାହାଘର ପାଇଁ ତାଙ୍କର ଆଉ ଚିନ୍ତାଦକ ରହିବ ନାହିଁ।

– ନା ସେପରି କୁହନାହିଁ।

– ହଁ ତୋତେ ମୁଁ ଛାଡି ବଂଚିପାରିବି ନାହିଁ।

– ହୁଁ, ଏସବୁ ପୁରୁଷମାନଙ୍କର ଝିଅଙ୍କୁ ପଟେଇବାର ଏକ ବାହାନା, ଏକ ନିଛକ ଅଭିନୟ।

– ନା, ମୁଁ ଅଭିନୟ କରୁନାହିଁ ଏହା ହେଉଛି ମୋ ମନର କଥା, ମୋ ହୃଦୟର ବାଣୀ।

– ତୁମେ ଏହି ଜଟିଳତା କଥା କିଛି ଚିନ୍ତା କରିପାରୁଛ। ମୋ ଅପାର ଜୀବନ ଯେ ହା' ହୁତାଶମୟ ହୋଇ ଉଠିବ ?

– ଆରେ ନା, ତୁମ ଅପାର କିଛି ବି କ୍ଷତି ହେବ ନାହିଁ। ସେ ତ' ପଟରାଣୀ ହେଇସାରିଛି।

–ତେବେ ?

– ତୁ କିନ୍ତୁ ହେବୁ ମୋ ମନର ରାଣୀ। ମୁଁ ତ ତତେ ସ୍ନେହ ଦେଇଛି, ଦେହ ଦେଇଛି, ପ୍ରେମ ଦେଇଛି, ତୁ କ'ଣ ମୋ ଉପରେ ସନ୍ତୁଷ୍ଟ ନୁହେଁ ?

– ଯାହେଲେ ବି ମୋ ଅପାର ମୁଁ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ ନାହିଁ।

– ଆରେ ପ୍ରତିଦ୍ୱନ୍ଦ୍ୱୀ କ'ଣ ?

ପରୀକ୍ଷିତଙ୍କର ଏ ପ୍ରକାର ଅଭିବ୍ୟକ୍ତିରେ ଆଉ କିଛି ଉତ୍ତର ନଦେଇ ତଳକୁ ମୁହଁପାତି ବସି ରହିଲା ପ୍ରଭାସିନୀ। କେତୋଟି ମୁହୂର୍ତ୍ତରେ ନୀରବତା ପରେ ପୁଣି ମୁହଁ ଖୋଲିଲେ ପରୀକ୍ଷିତ – ଆଚ୍ଛା ତୁମ ଅପା ବିଷୟରେ ଆଉ ଗୋଟାଏ କଥା କହିବି ?

– ଆଉ ଗୋଟାଏ କଥା ?

– ହଁ, ମୋର ବିବାହ ଆଠବର୍ଷ ହୋଇଗଲାଣି, କିନ୍ତୁ ଆଜିଯାଏ ତୁମ ଅପା ମୋ ପିଲାର ମାଆ ହେଇ ପାରିଲା ନାହିଁ। ମୋ ବଂଶରକ୍ଷା

ବିଷୟରେ ଭାବିଲେ ମୁଁ ବେଳେବେଳେ ବିବ୍ରତ ହୋଇପଡ଼େ।

– ଓଃ, ସେଇଥିପାଇଁ ତୁମ ମୋତେ ଦ୍ୱିତୀୟ ବିବାହ କରିବାକୁ ଚାହୁଁଛ ?

– ନା, କେବଳ ସେଇଥିପାଇଁ ନୁହେଁ, ତୁ ମୋତେ ପୂରାପୂରି କିଣି ନେଇ ସାରିଛୁ। ତୋ ପାଇଁ ମୋ ଦେହ ମନରେ ଯେଉଁ ଅକୁହା ଉଦ୍ଦୀପନା, ମୁଁ ଭାଷାରେ ପ୍ରକାଶ କରି ପାରୁନାହିଁ।

– କାହିଁକି ସେ ଛଳନା ଭରା କଥାଗୁଡାକ ଏତେ ବାଗେଇ ଚୁନେଇ କହୁଛ କହିଲ ?

– ଆରେ ନା ଛଳନା ନୁହେଁ, ସତକଥା। ମୋ ଅନ୍ତରର କଥା।

– ଅନ୍ତରର କଥା ?

– ନୁହେଁ ତ ଆଉ କ'ଣ ?

ପରୀକ୍ଷିତଙ୍କ କଥାକୁ ଆଉ ନ ବଢ଼ାଇ ହାତଘଣ୍ଟାକୁ ଚାହିଁ ପ୍ରଭାସିନୀ କହି ଉଠିଲା – ଅନେକ ବେଳ ହେଲାଣି। ଚାଲ ଫେରିଯିବା।

– ଏତେ ବ୍ୟସ୍ତ କାହିଁକି ?

– ବେଶି ଡେରି ହେଲେ ଅପା ଗାଳିଦେବ।

– ମୋ କଥାର ତ କିଛି ଉତ୍ତର ଦେଲ ନାହିଁ ?

– ଓଃ, ସେ ପରିହାସ ସେତିକି ଥାଉ, ତୁମେ ଚାଲିଲ ଚାଲ।

ପରୀକ୍ଷିତର ହାତକୁ ଧରି ଉଠାଇବାକୁ ଚେଷ୍ଟାକଲା ପ୍ରଭାସିନୀ।

ପାର୍କରୁ ଫେରି ଗୋଟାଏ ସୋଫିଷ୍ଟିକେଟେଡ ରେଷ୍ଟୁରାଣ୍ଟରୁ ସୁପ୍, ଚିକେନ ରୋଲ ଆଦି ଖାଇ ସେଦିନ ଘରକୁ ଫେରି ଆସିଥିଲେ ପରୀକ୍ଷିତ ପ୍ରଭାସିନୀ।

ଏବେ ପ୍ରଭାସିନୀକୁ କଠୋର ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଛନ୍ତି ହେମାଙ୍ଗିନୀ

ସମୟକ୍ରମେ ପ୍ରଭାସିନୀ ଓ ପରୀକ୍ଷିତଙ୍କ ସମ୍ପର୍କ ଦୃଢ଼ରୁ ଦୃଢ଼ତର ହେଉଥିଲା।

ସେଦିନ କାହାକୁ କିଛି ନକହି ହେମାଙ୍ଗୀନ ଏକାକୀ ଡ୍ରାଇଭରକୁ ନେଇ ତାଙ୍କ ପରିବାରର ଧରାବନ୍ଧା ଡାକ୍ତର ସରୋଜିନୀ ପାଣିଗ୍ରାହୀଙ୍କ ନିକଟକୁ ନିଜର ଚେକଅପ ପାଇଁ ଯାଇଥିଲେ।

ଘରେ ଏକାକୀ ରହିଥିଲେ ପରୀକ୍ଷିତ ଓ ପ୍ରଭାସିନୀ।

ପରୀକ୍ଷିତ ପ୍ରଭାସିନୀର ଶୋଇବା ଘରକୁ ଯାଇ ତାକୁ ଆଶ୍ଳେଷ କରନ୍ତେ ପ୍ରଭାସିନୀ ବିଷାଦିତ ସ୍ୱରରେ।

– ମୋର ବାନ୍ତି ହେଉଛି। ବାନ୍ତି ବାନ୍ତି ଭାବ ସର୍ବଦା ଲାଗି ରହୁଛି। ମୁଣ୍ଡଟା ବେଳେବେଳେ ବୁଲାଇ ଦେଉଛି।

– ବ୍ୟସ୍ତ ହବାର ନାହିଁ। ଆଜି ଆମ ପରିବାରର ଡା. ପାଣିଗ୍ରାହୀଙ୍କୁ ଦେଖାଇ ଔଷଧ ବ୍ୟବହାର କଲେ ସବୁ ଠିକ୍ ହେଇଯିବ।

ସେଦିନ ପରୀକ୍ଷିତଙ୍କ ସୁନା ଦୋକାନ ବନ୍ଦ ଥିବାରୁ ସନ୍ଧ୍ୟାରେ ପ୍ରଭାସିନୀକୁ ସଙ୍ଗରେ ନେଇ ଡାକ୍ତର ପାଣିଗ୍ରାହୀଙ୍କ ନିକଟକୁ ଯାଇ ପ୍ରଭାସିନୀକୁ ଦେଖାଇ ଜାଣିଲେ ଯେ ପ୍ରଭାସିନୀ ଅନ୍ତସତ୍ତ୍ୱା।

ପରୀକ୍ଷିତଙ୍କ ପିଲାର ମାଆ ହେବାକୁ ଯାଉଥିବା ଜାଣି ପରୀକ୍ଷିତ ଆନନ୍ଦିତ ହେଲାବେଳେ ପ୍ରଭାସିନୀ କାନ୍ଦିବାକୁ ଲାଗିଲା।

ପ୍ରଭାସିନୀକୁ ଆଶ୍ୱାସନା ଦେଇ ପରୀକ୍ଷିତ କହିଲେ

– ଭଗବାନ ବଡ଼ଲୋକ। ମୋର ଆଠବର୍ଷ ହେଲା ବିବାହ ହୋଇଥିଲେ ମଧ୍ୟ ଆଜିଯାଏ ମୁଁ ପିତୃତ୍ୱ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିପାରିନଥିଲି। ଏବେ ତୁମେ ମୋତେ ସେହି ସୌଭାଗ୍ୟର ଅଧିକାରୀ ହେବାକୁ ସୁଯୋଗ ଦେଇଛ। ମୁଁ ତୁମକୁ କିଭଳି ଧନ୍ୟବାଦ ଜଣାଇବି ଭାଷା ଖୋଜି ପାଉନାହିଁ। ତୁମେ ମୋତେ ବିବାହ କରିବାର ଅସମ୍ମତ ହେଉଥିଲ। ଈଶ୍ୱର ତୁମକୁ ସମ୍ମତି ପ୍ରଦାନ କରିବାକୁ ରାସ୍ତା ଖୋଜୁଥିଲେ। କିଛି ଉତ୍ତର ନଦେଇ କାନ୍ଦି ଚାଲିଥିଲା ପ୍ରଭାସିନୀ। ତାକୁ ପ୍ରବୋଧନା ଦେଇ ପରୀକ୍ଷିତ ପ୍ରଭାସିନୀର ମୁଣ୍ଡ ଆଉଁସି ଦେଇ କହିଲେ – ଆରେ ତୁମେ କାନ୍ଦୁଛ କାହିଁକି ? ତୁମର ଖୁସି ହେବା କଥା। ତୁମେ ମାତୃତ୍ୱ ପାଇଲ। ଆମେ ଚାହିଁଲେ ଆଜି ମାନେ ଏଇ ମୁହୂର୍ତ୍ତରେ ଏକ ମନ୍ଦିରରେ ବିବାହ କରିପାରିବା। ତୁମେ ମାତୃତ୍ୱ ଲାଭ କରିପାରିଲ ଯାହା ହେଉ ଆମର ବଂଶରକ୍ଷା ବିଷୟରେ ଚିନ୍ତା କରିବାକୁ ମୋର ମାଆ ବାପା କେହି ବି ନାହାନ୍ତି। ତେଣୁ ମୋ ବିଷୟରେ ମୋତେ ହିଁ ଏଥର... ମୁହଁ ଖୋଲିଲା ପ୍ରଭାସିନୀ।

– ତୁମେ ଖୁବ୍ ଶୀଘ୍ର ମୋର ଗର୍ଭନଷ୍ଟ କରାଇଦିଅ। ମୁଁ ମୋ ଅପା ପାଖରେ ମୋ ବାପା ବୋଉଙ୍କ ପାଖରେ ମୁହଁ ଦେଖେଇ ପାରିବି ନାହିଁ। ମୋ ବାପାଙ୍କର ମାନସମ୍ମାନ ମାଟିରେ ମିଶିଯିବ।

– ଆରେ ତୁମେ ସେପରି କାହିଁକି ଭାବୁଛ। ତୁମ ଅପା କଥା ମୁଁ ବୁଝିବି। ତୁମ ବାପା ବୋଉ ପରିସ୍ଥିତିକୁ ନିଶ୍ଚୟ ବୁଝି ପାରିବେ।

– ନା, ତୁମେ ପ୍ରଥମେ ମୋ ଗର୍ଭନଷ୍ଟର ବ୍ୟବସ୍ଥା କରିଦିଅ। ତାପରେ ମୋ କଥା ମୁଁ ବୁଝିବି।

– ନା, ଗର୍ଭନଷ୍ଟର ପ୍ରଶ୍ନ ଉଠୁନି। ମୋ ପିତୃତ୍ୱକୁ ମୁଁ କେବେ ବି ବଳି ଦେଇ ପାରିବି ନାହିଁ।

– ତା' ପରେ ମୁଁ ଯଦି ଆତ୍ମହତ୍ୟା କରେ।

– ନା, ତୁମେ ତାହା କରିପାରିବ ନାହିଁ। ଗର୍ଭନଷ୍ଟ ଯେପିର ପାପ, ଆତ୍ମହତ୍ୟା ମଧ୍ୟ ସେହିପରି ପାପ। ତୁମକୁ ସେ ମହାପାପ କରିବାକୁ କେବେବି ଦେବି ନାହିଁ।

କିଂ କର୍ତ୍ତବ୍ୟ ମୁଢ଼ ହୋଇ ପ୍ରଭାସିନୀ ନୀରବରେ ମୁହଁପୋତି ବସିଥିବାବେଳେ ପରୀକ୍ଷିତ କହି ଉଠିଲେ

– ଆମେ ଆଉ ବିଳମ୍ବ କରିବା ନାହିଁ। ଆଜି ଆମେ ମାଳା ବଦଳି କରି ମନ୍ଦିରରେ ବିବାହ କରିବା। ତୁମ ଅପା ପାଇଁ କିମ୍ବା ତୁମ ବାପାଙ୍କ ପାଇଁ ଅଧିକ ଜଟିଳତା ରହିବ ନାହିଁ।

କିଛି ଉତ୍ତର ନଦେଇ ନୀରବରେ ବସି ରହିଲା ପ୍ରଭାସିନୀ।

ପ୍ରଭାସିନୀ ମନରେ ଅନେକ ଭାବାନ୍ତର।

କ'ଣ କରିବ ସେ।

ସେ ନିଶ୍ଚିତ ହୋଇଗଲା ଯେ ପରୀକ୍ଷିତ କେବେ ବି ତା' ଗର୍ଭ ନଷ୍ଟ କରାଇ ଦେବେନାହିଁ।

ବିବାହ ବିନା ତା ସାମ୍ନାରେ ଆଉ କିଛି ଉପାୟ ନାହିଁ। ମନ୍ଦିରରେ ମାଳା ବଦଳ କରି ମନ୍ଦିର ପୂଜାରୀର ମନ୍ତ୍ରପାଠରେ ପରୀକ୍ଷିତ ପ୍ରଭାସିନୀକୁ ବିବାହ କରି ତା' ସିଂଥିରେ ସିନ୍ଦୂର ହାତରେ ଶଂଖା ପିନ୍ଧାଇ ମନ୍ଦିର ପ୍ରସାଦ ସେବନ କରି ଘରକୁ ଫେରିଲେ।

ପ୍ରଭାସିନୀ ତା' ଶୋଇବା ଘରକୁ ଯାଇ ବିଛଣାରେ ମୁହଁ ମାଡି ଶୋଇ କାନ୍ଦିବାକୁ ଲାଗିଲା।

ପରୀକ୍ଷିତ ହେମାଙ୍ଗିନୀ ନିକଟକୁ ଯାଇ ଅନୁଚ୍ଚ ସ୍ୱରରେ କହିଲେ – ହେମାଙ୍ଗିନୀ ! ମୋତେ ଭୁଲ୍ ବୁଝିବ ନାହିଁ। ଭୁଲ୍ ହେଉ କି ଠିକ୍ ହେଉ ମୁଁ ତୁମ ପାଇଁ ଏକ ବିସ୍ମୟ ଆଣିଛି।

– ବିସ୍ମୟ ?

ପରୀକ୍ଷିତଙ୍କୁ ବିସ୍ମିତ ନୟନରେ ଚାହିଁ ପଚାରିଲେ ହେମାଙ୍ଗିନୀ।

– ହଁ ବିସ୍ମୟ। ମୁଁ ଆଜି ପ୍ରଭାସିନୀକୁ ମନ୍ଦିରରେ ବିବାହ କରିଛି।

– ବିବାହ ?

– ହଁ ତାକୁ ବିବାହ କରିବା ଛଡା ମୋର ଆଉ କିଛି ଚାରା ନଥିଲା।

–ମାନେ ?

– ଆମର ବାହାଘର ଆଠବର୍ଷ ହୋଇଗଲାଣି। ଏ ପର୍ଯ୍ୟନ୍ତ ତୁମେ ମାତୃତ୍ୱ ଲାଭ କରିପାରିଲ ନାହିଁ। ମୋର ବଂଶରକ୍ଷା ବିଷୟରେ ଚିନ୍ତା କରିବାକୁ ମୋର ମାଆ ବାପା କେହି ବି ନାହାନ୍ତି। ତେଣୁ ମୋ ବିଷୟରେ ମୋତେ ହିଁ ଚିନ୍ତା କରିବାକୁ ପଡ଼ିଲା। ମୋର ପ୍ରଥମ ସ୍ତ୍ରୀ ବଂଚି ଥାଉ ଥାଉ ମୋର ଦ୍ୱିତୀୟ ବିବାହ କରିବା ସହଜ ନଥିଲା। ତେଣୁ ମୁଁ ଭାବିଲି ପ୍ରଭାସିନୀକୁ ବିବାହ କଲେ ତୁମେ ଅନ୍ତତଃ ତୁମର ସାନ ଭଉଣୀ ଭାବରେ ପ୍ରସ୍ତାବକୁ ଗ୍ରହଣ କରିନେଇ ପାରିବ।

– ମୋର ପୁତ୍ରକନ୍ୟା ନ ହେବାରୁ ତୁମେ ତେବେ ତୁମ ବଂଶରକ୍ଷା ପାଇଁ ମୋ ସାନଭଉଣୀ ପ୍ରଭାସିନୀକୁ ବିବାହ କରିଛ ? ତୁମେ କେମିତି ଜାଣିଲ ଯେ ମୋର କେବେବି ପୁତ୍ର କନ୍ୟା ଜାତ ହେବ ନାହିଁ ବୋଲି ? ଆଠବର୍ଷ ବିତିଯିବା ଅର୍ଥ ନୁହେଁ ଯେ ମୁଁ ଜୀବନସାରା କେବେବି ମାଆ ହୋଇପାରିବ ନାହିଁ ?

– ଆଠବର୍ଷ ବିତିଗଲାଣି ଯେତେବେଳେ ?

– ମୁଁ ବର୍ତ୍ତମାନ ଅନ୍ତସତ୍ତ୍ୱା। ଡାକ୍ତର ସରୋଜିନୀ ପାଣିଗ୍ରାହୀଙ୍କ ପାଖକୁ ମୋ ଦେହ ପରୀକ୍ଷା କରିବାକୁ ଯାଇଥିଲି। ସେ ମୋତେ ବଧେଇ ଜଣାଇ ସ୍ପଷ୍ଟ କରି କହିଛନ୍ତି ଯେ ମୁଁ ମାଆ ହେବାକୁ ଯାଉଛି।

ହେମାଙ୍ଗିନୀର ଅନ୍ତସତ୍ତ୍ୱା ସମ୍ବାଦ ପାଇ ଚିହିଁକି ଉଠିଲେ ପରୀକ୍ଷିତ। କି ଉତ୍ତର ଦେବେ ଉତ୍ତର ଖୋଜି ପାଉନଥିଲେ ସେ। ପରୀକ୍ଷିତଙ୍କର ପ୍ରଭାସିନୀ ସହିତ ବିବାହ ସମ୍ବାଦରେ ହେମାଙ୍ଗିନୀଙ୍କର ଯେପରି ବିସ୍ଫୋରଣ ହେବା କଥା ହେଲା ନାହିଁ।

ଅବସ୍ଥାକୁ ସମ୍ଭାଳି ନେଇ ସେ ନୀରବରେ ପରୀକ୍ଷିତଙ୍କୁ ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ବଲବଲ କରି ଚାହିଁ ରହିଥିଲେ କେବଳ।

କେତୋଟି ମୁହୂର୍ତ୍ତର ନୀରବତା ପରେ ପୁନଶ୍ଚ ଅନୁଚ୍ଚ ସ୍ୱରରେ କହିଲେ ପରୀକ୍ଷିତ – ପ୍ରଭାସିନୀ ବି ଅନ୍ତସତ୍ତ୍ୱା।

ଏ ବିସ୍ମିତକର ସମ୍ବାଦଟି ପରୀକ୍ଷିତଙ୍କୁ ମୁଖରୁ ଶୁଣିଲା ପରେ ଆଉ ମୁହୂର୍ତ୍ତେ ମାତ୍ର ସେଠାରେ ଦଣ୍ଡାୟମାନ ହେବା ସମ୍ଭବ ହୋଇ ନଥିଲା ହେମାଙ୍ଗିନୀଙ୍କ ପକ୍ଷରେ।

କୋହ ସମ୍ଭାଳି ନ ପାରି ସେ ଧାଇଁ ଯାଇଥିଲେ ନିଜ ଶୋଇବା ଘରକୁ। ବିଛଣାରେ ଲଥ୍ କରି ଶୋଇ ରହି ଏ ପ୍ରକାର ନାଟକୀୟ ଘଟଣାକୁ ବିଶ୍ୱାସ କରି ପାରୁନଥିଲେ ସେ।

X X X

ସମୟର ବ୍ୟବଧାନରେ ପ୍ରଥମେ ହେମାଙ୍ଗିନୀର ପୁତ୍ର ଜାତ ହୋଇଥିଲା।

ତା'ର ମାସକପରେ ପ୍ରଭାସିନୀର ପ୍ରସୂତି ନିମନ୍ତେ ପ୍ରଭାସିନୀକୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ପ୍ରଭାସିନୀର ପୁତ୍ରଟିଏ ଜାତ ହେଲା ସତ, କିନ୍ତୁ ପ୍ରଭାସିନର ଏପରି ଜଟିଳ ଅବସ୍ଥା ଉପୁଜିଲା ଯେ ଡାକ୍ତରମାନଙ୍କ ଶତଚେଷ୍ଟା ସତ୍ତେବ ବି ପ୍ରଭାସିନୀକୁ ବଂଚେଇ ରଖାଯାଇପାରିନଥିଲା।

ପୁତ୍ର ଜାତ ହେବା ସମୟରେ ହେମାଙ୍ଗିନୀ ମଧ୍ୟ ଡାକ୍ତରଖାନା ଆସିଥିଲେ। ମୃତ୍ୟୁର କିଛି ସମୟ ପୂର୍ବରୁ ପ୍ରଭାସିନୀ ହେମାଙ୍ଗିନୀର ହାତକୁ ନେଇ ନିଜ ଛାତି ଉପରେ ରଖି ପ୍ରଭାସିନୀ କହିଥିଲା – ଅପା ! ମୁଁ ମୋ ଜୀବନରେ ଏକ ବିରାଟ ଭୁଲ୍ କରିଛି। ତୋ ଜୀବନ ବଳୟକୁ ମୁଁ ଧସେଇ ପଶି ଆସି ଯେଉଁ ମହାପାପ କରିଛି, ସାତ ଜନ୍ମରେ ବି ସେ ପାପର ମୋର ପ୍ରାୟଶ୍ଚିତ ନାହିଁ।

ତୁ ମୋତେ କ୍ଷମା କରିଦେବୁ ଅପା। ମୋତେ କ୍ଷମା କରିଦେବୁ। ମୋ ପୁଅକୁ ତୋ ହାତରେ ଟେକି ଦେଇ ମୁଁ ବିଦାୟ ନେଉଛି।

ଦୁଇଟି ଯାକ ପୁଅଙ୍କୁ ତୁ ଏକାଭଳି ଦେଖିବୁ ଅପା ! ସମାନ ସ୍ନେହ ମମତା ଦେଇ ପାଳିବୁ। କିଛି ସମୟ ପରେ ନୀରବି ଯାଇଥିଲା ପ୍ରଭାସିନୀର ସ୍ୱର। ଲିଭ ଯାଇଥିଲା ପ୍ରାଣ ପ୍ରଦୀପ। ମୁଣ୍ଡ କଚାଡ଼ି କାନ୍ଦି ଉଠିଥିଲେ ହେମାଙ୍ଗିନୀ।

*ଚିତ୍ରକଳା, ଏଲ୍ - ୧୦୨, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ*
*ଭୁବନେଶ୍ୱର - ୭୫୧୦୦୩*
*ଦୂରଭାଷ: ୬୩୭୦୨୪୪୮୦୯*

# ପାଟଳୀପୁତ୍ରର ରାଜନର୍ତ୍ତକୀ

## ଡକ୍ଟର ତ୍ରିନାଥ ପଟ୍ଟନାୟକ

ପାଟଳୀପୁତ୍ର।

ମଗଧ ରାଜ୍ୟର ଭବ୍ୟ ରାଜଧାନୀ। ସେଦିନ ସୁସଜ୍ଜିତ ହୋଇଥିଲା, ସତେ ଯେପରି ନବବଧୂଟିଏ। ବାସର ରାତ୍ରୀର ପ୍ରତୀକ୍ଷାରେ...। ଚାରିଦିଗରେ ସୈନ୍ୟମାନଙ୍କର ବିଶାଳ ଛାଉଣୀ। ସୈନିକମାନଙ୍କ କଣ୍ଠରୁ ରହି ରହି ପ୍ରକାଶ ପାଉଥିଲା ଜୟ ଜୟକାର।

ମହାରାଜ ବିନ୍ଦୁସାରଙ୍କର ଜୟ ହେଉ...।

କୁମାର ଅଶୋକଙ୍କର ଭୟ ହେଉ...।

ସାଧାରଣ ଜନତାର ସ୍ୱର ମଧ୍ୟ ଏହି ଜୟଘୋଷ ସହିତ ଏକାକାର ହୋଇ ଗଗନ ପବନ ପ୍ରକମ୍ପିତ ହୋଇ ଗୁଞ୍ଜରି ଉଠୁଥିଲା।

ସେତବେଳକୁ ଉତ୍ତରାପଥର ରାଜଧାନୀ ତକ୍ଷଶୀଳାରେ ଘମାଘୋଟ କିଶୋର ଅଶୋକଙ୍କୁ ପ୍ରେରଣ କରିଥିଲେ।

ସାରା ନଗରରେ ସେହି ଗୋଟିଏ କଥା ଆଲୋଚନା। କେବଳ ଆଲୋଚନା ନୁହେଁ ଚର୍ଚ୍ଚାର ବିଷୟ ହୋଇ ଯାଇଛି। ଘରେ ଅଗଣାରେ ଯିଏ ଯେଉଁଠି ବସିଲା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ - 'କିଶୋର କୁମାରଙ୍କୁ ଏପରି ବିପଦଜନକ ଯୁଦ୍ଧକୁ ପଠାଇ ନେଇ ଉଚିତ କଲେନି ମହାରାଜା। ସେ ସ୍ୱୟଂ ତକ୍ଷଶିଳା ଯିବା ଉଚିତ ଥିଲା।"

ଯାଇଥାନ୍ତେ କେମିତି ? ସୁରା ଓ ସାକୀ ନିଶାରୁ ଫୁରସତ କେତେବେଳେ ମିଳୁଛି ଯେ ଯୁଦ୍ଧକୁ ଯିବେ ?

ଜଣେ ନାରୀ ଏ ପ୍ରକାର ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ପଣତ କାନିରେ ମୁହଁ ଲୁଚାଇ ନେଲା।

ଚୁପ୍ ରୁହ, ଚୁପ ରୁହ ରାଜାର ଗୁପ୍ତଚର ଯଦି ଶୁଣିନେବେ ନା ତେବେ ଆମର ସର୍ବନାଶ ହୋଇଯିବ।

ଘରର ଜଣେ ମୁରବୀ ଶ୍ରେଣୀର ଲୋକ ତାଗିଦା କଲେ।

ସାରା ସାମ୍ରାଜ୍ୟରେ ଡିବି ଡିବି ହୋଇ ଏଇକଥା ବାଜୁଛି। ଆମେ ନ କହିଲେ କଣ ହେବ, କିଏ ଜାଣିବ କି ? ଲୋକମାନେ ପରା ଦେଖିଲେଣି ମହାରାଜା ସ୍ୱୟଂ ରାଜନର୍ତ୍ତକୀ ପୂରବୀର ପ୍ରାସାଦକୁ ଏକା ଏକା ଚାଲି ଯାଉଛନ୍ତି।

ରାଜପୁରୁଷଙ୍କ ଠାରୁ ଆରମ୍ଭ କରି ଗୁପ୍ତଚର ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ସାମ୍ରାଜ୍ଞୀ ହେଉଛି ରୂପସୀ ପୃଥିବୀ।

ନୃତ୍ୟାଙ୍ଗନା ପୂରବୀ, ନବଯୌବନା ପୂରବୀ । ଶିବ ପୂଜାରିଣୀ ପୂରବୀ। କୂଟନୀତିକା ପୂରବୀ। ଏମିତି କେତେ ଯେ ବିଶେଷଣରେ ଭୂଷିତା ପୂରବୀ ତାର ଠିକଣା ନାହିଁ। ବହୁ ନାମରେ ସେ ନାମିତା।

*    *    *    *    *    *    *

ସେଦିନ ସ୍ୱର୍ଣ୍ଣ ସଂଯୁକ୍ତ ପଲଙ୍କ ଉପରେ ଶୋଇ ରହି ଥାଏ ରୂପସୀ ପୂରବୀ। କିନ୍ତୁ କାହିଁକି କେଜାଣି ଚିନ୍ତାମଗ୍ନ। ହାତ ପାପୁଲି ଗାଲ ଉପରେ ଥାଏ। ଚଳଚଞ୍ଚଳ ଉଜ୍ଜ୍ୱଳ ନୟନ ଯୁଗଳ ଚିନ୍ତାରେ ବୁଡି ଯାଇଥାଏ। ବହୁ ସମୟ ପର୍ଯ୍ୟନ୍ତ ସେ ସେହି ଅବସ୍ଥାରେ ରହିଲେ।

ସତେ ଯେମିତି ମନ ଗହନରେ କାଳ ବୈଶାଖୀ ବହିଯାଉଥିଲା। ହେଲେ ବାହାରେ ସବୁକିଛି ଶାନ୍ତ ଓ ସିଗ୍ ଧ । ସହସା କକ୍ଷ ଭିତରକୁ ପଶି ଆସିଲା। ପ୍ରିୟସଖୀ ମାଧବୀ। ହସି ହସି କହିଲା - "ସଖୀ ପୂରବୀ ! ଉଠ, ମହାମାତ୍ୟ ରୁଦ୍ରଶର୍ମା, ଆସିଛନ୍ତି, ଏବେ ସେ ପ୍ରତୀକ୍ଷା ଭବନରେ।"

"ତାଙ୍କୁ କହିଦିଅ, ବର୍ତ୍ତମାନ ମୁଁ ଅସୁସ୍ଥ ଅଛି।" ପୁଣି କିଛି ସମୟ ଅଯକି ଯାଇ କହିଲେ - ଏକଥା ଅତି ବିନମ୍ରତାର ସହିତ କହିବୁ। ହଁ, ତାଙ୍କୁ ସର୍ବତ ପିଆର ଛାଡିବୁ। ସେମିତି ଛାଡିଦେବୁ ନାହିଁ।"

ନୀରବ ସମ୍ମତି ଜଣାଇ ବାଧ ଛାତ୍ରିଏ ଭଳି ମାଧବୀ ସେ କକ୍ଷରୁ ନିଷ୍କ୍ରାନ୍ତ ହୋଇଗଲେ।

କିଛି ସମୟ ଏଥି ମଧ୍ୟରେ ବିତିଯାଇଛି। ରାତ୍ରି ମଧ୍ୟ ଅଧି ଯରୁ ଅଧିକ ଅତିକ୍ରାନ୍ତ ହୋଇ ଯାଇଛି। ମାଧବୀ କିଛି ସମୟ ପରେ ଶୟନ କକ୍ଷକୁ ପ୍ରବେଶ କଲା। ହସି ହସି ସେ ଫାଟି ପଡୁଥାଏ। ପୃଥିର ଏପରି ବିତସ୍ପୃହ ଅବସ୍ଥା ତାକୁ କେମିତି କେମିତି ଖାପଛଡା ଲାଗୁଥାଏ। କକ୍ଷରେ ପ୍ରମୋଦ କକ୍ଷଭଳି ଉଜ୍ଜ୍ୱଳ ଆଲୋକ ନାହିଁ। ମାତ୍ର କ୍ଷୀଣ ଆଲୋକ। ମାଧବୀ କହିଲା - କଣ ଶୋଇ ଯାଇଛ ? ପୁଣି ଆଲୋକ ମ୍ଲାନ ପଡି ଯାଇଛି, କଥା କ'ଣ ? କ'ଣ ଘଟିଛି ମୋ

ସଖୀର ଜୀବନରେ ଆଜି ?

ମୋ ମନ କିଛି ଭଲ ଲାଗୁନି ମାଧବୀ, ଗୋଟିଏ କଥାଭାବି ମୋ ମନରେ କଳାମେଘ ଛାଇ ଯାଇଛି । ସେତିକିବେଳୁ ମୁଁ ଉଦାସ ହୋଇ ଉଠିଛି । କାଲି ଭଳି ମନେ ପଡୁଛି... ବିଷ୍ଣୁ ଗୁପ୍ତ ଚାଣକ୍ୟ ମଗଧର ମହାମାତ୍ୟ ଥିଲେ । କୌଣସି ରାଜ ନର୍ତ୍ତକୀର ଭବନରେ ତାଙ୍କର ପାଦ ପଡିଥିଲା ? କୌଣସି ମଧୁଶାଳାରେ ତାଙ୍କ ଛାୟା ପଡିଥିଲା ? ଶତ୍ରୁମାନେ ମହାମାତ୍ୟଙ୍କ ନାଁ ଶୁଣି ଥରହର ହୋଇ କମ୍ପୁଥିଲେ ।

ଦେଖୁଛ ତ ସେ ରାଜନୀତିରୁ ଦୂରେଇ ଯାଉ ଯାଉ କେମିତି ତକ୍ଷଶିଳାର ଲୋକମାନେ ମଗଧର ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଟିପପ୍ପଣୀ ଦେଲେଣି ।

ହଁ, ଏକଥା ଯେତେବେଳେ ସେନାପତି କହୁଥିଲେ ମୁଁ ଶୁଣିଛି । ହେଲେ ତୁମର ଏଥିରେ ଚିନ୍ତାକରିବାର କ'ଣ ଅଛି ? ତୁମେ ଜଣେ ରାଜ ନର୍ତ୍ତକୀ, ନଗର ବଧୂ । ତୁମ ଚରଣରେ ଏବେ ନଗରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଜୀବନ ଉତ୍ସର୍ଗ କରିବା ପାଇଁ ମଧ ପ୍ରସ୍ତୁତ । ତୁମେ ଶାନ୍ତ ରୁହ । ଚିନ୍ତା ଛାଡ । ଖୁସିରେ ରୁହ । ଏହି କଥା ମଧ ରୁଦ୍ରଶର୍ମା କହିବା ପାଇଁ ଆସିଥିଲେ ।

ମାଧବୀ, ଆସ୍ତେ ଶଯ୍ୟାରେ ଲୋଟିଗଲା ଓ ସଖୀ ପୂରବୀର ସୁକ୍ତ କୁନ୍ତଳରେ ଅଙ୍ଗୁଳି ଭରି ଆଉଁସିବାକୁ ଲାଗିଲା ।

"ରାଜନର୍ତ୍ତକୀ ରାଜ୍ୟଠାରୁ ଭିନ୍ନ ନୁହେଁ ମାଧବୀ, ରାଜ୍ୟ ଥିଲେ ତ ରାଜନର୍ତ୍ତକୀ ରହିବ ? ମହାମାତ୍ୟ କହି ଯାଇଛନ୍ତି ପ୍ରସନ୍ନ ରହିବାକୁ । ତୁ କ'ଣ କିଛି ଦେଖି ପାରୁନୁ ? ହେଲେ ମୁଁ ଦେଖି ପାରୁଛି । ହାଲୁକା ହେଲେ ସୁଦ୍ଧା କେମିତି କଳା ବାଦଲ ଆସ୍ତେ ଆସ୍ତେ ମଗଧ ଆକାଶ ଉପରେ ଉଡିବାକୁ ଲାଗିଲାଣି ।

ତୁ କହୁଛୁ ଯେ ଏ ରାଜ୍ୟର ମହାମାତ୍ୟ, ସେନାପତି, ଶ୍ରେଷ୍ଠୀ ଠାରୁ ଆରମ୍ଭ କରି ଗୁପ୍ତଚର ପର୍ଯ୍ୟନ୍ତ ସମସ୍ତେ ମୋ ଚରଣରେ ଜୀବନ ନେବା ପାଇଁ ସୁଦ୍ଧା ପଛାଇବେ ନାହିଁ । ମୁଁ ଅବଶ୍ୟ ଏହା ଅନୁଭବ କରୁଛି । କିନ୍ତୁ ମୋର ଦୁଃଖର କରଣ କ'ଣ ଜାଣୁ ? .. ଏହା ହେବା ଉଚିତ ନୁହେଁ.. । ପୂରବୀ ଆଉ ଅଧିକ କଥା କହି ପାରିଲା ନାହିଁ ।

"କ'ଣ ହେବା ଉଚିତ ନୁହେଁ ? ଏଥିରେ ତୁ କାହିଁକି ବ୍ୟସ୍ତ ?ତୁ ଏ ରାଜ୍ୟର ନଗର ବଧୂ, ହୃଦୟ ସାମ୍ରାଜ୍ଞୀ । ଏଥିରେ ତୋର ଏତେ ଦୁଃଖ କାହିଁକି ? ଯେଉଁମାନେ ଅଧିକାରୀ ସେମାନେ ଭାବିବେ ।

ମାଧବୀ ରାଜନର୍ତ୍ତକୀ ପୂରବୀର ହୀରଖଚିତ କର୍ଣ୍ଣଫୁଲ ଦୋଳୟମାନ ହେଉଥିବା କପୋଳରେ ଚୁମ୍ବନଟିଏ ଆଙ୍କି ଦେଉ ନେଉ ଏକଥା କହିଲା ।

"ଭଉଣୀ । ତୋର ମନେ ଅଛି, ରାଜନର୍ତ୍ତକୀ ନିର୍ବାଚନ ଦିନ ସମଗ୍ର ରାଜ୍ୟରୁ କେତେ କୁଶଳୀ ନର୍ତ୍ତକୀ ଓ ସୁନ୍ଦରୀ ଉପସ୍ଥିତ ହୋଇଥିଲେ । କିନ୍ତୁ ସମସ୍ତଙ୍କ ମଧ୍ୟରୁ ଉପଯୁକ୍ତ ବୋଲି କିଏ ନିର୍ବାଚିତ କରିଥିଲେ ।

- " ହଁ ଜାଣେ, ମହାମାତ୍ୟ ମହାପୁରୁଷ ଚାଣକ୍ୟ ।" ମାଧବୀ ଉତ୍ତର ଦେଲେ ।

"ରାଜ ନର୍ତ୍ତକୀର ମୁକୁଟ ଧାରଣ କରିବା ପୂର୍ବରୁ ମୁଁ ଯେତେବେଳେ ତାଙ୍କ ଚରଣରେ ଲୋଟିଗଲି ପ୍ରଣାମ ଜଣାଇବା ପାଇଁ, ତୁ ଜାଣିଛୁ ଗମ୍ଭୀର ସ୍ୱରରେ ସେ ସେତେବେଳ କ'ଣ କହିଥିଲେ ?"

- ନାଁ , କ'ଣ କହିଥିଲେ ?

- ସେ କହିଥିଲେ, ଯେତେବେଳେ ଅସ୍ତ୍ରଶସ୍ତ୍ରର ଝଣତ୍କାରରେ ସମ୍ରାଟ ଚିନ୍ତିତ ହୋଇ ଉଠିବେ, ଭାରାକ୍ରାନ୍ତ ହେବେ କିମ୍ବା ଯୁଦ୍ଧ କ୍ଷେତ୍ରରୁ ଶରୀରରେ କ୍ଷତ ବହନ ଫେରିବେ, ସେତେବେଳେ ରାଜବୈଦ୍ୟଙ୍କର ଔଷଧି ଓ ରାଜନର୍ତ୍ତକୀର ସଙ୍ଗୀତ ନୃତ୍ୟ କଳା କୌଶଳରେ ତାଙ୍କୁ ଚିକିତ୍ସା କରାଯିବ । କିନ୍ତୁ ସେହି ଉପଚାରରେ ବିଷୟ ବାସନାର ବିଷ ମିଶିବ ନାହିଁ । ଏହାକୁ ସର୍ବଦା ମନେ ରଖିବାକୁ ପଡିବ ।

ହେ ଯୁବତୀ ! ସାମ୍ରାଜ୍ୟର ସେବା ସମ୍ରାଟଠାରୁ ଆରମ୍ଭ କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । ଏହା ଯେମିତି ଭୁଲି ନଯାଅ ।

ଆହା, ଏମିତି କହିଥିଲେ ବିଷ୍ଣୁଗୁପ୍ତ ? ମୋତେ ଜଣାନାହିଁ, ମୋତେ କ୍ଷମା କରିଦିଅ ସଖୀ ! ମୋର କହିବାର କଥା କେବଳ ଏତିକି ଥିଲା ଯେ ତୁମେ ଚିନ୍ତିତ ହୁଅନି । ଏମେ ମୁଁ ତୁମ ପୀଡା ବୁଝି ପାରୁଛି । ଚାଲ ରାତି ବହୁତ ହେଲାଣି । ଶୋଇବ ଚାଲ ।

ଦିନେ ଏମିତି ଗଡି ଚାଲିଥାଏ । ପାଟଳିପୁତ୍ରରେ ମିଶରର ରାଜା ଫିଲାଡେଲଫସଙ୍କ ଦୂତ ଡାଇନୋସିୟସଙ୍କ ଆଗମନ ହୋଇଥାଏ । ତାଙ୍କର ସମ୍ମାନରେ ସଙ୍ଗୀତ ନୃତ୍ୟର ଆୟୋଜନ କରାଯାଇଥାଏ, ସେହି ନୃତ୍ୟ ସମ୍ମେଳନରେ ନୃତ୍ୟାଙ୍ଗନା ପୂରବୀର ଛନ୍ଦବଦ୍ଧ ନୃତ୍ୟରେ ସମସ୍ତେ ବିମୁଗ୍‌ଧ । ଅଙ୍ଗ ଚାଳନାରେ ସତେ ଯେମିତି ବିଜୁଳି ଖେଳୁଛି । ଶ୍ୱାସ ପ୍ରଶ୍ୱାସରେ ମୃଦଙ୍ଗର ସ୍ୱର । ଦର୍ଶକ ମଣ୍ଡଳୀ ମଧ୍ୟରୁ ବାରମ୍ବାର ଶୁଣା ଯାଉଥାଏ "ବାହାବାହା" ଅଦ୍‌ଭୁତ ଶବ୍ଦ । ନୃତ୍ୟାଙ୍ଗନା ପୂରବୀର ପ୍ରଶଂସାରେ ଉଚ୍ଛୁଳି ଉଠୁଥାଏ ରଙ୍ଗଶାଳା ।

ମହାରାଜା ବିନ୍ଦୁସାର ମଧ ଆଜିକାର ନୃତ୍ୟ ପ୍ରଦର୍ଶନରେ ମୁଗ୍‌ଧ । ସେ କଣ୍ଠରୁ ରତ୍ନଜଡିତ ସାତସରି ହାର ବାହାର କରି ନୃତ୍ୟାଙ୍ଗନା ପୂରବୀର କଣ୍ଠରେ ଲମ୍ବାଇ ଦେଇ କହିଲେ - ଏ ମୋ ତରଫରୁ ସାମାନ୍ୟ ଭେଟି । ଏହାକୁ ତୁମେ ଉପହାର, ପୁରସ୍କାର ବା ସମ୍ମାନ ଯେପରି ଭାବେ ଗ୍ରହଣ କରିପାର ।

ରଙ୍ଗଶାଳାରୁ ଫେରି ନୃତ୍ୟାଙ୍ଗନା ପୂରବୀ ଶୟନକକ୍ଷରେ ଶୋଇରହି ଚିନ୍ତା କରୁଥାନ୍ତି ।

ସଖୀ, ମାଧବୀ କକ୍ଷ ଭିତରେ ପ୍ରବେଶ କରି ସୂଚା ଦେଲା - ସେନାପତି ଉଦ୍‌ଭଟ ସାକ୍ଷାତ ପାଇଁ ପ୍ରତୀକ୍ଷାରତ । ସେନାପତି ଉଦ୍‌ଭଟ ବଳିଷ୍ଠ ବପୁ ବିଶିଷ୍ଟ ଜଣେ ଯୁବକ । ଗୌରବର୍ଣ୍ଣ, ସାହସୀ, ସୌମ୍ୟ ଦର୍ଶନ । ଅଳ୍ପଦିନ ହେଲା ପ୍ରଧାନ ସେନାପତି ରୂପେ ସେ ନିଯୁକ୍ତି ପାଇଛନ୍ତି । ମହାମାତ୍ୟଙ୍କ ସୁପାରିଶ ହିଁ ତାଙ୍କ ପ୍ରତି ମୁଖ୍ୟ ସହାୟକ ହୋଇଛି । ପ୍ରଥମେ ଉଦ୍‌ଭଟ ଦକ୍ଷିଣ ପାଖରେ ସୈନିକ ଓ ପରେ ପରେ ନାୟକ ରୂପେ କାର୍ଯ୍ୟ କରୁଥିଲେ ।

ରଙ୍ଗଶାଳାରେ ପ୍ରଥମ ଦର୍ଶନ ପରେ ରାଜନର୍ତ୍ତକୀ ପୂରବୀର ମୁଖ୍ୟ ପ୍ରଶଂସକ ସେ ହୋଇ ଉଠିଛନ୍ତି । ସେ ନିଜ ହୃଦୟକୁ ପୂରବୀ ପାଖରେ

ବନ୍ଧା ପକାଇ ନେଇଛନ୍ତି । ତାଙ୍କର ସ୍ଥିର ଆଖି, ଭାବ ବାରମ୍ବାର ତାଙ୍କ ମନର କଥାକୁ ପ୍ରକାଶ କରୁଥାଏ । ମାତ୍ର ସେ କେବେହେଲେ ଶବ୍ଦରେ ସେକଥା ଅଭିବ୍ୟକ୍ତ କରୁ ନଥିଲେ । ପୂରବୀର ଚିନ୍ତା କିନ୍ତୁ ଭିନ୍ନ । ସେ ସେନାପତିଙ୍କୁ ନିଜର ମିତ୍ର ସମବୟସ୍କ ମନେ କରୁଥିଲେ । ବହୁ ସମୟ ପର୍ଯ୍ୟନ୍ତ ପରସ୍ପର ମଧ୍ୟରେ ସାମ୍ରାଜ୍ୟ, ସମ୍ରାଟ ଓ ଶାସନ ସମ୍ବନ୍ଧରେ କଥାବାର୍ତ୍ତା ହୋଇଥିଲା ।

ଏହାଠାରୁ ଅଧିକ କିଛି ସେ ଆବଶ୍ୟକ ମନେ କରି ନଥିଲେ କି ଅଧିକ ଭାବିବା ପାଇଁ ହୃଦୟକୁ ଅନୁମତି ନେଇ ନଥିଲେ ।

ସ୍ୱାମୀନ୍, କହି ଦେବିକି ଆପଣ ଅସୁସ୍ଥ ଅଛନ୍ତି ବୋଲି ?

ମାଧବୀର ପ୍ରଶ୍ନ ଶୁଣି ପୂରବୀ ସଚେତ ହୋଇଉଠିଲ । ସ୍ମିତହାସ ପ୍ରକାଶ କରି କହିଲା – କିନ୍ତୁ ମୁଁ ତ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ଏ ପରିସ୍ଥିତିରେ ତୁମେ  ମିଛକଥା କେମିତି କହିବ ମାଧବୀ ? ଏହା କହିବା ସଙ୍ଗେ ସଙ୍ଗେ ପଲଙ୍କରୁ ଉଠି ଠିଆ ହୋଇଥିଲେ ପୂରବୀ । ତା'ପରେ କହିଲେ – ତାଙ୍କ ମିଠାଇ ଓ ଫଳ ପରିବେଷଣ କର । ମୁଁ ସାମାନ୍ୟ ସତେଜ ହୋଇ ଶୀଘ୍ର ପ୍ରତୀକ୍ଷା ଗୃହରେ ପ୍ରବେଶ କରୁଛି ।

ମାତ୍ର କେଇ ମୁହୂର୍ତ୍ତ ପ୍ରତୀକ୍ଷାକୁ ଅନ୍ତକରି ଋରୁହାସ୍ୟମୟୀ ଓ ଲାସ୍ୟମୟୀ ନର୍ତ୍ତକୀ ପୂରବୀ ପ୍ରତୀକ୍ଷା ଗୃହରେ ପ୍ରବେଶ କଲେ । ଉଭଟଙ୍କର ମୁଖମଣ୍ଡଳ ଉଦିତ ସୂର୍ଯ୍ୟ କିରଣ ଭଳି ଚମକି ଉଠିଲା । ଓଠରେ କମଳ ପାଖୁଡା ଭଳି ମଧୁର ହସ ଧାରା ଏ ମଧ୍ୟ ।

ରାଜନର୍ତ୍ତକୀ ହସି ହସି ବିନମ୍ରତାର ସହିତ କହିଲେ – ମଗଧର ସେନାପତିଙ୍କର ଜୟ ହେଉ । ରାଜନର୍ତ୍ତକୀ ପୂରବୀର ଆଜି ମହାଭାଗ୍ୟ ନିଜ ଭବନରେ ସେନାପତିଙ୍କର ସ୍ୱାଗତ କରି ପାରୁଛି । ସ୍ୱାଗତ ସେନାପତି ଉଭଟ !

ସେନପତି ରୂପେ ନୁହେଁ ଦେବୀ ! ଉଭଟ ରୂପେ, ଜଣେ ସାଧାରଣ ନାଗରିକ ରୂପେ ଆପଣଙ୍କର ସାକ୍ଷାତ୍ ପାଇ ଆସିଛି । ମୋତେ ଜଣେ ସାଧାରଣ ମଣିଷ ରୂପେ ସ୍ୱୀକାର କର ଦେବୀ ।

ମହାଶୟ ! ମୋତେ ମଧ୍ୟ ବହୁତ ଭଲ ଲାଗନ୍ତା, ଯଦି କିଏ କୁହନ୍ତା ଯେ ମୁଁ ପୂରବୀକୁ ସାକ୍ଷାତ କରିବା ପାଇଁ ଆସିଛି । କିନ୍ତୁ ସମସ୍ତେ ତ ଏଠିକୁ ଆସନ୍ତି ରାଜନର୍ତ୍ତକୀର ସାନିଧ୍ୟ ପାଇଁ । ପୂରବୀ ପାଇଁ ନୁହେଁ ।

ଉଭଟଙ୍କର ଅଧର କମ୍ପି ଉଠିଲା କ'ଣ କହିବା ନିମନ୍ତେ, ମାତ୍ର ତାହା ଶବ୍ଦ ପ୍ରକାଶ ନକରି ରହିଗଲା ।

ପରିସ୍ଥିତିକୁ ସହଜ କରି ଦେବା ପାଇଁ ପୂରବୀ କଥାର ଧାରାକୁ ବଦଳାଇ ଦେଇ କହିଲେ – ଆର୍ଯ୍ୟ ! ମିଶର ରାଷ୍ଟ୍ରଦୂଙ୍କର ପ୍ରସ୍ଥାନ ହୋଇଗଲାଣି ?

ହଁ, ଆସନ୍ତା କାଲି ପ୍ରାତଃକାଳରୁ ବିଦାୟ ପର୍ବ ଆରମ୍ଭ ହେବ । ଗ୍ରୀକ୍ ବିଦ୍ୱାନ ଆୟଂଜୁଲସଙ୍କର ଯେପରି ଆଦର ସତ୍କାର ହୋଇଥିଲା, ଯାହା ବିଷୟରେ ସାରା ଗ୍ରୀକ୍‌ରେ ଆଲୋଚନାର ବସ୍ତୁ ପାଲଟି ଯାଇଥିଲା, ଏଥର ସେପରି ହେଉଛି କି ନାହି ଦେଖ । କି ପ୍ରକାର ଉଦ୍‌ଗାର ନେଇ ମିଶର ରାଷ୍ଟ୍ରଦୂତ ଫେରୁଛି କେଜାଣି ?

ଗ୍ରୀକ୍‌ର କଥା ଅଲଗା । ପୁଣି ମିତ୍ର ଦେଶ । ପୁଣି ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ଶ୍ୱଶୁର ଘର । ମହାନ ସେନାପତି ସେଲ୍ୟୁକସ୍ ନିଜ ପୁତ୍ର ସହିତ ନିଜ ହୃଦୟକୁ ମଧ୍ୟ ଦେଇ ଦେଇଥିଲେ ଆମେ ସମ୍ରାଟଙ୍କୁ । ଏହି ସୂତ୍ରରେ ସମ୍ରାଟ ବିନ୍ଦୁସାର ଗ୍ରୀକ୍‌ବାସୀଙ୍କର ନାତି । ଏଣୁ ଗ୍ରୀକ୍ ସହିତ ଯେଉଁ ସଂପର୍କ ତାହା ମିଶର ସହିତ ଆଶା କରିବା ବୃଥା ।

ହଁ, ପୂରବୀ, ତୁମର ବୁଦ୍ଧି ଓ ଦୂରଦୃଷ୍ଟି ତ ବହୁତ ପ୍ରଖର । କଥାର ମୂଳସୂତ୍ରକୁ ତୁମେ ଶୀଘ୍ରୟ ଧରିପାର । ପ୍ରଶଂସା କରୁ କରୁ ଏକଥା କହିଲେ ଉଭଟ ।

ମୁଁ ମହାମାତ୍ୟ ଋଣକ୍ୟଙ୍କ ଦ୍ୱାରା ନିର୍ବାଚିତ ରାଜନର୍ତ୍ତକୀ । ଦିନେ ସେ ତାଙ୍କର ବଳିଷ୍ଠ ହାତ ମୋର ଏହି ଶିର ଉପରେ ରଖିଥିଲେ ଓ ସ୍ନେହାଶୀର୍ବାଦ ଦେଇ ଅନୁଗୃହୀତ କରିଥିଲେ । ହେଲେ ସେନାପତି, ସେ ସମୟ ଏବେ ନାହିଁ । ସାମ୍ରାଜ୍ୟ ଅଧୁନା ଯେଉଁ ସେନାପତି ସେ ରାଜନୀତି ଠାରୁ ମୁକ୍ତ ହୋଇ ଗଲେଣି । ମୋତେ ତ ମୋ ସାମ୍ରାଜ୍ୟ ନିମନ୍ତେ ବହୁତ କିଛି ଚିନ୍ତା କରିବାକୁ ପଡୁଛି । ମହାମାତ୍ୟ ରୁଦ୍ରଶର୍ମା ନିଶ୍ଚିତ ଭାବେ ଭଦ୍ର କିନ୍ତୁ ... । ହଠାତ୍ କଥା ମଝିରେ ଅଟକି ଯାଇ ରାଜନର୍ତ୍ତକୀ ସେନାପତି ଉଭଟ ପ୍ରତି ଦୃଷ୍ଟିପାତ କଲେ ।

ହଁ, ତୁମର ଚିନ୍ତା ସର୍ବଥା ଉଚିତ ଅଟେ । କିନ୍ତୁ ସମ୍ରାଟଙ୍କୁ ତାଙ୍କ ଜନ୍ମ ବିଷୟରେ, ଜନନୀର ମୃତ୍ୟୁ ସଂପର୍କରେ ଯେଉଁସବୁ କଥା ଉଠାଇ ଦିଆଗଲା, ଆଉ ଏସବୁ କଥା ସହିତ ମହାମାତ୍ୟ ଋଣକ୍ରଙ୍କୁ ଏମିତି ଭାବେ ଯୋଡି ଦିଆଗଲା, ଯାହା ଫଳରେ ସମ୍ରାଟ ବିନ୍ଦୁସାର ମଗଟ ସାମ୍ରାଜ୍ୟର ହର୍ତ୍ତାକର୍ତ୍ତା ଆଉ ନିର୍ମାତା ଋଣକ୍ୟଙ୍କୁ ଉପେକ୍ଷା କରି ବସିଲେ । ସେନାପତି ବହୁ ବ୍ୟଥିତ ସ୍ୱରରେ ଏକଥା କହିଲେ ।

ମୁଁ ମଧ୍ୟ ଶୁଣିଛି... ଏହା କ'ଣ ସତ ଘଟଣା ?

ସମ୍ରାଟଙ୍କ ଜନ୍ମ ସମ୍ବନ୍ଧରେ , ତାଙ୍କ ଜନନୀ ମୃତ୍ୟୁ ସମ୍ପର୍କରେ ? ରାଜନର୍ତ୍ତକୀ ପୂରବୀ ମୁହଁରେ ସୀମାହୀନ ପ୍ରଶ୍ନବାଚୀ !

ହଁ, ବିଭିନ୍ନ ସୂତ୍ରରୁ ମୁଁ ଜାଣିଛି । ହେଲେ ଘଟଣା ସତ୍ୟ ହୋଇପାରେ, ନହୋଇ ପାରେ ବି । ଉଭଟ କହିଲେ ।

ମୁଁ ସଂପୂର୍ଣ୍ଣ କଥା ଶୁଣିବା ପାଇଁ ଉତ୍ସୁକା.. । କଥାବାର୍ତ୍ତା ମଧ୍ୟରେ ଫଳ ଓ ସ୍ୱାଦିଷ୍ଟ ପାନୀୟ ପରିଋରିକା ରଖି ଯାଇଥିଲା । ଫଳ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ପୂରବୀ କହିଲେ, ମିତ୍ର ଫଳ ଖାଆନ୍ତୁ । ଦେଖ ଫଳମାନେ ନିଜ ସେନାପତିଙ୍କ ମୁହଁକୁ ଋହିଁ ରହିଛନ୍ତି ।

ସେନାପତି ଉଭଟ ସ୍ମିତ ହସ ହସିଲେ । ଅଙ୍ଗୁରର ଗୁଛ ଉଠାଇ ନେଇ ସେଥିରୁ ଦୁଇ ଋରିଟି ଦାନା ପାଟିରେ ପକାଇଲେ । ତା' ପରେ କହିବାକୁ ଆରମ୍ଭ କଲେ । ମହାନ କୂଟନୀତିଜ୍ଞ, ନୀତିନିପୁଣ ମହାମାତ୍ୟ ଋଣକ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ନିଜ ପୁତ୍ର ଠାରୁ ବି ଅଧିକ ଭଲ ପାଉଥିଲେ । ସେ ସର୍ବଦା ଚନ୍ଦ୍ରଗୁପ୍ତଙ୍କ ହିତ ସାଧନରେ ବ୍ୟସ୍ତ ଥିଲେ । ରାଜନ୍ୟ ଓ ରାଜ୍ୟ ଅପେକ୍ଷା କୂଟନୀତିକୁ ସେ ବେଶୀ ପସନ୍ଦ କରୁଥିଲେ । ପଡୋଶୀ ଦୁଷ୍ଟ ରାଜାମାନଙ୍କ ପ୍ରତି ତାଙ୍କର ଘୋର ସନ୍ଦେହ ଥିଲା । ସେ ସର୍ବଦା ଶଙ୍କାକୁଳ ଥିଲେ । କାହିଁ କୌଣସି ଶତ୍ରୁ ରାଜା ଚନ୍ଦ୍ରଗୁପ୍ତଙ୍କୁ ବିଷ ପ୍ରୟୋଗ କରି ଅହିତ କରିବ ନାହିଁ ତ ? ଏଣୁ ସେ ସମ୍ରାଟଙ୍କ ଭୋଜନରେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ବିଷ ପ୍ରୟୋଗ କରୁଥିଲେ ?

ପ୍ରତିଦିନ ନିୟମିତ ରୂପେ ବିଷ ?

ହଁ, ପ୍ରତିଦିନ....। କିନ୍ତୁ ଏହି କଥା ଏପରି ଗୋପନୀୟ ଥିଲା ଯେ ସ୍ୱୟଂ ସମ୍ରାଟ ଚନ୍ଦ୍ରଗୁପ୍ତ ମଧ୍ୟ ଜାଣି ପାରୁନଥିଲେ। ରୋଷେଇ କିମ୍ବା ପାଚକ ଜାଣିବାତ ଦୂରର କଥା, ମୋ ଗୁରୁ ଭଦ୍ରସେନ ସ୍ୱାମୀଜୀ କହୁଥିଲେ ଯେ ସମ୍ରାଟଙ୍କ ଭୋଜନ ପୂର୍ବରୁ ପ୍ରତ୍ୟେକ ଖାଦ୍ୟକୁ ମହାମାତ୍ୟ ସ୍ୱୟଂ ଚାଖି ପରୀକ୍ଷା କରୁଥିଲେ। ତା' ପରେ ବଳବର୍ଦ୍ଧକ ଔଷଧି ମିଶାଇ ସମ୍ରାଟଙ୍କୁ ଖାଇବା ପାଇଁ ଦେଉଥିଲେ। ରାଜନର୍ତ୍ତକୀ ବିସ୍ମୟ ପ୍ରକାଶ କରି କହିଲେ।

ହଁ, ସାରା ଦୁନିଆ ଏହା ଜାଣୁଥିଲା। ମହାମାତ୍ୟ ବିଶେଷ ଔଷଧି ଖାଦ୍ୟରେ ଗୋଳାଉଛନ୍ତି। କିନ୍ତୁ ତାହା ଥିଲା ଭୟଙ୍କର ବିଷ। ଦିନକର ରାଣୀ ଜିଦ୍ ଧରିଲେ ସମ୍ରାଟଙ୍କ ସହିତ ଏକତ୍ର ଭୋଜନ କରିବେ। ଯେଉଁରାଣୀ ପରବର୍ତ୍ତୀ ସମୟରେ ବିନ୍ଦୁସାରଙ୍କୁ ଜନ୍ମ ଦେଇଥିଲେ। ରାଣୀଙ୍କ ଜିଦ୍‌କୁ ସମ୍ମାନ ଦେବାପାଇଁ ସମ୍ରାଟ ରାଣୀଙ୍କୁ ଏକତ୍ର ଭୋଜନ ପାଇଁ ଅନୁମତି ଦେଲେ। କିନ୍ତୁ ବିଷ ଖାଦ୍ୟ ଖାଇ କୋମଳାଙ୍ଗୀ ରାଣୀ କୁଆଡେ ସହଜରେ ଜୀର୍ଣ୍ଣ କରିପାରୁଛନ୍ତି ? ତତ୍‌କାଳ ହିଁ ତାଙ୍କର ମୃତ୍ୟୁ ହେଲ।

– ସେହି ରାଣୀଙ୍କ ନାମ କ'ଣ ?

– ଦୁର୍ଧରା।

– ଆମେ ତ ମହାରାଣୀ ସୁଭଦ୍ରାଙ୍ଗୀ ବୋଲି ଶୁଣିଛୁ।

– ସମ୍ରାଟ ଏହି ନାମ ପରେ ଦେଲେ। ଏହା ଏକ ସମ୍ମାନ ଜନକ ଉପାଧି। ଏହି କଥା ଲୋକ ତୁଣ୍ଡରୁ ତୁଣ୍ଡ ହୋଇ ସାରା ରାଜ୍ୟରେ ବ୍ୟାପିଗଲା। ରାଜବୈଦ୍ୟ ଏ ଖବର ପାଇ ଦୌଡି ଆସିଲେ। ତନ୍ତ୍ରମନ୍ତ୍ର ସବୁ ପ୍ରୟୋଗ କରାଗଲା। କିନ୍ତୁ ମହାମାତ୍ୟ ଚାଣକ୍ୟ ନିର୍ବିକାରୀ ସଙ୍ଗେ ସଙ୍ଗେ ତାଙ୍କ ନିର୍ଦ୍ଦେଶରେ ଶଲ୍ୟ ଚିକିତ୍ସା କରାଗଲା। କୁହାଯାଉଛି କୁମାରଙ୍କ ମୁଣ୍ଡ ଉପରେ ବିଷର ବିନ୍ଦୁଏ ପଡିଗଲା। ଏଣୁ ମହାମାତ୍ୟ ବାଳକର ନାମକରଣ 'ବିନ୍ଦୁସାର' ରଖିଲେ।

–ଓଃ ବଡ ଦୁଃଖ ଦାୟକ କଥା। କି ପ୍ରକାର ଦାରୁଣ ପରିସ୍ଥିତିରେ ସମ୍ରାଟଙ୍କର ଜନ୍ମ ହୋଇଛି। ଆଚ୍ଛା ଉଭଟ ! ସମ୍ରାଟ ଚନ୍ଦ୍ରଗୁପ୍ତ କେବେ କ'ଣ ନିଜର ଗୁରୁ ତଥା ମହାମାତ୍ୟଙ୍କୁ ବିଷ ସମ୍ବନ୍ଧରେ କିଛି ପଚାରି ନାହାନ୍ତି ? ଅଶ୍ରୁ ପୂରିତ ନୟନରେ ପୂରବୀ ପ୍ରଶ୍ନ କଲେ।

– ଏ ଦୁହେଁ ହିଁ ମହାନ୍ ଥିଲେ। ଶିଷ୍ୟ ମନରେ କେବେ ଗୁରୁଙ୍କ ପ୍ରତି ସଂଶୟ ଆସିନି କି ଗୁରୁ ମଧ୍ୟ କେବେ ସ୍ୱଷ୍ଟୀକରଣ ଦେଇ ନାହାନ୍ତି। ଏହି କଥା ବହୁଦିନ ପର୍ଯ୍ୟନ୍ତ ଗୋପନ ରହିଲା। ଯେଉଁଦିନ ମହାମାତ୍ୟ ସ୍ୱଇଚ୍ଛାରେ ନିଜ ପଦରୁ ଅନ୍ତର ହେବା ପାଇଁ ତ୍ୟାଗପତ୍ର ଦେଲେ, ସେ ଦିନ ହି ଗୁଢ଼ ରହସ୍ୟ ପ୍ରକାଶ କଲେ। ମୁଁ ସେହି ଅବସରରେ ସମ୍ରାଟଙ୍କ ନିକଟରେ ଥିଲି। ଶୁଣିବାର ମୁଁ ସେହି ଅବସରରେ ସମ୍ରାଟଙ୍କ ନିକଟରେ ଥିଲି। ଶୁଣିବାର ସୁଯୋଗ ମୋତେ ମିଳିଲା। ତା'ପରେ ଦରବାର ଜାଣିଲା, ଏପରିକି ସାରା ସାମ୍ରାଜ ମଧ୍ୟ ଏ ବିଷୟ ଅଳ୍ପେ ବହୁତେ ଜାଣେ।

ମହାମାତ୍ୟ କହିଥିଲେ – ମୁଁ ମହାରାଣୀଙ୍କ ମୃତ୍ୟୁର କାରଣ ନୁହେଁ। ମୁଁ ସମ୍ରାଟଙ୍କ ସୁରକ୍ଷାର ଦୁର୍ଗ ଅଟେ। ଆପଣଙ୍କ ମନରେ ଯଦି ଧାରଣା ଆସି ଯାଇଛି ଯେ, ଆପଣଙ୍କ ମାତା ମୋ ଦ୍ୱାରା ଅମାନବୀୟତା ଓ କ୍ରୁରତାର ଶିକାର ହୋଇଛନ୍ତି, ତେବେ ଠିକ୍ ଅଛି। ମୁଁ ଆଜିଠାରୁ ଆପଣଙ୍କୁ ମାର୍ଗ ଦର୍ଶନ ଦେବା ବନ୍ଦ କରି ଦେବି। ମୋର ଅବଶିଷ୍ଟ ଜୀବନ ଅଧ୍ୟାତ୍ମ ମାର୍ଗରେ ବିତାଇ ଦେବି। ଆଉ ଏଠାରୁ ମଧ୍ୟ ସବୁଦିନ ପାଇଁ ଚାଲିଯିବି।

ସେନାପତି ! ଆପଣ କ'ଣ ଅନୁଭବ କରୁଛନ୍ତି ତାଙ୍କ ବିନା ଆମ ସାମ୍ରାଜ୍ୟର ସୀମା ସୁରକ୍ଷିତ ହୋଇ ରହି ପାରିବ ? ଆମର ଶତ୍ରୁ ମହାମାତ୍ୟଙ୍କ ଅନୁପସ୍ଥିତ ବିଷୟରେ କଣ ଅଜ୍ଞ ? ରାଜନର୍ତ୍ତକୀ ରୂପସୀ ମନର ସଂଶୟ ପ୍ରକାଶ କଲେ।

–ସେନାପତିର କାମ ହେଉଛି ଯୁଦ୍ଧରେ ଶତ୍ରୁକୁ କିପରି ପରାସ୍ତ କରିବ। ରାଜ୍ୟକୁ ସୁରକ୍ଷିତ ରଖିବା, ରାଜନୀତିରେ ମୁଣ୍ଡ ଖେଳାଇବା ମୋର କାମ ନୁହେଁ।

– ଆପଣ ନିଜକୁ ମଧ୍ୟ ଛଳନା ମଧ୍ୟରେ ରଖିଛନ୍ତି। ଆମେମାନେ ସମସ୍ତେ ପ୍ରଥମେ ମଗଧ ମାଟିର ନାଗରିକ। ଏହାପରେ ଅବଶ୍ୟ ସମସ୍ତଙ୍କର ସ୍ୱତନ୍ତ୍ର ପଦ ପଦବୀ ଅଛି, ଯଥା – ରାଜବୈଦ୍ୟ, ରାଜନର୍ତ୍ତକୀ ବା ସେନାପତି। ନାଗରିକ ପକ୍ଷେ ସାମ୍ରାଜ୍ୟର ସୁରକ୍ଷା ବିଷୟରେ ଚିନ୍ତା କରିବା ଏକମାତ୍ର ଧର୍ମ। ଏକଥା କ'ଣ ସେନାପତି ଅବଗତ ନାହାଁନ୍ତି ? ଏତିକି କହି ସାରିଲା ପରେ ପୂରବୀ ନିଜର ତୀକ୍ଷ୍ଣ ଦୃଷ୍ଟିକୁ ଉଭଟ ଉପରେ ପକାଇ ଦେଲେ।

ଉଭଟ ବୀର, ବହୁ ପରାକ୍ରମୀ ଯୋଦ୍ଧାଙ୍କର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ରାଜନର୍ତ୍ତକୀର ମର୍ମଭେଦୀ ଦୃଷ୍ଟିପାତକୁ ସହ୍ୟ କରିବାରେ ଅକ୍ଷମ ହୋଇ ଉଠିଲେ। ସିଧା ସଳଖ ସେ ପୂରବୀକୁ ନ ଚାହିଁ, କକ୍ଷରେ ଥିବା ଅନ୍ୟାନ୍ୟ ଚିତ୍ରପଟ ଉପରେ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲେ।

ମାଧବୀ ମିଠାଇ ନେଇ କକ୍ଷ ମଧ୍ୟରେ ପ୍ରବେଶ କଲ। ତା' ଉପସ୍ଥିତିରେ କ୍ରମେ ପ୍ରସଙ୍ଗ ବଦଳି ଗଲା। ଉଭଟ ଯାହା କହିବା ପାଇଁ ଆସିଥିଲେ, ସେ ବିଷୟରେ ପୂରବୀ ଜାଣନ୍ତି। ଏଣୁ ସେ କଥା ନିଜ ମୁହଁରେ ସେନାପତି ପ୍ରକାଶ କରିବା ପାଇଁ ଯେଉଁ ପରିସ୍ଥିତି ଆବଶ୍ୟକ, ସେହି ସୁଯୋଗ ପୂରବୀ ସେନାପତିଙ୍କୁ ଦିଆଇ ନଥିଲେ।

ପୂରବୀଙ୍କର ଭାବ ଭଙ୍ଗି ଦେଖି ଉଭଟ ଭାବିଲେ ଅଦ୍ଭୁତ ଏ ସ୍ତ୍ରୀ। ସମଗ୍ର ସାମ୍ରାଜ୍ୟର ଗତିବିଧି ଉପରେ ଏହାର ଦୃଷ୍ଟି ସବୁକିଛି ଜାଣିପାରେ। ହେଲେ ମୋ ହୃଦୟର ବ୍ୟଥାକୁ କିପରି ବୁଝି ପାରେନି ? ଆଉ ଜାଣିକରି ମଧ୍ୟ ଅଜଣା ଭାବେ ରହି ଯାଉଛି। ଧୀରେ ଧୀରେ ମହାମାତ୍ୟଙ୍କ ସଂପର୍କ ଯିବା ଆସିବା ରାଜନର୍ତ୍ତକୀ ଭବନକୁ ବଢ଼ିବାକୁ ଲାଗିଲା।

ରାଜନର୍ତ୍ତକୀ ପୂରବୀଙ୍କର ଉପେକ୍ଷାର ମଧ୍ୟ ଅନ୍ତନାହିଁ। ସେ କମ୍ ସାକ୍ଷାତ୍ ଦିଅନ୍ତି। ମାତ୍ର ମହାମାତ୍ୟଙ୍କର ସେଥିପ୍ରତି ଖାତିର ନାହିଁ। ସେ ରାଜ ନର୍ତ୍ତକୀ ଭବନକୁ ଆସିବାଟାକୁ ଏକ ନିୟମରେ ପକାଇ ଦେଇଛନ୍ତି। ସାକ୍ଷାତ୍ ହେଉକି ନହେଉ ସେଥିପ୍ରତି ଖାତିର ନାହିଁ।

ଦିନେ ପୂରବୀ ମନ୍ଦିରରୁ ଫେରୁଥାନ୍ତି। ପୂଜାରିଣୀ ବେଶ ମଧ୍ୟ ତାଙ୍କୁ ବେଶ୍ ସାଜୁଥାଏ। ତାଙ୍କୁ ଦେଖିଲେ ସ୍ୱର୍ଗର କୌଣସି ଦେବୀ ବୋଲି ଭ୍ରମ ହୋଇଯିବ। ଲାଲଧଡି ଥିବା ଶ୍ୱେତବସ୍ତ୍ର ଉନ୍ମୁକ୍ତ ସ୍ୱଚ୍ଛ କବରୀ ପାଦ ପର୍ଯ୍ୟନ୍ତ ଲମ୍ବି ଯାଇଥାଏ। ମହାମାତ୍ୟଙ୍କ ଦୃଷ୍ଟି

ରାଜନର୍ତ୍ତକୀଙ୍କର ରଥ ଉପରେ ପଡିଗଲା। ସେ ଯଥା ସମ୍ଭବ ତୀବ୍ର ଗତିରେ ନିଜ ରଥକୁ ଆଣି ରାଜନର୍ତ୍ତକୀଙ୍କର ରଥ ନିକଟରେ ଲଗାଇ ନେଲେ।

ଦୁହେଁ ରାଜନର୍ତ୍ତକୀ ଭବନରେ ପହଞ୍ଚିଲେ। ରଙ୍ଗଶାଳରେ ପୂରବୀ ଆଦରରେ ସହିତ ମହାମାତ୍ୟଙ୍କୁ ବସାଇଲେ। କୁଶଳ ବାର୍ତ୍ତା ପଚାରି ସାରିବା ପରେ କହିଲେ - "ମହାମାତ୍ୟ, ମୋର ଏକ ନିବେଦନ। ଆପଣଙ୍କ ପ୍ରତି କଷ୍ଟଦାୟକ ହେଲେ ସୁଦ୍ଧା ମୋତେ କ୍ଷମା ନେବେ।

-ପ୍ରକାଶ କରନ୍ତୁ ନେବୀ !

- ଆପଣ ସାମାନ୍ୟ ଜଣେ ରାଜନର୍ତ୍ତକୀ ଭବନକୁ ଏମିତି ବାରମ୍ବାର ଆସିବା ଉଚିତ ନୁହେଁ। ଏହା ଆପଣଙ୍କର ସମ୍ମାନ ଓ ସଂଭ୍ରମତା ପ୍ରତି ଆଞ୍ଚ ଆଣୁଛି।

-କାହିଁକି ? ମହାମାତ୍ୟ କ'ଣ ଜଣେ ପୁରୁଷ ନୁହେଁ ?ମହାମାତ୍ୟ ରୁଦ୍ରଶର୍ମା ଓଲଟା ପ୍ରଶ୍ନ କଲେ।

- ମହାମାତ୍ୟ ସର୍ବଦା ମହାମାତ୍ୟ। ରାଜା ଓ ପ୍ରଜାଙ୍କ ନିକଟରେ ଉତ୍ତରଦାୟୀ। ତା'ନିକଟରେ ନିଜର ସ୍ୱାଚ୍ଛନ୍ଦ୍ୟ ବୋଲି କିଛି ନାହିଁ। ଆର୍ଯ୍ୟ ! ଆପଣ ଠିକ୍ କହିଛନ୍ତି ପୁରୁଷମାନଙ୍କ ନିମନ୍ତେ ଗଣିକାମାନଙ୍କ ଭବନ ଉନ୍ମୁକ୍ତ। କିନ୍ତୁ, ପୃଥିବୀ ରାଜନର୍ତ୍ତକୀ ହୋଇପରେ, ମାତ୍ର ଗଣିକା ନୁହେଁ ଯିଏକି ପୁରୁଷମାନଙ୍କର ମନୋରଞ୍ଜନର ସମାଧାନ ବସ୍ତୁ ହେବ। ପୂରବୀ ନିଜର ଶାନ୍ତ ରୂପକୁ ବଦଳାଇ ଦୃଢ଼ତା ସହିତ କହିଲେ।

-ସେ କଥା ଛାଡନ୍ତୁ। ଜଣେ ମହାମାତ୍ୟ କ'ଣ ଜଣେ ଉତ୍ତମ ମିତ୍ର ହୋଇ ପାରେନା ? କାହାରି ସହିତ ମିତ୍ରତା ମଧ ପାରେନା ?

ଖିଲି ଖିଲି ହୋଇ ହସି ଉଠିଲେ ପୂରବୀ। ତାଙ୍କର ଇସତ୍ ଲାଲ ଓଷ୍ଠଦ୍ୱୟ କମ୍ପି ଉଠିଲା। ପଦ୍ମ ପଳାସ ନୟନ ସହିତ ଭ୍ରୁଯୁଗଳ ନାଚି ଉଠିଲା। ସେ ଅବଲୀଳା କ୍ରମେ ବାହୁ ଉତ୍ତୋଳନ କରି କହିଲେ - "ହଁ ମିତ୍ର ହୋଇ ପାରିବେ। ମହାମାତ୍ୟ କେବଳ ସାମ୍ରାଜ୍ୟର ମିତ୍ର ହୋଇପାରେ। ଆଉ ମିତ୍ରତା କେବଳ ସାମ୍ରାଜ୍ୟ ହିତ ଦୃଷ୍ଟିରୁ ସମ୍ରାଟଙ୍କ ସହିତ କରିପାରେ।"

ପୁଣି କିଛି ସମୟ ଅଟକି ଯାଇ ପୂରବୀ କହିଲେ - ମହାମାତ୍ୟ ରୁଦ୍ରଶର୍ମା ! ସାମ୍ରାଜ୍ୟର ଏତେ ସମସ୍ୟା, ତାହା ପୁଣି ଜଟିଳ ଓ ବ୍ୟାପକ ମଧ। ଏ ପରିସ୍ଥିତିରେ, ମହାମାତ୍ୟଙ୍କ ପାଖରେ ସମୟ କାହୁଁ ଆସିବ ଯେ ସେ ମିତ୍ରଙ୍କୁ ସଙ୍ଖୋଳିବାକୁ ସମୟ ପାଇବେ, ଆଉ ମିତ୍ରଙ୍କ ଗୃହକୁ ବାରମ୍ବାର ଯିବେ ?

ମହାମାତ୍ୟ ଋଣକ୍ୟ ଥରେ କହିଥିଲେ - ମହାମାତ୍ୟର ନିଜର କେହି ମିତ୍ର ନାହାନ୍ତି କି କେହି ଶତ୍ରୁ ନାହାନ୍ତି। ତାଙ୍କର ଜୀବନ କେବଳ ସାମ୍ରାଜ୍ୟ ପାଇଁ ଉତ୍ସର୍ଗୀକୃତ। ଆପଣଙ୍କର ଏହି କଥା ପ୍ରତି ସନ୍ଦେହ ଅଛି କି ?

ରୁଦ୍ରଶର୍ମାଙ୍କର ହୃଦୟରେ ସତେ ଯେମିତି କିଏ ଅଗ୍ନି ସଂଯୋଗ କରିଦେଲା। କିନ୍ତୁ କରିବେ କ'ଣ ? ସେ ତର୍କରେ ପରାଜିତ ହୋଇଗଲେଣି। ତାଙ୍କ ମୁଖ ମଣ୍ଡଳ ବିବର୍ଣ୍ଣ ଦେଖା ଯାଉଛି।

ପୂରବୀ ମହାମାତ୍ୟଙ୍କର ପରିସ୍ଥିତିକୁ ହୃଦୟଙ୍ଗମ କରିଗଲେ। ସେ କଥାର ସ୍ରୋତକୁ ବଦଳାଇ କହିଲେ - ତେବେ ଆଉ ସବୁକଥା କୁହନ୍ତୁ ମହାମାତ୍ୟ। ଶୁଣୁଛି ପାଟଳିପୁତ୍ରକୁ ସିରିଆର ରାଷ୍ଟ୍ରଦୂତ ଆସିଛି ?

- ଆଶ୍ଚର୍ଯ୍ୟ କଥା, ସେ ତ ଏଇମାତ୍ର ଆସିଛନ୍ତି। ତୁମକୁ ସୂଚନା ମିଳିଗଲାଣି ? ବାଃ... କି ଚମତ୍କାରିତା...।

-ନାଗରିକକୁ ନଗରର ପ୍ରତ୍ୟେକଟି ଖବର ସଂଗ୍ରହ କରିବା ଉଚିତ ଭଦ୍ରେ ! ଆପଣ ଏବେ ମୋତେ ଶୂନ୍ୟ ଦେଇ ପାରିବେକି ଏ ରାଷ୍ଟ୍ରଦୂତ ଆସିବାର ପ୍ରୟୋଜନ କଣ ?

-ମହାରାଜ ସିରିଆରୁ ଅଙ୍ଗୁରମଦ୍ୟ ଓ ଖିସ୍‌ମିସ୍ ଆମଦାନୀ କରୁଛନ୍ତି। ତା' ସହିତ ଜଣେ ଦାର୍ଶନିକ ଭାରତ ଭ୍ରମଣରେ ଆସିବା ପାଇଁ ଅନୁରୋଧ କରିଥିଲେ। ସେ ବିଷୟରେ ସମ୍ରାଟ ଅତି ଓ କସଙ୍କ ଚିଠି ନେଇ ଦୂତ ଆସିଛନ୍ତି।

- କ'ଣ ଲେଖା ଯାଇଛି ଚିଠିଲେ ? ମହାମାତ୍ୟ ନୀରବ ରହିଗଲେ। ପୂରବୀ ଓଷ୍ଠଧାରରେ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ - ଆର୍ଯ୍ୟ ! ନିଜର ମିତ୍ର ପୂରବୀକୁ ଏକଥା କହିବାରେ ସଂକୋଚବୋଧ କରୁଛ ?

-ନାହିଁ, ନାହିଁ ! ସଂକୋଚ ନାହିଁ।

ପୂରବୀଙ୍କର କଟାକ୍ଷପାତ ମହାମାତ୍ୟଙ୍କର ହୃଦୟକୁ ବିଦୀର୍ଣ୍ଣ କରି ପକାଇଲା। ସେ ଉତ୍ସୁକତା ପ୍ରକାଶ କରି କହିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା କଥା ପାଟିରେ ଅଟକି ଯାଉଥିଲା।

-ତେବେ ନ କହି ରହିଗଲ କାହିଁକି ?

ସମ୍ରାଟ ଲେଖିଛନ୍ତି ଖିସମିସ୍ ଆଉ ଅଙ୍ଗୁର ସରବତ ପଠା ଯାଉଛି। କିନ୍ତୁ ଗ୍ରୀକ୍ ଆଇନ ଅନୁସାରେ ଜଣେ ଦାର୍ଶନିକ ପଠାଇବା ସମ୍ଭବ ନୁହେଁ। କାରଣ ଏ ଦେଶରେ ଦାର୍ଶନିକ ଜଣେ ଶ୍ରଦ୍ଧାର ପାତ୍ର।

କୌଣସି ପ୍ରକାରେ ବିକ୍ରୟ ବା ସ୍ଥାନାନ୍ତକରଣ ଅସମ୍ଭବ ଅଟେ। ସେ ସ୍ୱେଚ୍ଛାରେ ରହାନ୍ତି ତ ଯାଇ ପାରନ୍ତି। ରାଜାଜ୍ଞାରେ ନୁହେଁ।

-ମହାମାତ୍ୟ, ଆପଣତ ମହାନ୍ ଦାର୍ଶନିକ ଋଣକ୍ୟଙ୍କର ଉତ୍ତରାଧିକାରୀ। ଆପଣଙ୍କ ଉପସ୍ଥିତିରେ ପୁଣି ସମ୍ରାଟଙ୍କୁ ଜଣେ ଦାର୍ଶନିକର ଆବଶ୍ୟକତା ପଡିଗଲା ? ସମ୍ରାଟ ବିନ୍ଦୁସାରଙ୍କର ଏହା ଆପଣଙ୍କ ପ୍ରତି ଅବହେଳା ନୁହେଁ ତ ? ପୂରବୀ କଥା ମାଧମରେ ମହାମାତ୍ୟଙ୍କୁ ଆଘାତ ଦେଲେ।

ମହାମାତ୍ୟ ହଠାତ୍ ଅନ୍ୟ ମନସ୍କ ହୋଇ ଉଠିଲେ। କ'ଣ ଉତ୍ତର ଦେବେ ଚିନ୍ତା କରି ପାରିଲେ ନାହିଁ। ତଥାପି ଭାବିଚିନ୍ତି କହିଲେ - ଅଙ୍ଗୁର ମଧ ଏବେ ସମ୍ରାଟଙ୍କର ଜୀବନ ହୋଇଗଲାଣି। ସେ କ'ଣ କାହା କଥା ଶୁଣୁଛନ୍ତି ? ଆଉ ବା ଏ ପରିସ୍ଥିତିରେ ଦାର୍ଶନକି କ'ଣ କରିପାରିବ ? ସମ୍ରାଟ ତ ସବୁବେଳେ ମଦ୍ୟନିଶାରେ ଉବୁଟୁବୁ...।

କ୍ଷମା କରିବେ। ଆପଣ ନ ଦେଖିଲେ ବି କାହାରିଠାରୁ ଶୁଣିଛନ୍ତି, ମହାମାତ୍ୟ ଋଣକ୍ୟଙ୍କ କଥା। ସେତ କଦାପି ସମ୍ରାଟଙ୍କୁ ମଦିରା ପାନରେ ବୁଡି ରହିବା ପାଇଁ ସୁଯୋଗ ନେଉନଥିଲେ। ତେବେ ଆପଣ କାହିଁକି ?

ମହାମାତ୍ୟ ରୁଦ୍ରଶର୍ମା କିଛି ସମୟ ଆବାକ୍ ହୋଇ ପୂରବୀର ମୁହଁକୁ ଋହିଁରହିଲେ। ତାପରେ କହିଲେ - ତୁମେ ଜଣେ ରାଜପୁରୁଷ ହେବା ଉଚିତ୍ ଥିଲା ପୂରବୀ। ତୁମର ଯୁକ୍ତି ତ ଅକାଟ୍ୟ। ତୁମର

ଶରୀର କଳାକାରର ହେଲେ ସୁଦ୍ଧା ତୁମର ମନ ତ କୌଣସି ପୋଖତ ରାଜନୀତିଜ୍ଞ ଠାରୁ କମ୍ ନୁହେଁ...। ପ୍ରକୃତି ମଧ୍ୟ କି ବିଚିତ୍ର ! କି ପ୍ରକାର ଅଦ୍ଭୂତ ସୃଷ୍ଟି କରିଛି ?

- ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ମହାଶୟ ! ଅଦ୍ଭୁତ ବା କ'ଣ ଅଛି ? ମୁଁ ଜଣେ କଳାକାର। କଳାର ଦେବତା ହେଉଛନ୍ତି ଶିବ। ଆପଣଙ୍କର ଯଦି ପୁରାଣ ଶାସ୍ତ୍ର ଉପରେ ସାମାନ୍ୟ ଜ୍ଞାନ ଥିବ, ତେବେ ନିଶ୍ଚୟ ଜାଣିରଖିବେ, ଶିବ ହେଉଛନ୍ତି ଅର୍ଦ୍ଧ ନାରୀଶ୍ୱର। ମୁଁ ଜଣେ ମହାମାତ୍ୟଙ୍କର ସମ୍ମାନରେ ବାଧା ପଡିଲା।

-ତେବେ ଯିଏ ଅଧେ ନାରୀ ଆଉ ଅଧେ ପୁରୁଷ ନୁହେଁ ସେ କିପରି କଳାକାର ହୋଇ ପାରିବ ? କେବଳ ସେତିକି ନୁହେଁ, କଳାକାର ସର୍ବଦ୍ରଷ୍ଟା। ସବୁଥିରେ ସତର୍କ, ସେ ଶିବଙ୍କର ତୃତୀୟ ନେତ୍ର ମଧ୍ୟ ଲାଭ କରିଛି। ହର ସୃଷ୍ଟିକର୍ତ୍ତା। ହର କଳାକାର। କୌଣସି ଜିନିଷ ଅଛପା ନାହିଁ ତାଙ୍କୁ। ଏ ରାଜନର୍ତ୍ତକୀ ମଧ୍ୟ ଜଣେ କଳାକାର। ଶିବଭକ୍ତ। ମହାଦେବଙ୍କ କରୁଣାରୁ କୌଣସି ଜିନିଷ ଅଜଣା ନାହିଁ ମୋତେ।

ମହାମାତ୍ୟ ରୁଦ୍ରଶର୍ମା। ନିରୁତ୍ତର ହୋଇଗଲେ। ପରିବେଶ ଓ ପରିସ୍ଥିତିକୁ ହାଲୁକା କରିବା ପାଇଁ ପୂରବୀ କହି ଉଠିଲେ - ଛାଡନ୍ତୁ ସେସବୁ ତର୍କ ବିତର୍କ କଥାକୁ। ଆପଣ ଶତାୟୁ ହୁଅନ୍ତୁ। ଆପଣ ରାଜନର୍ତ୍ତକୀ ପୂରବୀ ହାତରୁ କେସର ମିଶ୍ରିତ ଏଇ ସରବତ ଗ୍ରହଣ କରନ୍ତୁ। ମୁଁ ତ ମଦିରା ପିଏ ନାହିଁ। କାହାରିକୁ ପିଆଏ ନାହିଁ ମଧ୍ୟ। କିନ୍ତୁ ଆର୍ଯ୍ୟ ! ମଦିରା ବହୁ ମାଦକତା ଅଛି ମୋ ହାତରେ ପ୍ରସ୍ତୁତ ଏଇ ସରବତରେ।

ସଖୀ ହାତରୁ ସରବତ ପାତ୍ର ନେଇ ମହାମାତ୍ୟଙ୍କ ହାତକୁ ବଢ଼ାଇ ଦେଲେ ପୂରବୀ। ମହାମାତ୍ୟ ସରବତ ପାତ୍ରକୁ ନିଜ ହାତରେ ଟେକି ନେଉ ନେଉ ଥରେ ମାତ୍ର ପୂରବୀଙ୍କର ନୟନ ସହିତ ନୟନ ମିଶିଗଲା ମହାମାତ୍ୟ ସେଇଠି ସେମିତି ଜଡ ପାଲଟି ଗଲେ।

"ବହୁତ ଭଲ...। ତୁମର କଥାର ମୁଁ ଅତି ପ୍ରସନ୍ନ ହେଲି। ବାସ୍ତବରେ ତୁମେ ପାଟଳୀପୁତ୍ରର ଗର୍ବ ଓ ଗୌରବ।

ମହାମାତ୍ୟଙ୍କ ମୁହଁରୁ ଏପରି ପ୍ରଶଂସା ଶୁଣି ରାଜ ନର୍ତ୍ତକୀଙ୍କର ଅପରୂପ ସୌନ୍ଦର୍ଯ୍ୟକୁ ଅପଲକ ନୟନରେ ପାନ କରିବାକୁ ଲାଗିଲେ। ରାଜନର୍ତ୍ତକୀଙ୍କର ଯୌବନ ଓ ରୂପ ଲାବଣ୍ୟ ସତେ ଯେମିତି ଅସରନ୍ତି ଉତ୍ସ। ଯେତେ ଦେଖୁଥିଲେ ବି ତୃପ୍ତି ନାହିଁ।

ରାତ୍ରୀ ଦୀର୍ଘ ହେଉଥିଲା। ମହାମାତ୍ୟ ରୁଦ୍ରାମାତ୍ୟ ରୁଦ୍ରଶର୍ମା ରଙ୍ଗ ମହଲରୁ ବିଦାୟ ନେବା ପାଇଁ ଠିଆ ହେଲେ। ପୂରବୀ ବିଶାଳ ନୟନରେ ଅପଙ୍ଗ ହାଣି ଦୁଇହାତ ଯୋଡି ନମସ୍କାର ଜଣାଇଲେ। ତା'ପରେ ବିନମ୍ରତାର ସହିତ ବିଦାୟ ଦେଲେ। କେବଳ ସେତିକି ନୁହେଁ, ମୁଖ୍ୟଦ୍ୱାର ପର୍ଯ୍ୟନ୍ତ ମହାମାତ୍ୟକୁ ବିଦାୟ ଦେବା ପାଇଁ ମଧ୍ୟ ଆସିଲେ।

ମହାମାତ୍ୟ ପୁଣି ପଛକୁ ବୁଲି ରହିଁବାରୁ, ପୂରବୀ କୋଇଲିର କୁହୁଭରା କଣ୍ଠରେ କହିଲେ - ସମ୍ରାଟ ନିଜର ଅଧୀନରୁ ଅଧିକ ସମୟ ସମାଜର ଶାନ୍ତି ଏବଂ ନାଗରିକମାନଙ୍କର ସୁଖଶାନ୍ତି ପାଇଁ ବ୍ୟୟ କରିବା ଉଚିତ୍। ଆଉ ଏ ବିଷୟରେ ଆପଣଙ୍କର ପରାମର୍ଶ ସର୍ବାଦୌ ଆବଶ୍ୟକ। ଆପଣଙ୍କ ବ୍ୟତୀତ ଆଉ କିଏ ସମ୍ରାଟଙ୍କର ବିଶ୍ୱାସପାତ୍ର ହୋଇପାରନ୍ତି ? ହେ ମହାମାତ୍ୟ ! ଆପଣ ଏ ଦିଗରେ ସଚେଷ୍ଟ ରୁହନ୍ତୁ।

- ମୁଁ ତୁମ ଦେଶଚିନ୍ତା। ନିକଟରେ କୃତଜ୍ଞ ଦେବୀ। ସବୁଠିକ୍ ହୋଇଯିବ.। ଆଚ୍ଛା.. ଯାଉଛି। ଆଉ ମୋ ନିକଟରେ ସମୟ ନାହିଁ। ଅର୍ଦ୍ଧରାତ୍ରିରେ ଗୁପ୍ତଚରମାନଙ୍କର ବୈଠକ ବସିବ। ସେଠାରେ ମୋର ଉପସ୍ଥିତ ଏକାନ୍ତ ଆବଶ୍ୟକ।

ମହାମାତ୍ୟ କେତେବେଳୁ ଚାଲିଗଲାଣି। ସେତିକି ସ୍ମାଣୁ ହସି ଉଠିଲେ ସେ କିଛି ସମୟ ପରେ କାହିଁ ମହାମାତ୍ୟ ଚାଣକ୍ୟ ଆଉ ସେହି ପଦରେ ଏ ଅପାରଗ ମହାମାତ୍ୟ ? ନାରୀ ପାଇଁ ଏମାନଙ୍କ ମନରେ ଏତେ ସରାଗ। ଏତେ ଦରଦ। କି ଦୁର୍ବଳ ଚିନ୍ତା ଏମାନଙ୍କର ନାରୀ ?

ସେ ମଧ୍ୟ ନାରୀ। ବିଧାତାର ଏକ ମନୋରମ ସୃଷ୍ଟି। ଅଙ୍ଗେ ଅଙ୍ଗେ ଲାବଣ୍ୟର ଚମକ। ଯୌବନର ମାଦକତା ଅଜଣା ପଥିକର ମନ ମର୍ମରରେ ସୃଷ୍ଟିକରେ ଭାବାନ୍ତର। ସାଧାରଣ ପୁରୁଷ ଆବଦ୍ଧ ହୁଏ ତାର କୁଟିଳ ପ୍ରେମ ପାଖରେ। ରୂପ ଯୌବନ ଥାଇ ସୁଦ୍ଧା ଯେତେବେଳେ ସେ ସାଧାରଣ ନାରୀ ନୁହେଁ, ପୁରୁଷ ତାକୁ ସଜାଇଛି କାମନା ବାସନାର କ୍ରୀଡନକ। ସମାଜ ନାରୀର କୋମଳ ତନୁ ବଲ୍ଲରୀରେ ଭରି ନେଇଛି - ଉଦ୍ଦେଶ୍ୟର ବିନ୍ଦୁ ବିନ୍ଦୁ କପଟ ପ୍ରେରଣା - ବିଷ। ସେତେବେଳେ ନାରୀ ନାରୀ ନୁହେଁ। ନାରୀ ରୂପିଣୀ ସାକ୍ଷାତ କାଳ ନାଗୁଣୀ। ମହାକାଳ ତାର କୁଟିଳ ଭ୍ରୁଯୁଗଳରେ ତାଣ୍ଡବ ସୃଷ୍ଟି କରେ। ତାର ମଧୁର ଅଧରରୁ ମଧୁ ପରିବର୍ତ୍ତେ ଝରିଯାଏ ହଳାହଳ ବିଷ। ସେ ନିଜକୁ ନିଜ ଭିତରେ ଖୋଜି ପାଏ ନାହିଁ। ଯେତେବେଳେ ସୃଷ୍ଟି ତା ନିକଟରେ ପରାହତ ତାର ପ୍ରକୃତି ଜ୍ୱଳାମୁଖୀର ପରିଣତ ହୋଇଯାଏ। ସେ ସମାଜରେ ବୁଣିଦିଏ ମୁଠା ମୁଠା ହିଂସା ଘୃଣା ଆଉ କ୍ରୋଧ। ସେ ଠିଆ ହୁଏ ଦୃପ୍ତ ରୂପରେ ସାକ୍ଷାତ କାଳରୁପିଣୀ ଭୂଜଙ୍ଗିନୀ ...।

ତା'ର ଦୃଷ୍ଟିରେ, ତା'ର ନିଃଶ୍ୱାସରେ, ପ୍ରଶ୍ୱାସରେ ବିଷଜ୍ୱାଳା। ସୃଷ୍ଟି ଓ ବିଲୟ ତା' ନିକଟରେ ସମାନ। ସେ କାହାରି ବଶ୍ୟତା ସବୀକାର କରେ ନାହିଁ। କେବଳ ଯନ୍ତ୍ରବତ୍ କେତୋଟି ନିର୍ଦ୍ଦେଶ ମାନେ। ପେଟିକାବଦ୍ଧ କାଳସର୍ପିଣୀ କେବେ କଣ ଜାଙ୍ଗଳିକର ବଶ୍ୟତା ସ୍ୱୀକାର କରେ ? ସୁନ୍ଦରୀ ଯୁବତୀକୁ ବିଷକନ୍ୟାରେ ରୂପାନ୍ତରିତ କରିବାରେ ସେ ହେଉଛି ପ୍ରଥମ।

ବିଷକନ୍ୟା କେବଳ ସୁଶ୍ରୀ କନ୍ୟା ପକ୍ଷେ ସମ୍ଭବ। ପ୍ରଖର ପ୍ରତ୍ୟୁତ୍ପନ୍ନ ମତି ନହେଲେ କାର୍ଯ୍ୟ ସଫଳ ହୋଇପାରିବ ନାହିଁ। ସାତ ଆଠ ବର୍ଷ କନ୍ୟାଠାରେ ବିଷ ପ୍ରୟୋଗ କରାଯଏ। ତାହା ପୁଣି ଅତି ସାବଧାନତାର ସହିତ। ଏମାନଙ୍କ ଶରୀରରେ ବିଖ୍ୟାତ ଚିକିତ୍ସକମାନଙ୍କ ଦ୍ୱାରା ଧୀରେ ଧୀରେ ଅତ୍ୟନ୍ତ ମାତ୍ରାରେ ବିଷ ଛାଡି ଦିଆଯାଏ। ଯାହା ଫଳରେ ଏମାନଙ୍କ ଶରୀର ଉକ୍ତ ବିଷରେ ଅଭ୍ୟସ୍ତ ହୋଇଯାଏ। ପ୍ରଥମେ ପ୍ରଥମେ ବିଷଗ୍ରସ୍ତ ହୋଇ ସେ ମୃତବତ୍ ହୋଇପଡେ। ଶରୀରରେ ଅସହ୍ୟ ଜ୍ୱାଳା। ତା' ଆଖିରେ ଦୁନିଆଟା ସତେଯେପରି ଜଳି ଯାଉଛି। ସେଇ ଜ୍ୱାଳା ଭିତରେ ସେ ନିଜକୁ ନିଜେ ଭୁଲି ଯାଉଛି। ବିଷ ଜ୍ୱାଳାରୁ ରକ୍ଷା ପାଇବା ପାଇଁ ଅଧିକ ବିଷପାନ କରୁଚି। ତାର

କଥା, ଚାଲି ଚଳନ, ବ୍ୟବହାର ସବୁକିଚି ଉଦ୍ଧତ। ଜ୍ୱାଳାମୟ।

ଏଇ ପରୀକ୍ଷା ନିରୀକ୍ଷା ଭିତରେ କେତେବେଳେ ଆଉ ଆଠଟି ବସନ୍ତ ଅତିକ୍ରମ କରିଯାଇଥାଏ। ଶିଶୁ କନ୍ୟା ଯୁବତୀର ରୂପ ନିଏ। ତନୁ ଚନ୍ଦନ ବୃକ୍ଷର ଚାରିପଟେ ଗୁଡାଇ ହୋଇ ରହିଛି କାଳସର୍ପିଣୀର କରାଳ ଛାୟା ସେ ଏବେ ବିଷକନ୍ୟା। ତଥାପି ଚାଣକ୍ୟ କୂଟନୀତିରେ ବିଷକନ୍ୟାର ଆବଶ୍ୟକତା ଯଥେଷ୍ଟ। ରାଜନୀତିରେ କୂଟନୀତିର ସ୍ଥାନ ଅପରିବର୍ତ୍ତନୀୟ।

ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂରକୁ ଏଡାଇ ନେଇ ଚନ୍ଦ୍ରଗୁପ୍ତ ପାଟଳିପୁତ୍ର ରାଜିସିଂହାସନରେ ବସିଲେ। ମହାମତି ଚାଣକ୍ୟଙ୍କର ପରାମର୍ଶରେ କ'ଣ ବା ଅସମ୍ଭବ ? ମୌର୍ଯ୍ୟ ବଂଶର ପ୍ରତିଷ୍ଠା ହେଲା। କିନ୍ତୁ ସିଂହାସନରେ ବସି ମଧ ନିଜକୁ ନିଶ୍ଚିନ୍ତ କରି ପାରୁନାହାନ୍ତି ସମ୍ରାଟ ଚନ୍ଦ୍ରଗୁପ୍ତ।

ମହାରାଜା ନନ୍ଦର ମନ୍ତ୍ରୀ ରାକ୍ଷସ ତାଙ୍କ ବିରୋଧରେ ନାନା ଷଡଯନ୍ତ୍ରରେ ଲିପ୍ତ। ପ୍ରତ୍ୟକ୍ଷ ଭାବେ ସହାୟତା କରି ନଥିଲେ ତାଙ୍କର ଜୀବନ ବିପଦ ପୂର୍ଣ୍ଣ ହୋଇଥାନ୍ତା। ତାଙ୍କର ବିଚକ୍ଷଣ ଯୋଗୁଁ ସେଦିନ ରକ୍ଷା ପାଇଥିଲେ ଚନ୍ଦ୍ରଗୁପ୍ତ। ଗୁପ୍ତଚର ବିଫଳ ମନୋରଥ ପୂର୍ବକ ରାକ୍ଷସ ନିକଟରେ ଉପସ୍ଥିତ ହୋଇ ଖବର ଦେଲା – ମହାମନ୍ତ୍ରୀ ! ଆମର ସବୁ କୌଶଳ ବ୍ୟର୍ଥ ହୋଇଗଲା। ସମ୍ରାଟ ଚନ୍ଦ୍ରଗୁପ୍ତ ଶୟନ ଗୃହକୁ ପ୍ରବେଶ କରିବା ପୂର୍ବରୁ ମନ୍ତ୍ରୀ ଚାଣକ୍ୟ ପ୍ରବେଶ କଲେ। ସେ ତାଙ୍କ ସତର୍କତା ସହିତ ଚାରିଦିଗ ପରୀକ୍ଷା କଲେ। ତାଙ୍କର ନଜର ପଡିଲା ଧାଡିଏ ପିମ୍ପୁଡିଙ୍କ ଉପରେ । ପିମ୍ପୁଡିଧାର ଦେଖି ତାଙ୍କର ମନରେ ଧାରଣା ହେଲା, ସେମାନେ ଆହାର ପାଇଲେ କେଉଁଠୁ ? ନିଶ୍ଚୟ ଗୃହର ଆଭ୍ୟନ୍ତରୀଣ କୌଣସି ସ୍ଥାନରେ ଖାଦ୍ୟ ପଦାର୍ଥ ଅଛି । ସଙ୍ଗେ ସଙ୍ଗେ ସେ ଆଦେଶ ଦେଲେ ମହଲରେ ଅଗ୍ନି ସଂଯୋଗ କରି ଦେବାକୁ। ତାହା ହିଁ ହେଲା ଆମର ଗୁପ୍ତ ଘାତକମାନେ ଅଗ୍ନିରେ ଜଳି ପୋଡି ମଲେ। ରାକ୍ଷସ ନିରାଶ ହୋଇଗଲେ। ଭାଗ୍ୟଦେବୀ ସର୍ବଦା ଚନ୍ଦ୍ରଗୁପ୍ତଙ୍କ ସପକ୍ଷରେ ସବୁ ବ୍ୟର୍ଥ।

ଚନ୍ଦ୍ରଗୁପ୍ତଙ୍କ ବଧ ନିମନ୍ତେ ରାକ୍ଷସ ଯେତେ ଉପାୟ ସ୍ଥିର କଲେ ସବୁ ବିଫଳ ହୋଇଗଲା। ବହୁ ମାନସିକ ଦ୍ୱନ୍ଦ୍ୱ ଭିତରେ ରାକ୍ଷସ ଥାଆନ୍ତି। କ'ଣ କରିବେ, କିପରି ତାଙ୍କର କାର୍ଯ୍ୟ ସିଦ୍ଧି ହେବ ?

ତାଙ୍କର ପ୍ରିୟ ପ୍ରଭୁମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ପ୍ରତିଶୋଧ ନେବେ। ସେଇ ଚିନ୍ତାରେ ରାକ୍ଷସଙ୍କୁ ଦିନରାତି ବିଶ୍ରାମ ନଥାଏ।

କିନ୍ତୁ, ଚାଣକ୍ୟଙ୍କର କୁଟିଳ ରୂପ ଯେତେବେଳେ ତାଙ୍କ ନୟନରେ ପଡେ, ସେ ସ୍ଥାଣୁ ହୋଇ ଯାଆନ୍ତି। ତାଙ୍କର ଚାଣକ୍ୟଙ୍କର ଗୋଟିଏ କଥା ମନେ ପଡେ।

ଚାଣକ୍ୟ କହିଥିଲେ ---କବୟଃ କିନ୍ନ ପଶ୍ୟନ୍ତି.. କିଂନ୍ନ କୁର୍ବନ୍ତି ଯୋଷିନଃ..।

ଅର୍ଥାତ୍ କବି (ଜ୍ଞାନୀ) କ'ଣ ଦେଖିନପାରେ ? ସ୍ତ୍ରୀ ନିକଟରେ କ'ଣ ଅସମ୍ଭବ ? ମଦ୍ୟପ କ'ଣ ଗପି ନପାରେ ଏବଂ କଣ ଖାଇ ନପାରେ ?

ରାକ୍ଷସ ସମ୍ବାଦ ପାଇଲେ ଯେ, ଚନ୍ଦ୍ରଗୁପ୍ତ ଜ୍ୱର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରାକ୍ଷସଙ୍କ ଆନନ୍ଦ କହିଲେ ନସରେ। ସେ ସଙ୍ଗେ ସଙ୍ଗେ ରାଜବୈଦ୍ୟଙ୍କୁ ଗୁପ୍ତରେ ଡକାଇ ଆଣିଲେ। ଯେମିତି ରାଜବୈଦ୍ୟ ପହଞ୍ଚିଛନ୍ତି ରାକ୍ଷସ ତାଙ୍କୁ ଆଶାତୀତ ଭାବରେ ଅଭ୍ୟର୍ଥନା କଲେ ଓ ନିଜ ବେକରୁ ବହୁମୂଲ୍ୟ ରତ୍ନହାରଟି ନେଇ ରାଜବୈଦ୍ୟଙ୍କ ଲମ୍ୱାଇ ଦେଲେ। ରାଜବୈଦ୍ୟ ଆସନ ଗ୍ରହଣ କରିବା ପରେ ରାକ୍ଷସ କହିଲେ- ଆପଣ ଜାଣନ୍ତି ଚନ୍ଦ୍ରଗୁପ୍ତଙ୍କୁ ଜ୍ୱର ହୋଇଛି ?

– "ହଁ, ମୋତେ ଡକା ଯାଇଛି ଔଷଧ ବ୍ୟବସ୍ଥା କରିବା ନିମନ୍ତେ।" ଖୋଲା ଖୋଲି ଭାବରେ ରାଜବୈଦ୍ୟ ପ୍ରକାଶ କଲେ। ଗମ୍ଭୀର ମୁଦ୍ରାରେ ରାକ୍ଷସ ରାଜ ବୈଦ୍ୟଙ୍କ ଆଡକୁ ଚାହିଁ କହିଲେ – ରାଜବୈଦ୍ୟ ମହାଶୟ, ମୁଁ ଜାଣେ ପ୍ରଭୁଭକ୍ତ ନନ୍ଦମାନଙ୍କ ନିଧନରେ ମୁଁ ଯେତେବେଳେ ମର୍ମାହତ ଓ ଦୁଃଖିତ ଆପଣ ମଧ ସେତିକି ଦୁଃଖିତ। ପ୍ରତିଶୋଧ ନେବା ଆମ ଦୁହିଁଙ୍କର ଉଦ୍ଦେଶ୍ୟ। ଏବେ ସେ ସୁଯୋଗ ଈଶ୍ୱର ଆମକୁ ପ୍ରଦାନ କରିଛନ୍ତି। ଏ ପ୍ରକାର ସୁଯୋଗ ଆମେ ହାତଛଡା କରିଦେଲେ ଜୀବନସାରା ପସ୍ତେଇବାକୁ ହିଁ ପଡିବ। ଅନୁତାପ ସାର ହେବ।"

– ମୁଁ ଆପଣଙ୍କ ଉଦ୍ଦେଶ୍ୟ ବୁଝିପାରୁ ନାହିଁ। ମୋତେ ଖୋଲି କରି କୁହନ୍ତୁ। ଆପଣ ମୋତେ କ'ଣ କହିବାକୁ ଚାହୁଁଛନ୍ତି ?"ଅବୁଝା ଆଖିରେ ରାଜବୈଦ୍ୟ ରାକ୍ଷସଙ୍କୁ ଚାହିଁ ରହିଲେ।

– ଏତିକି ବୁଝି ପାରୁ ନାହିଁ। ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବାର ଏ ହେଉଛି ଉପଯୁକ୍ତ ସମୟ। ଆପଣ ଔଷଧ ଭିତରେ ବିଷ ପ୍ରୟୋଗ କରନ୍ତୁ। ସେହି ବିଷ ମିଶ୍ରିତ ଔଷଧ ସେବନ କରି ଚନ୍ଦ୍ରଗୁପ୍ତଚିର ନିଦ୍ରା ଯିବେ। ଆପଣଙ୍କୁ କେହି ଧରି ପାରିବେ ନାହିଁ। ଅତି ସହଜରେ ଆମମାନଙ୍କର ଉଦ୍ଦେଶ୍ୟ ସାଧନ ହେବ। ଉତ୍ତର ଆଶାରେ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁ ରହିଲେ ରାକ୍ଷସ।

ରାଜବୈଦ୍ୟ ଏକଥା ଶୁଣି ଚମକି ପଡିଲେ। ବ୍ୟତିବ୍ୟସ୍ତ ହୋଇ କହିଲେ – "ମନ୍ତ୍ରୀ ରାକ୍ଷସ ! ତୁମର ମତିଭ୍ରମ ହୋଇ ନାହିଁତ ? ମୁଁ ରାଜବୈଦ୍ୟ। ମୋର ଧର୍ମ ହେଲା ମନୁଷ୍ୟକୁ ମୃତ୍ୟୁ ମୁଖରୁ ରକ୍ଷା କରିବା, ମୃତ୍ୟୁ ମୁଖରୁ ପକାଇ ଦେବା ନୁହେଁ। ଯଦି ମୁଁ ଏହାକରେ ତେବେ ଧର୍ମ ଦୃଷ୍ଟିରେ ନର୍କଗାମୀ ହେବି।"

– ତୁମେ କୃତଘ୍ନ ରାଜବୈଦ୍ୟ, ମୋ ସମ୍ମୁଖରୁ ଅନ୍ତର ହୁଅ।" ଗର୍ଜି ଉଠିଲେ ରାକ୍ଷସ। ତା'ପରେ କହିଲେ, ତୁମେ ନନ୍ଦବଂଶର ଅନ୍ନରେ ପ୍ରତିପାଳିତ ହୋଇ ସୁଦ୍ଧା ପ୍ରଭୁ ପ୍ରତି ଟିକିଏ ହେଲେ ଅନୁରକ୍ତି ନୁହେଁ।

କାହିଁକି ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ଛାଇପରି ଜଗି ରହିଛ ? ଚନ୍ଦ୍ରଗୁପ୍ତ ଲୁଣର ସେ ଗୁଣ ଗାଉଛି। ମାତ୍ର ତୁମେ ତୁମର ଧର୍ମ ତର୍ଜମା କରୁଛ ? ଲଜ୍ଜା ହିଁ। ଯେଉଁ ଚନ୍ଦ୍ରଗୁପ୍ତ ବିନା ଦୋଷରେ ନନ୍ଦ ୯ ଭାଇଙ୍କୁ ପଶୁ ପରି ହତ୍ୟା କଲା। ସେତେବେଳେ ଧର୍ମ କେଉଁଠି ଥିଲା .... ଥରେ ବିଚାର କରି ଦେଖିଲ ?

ରାଜବୈଦ୍ୟ କିଛି ସମୟ ବିଚାର ବିମର୍ଶ କଲାପରେ କହିଲେ- "ମନ୍ତ୍ରୀ ରାକ୍ଷସ ମୁଁ ଆପଣଙ୍କ କଥାରେ ରାଜି। ମୋତେ କ୍ଷମା କରନ୍ତୁ। ମୁଁ ଆପଣଙ୍କ ନିର୍ଦ୍ଦେଶ ପାଳନ କରିବି।

ମୋତେ କ୍ଷମା କରନ୍ତୁ । ମୋତେ କ୍ଷମା କରନ୍ତୁ । ରାଜବୈଦ୍ୟଙ୍କୁ ରାତି ସାରି ମସ୍ତି କଲେ ।

ରାଜବୈଦ୍ୟଙ୍କୁ ରାତିସାରା ନିଦ ନାହିଁ । ଚନ୍ଦ୍ରଗୁପ୍ତଙ୍କ ପାଇଁ ଔଷଦ ପ୍ରସ୍ତୁତ କଲେ । ସକାଳୁ ସକାଳୁ ଯାଇ ଚନ୍ଦ୍ରଗୁପ୍ତଙ୍କୁ ସାକ୍ଷାତ୍ କଲେ ।

ଋଣକ୍ୟ ଶୁଣିଲେ ରାଜବୈଦ୍ୟ ଚନ୍ଦ୍ରଗୁପ୍ତଙ୍କର ଜ୍ୱର ପରୀକ୍ଷା କରୁଛନ୍ତି । ସେ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ସେ ଜାଣିଥିଲେ ରାଜବୈଦ୍ୟ ହେଉଛନ୍ତି ନନ୍ଦବଂଶର ପ୍ରାକ୍ତନ ବୈଦ୍ୟ । ଏଣୁ ରାଜ ଭକ୍ତିର କୃତଜ୍ଞତା ତାଙ୍କର ପ୍ରତିଟି ରକ୍ତକଣାରେ ନିଶ୍ଚୟ ବହନ କରୁଥିବ । ଋଣକ୍ୟ ଆସି ଦେଖନ୍ତି, ଚନ୍ଦ୍ରୁଗୁପ୍ତଙ୍କ ନାଡି ପରୀକ୍ଷା କରିସାରି ରାଜବୈଦ୍ୟ ଔଷଧ ବ୍ୟବସ୍ଥା କରୁଛନ୍ତି ।

ଋଣକ୍ୟ ଅସ୍ଥିରତା ଅନୁଭବ କଲେ । ରାଜବୈଦ୍ୟ ଗୋଟିଏ ପାତ୍ରରେ କିଛି ଔଷଧ ଧରି ଚନ୍ଦ୍ରଗୁପ୍ତଙ୍କୁ ପିଆଇ ଦେଉଥିଲେ ।

ଋଣକ୍ୟ ସଙ୍ଗେ ସଙ୍ଗେ ପାଟିକରି ଉଠିଲେ - ରାଜବୈଦ୍ୟ ଗୋଟିଏ ପାତ୍ରରେ କିଛି ଔଷଧରେ ଜ୍ୱର ନିଶ୍ଚୟ ଭଲ ହେବ ତ ?

ରାଜବୈଦ୍ୟଙ୍କ ହାତ କିଞ୍ଚିତ୍ ଥରି ଉଠିଲା । ସେ ସେହି ଅବସ୍ଥାରେ ହିଁ କହିଲେ - ନିଶ୍ଚୟ ଏହା ମୋର ବହୁ ଦିନର ଅଭିଜ୍ଞତା । ମୁଁ କଣ ଅର୍ବାଚୀନ ଯେ ରୋଗ ଚିହ୍ନି, ଔଷଧ ବ୍ୟବସ୍ଥା କରି ପାରୁନି ?

- ନାଁ ତୁମେ ବାସ୍ତବରେ ଅର୍ବାଚୀନ । ଔଷଧ ବ୍ୟବସ୍ଥା ବିଧାନ ତୁମକୁ ଜଣାନାହିଁ । ତୁମେ ଜଣେ ମୂର୍ଚ୍ଛା ରୋଗୀ । ନହେଲେ, ଏପରି ଥରନ୍ତ କାହିଁକି ? ତାପରେ ଋଣକ୍ୟ ରାଜବୈଦ୍ୟଙ୍କ ଦେହରେ ହାତଦେଇ କହିଲେ - ଆରେ ! ତୁମ ଦେହରେ ଉତ୍ତାପ କେଉଁଠୁ ଆସିଲା ? ତୁମକୁ ବୋଧେ ଜ୍ୱର କି କ'ଣ ? ...ହେଉ ସେ ଔଷଧ ସମ୍ରାଟଙ୍କୁ ନଦେଇ ତୁମେ ପ୍ରଥମେ ପାନକର । ପ୍ରଥମେ ତୁମର ଜ୍ୱର ଭଲ ହେଉ । ପରେ ସମ୍ରାଟଙ୍କ କଥା ବିଋର କରିବା । ତୁମର ଜ୍ୱର ଭଲ ହେଉ । ପରେ ସମ୍ରାଟଙ୍କ କଥା ବିଚାର କରିବା ।"

କ'ଣ ? ଯେଉଁ ଔଷଧ ସମ୍ରାଟଙ୍କ ପାଇଁ ଆଣିଛି ତାହା ମୁଁ ପିଇବି ? ଏହା ଅସମ୍ଭବ । ଦୃଢ଼ତା ସହିତ ରାଜବୈଦ୍ୟ କହିଲେ ।

- "ହଁ, ହଁ ରାଜବୈଦ୍ୟ ତୁମର ସେହି ବିଷ ମିଶ୍ରିତ ଔଷଧକୁ ତୁମକୁ ହିଁ ପାନ କରିବାକୁ ପଡିବ ।

- ବିଷ !!! ରାଜବୈଦ୍ୟଙ୍କ ସର୍ବାଙ୍ଗ ଭୟରେ ଓ ଆଶ୍ଚର୍ଯ୍ୟରେ ଥରିଗଲା ।

- ହଁ, ହଁ ବିଷ ! ଯେଉଁ ବିଷାକ୍ତ ପାନକଲେ ମନୁଷ୍ୟ ସମସ୍ତ କର୍ମ ଜଞ୍ଜାଳରୁ ମୁକ୍ତି ପାଏ । ତା'ପରେ ଋଣକ୍ୟ ରାଜବୈଦ୍ୟଙ୍କୁ କହିଲେ - ତୁମେ ପ୍ରସ୍ତୁତ ତ ?

ରାଜବୈଦ୍ୟ ଆଉ କୌଣସି ନିର୍ଦ୍ଦୋକୁ ଅପେକ୍ଷା ନ କରି ବିଷ ପାତ୍ରଟି ପାନ କଲେ । ସଙ୍ଗେ ସଙ୍ଗେ ବିଷର ପ୍ରକ୍ରିୟା ଶରୀର ମଧ୍ୟରେ ସୃଷ୍ଟି ହୋଇଗଲା । ସେଇଠି ରାଜବୈଦ୍ୟ ଶେଷ ନିଃଶ୍ୱାସ ତ୍ୟାଗକଲେ ।

ଋଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ଋହିଁ ତାତ୍ସଲ୍ୟ ହସ ହସିଲେ । କହିଲେ ଏ ସଂସାରକୁ ଜୀବ ଆସି ସମସ୍ତ କର୍ମ କରେ । କର୍ମାନୁସାରେ ଫଳ ମଧ ଭୋଗ କରେ । ସେ ସାରା ସଂସାରରେ ଭ୍ରମେ । ତାର କର୍ମ ସରିଗଲେ ସେ ନିନେ ମୁକ୍ତ ହୋଇ ସଂସାର ତ୍ୟାଗ କରେ । ଏଣୁ ହେ ରାଜା, ରାଜବୈଦ୍ୟଙ୍କ ପାଇଁ ଦୁଃଖ ପ୍ରକାଶ କରି କିଛି ଲାଭ ନାହିଁ ।

ରାଜନର୍ତ୍ତକୀ ପୂରବୀର ଦିନଚର୍ଯ୍ୟା ଥିଲା ନିୟମିତ । ସବୁଦିନ ପ୍ରାତଃ କାଳରେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ସଙ୍ଗୀତ ଓ ନୃତ୍ୟ ଅଭ୍ୟାସ କରାଯାଉଥିଲା । ସଙ୍ଗୀତ କକ୍ଷ ଏତେ ସ୍ୱଚ୍ଛ ଓ ଶାନ୍ତ ଥିଲା । ଶ୍ୱାସ ପ୍ରଶ୍ୱାସର ସ୍ୱର ମଧ ବାଦ୍ୟ ଯନ୍ତ୍ରରେ ଭ୍ରମ ସୃଷ୍ଟି କରୁଥିଲା । ସେହି କକ୍ଷରେ ସରସ୍ୱତୀଙ୍କର ଏକ ବିରାଟ ପ୍ରତିମା ସ୍ଥାପନ କରାଯାଇଥିଲା । ଆଉ ନୃତ୍ୟ କକ୍ଷରେ ନଟରାଜ ଶିବଙ୍କ ମୂର୍ତ୍ତି ବିରାଜିତ ଥିଲା ।

ଦିନେ ପୂରବୀ ତାର ପାଳିତ ଜୀବମାନଙ୍କ ସହିତ ବସି ଖେଳୁଥିଲେ । ସେହି ଜୀବମାନେ ପୂରବୀଙ୍କ ସ୍ନେହ ପାଇ ଅତ୍ୟନ୍ତ ପ୍ରଫୁଲ୍ଲିତ ଥିଲେ । ସେହି ଜୀବମାନଙ୍କ ମଧ୍ୟରେ ସବୁଠାରୁ ଗେହ୍ଲା ଥିଲା ଛୋଟ ହରିଣଟିଏ । ଯାହାକୁ ସେ ରାଜା ନାମରେ ଡାକୁଥିଲେ । ଶୁଆ, ଶାରୀ, ହଂସ ଓ କପୋତ ପକ୍ଷୀତ ନିର୍ଭୟରେ ଘରସାରା ବୁଲୁଥିଲେ । ପୂରବୀ ସେହି ପଶୁପକ୍ଷୀ ମାନଙ୍କ ସହିତ ଏପରି କଥା ବର୍ତ୍ତା ହେଉଥିଲେ ସତେ ଯେପରି ଏ ସମସ୍ତେ ପଶୁ ପକ୍ଷୀ ନୁହଁନ୍ତି, ସଚେତନଶୀଳ ମନୁଷ୍ୟ ଆଉ ରାଜନର୍ତ୍ତକୀର ଅତି ଅନ୍ତରଙ୍ଗ ସଚେତନଶୀଳ ମନୁଷ୍ୟ ଆଉ ରାଜ ନର୍ତକୀୟ ଅତି ଅନୁରଙ୍ଗ ପରାମର୍ଶ ଦାତା । ପୂରବୀ ହରିଣ ପିଠିକୁ ଆଉଁସି କହୁଥିଲେ- କ'ଣ ରାଜା, ତୋତେ କ'ଣ କିଛି ଖବର ଜଣାଅଛି ? । ଆଜିକାଲି ଭାରତବର୍ଷର କଣ ସବୁ ଋଲିଛି ? ଏହି ସମୟରେ ସଖୀ ମାଧବୀ କକ୍ଷ ମଧ୍ୟକୁ ପଶି ଆସିଲା ।

ପୂରବୀ ପଋରିଲେ - କଣ ମାଧବୀ ? ଏମିତି ବ୍ୟସ୍ତ ଯେ, ଖବର କ'ଣ ?

-ମହାରାଜ ବିନ୍ଦୁସାର ତୁମ ମହଲରେ ପଦାର୍ପଣ କରିଛନ୍ତି ।

- କଣ ହେଲା ? ମହାରାଜା ପୁଣି ରାଜନର୍ତ୍ତକୀ ମହଲରେ ? ପୂରବୀ ଆଖିରେ ଆଶ୍ଚର୍ଯ୍ୟର ସୀମା ନାହିଁ, ସେ ଯେମିତି ଅନ୍ୟଏକ ସ୍ୱର୍ଗରୁ ତଳକୁ ଖସି ପଡୁଛି । ତାଙ୍କର ଶବ୍ଦରେ ଆଶ୍ଚର୍ଯ୍ୟ ଅପେକ୍ଷା ଅଧିକ ବେଦନାର ପରି ପ୍ରକାଶ ଘଟୁଛି ।

ମାଧବୀ ପୂରବୀର କାନ୍ଧ ହଲାଇ ନେଇ କହିଲା - ଶୀଘ୍ରୟ ଋଲ ପୂରବୀ, ଏବେ ଏତେ ଭବିବାର ସମୟ ନୁହେଁ । ସମ୍ରାଟଙ୍କୁ ସ୍ୱାଗତ କରିବାକୁ ହେବ ।

ପୂରବୀ ମହାରାଜାଙ୍କୁ ସାରଦ ଅଭିବାଦନ କରି କହିଲେ - "ରାଜ ନର୍ତ୍ତକୀ ପୂରବୀ ମହାମହିମ ମଗଧ ନରେଶଙ୍କର ଅଭିନନ୍ଦନ କରୁଛି ।... କିନ୍ତୁ ଏ ସ୍ଥାନ ସମ୍ରାଟଙ୍କ ପାଇଁ ଅନୁକୂଳ ନୁହେଁ । ସମ୍ରାଟ ଋହିଁଥିଲେ ଏ ନର୍ତ୍ତକୀକୁ ରାଜଦରବାରକୁ ଡକାଇ ପାରିଥାନ୍ତେ । ଖବର ପାଇଥିଲେ ମୁଁ ଯଥାଶୀଘ୍ର ଉପସ୍ଥିତ ହୋଇଥାନ୍ତି ।

-- " ମୁଁ ତୁମକୁ ଏକାନ୍ତରେ ସାକ୍ଷାତ କରିବାକୁ ଋହୁଁଛି । ଦରବାର ତ ସାର୍ବଜନୀନ, ଏହା କ'ଣ ତୁମେ ଜାଣନା ନଉକୀ ?

- କଣ କିଛି ବିଶେଷ ପ୍ରୟୋଜନ ଅଛି ମହାରାଜ ? ଆଦେଶ କରନ୍ତୁ, ମୁଁ ମୋର ଜୀବନ ଉତ୍ସର୍ଗ କରି ଦେବା ପାଇଁ ମଧ ପ୍ରସ୍ତୁତ ଅଛି ।

- ମୁଁ ତ ତୁମ ନିକଟରେ ମୋ ଜୀବନର ଦାୟିତ୍ୱ ସଂପୂର୍ଣ୍ଣ ଉତ୍ସର୍ଗ

କରିଦେବା ପାଇଁ ଆସିଛି। ତୁମେ କ'ଣ ମୋ ପାଇଁ ଜୀବନ ଉତ୍ସର୍ଗ କରିବ ? ତୁମେ ତୁମର ନୃତ୍ୟ ଦ୍ୱାରା ଓ ସଙ୍ଗୀତର ହିଲ୍ଲୋଳର ମୋ ହୃଦୟରେ ପ୍ରଣୟର ତୋଫାନ ସୃଷ୍ଟି ଉପସ୍ଥିତ ହେବାକୁ ପଡିଲା। କେବଳ ସାରଥିକୁ ସଙ୍ଗରେ ନେଇ ମୁଁ ଗୋପନରେ ଏଠାକୁ ଆସିଛି। ଅନ୍ୟ କେହି ଜାଣନ୍ତି ନାହିଁ।

ରାଜନର୍ତ୍ତକୀ ପୂରବୀ ଚିନ୍ତିତା, ସତେ ଯେମିତି ତାଙ୍କ ପାଦତଳର ମାଟି କ୍ରମେ କ୍ରମେ ଖସି ଯାଉଛି। ରାଜାଜ୍ଞା ଉଲଙ୍ଘନ କଲେ ଦୋଷ, ଆଉ ପାଳନ କଲେ ଅନର୍ଥ... ତେବେ କରାଯିବ କ'ଣ ?

ମହାରାଜ ନିଶାସକ୍ତ ଥିଲେ। ହିତାହିତ ଜ୍ଞାନ ମଧ୍ୟ ସେ ହରାଇ ବସିଥିଲେ। ତାଙ୍କର ଆଖି ଲାଲ ଅଙ୍ଗାର ଭଳି ଚମକୁ ଥିଲା। ମୁଣ୍ଡରୁ ମୁକୁଟ ଉତ୍ତାରି ସେ ତଳେ ଥୋଇ ଦେଲେ। ବହୁ ମୂଲ୍ୟବାନ ମୁକୁଟ ପ୍ରତି ତାଙ୍କର ଟିକିଏ ହେଲେ ସତେ ଯେମିତି ମୋହ ନାହିଁ ସେ ଏବେ କାମ ବାସନାରେ ଉତ୍ତେଜିତ। ବାସନା ନଈର ଜଳ ଧାରାରେ ଆକଣ୍ଠ ବୁଡି ଯାଇଛନ୍ତି। କ୍ଷଣକ ପାଇଁ ଚିନ୍ତାକଲେ ରାଜନର୍ତ୍ତକୀ। ତା' ପରେ ବାଣଇରେ ସଂଯମତା ବିଧାନ। ସ୍ୱାମୀମାନଙ୍କୁ କିଛି ଦିନ ପାଇଁ ପ୍ରଣୟରୁ ସେ ନିବୃତ୍ତ ବିଧାନ। ସେ ଦିନଗୁଡିକରେ ସେ ସଂପୂର୍ଣ୍ଣ ଅଯୋଗ୍ୟା। ମୋର ସେହି ଅବସ୍ଥା। ମୁଁ ଅସୁସ୍ଥ।

- ମୁଁ ମଧ୍ୟ ତ ଅସୁସ୍ଥ। ମଖମଲୀ ଶଯ୍ୟା ମୋତେ କଣ୍ଟକଶଯ୍ୟା ଭଳି ମନେ ହୁଏ। ମୁଲାୟମ ତକିଆ ପଥର ଖଣ୍ଡ ପରି ମନେ ହୁଏ। ପୂରବୀ ତୁମ ବିନା ମୋତେ ଅଙ୍ଗୁର ମଧ୍ୟ ପିତା ଲାଗେ। ଏବେ ପ୍ରକୃତି କଥା ଛାଡି ମୋ ପାଖକୁ ଆସ...।

କିନ୍ତୁ..।

- " ତୁମେ ମଧ୍ୟ ସାମ୍ରାଜ୍ୟର ସମ୍ପତ୍ତି। ଏଣୁ ତୁମ ଉପରେ ମୋର ପୁରାପୁରି ଅଧିକାର ଅଛି। ମୁଁ କେବଳ ମୋର ଅଧିକାର ମାଗୁଛି ପୂରବୀ।" ମହାରାଜଙ୍କ ସ୍ୱରରେ ସଂଯମତା ନଥିଲେ। ସେ ଅସଲଗ୍ନ ପ୍ରସଙ୍ଗ ହୀନ କଥାବାର୍ତ୍ତା କରୁଥିଲେ।

ପୂରବୀ ମୁକୁଟ ଉଠାଇ ଆଖିରେ ଲଗାଇଲେ। ତା'ପରେ ସସମ୍ମାନେ ତାହାକୁ ମହାରାଜାଙ୍କ ମୁଣ୍ଡରେ ନେଇ ଭୂଷିତ କରିଦେଲେ। କହିଲେ - ଠିକ୍ ଅଛି, ମହାରାଜ !କ୍ଷମା କରନ୍ତୁ। ମୁଁ ଆଉ ତିନି ଦିନ ପରେ ଶୁଦ୍ଧ ସ୍ନାନ କରିବି। ତା'ପରେ ଆପଣ ମୋ ପୁରରେ ଉପସ୍ଥିତ ହେବେ। ମୁଁ ସେତେବେଳେ ସ୍ୱୟଂ ନିଜକୁ ଆପଣଙ୍କ ଚରଣ ତଳେ ସମର୍ପଣ କରିଦେବି। ଏହା ମୋର ସତ୍ୟ। ତିଳେମାତ୍ର କପଟତା ନାହିଁ।

ବହୁ କଷ୍ଟରେ ସେଦିନ ରାଜନର୍ତ୍ତକୀ ପୂରବୀ ଭବନରୁ ଫେରିଥିଲେ। ପୂରବୀ ରାଜାଙ୍କର ଅଥୟ ପଦଚାଳନାକୁ ଲକ୍ଷ୍ୟ କରି ସାଥିରେ ଆସିଲେ। ହାତଧରି ରଥଉପରେ ବସାଇ ଦେଲେ। ସାରଥିକୁ ପାଖକୁ ଡାକି କହିଲେ- ଭାଇ ! ସମ୍ରାଟ ଅସୁସ୍ଥ। ଅତି ଯତ୍ନର ସହିତ ରାଜଭବନକୁ ନେଇଯାଅ। ହଁ ଧ୍ୟାନ ରଖିବ ଏକଥା ଯେମିତି କେହି ନ ଜାଣନ୍ତି। ଏହା ଅତି ଗୋପନୀୟ। ନହେଲେ ସବୁ ବିଭ୍ରାଟ ସୃଷ୍ଟି ହୋଇଯିବ।

ସେ ଦିନ ତ ରଥ ଫେରିଗଲା। ହେଲେ ରାଜନର୍ତ୍ତକୀ ପୂରବୀଙ୍କର ଆଖିରେ ନିଦ ନାହିଁ। ମନର ସମସ୍ତ ଶାନ୍ତି ସତେ ଯେମିତି କିଏ ଚୋରାଇ ନେଲା। ସେ ଉଦ୍‌ବିଗ୍ନ ହୋଇ ଉଠିଲେ। ବିନା ଅଙ୍ଗରକ୍ଷୀରେ ନିଜକୁ ସୁରକ୍ଷା ପ୍ରତି ଦୃଷ୍ଟି ନଦେଇ ଜଣେ ଛାର ନର୍ତ୍ତକଇ ଚରଣରେ ମୁକୁଟକୁ ରଖିବା ପାଇଁ ସମ୍ରାଟ ଭବନରୁ ବାହାରି ପାରିଲେ। କି ପ୍ରକାର ଅସମ୍ଭବ କଥା ? ଆଉ ଲଜ୍ଜାଜନକ ମଧ୍ୟ। ଯଦି ଶତ୍ରୁ କାନରେ ଏକଥା ପଡ଼େ ତେବେ ସାରା ଭାରତବର୍ଷର ପ୍ରତିଷ୍ଠାରେ କିପରି କାଳିମା ନ ଲାଗିବ ? ଭାରତର ସମ୍ରାଟ ଜଣେ ସାଧାରଣ ନର୍ତ୍ତକୀର ମହଲରେ ? ଏହି ଅନ୍ତହୀନ ଅଧଃପତନକୁ କିଏ ରକ୍ଷା କରିବ ?

ପୂରବୀ ଦିନରାତି ରାଷ୍ଟ୍ରର ଭବିଷ୍ୟତ ନେଇ ଚିନ୍ତିତା। ଏ ମଧ୍ୟରେ ତିନି ଦିନ ବ୍ୟତୀତ ହୋଇ ଯାଇଛି।

ତୃତୀୟ ଦିନର ରାତ୍ରୀ। ନିୟମିତ ରୂପେ ସମସ୍ତ ଗୃହକର୍ମ ସମାପନ ହୋଇଯାଇଛି। ପୂରବୀ ନିଦ୍ରିତ ପାଳିତ ପଶୁପକ୍ଷଙ୍କୁ ଉଠାଇ ସ୍ନେହ କଲେ। ନିଜକୁ ଉତ୍ତମ ରୂପେ ଶୃଙ୍ଗାର କରାଇଲେ। ତା'ପରେ ଏକାନ୍ତରେ ବସି କିଛି ଲେଖି ବସିଲେ।

ମାଧବୀ ପଚାରିଲେ - "କ'ଣ ପାଟଳିପୁତ୍ରକୁ ପ୍ରେମପତ୍ର ଲେଖା ଯାଉଛି ନା କ'ଣ ? ମହାରାଜ ତ ଆସିଯିବେ, ଆସୁ ଆସୁ ପ୍ରେମପତ୍ର ଦେଇଦେବି ନା କ'ଣ ?

"... ଆରେ ପାଗଳି ? ସେ ତ ନିଶାଗ୍ରସ୍ତ ହୋଇ ମୋ ଭବନକୁ ଚାଲି ଆସିଥିଲେ। ନ ହେଲେ ସମ୍ରାଟ ପୁଣି ମୋ ମହଲରେ ... ? ....ପୂରବୀ ଈଷତ ହସି କହିଲେ।

- ନ ଆସିଲେ ତ ଭଲ କଥା। ଯଦି ବାଟହୁଡ଼ି ପୁଣି ଥରେ ଚାଲି ଆସନ୍ତି ?

- ଯଦି ଆସି ଯାଆନ୍ତି ମୁଁ ତ ଅଦୃଶ୍ୟ ହୋଇଯିବି। ତୋ ସାଥୀରେ ସାକ୍ଷାତ ହେବ କି ନାହିଁ ସନ୍ଦେହ। ତାଙ୍କ ସହିତ ତ ସାକ୍ଷାତ ହେବ ନାହିଁ। ଆଉ ଏ ପତ୍ର... । ସେ ନ ଆସିଲେ ଏ ପତ୍ର ନଟରାଜଙ୍କ ଚରଣରେ ସମର୍ପଣ କରିଦେବୁ।

- କିମିତି ପାଗଳିଭଳି କଥାବାର୍ତ୍ତା କରୁଛୁ। ମୋ ଅନୁପସ୍ଥିତରେ କିଏ ତୋତେ ଭାଙ୍ଗ ପିଆଇ ଦେଇଛି ନା କ'ଣ ?

- ନା ମାଧବୀ, ନିଜ ନର୍ତ୍ତକୀ ମହଲରେ ସମ୍ରାଟଙ୍କ ପାଦ ପଡିବାରୁ ଏହି ମହଲ ମଧ୍ୟ ମାତାଲ ହୋଇ ଉଠୁଛି।

** ** ***

ରାତ୍ରିର ପ୍ରଥମ ପ୍ରହର। ରଥ ଆସି ରାଜନର୍ତ୍ତକୀଙ୍କ ଦ୍ୱାର ନିକଟରେ ଅଟକି ଗଲା। ସମ୍ରାଟ ମାତାଲ ଭଳି ମନେ ହେଉଥିଲେ। ତାଙ୍କର ପାଦ ଇତଃସ୍ତତ ପଡୁଥାଏ। ଭାରିପାଦ ପକାଇ ସେ ଭବନ ଭିତରକୁ ପ୍ରବେଶ କରିଗଲେ।

ମାଧବୀ ଥରେ ପୂରବୀକୁ କହିଲା, ଏବେ ସମ୍ଭାଳେ। ଆସିଗଲେ ମହାରାଜ ବିନ୍ଦୁସାର। ଯାଅ ସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଯାଅ। ବଧାଇ ସଖୀ.... ବଧାଇ। ଏ ତୋର ଜୀବନର ପ୍ରଥମ ଅନୁଭୂତି ହେବ। ଏ ମୁହୂର୍ତ୍ତକୁ ଯେମିତି ଅବହେଳା ନକରୁ।

-ପରେ ମୋତେ ଗଳାରେ ଲଗାଇ ବଧାଇ ଦେବୁ। ଏବେ ଯା ମହାରାଜଙ୍କୁ ମଦିରା ପାନ କରା। କିଛି ସମୟ ପରେ ମହାରାଜଙ୍କୁ ଏହି କକ୍ଷର ଏହି ପଲଙ୍କ ଉପରକୁ ନେଇ ଆସିବୁ। ସେ ପର୍ଯ୍ୟନ୍ତ ମୁଁ ମୋର ଅନ୍ତିମ ଶୃଙ୍ଗାର କରୁଛି।

-କିନ୍ତୁ ମହାରାଜଙ୍କ ପକ୍ଷେ କ୍ଷଣେ ମାତ୍ର ପ୍ରତୀକ୍ଷା ଅସମ୍ଭବ ଥିଲା। ସେ ମାଧବୀର କୌଣସି ଆତିଥ୍ୟ ଓ ଶିଷ୍ଟାଚାରକୁ ଅପେକ୍ଷା ନ କରି କହିଲେ -ସଖୀ ମାଧବୀ, ମୋତେ ପୂରବୀଙ୍କ କକ୍ଷକୁ ନେଇଚାଲ। ଆଉ ପ୍ରତୀକ୍ଷା କରିବା ମୋ ପକ୍ଷେ ସମ୍ଭବ ନୁହେଁ।

ରାଜନର୍ତ୍ତକୀଙ୍କର ଶୟନ କକ୍ଷ। ଅପୂର୍ବ ସାଜସଜ୍ଜାରେ ସୁସଜ୍ଜିତ। ଧୂପଦାନୀରୁ ମୃଦୁ ସୁବାସିତ ଧୂପ କକ୍ଷକୁ ବା ସମୟ କରି ଦେଇଛି। ହସ୍ତିଦନ୍ତରେ ନିର୍ମିତ ପଲଙ୍କରେ ବହୁମୂଲ୍ୟ ତୂଳିତଳ୍ପ ପୂରବୀ ଅପୂର୍ବ ସାଜ ଶୃଙ୍ଗାରରେ ଶୋଇ ରହିଛନ୍ତି। ତାଙ୍କର ଅପୂର୍ବ ରୂପ ରାଶି ରତ୍ନ ପ୍ରଦୀପର ଆଲୋକରେ ପ୍ରତିବିମ୍ବିତ ହୋଇ ଅପୂର୍ବ ଶୋଭା ଧାରଣ କରିଛି। ମନେ ହେଉଛି ହଜାରେ ଚନ୍ଦ୍ର ଏକତ୍ର ହୋଇ ଗୋଟିଏ ପୂରବୀ ସୃଷ୍ଟି ହୋଇଛି।

ମହାରାଜା ଆସ୍ତେ ଆସ୍ତେ ପଲଙ୍କ ନିକଟକୁ ଚାଲି ଆସିବା ପୂରବୀର ହାତକୁ ଧରି କହିଲେ -ପ୍ରିୟେ, ଉଠିକରି ବସ। ଦେଖ, ମୁଁ ତୁମ ପାଇଁ କ'ଣ ଉପହାର ଆଣିଛି।

ମାତ୍ର ଏକ କ'ଣ ? ପୂରବୀ ତନୁରେ ଶିଥିଳତା କାହିଁକି ? ସେ ଅନୁଭବ କଲେ, ଏତ ପୃଥିବୀ ନୁହେଁ, ପୂରବୀର ଶବ। ହାତରେ ଗୋଟିଏ ପତ୍ର ଥିଲା। ସେ ପତ୍ରକୁ ପ୍ରଦୀପ ନିକଟକୁ ଆଣି ପଢ଼ିଲେ। ଲେଖାଥିଲା -

"ସମ୍ରାଟ ! ଆପଣ ଏବେ ପ୍ରୌଢ଼, ସାହସୀ ମଧ୍ୟ। ପ୍ରିୟବାଦିତା ସଙ୍ଗେ ସଙ୍ଗେ ପ୍ରଗଳଭ। ଆପଣ ମହାନ୍ ମୌର୍ଯ୍ୟ ବଂଶର ଉତ୍ତରାଧିକାରୀ। ବହୁ ଆଶା ଆଉ ଆକାଙ୍‌କ୍ଷା ସହିତ ଆପଣଙ୍କର ରାଜ୍ୟାଭିଷେକ କରାଯାଇଥିଲା। ସାମ୍ରାଜ୍ୟ ଆପଣଙ୍କ ଠାରୁ ବହୁତ କିଛି ଆଶାକରେ। କିନ୍ତୁ ଦୁଃଖର କଥା, ଆପଣ ଆପଣଙ୍କ ଶକ୍ତି ତଥା ବାହୁକୁ ଶତ୍ରୁ ଦମନରେ ବ୍ୟୟ ନ କରି ବା ପାଶରେ 'ରତି'କୁ ଧରିବାକୁ ପ୍ରୟାସୀ। ଶତ୍ରୁ ରକ୍ତ ପିଇବା ପରି ଆପଣ ମିଶର, ସିରିଆ ଓ ଗ୍ରୀକ୍‌ରୁ ମଦ୍ୟ ମଗାଇ ପାନ କରୁଛନ୍ତି।

ଉତ୍ତରରେ ଆପଣ ସଫେଇ ଦେଇ ପାରନ୍ତି - ଏତ ରାଜ ପୁରୁଷର ଶୋଭା। ଏ ଉତ୍ତର କିନ୍ତୁ ଆପଣଙ୍କୁ ରକ୍ଷା କରିପାରିବ ନାହିଁ। ଯେତେବେଳେ ରାଜ୍ୟରେ ବିଦ୍ରୋହ ହେବ, ସୀମା ଶତ୍ରୁ ମାନଙ୍କର ରଣ ହୁଙ୍କାର ଶୁଣାଯିବ, ସେତେବେଳେ ଆପଣ ତନ୍ଦ୍ରା ଭାଙ୍ଗିଯିବ। ମାତ୍ର ଏସବୁ ଅଶୋଭନୀୟ। ମୋ ପରେ ଅସହ୍ୟ। ମୁଁ ପ୍ରଥମେ ଦେଶଭକ୍ତ, ଏ ମାଟିର କନ୍ୟା। ତା'ପରେ ଅନ୍ୟର ଆମୋଦ ଦାୟିନୀ ହୋଇପାରେ।

ମୁଁ ବିଷପାନ କରି ଦେଶପାଇଁ ପ୍ରାଣବଳି ଦେଉଛି, ଯେଉଁ ପ୍ରାଣହାନୀ ଆପଣଙ୍କ ପାଇଁ ଏକ ଚେତାବନୀ ହେଉ। ମୁଁ ଆପଣଙ୍କ ନିକଟରେ ଶେଷ ଭିକ୍ଷା ମାଗୁଛି- ମଗଧ ସାମ୍ରାଜ୍ୟ, ଏହାର ଜନତା, ସମ୍ପୂର୍ଣ୍ଣ ଭାରତବର୍ଷ ଆପଣଙ୍କ ଆଡକୁ ଦେଖୁଅଛି। ଏହି ଦେଶକୁ ଶାନ୍ତି ଦିଅନ୍ତୁ, ସୁବ୍ୟବସ୍ଥା ଦିଅନ୍ତୁ। ସୁଶାସନ ଦିଅନ୍ତୁ, ଆଉ ମଧ୍ୟ ଆତ୍ମବିଶ୍ୱାସ ପ୍ରଦାନ କରନ୍ତୁ ମହାରାଜ।

ଦେଶ ପ୍ରଣୟ ଲୀଳା ନୁହେଁ। ବଳିଦାନ ଚାହୁଁଛି। ମୁଁ ମୋର ଯୌବନକୁ, ମୋର ଏ ରୂପକୁ, ମୋ ପ୍ରାଣକୁ ବଳିଦାନ ଦେଉଅଛି, ଏହି ବଳିଦାନ ବ୍ୟର୍ଥ ନହେଉ। ଆଉ ମଧ୍ୟ ଏକ ଅନୁରୋଧ- "ମୋ ରଙ୍ଗଭବନ ପରିବର୍ତ୍ତେ ଆଉ କୌଣସି ରଙ୍ଗଭବନରେ ଯେପରି ଆପଣଙ୍କ ପାଦ ପୁନଃ ନପଡୁ। ଏହା ହିଁ ହେବ ମୋ ପାଇଁ ଆପଣଙ୍କର ଶ୍ରଦ୍ଧାଞ୍ଜଳି...।"

ରାଜାଙ୍କର ନିଶା ଛାଡିଯାଇଥିଲା। ଏବେ ସେ ସଚେତ ହୋଇ ଉଠିଲେ। ସେ କେବଳ ଅନୁଚ୍ଚସ୍ୱରରେ କହି ଉଠୁଥିଲେ - 'ତାହା ହିଁ ହେବ ପୂରବୀ, ତୁମପରି କନ୍ୟାରତ୍ନ ପାଇ ଏ ମାଟି ଧନ୍ୟ। ଏ ଦେଶ ଏ ସଂସ୍କୃତିର ପତନ କଦାପି ହେବ ନାହିଁ।

*ଆଲୋକ ନଗର, ନିଆଳୀ, ଜି-କଟକ, ପିନ୍-୭୫୪୦୦୪*
*ଦୂରଭାଷ: ୯୯୩୭୮୪୦୩୮୭, ୬୩୭୦୧୨୪୮୨୩*



# ଅନ୍ତିମ ବ୍ୟାଧି

**ଡାକ୍ତର ଶ୍ରୀପ୍ରସାଦ ମହାନ୍ତି**

ଅନ୍ତିମ ବ୍ୟାଧି ବିଷୟରେ ଭାବୁଥିଲା ଓ ଚିନ୍ତାରେ ପଡ଼ିଯାଇଥିଲା ଆଲୋକ।

ଅନେକ ଲୋକ ଜୀବନ ହାରିବାବେଳକୁ ଛୋଟ ଛୋଟ ରୋଗରେ ପଡ଼ନ୍ତି। ସେଇଟା କିନ୍ତୁ ଅନ୍ତିମବ୍ୟାଧି ନୁହେଁ। ସେଠି ମୂଳକଥା ହେଉଛି ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟାବସ୍ଥା। ଏମିତି ଦୁର୍ବଳ ଅବସ୍ଥା ହେତୁ ଛୋଟମୋଟ ରୋଗ ବି ଘାତକ ସାଜନ୍ତି। ତେବେ କେତେକ ରୋଗ ଅଛି, ଯାହା ଯେଉଁ ବୟସରେ ବି ହୋଇପାରେ, ଯାହାର ଭଲ ହେବା ଭଳି ଚିକିତ୍ସା ନାହିଁ ଏବଂ ମୃତ୍ୟୁକୁ ଆଖି ଆଗରେ ଦେଖି ହେଉଥିବ। ଅନେକଙ୍କ ମତରେ ଯେଉଁଠି ଦୁଇବର୍ଷ ଭିତରେ ମୃତ୍ୟୁ ଅବଶ୍ୟମ୍ଭାବୀ ତାହା ହିଁ ଅନ୍ତିମ ବ୍ୟାଧି।

ଆଲୋକ ଅନ୍ତିମ ବ୍ୟାଧି ବିଷୟରେ ତଥ୍ୟ ଖୋଜି ଚାଲିଥିଲା, ଭାବି ଚାଲିଥିଲା ଓ ଅଧିକରୁ ଅଧିକ ଚିନ୍ତାରେ ପଡ଼ିଯାଉଥିଲା। କାରଣ ଡାକ୍ତରୀ ଚିକିତ୍ସାରେ କୌଣସି ଗାଣିତିକ ସୂତ୍ର କିମ୍ବା ଜ୍ୟୋତିଷ ତଥ୍ୟ ନାହିଁ ଯେ ଏମିତି କଳନା କରି କହି ହେବ, କିଏ ଦୁଇ ବର୍ଷ ଅବଧିର ଆୟୁଷ ଟପିବ କି ନାହିଁ। ହୃଦ୍‌ରୋଗ ଭୋଗୁଥିବା ଲୋକଟିଏ ହୁଏତ ବର୍ଷ ବର୍ଷ ବଞ୍ଚିପାରେ କିମ୍ବା ସହସା ମରିଯାଇପାରେ। ଏତେ ବେଶୀ ନାଟକୀୟ ଯବନିକା ନଥିଲେ ବି ବୃକ୍କ ରୋଗ, ଯକୃତ ରୋଗ, ଫୁସ୍‌ଫୁସ୍ ରୋଗ କି କର୍କଟ ଆଦିରେ ବି ଆୟୁକାଳ କଳିବା ଏତେ ସହଜ ନୁହେଁ।

ଅନ୍ତିମ ବ୍ୟାଧି ବିଷୟରେ ମତଦେବା ପାଇଁ ଗୋଟିଏ ଚିକିତ୍ସକ ଦଳ ଗଠନ କରାଯାଇଥିଲା ଓ ଆଲୋକ ସେଥିର ଜଣେ ସଦସ୍ୟ ଥିଲା। ଯଦି ନିଜର, ସ୍ୱାମୀ କି ସ୍ତ୍ରୀର ଅଥବା ସନ୍ତାନ କାହାରି ଅନ୍ତିମ ବ୍ୟାଧି ଥାଏ। ତା'ହେଲେ ଜଣେ ନିଜର ସୁବିଧାଜନକ ସ୍ଥାନକୁ ବଦଳି ହୋଇପାରିବ। ଶହ ଶହ ଆଶାୟୀ ପ୍ରାର୍ଥୀ। ସମସ୍ତଙ୍କ ହାତରେ କିଛି କିଛି ଡାକ୍ତରୀ ଚିଠା। ସମସ୍ତଙ୍କ ଆଖିରେ ଆଶା। ନିଜ ନିଜର ଡାକ୍ତରୀ ଚିଠାକୁ ଧରି ଅଧିକାଂଶ ନିଜକୁ ହକ୍‌ଦାର୍ ମଣୁଥିଲେ। କେହି କେହି ମନେକରୁଥିଲେ, ଆବଶ୍ୟକୀୟ ତଥ୍ୟ ସେମାନେ ଦାଖଲ କରିସାରିଛନ୍ତି ଓ ଡାକ୍ତରୀ ବୋର୍ଡ଼ର ଅନୁମୋଦନ ଖାଲି ଏକ ଔପଚାରିକତା। ଆଉ କେହି କେହି ଏତେ ନିଶ୍ଚିତ ନ ଥିଲେ, ଅଥଚ ଭାବୁଥିଲେ ଯେ ଡାକ୍ତରଙ୍କର ସାମାନ୍ୟ ସହୃଦୟତା ତାଙ୍କ କାମକୁ ସୁଗମ କରିଦେବ। ଏଇଠୁ ସକାରାତ୍ମକ ସୁପାରିଶ ପାଇଲେ ତାଙ୍କର ବଦଳି ହୋଇଯିବ। ସେମାନଙ୍କର ଆଖିରୁ, ଓଠରେ ଓ ଶବ୍ଦ ସବୁରେ ଅନୁନୟ ଓ ଅନୁରୋଧ ଝରିପଡୁଥିଲେ।

ଆଲୋକ ଜାଣିଥିଲା, ତା'ର କ୍ଷମତା ସୀମିତ। ହେଲେ ସମସ୍ତେ ନିଜ ନିଜ ପାଇଁ ଛୋଟ "ହଁ ଟି ଆଶା କରୁଥିଲେ। ବହୁଦୂରରୁ ଆସିଥିବା କ୍ଳାନ୍ତ ମୁହଁ, ଆଶା ଭରା ମୁହଁ କିମ୍ବା ଅନୁନୟ ବୋଳା ମୁହଁ ଯେତେ ଦେଖୁ ଦେଖୁ ଆଲୋକ ଆବେଗ ପ୍ରବଣ ହୋଇଯାଉଥିଲା। ସିଏ ଜାଣୁଥିଲା, ଏଇ ପ୍ରତ୍ୟେକ ମୁହଁ ପଛରେ ଗୋଟେ ଗୋଟେ କାହାଣୀ ଅଛି – ହୁଏତ ଯନ୍ତ୍ରଣା କ୍ଳିଷ୍ଟ କାହାଣୀ କିମ୍ବା ବାଧ୍ୟବାଧକତାର କାହାଣୀ। ତାର ସାଧ୍ୟ ଥିଲେ ସିଏ ସମସ୍ତଙ୍କ ପାଇଁ ସୁପାରିଶ କରିଦିଅନ୍ତା! ମାତ୍ର ତାହା ସମ୍ଭବ ନଥିଲା। ସିଏ ଜାଣିଥିଲା, ଗତଥର ଏଠାରୁ ସୁପାରିଶ କରାଯାଇଥିବା ପଚାଶରୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଖାଲି ପାଞ୍ଚ ଦଶ ଲକ୍ଷ୍ୟ ହାସଲ କରିଥିଲେ। ସେମାନଙ୍କୁ ବାଛିବା ପାଇଁ ଆଉ ଏକ ଉଚ୍ଚତର କମିଟି ଗଠନ କରାଯାଇଥିଲା। ଏଥରକ ତାଗିଦ୍ କରାଯାଇଥିଲା, ଗତଥର ଭଳି ଅଯଥା ସୁପାରିଶ ନ କରିବା ପାଇଁ।

ନିଜର କାଗଜପତ୍ର ଯାଞ୍ଚ୍ କରାଇବା ପରେ ପ୍ରାର୍ଥୀ କେବେକେବେ ପଚାରୁଥିଲେ, "ମୋର ହୋଇଯିବ ତ"? ସେତେବେଳେ ଆଲୋକ ତାଙ୍କ ମୁହଁକୁ ଅନାଇବାକୁ ଭୟ କରୁଥିଲା। ଚୌକିଛାଡ଼ି କୁଆଡ଼େ ନାଇଁ କୁଆଡ଼େ ପଳାଇବାକୁ ଇଚ୍ଛା କରୁଥିଲା, ଯେଉଁଟାକି ଆଦୌ ସମ୍ଭବ ନଥିଲା। ନିଜକୁ ପୁଣି ସମ୍ଭାଳୁଥିଲା। ଆବେଗକୁ ନିୟନ୍ତ୍ରଣ କରୁଥିଲା। ଯାନ୍ତ୍ରିକ ଭାବେ କାମ କରିଯିବାର ଚେଷ୍ଟା କରୁଥିଲା। ତେବେ ଯେତେ ବେଶୀ ଯାନ୍ତ୍ରିକ ହେବାର ଚେଷ୍ଟା କଲେ ବି କେତୋଟି ଚରିତ୍ର ତାକୁ ବିବ୍ରତ କରୁଥିଲେ। ତା'ର ମନକୁ ଆବୋରି ବସିଥିଲେ ଓ ନିଛାଟିଆ ସମୟରେ ଆଲୋକଙ୍କୁ ଅକ୍ତାମାକ୍ତା କରିଦେଉଥିଲେ।

## (ପ୍ରଥମ ଚରିତ୍ର)

ଆଲୋକର ସହପାଠୀ ଓ ସହକର୍ମୀ ଜଣେ ସକାଳୁ ସକାଳୁ ଫୋନ୍ କରି ତାକୁ ଭେଟିବାକୁ ଚାହିଲେ। ସେ ଅସମ୍ମତ ହେବାର କାରଣ ନଥିଲା। ତେବେ

ଯେହେତୁ ସିଏ ଫୋନ୍‌ରେ ନ କହି ଘରକୁ ଆସି ଆଲୋକକୁ କହିବାକୁ ଚାହିଁଲେ, ଭାବିବାକୁ ପଡ଼ିଲା କଥାଟି ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି।

ତାଙ୍କ ଘର ପାଖର ଲୋକଟିଏ। ସବୁବେଳେ ଛୋଟ ମୋଟ କାମରେ ସାହାଯ୍ୟ କରେ। ଛୋଟ ଅସ୍ଥାୟୀ ଚାକିରୀଟିଏ କରିଛି। ତା'ର ସ୍ତ୍ରୀ ଶିକ୍ଷୟିତ୍ରୀ। ବେଶ ଦୂରରେ ତାଙ୍କର ସ୍କୁଲ। ରାତି ତିନିଟାରୁ ଉଠି ନିଜ କାମ ଓ ରୋଷେଇ ସାରିବାକୁ ହୁଏ। ତା'ପରେ ଟ୍ରେନ୍ ଧରିବାକୁ ପଡ଼ିବ। ସାତ କିଲୋମିଟର ଦୂରରେ ଷ୍ଟେସନ୍। ସ୍ୱାମୀ ଛାଡ଼ିଦିଅନ୍ତି। ସେଇଠୁ ଅଢ଼େଇ ଘଣ୍ଟାର ଟ୍ରେନ୍ ଯାତ୍ରା। ସେଇଠୁ ପୁଣି ବେଶ୍ କିଛି ବାଟ ଚାଲିବା ପରେ ସ୍କୁଲ୍ ପଡ଼େ। ସ୍କୁଲ୍‌ରେ ପାଠ ପଢ଼ାଇବାକୁ ହେବ। ପାଞ୍ଚଟା ପରେ ପୁଣି ଓଲଟା କ୍ରମରେ ଯାତ୍ରା ଜଞ୍ଜାଳ।

ସ୍ୱାମୀ ସବୁକାମରେ ସହଯୋଗ କରୁଥିଲେ। ହେଲେ, ସମସ୍ୟା ତୁଟୁ ନ ଥିଲା। ନିଜର ଛୋଟ ଛୋଟ ପିଲା ଦୁହିଁଙ୍କୁ ଛାଡ଼ି ଏମିତି ଚାଲିଯିବାକୁ ପଡୁଥିବାରୁ ମା' ମନ ଛଟପଟ ହେଉଥିଲା। ପୁଣି ସ୍କୁଲ୍‌ରେ ପାଠ ପଢ଼ାଇବାଟା ଏକ ପ୍ରକାରର ବାଧବାଧକତା ପାଲଟି ଯାଉଥିଲା। କାହାର ପରାମର୍ଶରେ ଶିକ୍ଷୟିତ୍ରୀ ଜଣକ ଗୋଟେ ଡାକ୍ତରୀ ପ୍ରମାଣ ପତ୍ର ଯୋଗାଡ଼ କରିଥିଲେ ଓ ବଦଳି ପାଇଁ ଆବେଦନ କରିଥିଲେ। ଆଲୋକ ଡାକ୍ତରୀବୋର୍ଡ଼ରେ ଅଛି ବୋଲି ଜାଣିବା ପରେ ତା'ର ବନ୍ଧୁ ଜଣଙ୍କର ଆଶା ବଢ଼ି ଯାଇଥିଲା। ଆଲୋକ ବିଚାରୀ ଶିକ୍ଷୟିତ୍ରୀଙ୍କର କଷ୍ଟକର ଜୀବନଶୈଳୀ ଅନୁମାନ କରିପାରୁଥିଲା। ହେଲେ ତା'ର କ୍ଷମତା ଥିଲା ସୀମିତ। ସେଇ ମର୍ମରେ ତା'ର ବନ୍ଧୁଙ୍କୁ ବୁଝାଇବାକୁ ଚେଷ୍ଟା କଲା।

ବନ୍ଧୁଜଣକ କହିଲେ, "ଏଥିପାଇଁ ଯାହା ଖର୍ଚ୍ଚ ହେଲେ ବି ସିଏ ଦେବ। ମୁଁ ବନ୍ଧା ରହିଲି। ନ ହେଲେ, ମୁଁ ନିଜେ ଦେବି।"

ଆଲୋକ ଆଉଥରେ ବୁଝାଇବାର ଚେଷ୍ଟା କଲା। ହେଲେ, ବନ୍ଧୁ ତାକୁ ବିଶ୍ୱାସ ତାକୁ କରୁନଥିଲେ।

## (ଦ୍ୱିତୀୟ ଚରିତ୍ର)

ଆଲୋକ ତାଙ୍କ ସଂଘର ଅତିଥି ଭବନରେ ରହୁଥିଲା। ତିତ୍ତ୍ୱାବଧାରକ ଆସି କହିଲେ, "କେହି ଜଣେ ମହିଳା ଦେଖା କରିବାକୁ ଆସିଛନ୍ତି।"

ଆଲୋକ ସଙ୍ଗେ ସଙ୍ଗେ ଡାକ୍ତରୀ ବୈଠକରୁ ଫେରିଥିଲା। ଭଦ୍ରମହିଳାଙ୍କୁ ସେଠି ଦେଖିଥିଲା। ଦେଖୁ ଦେଖୁ ଜାଣିପାରିଲା।

ଜଣେ ଡାକ୍ତରଙ୍କର ଭଉଣୀ ଥିଲେ ସିଏ। ସ୍ୱାମୀଙ୍କୁ ଚାରି ବର୍ଷ ତଳେ କୋଭିଡ୍ ହୋଇଥିଲା। ସେତିକିବେଳେ ତାଙ୍କର ବେସରକାରୀ ଚାକିରୀଟି ଚାଲିଗଲା। ଭଦ୍ରମହିଳାଙ୍କର ଚାକିରୀ ତିନି ଶହ କିଲୋମିଟର ଦୂରରେ। ଘରେ ଶଯ୍ୟାଶାୟୀ ଶାଶୂ-ଶ୍ୱଶୁର। ସ୍ୱାମୀ ସେ ଦୁହିଁଙ୍କ କଥା ବୁଝନ୍ତି। ପୁଅ-ଝିଅ ଦୁହେଁ ବି ତାଙ୍କ ପାଖରେ ରୁହନ୍ତି। ଭଦ୍ରମହିଳାଙ୍କର ଅଣ୍ଟା ବଥା। ସବୁବେଳେ ଯିବା ଆସିବା କରିପାରିନ୍ତିନି। ସ୍ୱାମୀ ବି ତାଙ୍କ ପାଖକୁ ଆସିବା ଅବସ୍ଥାରେ ନ ଥା'ନ୍ତି। ଗାଁ ଘର ଓ ତାଙ୍କର ଅଳ୍ପ କିଛି ଜମିବାଡ଼ିକୁ ଆଡ଼େଇବାକୁ ହେଉଥାଏ।

ଭଦ୍ର ମହିଳାଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲା। ଘରର ଚିନ୍ତା ମାଡ଼ି ପଡୁଥାଏ। ରୋଗ ବଢ଼ାଉଥାଏ। ଏଣେ ଅଣ୍ଟାବଥା ହେତୁ ଘରକାମ ତୁଲାଇବାରେ ବାଧା ଆସୁଥାଏ। ତେଣୁ ସିଏ ବି ଡାକ୍ତରୀ କାରଣରୁ ବଦଳି ହେବାର ଚେଷ୍ଟା କରୁଥିଲେ ଓ ଆଲୋକକୁ ସେଇମର୍ମରେ ଅନୁରୋଧ କରିବାକୁ ଆସିଥିଲେ।

ଆଲୋକ ତା'ର ସୀମାବଦ୍ଧତା ବୁଝାଇବାର ଚେଷ୍ଟା କଲା। ସିଏ କହିଲେ, "ମୁଁ ଜାଣିବାରେ ରୋଗ ନ ଥାଇ ବି ଲୋକମାନେ ସୁପାରିଶ କରାଇ ନେଇଛନ୍ତି। ମୋର ରୋଗ ଅଛି। ଆହୁରି ବି ଦେଖନ୍ତୁ, ମୋ' ଉପରେ କେତେ ଜଣଙ୍କର ବୋଝ।"

ଆଲୋକ ମନେ ମନେ ଚିନ୍ତା କରୁଥିଲା, କେଉଁ ମର୍ମରେ କଥା କହିବା ଏବେ ଠିକ୍ ହେବ–ସତ କଥା ନା ମିଛ ଭରସା?

## (ତୃତୀୟ ଚରିତ୍ର)

ଉଚ୍ଚ ପଦାଧିକାରୀ ଜଣେ ଆଲୋକଙ୍କୁ ଫୋନ୍ କରିଥିଲେ ତାଙ୍କର ନିକଟ ସମ୍ପର୍କୀୟ ଜଣକ ସକାଶେ ସକାରାତ୍ମକ ସୁପାରିଶ ପାଇଁ ଆଲୋକ କହିଲା, "ଚେଷ୍ଟା କରିବି।"

–"ଆପଣ ଜାଣିଥିବେ ଯେ ଗତବର୍ଷ ଆପଣଙ୍କର କମିଟି ଯେଉଁ ସୁପାରିଶ କରିଥିଲା, ସେଥିରୁ ଅଧିକାଂଶଙ୍କର ନାକଚ ହୋଇଗଲା। ଟିକେ ଭଲ ଭାବରେ ଦେଖିବେ।"

ଆଲେକ ଚିନ୍ତାରେ ବୁଡ଼ିଗଲା। ଗତବର୍ଷ ହୁଏ ତ ଏଇଭଳି ଅନେକ ଅନୁରୋଧ ଆସିଥିବ, ଆଉ ସେଇ ସବୁ ପାଇଁ ସୁପାରିଶ କରାଯାଇଥିଲା। ଏ ବର୍ଷ ବି ସେମିତି କଲେ, ଅଧିକାଂଶ ନାକଚ ହେବାର ସମ୍ଭାବନା ରହିବ। କିନ୍ତୁ ସବୁଯାକ ବଦଳି କ'ଣ ଖାଲି ଡାକ୍ତରୀ ରିପୋର୍ଟର ଅଧାରରେ କରାଯାଉଛି ? ନିଜେ ଯେତେବେଳେ ଉଚ୍ଚପଦରେ ଅଛନ୍ତି, ନିଜର ସମାସ୍କନ୍ଧ କାହାକୁ କହି କ'ଣ ବଦଳିକରାଇ ପାରିବେନି ?

## (ଚତୁର୍ଥ ଚରିତ୍ର)

ଜଣଙ୍କର ସ୍ୱାମୀ ମରିଯାଇଥିଲେ। ଘରେ ମାନସିକ ବିକଳାଙ୍ଗ ପୁଅ ଆଉ ଅଶୀ ବର୍ଷର ଶାଶୂ। ପୁଅର ରୋଗ ସମ୍ପର୍କୀୟ ସବୁ କାଗଜପତ୍ର ପାଖରେ ଥିଲା। ହେଲେ ପୁଅକୁ ଆଣିପାରି ନଥିଲେ। ପୁଅ ଅବୁଝା ଥିଲା। ପୁଣି ଗାଡ଼ିରେ ଦୂରକୁ ଯିବା-ଆସିବା କଲେ ଅପସ୍ମାର ବାଦ ବାହାରୁଥିଲା।

ଆଲେକ ସହିତ ବସିଥିବା ସହକର୍ମୀ କହିଲେ, "ପୁଅକୁ ଆଣିବାକୁ ହେବ।"

ଆଲୋକ ଆଉଥରେ କାଗଜ ପତ୍ର ଦେଖିଲା। ସବୁ ଠିକ୍ ଥିଲା। ପୁଅର ବିକଳାଙ୍ଗ ପ୍ରମାଣ ପତ୍ର ବି ମିଳିଲା। ଭଦ୍ରମହିଳାଙ୍କ ଭାବଭଙ୍ଗୀ ଓ ଚାହାଣିକୁ ଆଲେକ ଅବିଶ୍ୱାସ କରିପାରୁନଥିଲା। ତାଙ୍କ ସାହାଯ୍ୟ କରିବାକୁ ଚାହୁଁଥିଲା। ତା'ର ମନୋଭାବ ବୁଝିପାରି ସହକର୍ମୀ ଜଣକ କହିଲେ, "ପୁଅ ଜୀବିତ ନା ମୃତ ଆମେ ଜାଣିବା କେମିତି? ଜଣେ ବଦଳି ପାଇଁ ଆମକୁ ଭୁଲେଇ ଦେଇପାରେ।"

ଆଲୋକ ସାହାଯ୍ୟ କରିବାର ବାଟ ଖୋଜୁଥିଲା। ଭଦ୍ର ମହଳାଙ୍କୁ ଅନୁରୋଧ କଲା ଘରକୁ ଭିଡ଼ିଓ କଲ୍ କରିବାକୁ। ସେଇଥିରୁ ଶାଶୂ, ପୁଅ ଓ ଘର ବିଷୟରେ ସବିଶେଷ ଧାରଣା ପାଇପାରିଲା। ଭାଗ୍ୟଙ୍କୁ ସହକର୍ମୀ

ବି ସହମତି ହେଲେ। ଭଦ୍ରମହିଳା ଜଣକ ଖୁସିରେ କାନ୍ଦି ପକାଇଲେ।

ଆଲୋକ ଲେଖିବାକୁ ଆରମ୍ଭ କଲାବେଳେ ଆଉ ଉଠିଆସି ତାକୁ ଘେରିଗଲେ ଓ କହିଲେ, "ଏଇଠା ନିୟମର ଉଲ୍ଲଙ୍ଘନ।"

ଆଲୋକ ତାଙ୍କର ପାରିବାରିକ ସ୍ଥିତି ବର୍ଣ୍ଣନା କରି ଅନ୍ୟମାନଙ୍କ ମନରେ ସମବେଦନା ଆଣିବାକୁ ଚାଲିଲା, ହେଲେ, କାହାର ବି କାଣିଚାଏ କରୁଣା ନ ଥିଲା। ଆଲେକ ଭାବିଲା, "ଏଇଟା କ'ଣ ଗୋଟେ ଯୁଦ୍ଧକ୍ଷେତ୍ର, ଆଉ ସମସ୍ତେ ପରସ୍ପରର ପ୍ରତିସ୍ପର୍ଦ୍ଧୀ ?"

(ପଞ୍ଚମ ଚରିତ୍ର)

ଜଣେ ଆବେଦନକାରୀ ମିଛ ପ୍ରମାଣ ପତ୍ର ଆଣିଥିଲେ। ଆଲୋକ ଜାଣିପାରିଲା ଓ ତାଙ୍କୁ ସେଇକଥା ଜଣାଇଦେଲା। ରୋକଠୋକ ଭାବରେ ସିଏ ଆଲୋକକୁ ଜବାବ ଦେଲେ, "କେଉଁ ବଡ଼ବଡ଼ିଆଙ୍କ ସମ୍ପର୍କୀୟକୁ ଆପଣ ଏମିତି କଥା କହିପାରିଥାନ୍ତେ?"

(ଷଷ୍ଠ ଚରିତ୍ର)

ଜଣେ ଅଳ୍ପ ବୟସର ମହିଳା। ଚାରିମାସ ତଳୁ ତାଙ୍କର ସ୍ତନକର୍କଟ ଚିହ୍ନଟ କରାଯାଇଥିଲା। ସେ ଅନିୟମିତ ଭାବେ ଚିକିତ୍ସା କରାଉଥିଲେ ଓ ଏଣୁ ତେଣୁ ଔଷଧ ଖାଉଥିଲେ। ଆଲୋକକୁ ଭଲ ଲାଗିଲାନି। ତା' ପାଟିରୁ ବାହାରିଗଲା, "ଆପଣ ଶିକ୍ଷିତ ଲୋକ। ଚାରିମାସ ସମୟ ନଷ୍ଟ କଲେ କାହିଁକି? ସ୍ତନକର୍କଟ ମୂଳରୁ ଚିକିତ୍ସା କଲେ ସମ୍ପୂର୍ଣ୍ଣ ଭଲ ହୁଏ। ଡେରିରେ ଚିକିତ୍ସା କଲେ ସେଭଳି ସୁଫଳ ମିଳିନପାରେ।"

କରିଦେଇସାରି ଆଲୋକ ଭଦ୍ରମହିଳାଙ୍କ ମୁହଁକୁ ଅନାଇବା ବେଳେ ଅପ୍ରସ୍ତୁତ ହୋଇଗଲା। ପରିସ୍ଥିତି ଏଡ଼ାଇବାକୁ ତାଙ୍କ ସ୍ୱାମୀଙ୍କୁ ଖୋଜିଲା। ହେଲେ ସ୍ୱାମୀ ଆସି ନ ଥିଲେ। ତାଙ୍କ ଛୁଟି ମିଳିଲାନି। ତାଙ୍କର ବେସରକାରୀ ସଂସ୍ଥାରେ ଚାକିରୀ। ସ୍ୱାମୀଙ୍କ ମା'ଙ୍କର ବି କର୍କଟରୋଗ ଚିହ୍ନଟ ହୋଇଥିଲା। ଭଦ୍ରମହିଳାଙ୍କ ବାପା ଓ ଶ୍ୱଶୁର ମରିଯାଇଥିଲେ। ଭାଇମାନେ ବିଦେଶରେ। ତାଙ୍କ ମା'ଙ୍କର ମାନସିକରୋଗ ଓ ସେ ବି ଝିଅ-ଜ୍ୱାଇଁଙ୍କ ସହ ରହୁଥିଲେ।

ଆଲୋକର ଦୟା ହେଲା। ତଥାପି ଭଦ୍ରମହିଳାଙ୍କ ଚିକିତ୍ସାରେ ଅବହେଳାରୁ ସହଜରେ ଗ୍ରହଣ କରିପାରିଲାନି। ସେଇ ମର୍ମରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କିଛି କହିପକାଇଲା।

ଭଦ୍ରମହିଳା କାନ୍ଦି ପକାଇଲେ। ସ୍ୱାମୀଙ୍କୁ ନିଜର ରୋଗ କଥା ଜଣାଇନଥିଲେ। ଚାରିମାସ ହେଲା ତାଙ୍କୁ ଏଡ଼ାଇ ଆସୁଥିଲେ। ଆଲୋକକୁ ପଚାରିଲେ, "ସିଏ କାହା ରୋଗ କଥା ବୁଝିବେ? ଏଣେ ଅନିୟମିତ ଚାକିରୀ, ଅଳ୍ପ ଦରମା ଓ ଛୁଟି ନାହିଁ।"

**(ସ୍ୱଗତୋକ୍ତି)**

କେବେକେବେ କୋର୍ଟର ନିର୍ଦ୍ଦେଶନାମାରେ ଲେଖାଥାଏ। "ସରକାର ହେଉଛନ୍ତି ଆଦର୍ଶ ନିଯୁକ୍ତିଦାତା। ତେଣୁ ସେ ଅମୁକ ଅମୁକ କାମ କରିବା ଉଚିତ୍।"

ତେବେ ଏଇ ଉପରୋକ୍ତ ତତ୍ତ୍ୱଟି ସାର୍ବଜନୀନ ସତ୍ୟ ନା ଖାଲି ମାମଲା ରୁଜୁ କରିଥିବା ମହକିଲଙ୍କ ପାଇଁ ଉଦ୍ଦିଷ୍ଟ ?

ଜଣକଠାରୁ ଉତ୍ତମ କାମ ଆଶା କଲାବେଳେ ତାକୁ ସୁସ୍ଥ ମନରେ ରଖିବାକୁ ହେବ। ତାର ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥା ଠିକ ରହିବା ଦରକାର। ତା' ନ ହେଲେ ସିଏ ଉପଯୁକ୍ତ ଭାବେ ତଥା ନିଜର କ୍ଷମତା ଅନୁରୂପେ କାମ କରିପାରିବନି। ମାର୍ଗଦର୍ଶନ ଓ ନିଯୁକ୍ତିଦାତାମାନେ କାହିଁକି ଏ କଥା ବୁଝନ୍ତିନି? ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରିବାକୁ ଅନ୍ତିମ ବ୍ୟାଧି ଭୋଗୁଛି ବୋଲି ସୁପାରିଶ ଚାହାନ୍ତି କିମ୍ବା ଅନ୍ତିମ ବ୍ୟାଧି ଭୋଗିବା ପାଇଁ ଅପେକ୍ଷା କରିବାକୁ କୁହନ୍ତି! ଏଇଟା ହିଁ କ'ଣ ଏକମାତ୍ର ମାନଦଣ୍ଡ?

ଆମେମାନେ ବି ଏତେ ବେଶୀ ଚାକିରୀ ସର୍ବସ୍ୱ କାହିଁକି? କାହିଁକି ସରକାରୀ ଚାକିରୀଟିଏ ପାଇଁ ଆଉ ସବୁ ସ୍ୱାଚ୍ଛନ୍ଦ୍ୟ ତଥା ଆଉ ସବୁ ଦିଗକୁ ଅଣଦେଖା କରୁ? ସରକାରୀ ଚାକିରୀଟିଏ କ'ଣ ଏତେ ବେଶୀ ମହିମାମଣ୍ଡିତ? ଆଉ ସବୁ କାମକୁ ଆମେ ଇତର ମଣୁ କାହିଁକି ?

ଅଧିକାରୀମାନେ ସମ୍ବେଦନଶୀଳ ହେଲେ ବୋଧେ ଅଧିକାଂଶ ସମସ୍ୟାର ସମାଧାନ ହୋଇଯାଆନ୍ତା। କିନ୍ତୁ ଏମିତି ଲାଗେ, ନିଜର ଗାରିମା ବଢ଼ାଇବା ସକାଶେ ସେମାନେ ବୋଧେ ପରପୀଡ଼ନ ମନୋବୃତ୍ତିର ଶିକାର ହୋଇଥାନ୍ତି।

ଏବେ ଆଲେକ ଚାରିପଟେ ଶହ ଶହ ମୁହଁ। ସବୁ ମୁହଁରେ ଅନୁରୋଧ ଓ ଅନୁନୟ। ହେଲେ ସିଏ ଜାଣେ ଯେ ଅଳ୍ପ କେତେକଙ୍କୁ ଛାଡ଼ିଦେଲେ, ଅନ୍ୟ ସମସ୍ତଙ୍କ ପାଇଁ ସିଏ ଖଳନାୟକ ପାଲଟିବାକୁ ଯାଉଛି।

*ମାର୍ଫତ: ରୁଦ୍ରପ୍ରସାଦ ମହାନ୍ତି,*
*ହାଉସିଂବୋର୍ଡ କଲୋନି, ବାଜିଚୌକ, ଢେଙ୍କାନାଳ*
*ଦୂରଭାଷ: ୯୮୬୧୦୭୬୫୪୯*



# ରଙ୍ଗଣୀ ଫୁଲର ରଙ୍ଗ

## ବିଜୟ ପଟ୍ଟନାୟକ

ଶ୍ରାବଣୀ ଓ ମୁଁ ତନ୍ମୟୀ ଆଜି କ୍ଲବ୍ ମହୀନ୍ଦ୍ରାର ରେସର୍ଟ ପ୍ରିଷ୍ଟିନ୍ ପିକ୍, ନାଲ୍‌ଧେରାରେ ପହଞ୍ଚିଛୁ। ୩-୪ ଦିନ ରହିବାର ପ୍ରୋଗ୍ରାମ୍। ନାଲ୍‌ଧେରା, ସିମ୍‌ଲା ଠାରୁ ୨୦ କିଲୋମିଟର ଦୂରରେ ହିମାଳୟ କୋଳରେ ଏକ ଘୁମେଇ ପଡୁଥିବା ଗାଁ। ଗାଁଟିର ମଝାମଝି ପ୍ରିଷ୍ଟିନ୍ ପିକ୍ ବୋଲି ଛୋଟ ପାହାଡ଼ ଉପରେ ଏହି ରେସର୍ଟଟି କିଏ କେମିତି ଖଞ୍ଜି ଦେଇଛି। ରେସର୍ଟର ଚାରିପଟେ ହିମାଳୟର କେତେ ସବୁ ଶୃଙ୍ଗ ଦିଶିଯାନ୍ତି। ସାମ୍ନା ପାହାଡ଼ ଗୁଡ଼ିକର ଅଧାଯାଏ ପାଇନ୍, ଦେଓଦାର, ସେଡାର ଗଛର ଜଙ୍ଗଲ। ତା'ଉପରକୁ ଲଣ୍ଡା ପାହାଡ଼। ଶୀତଦିନେ ବରଫ ଏଇ ଉଚ୍ଚତାରେ ଆଗ ପଡ଼େ ଓ ସବା ପଛରେ ଯାଏ। ଆଉ ଟିକିଏ ଦୂରକୁ ଦେଖିଲେ ବରଫାଚ୍ଛାଦିତ ଶୃଙ୍ଗ ସବୁ ଦେଖା ଯାଉଥା'ନ୍ତି। ସୂର୍ଯ୍ୟୋଦୟ ସମୟରେ ଉଦୟ ସୂର୍ଯ୍ୟର କିରଣ ଏଇସବୁ ଶୃଙ୍ଗ ଉପରେ ଆଉଟା ସୁନାରଙ୍ଗ ଢାଳି ଦେଇଥାଏ। ପାହାଡ଼ର ଚୂଡ଼ା ସବୁ ସୁନାରଙ୍ଗରେ ଦାଉ ଦାଉ ହୋଇ ଜଳୁଥା'ନ୍ତି। ରୁମ୍‌ରୁ ବସି କଫି କପ୍ ସହିତ ଏଇ ଦୃଶ୍ୟ ଦେଖିବା ସୌଭାଗ୍ୟର ବିଷୟ। ଦିଗ୍‌ବଳୟ ଆଜି ସମ୍ପୂର୍ଣ୍ଣ ମେଘମୁକ୍ତ ଥିଲା। ଆମେ ବୋଧେ ଭାଗ୍ୟବାନ ଥିଲୁ। ସୂର୍ଯ୍ୟୋଦୟର ସଂପୂର୍ଣ୍ଣ ଲାଭ ଆମେ ପାଇପାରିଲୁ।

ରୁମ୍‌ରେ ଟିଭି ଇତ୍ୟାଦି ସହ ହିମାଚଳି ହସ୍ତଶିଳ୍ପର କଳାକୃତି ଜିନିଷ ସବୁ ରହିଛି। ରହିଛି ସୁନ୍ଦର ସୁନ୍ଦର ଫୁଲର ପେଣ୍ଟିଂ। ଲଞ୍ଚରେ ରେଷ୍ଟୁରାଣ୍ଟକୁ ଗଲା ବେଳକୁ ରାସ୍ତାରେ ଓ ରେଷ୍ଟୁରାଣ୍ଟରେ ଏଇ ସବୁ ଜିନିଷ ଦେଖିଲୁ। ଏପ୍ରିଲ୍ ଆରମ୍ଭରେ ଶୀତ ପୁରା ଯାଇନି। ଖରାରେ ବସିବାକୁ ଇଚ୍ଛା ହେଉଥିଲା। ରିସେପ୍‌ସନିଷ୍ଟ ଟିକିଏ ଦୂରରେ ଥିବା ଗ୍ଲାସ୍ ହାଉସ୍ ଆଡ଼କୁ ହାତ ଦେଖେଇ ଦେଇ କହିଲେ - "ଯା'ନ୍ତୁ ବସିବେ ସେଠି। ଥଣ୍ଡା ପବନ ଲାଗିବନି। ସୂର୍ଯ୍ୟ କିରଣରେ ଗ୍ଲାସ୍ ହାଉସ୍ ଭିତରଟା ବେଶ୍ ଉଷୁମ ଥିବ। କାଚଘର ଭିତରୁ ଆପଣ ପୁରା ହିମାଳୟ ଖୁସୀରେ ଦେଖିପାରିବେ। ଗ୍ଲାସ୍ ହାଉସ୍‌ରେ ଯାଇ ବସିଲୁ। ଏଠି କିଛି ଗ୍ରୀଷ୍ମମଣ୍ଡଳୀୟ ଫୁଲଗଛ ଲାଗିଛି। ଆମ ଅଞ୍ଚଳର ବର୍ଷାଦିନିଆ ଗଛ ସବୁ ଲାଗିଛି। ମାଳୀ କହିଲା ଏ ସବୁ ଫୁଲ ଏଇ ଦି'ମାସ ଫୁଟେ ଗ୍ରୀନ୍‌ହାଉସ୍ ଭିତରେ। ଆପଣଙ୍କ ପରି ଗରମ ଏରିଆର ଲୋକ ଆସି ଏ ଫୁଲ ଦେଖି ଖୁସୀ ହୁଅନ୍ତି।

ରୁମ୍‌ରେ ଆସି ବସିଥିଲି। ହଠାତ୍ ମତେ ଲାଗିଲା କିଏ ଯେମିତି ମୋର ସ୍ମୃତିକୁ ଉଖୁରେଇ ଦେଉଛି। କେମିତି କେମିତି ଲାଗୁଥିଲା... ରଙ୍ଗଣୀ ଫୁଲ.....ରୁମ୍, ଲବି, ଡାଇନିଙ୍ଗ୍ ହଲ୍, ରିସେପ୍‌ସନ୍ ସବୁଆଡ଼େ ଏଇ ଗୋଟିଏ ଫୁଲର ପେଣ୍ଟିଂ। ଗ୍ଲାସ୍ ହାଉସ୍‌ରେ ବି ରଙ୍ଗଣୀ ଫୁଲର ସମ୍ଭାର। ସବୁଯାକ ଲାଲ୍ ରଙ୍ଗର ରଙ୍ଗଣୀ ଫୁଲ... ଏମିତି କେମିତି ହୋଇଛି ? ଆଉ ଏଇ ଲାଲ୍ ରଙ୍ଗଣୀ ଫୁଲକୁ ଦେଖି ମୋ ହୃଦୟରେ ଉଦ୍‌ବେଳନ କାହିଁକି ? ? ହଠାତ୍ ମନର ଗୋଟେ ଝରକା ଖୋଲିଗଲା.....

କଲେଜର ପ୍ରଥମ ବର୍ଷର ଆନୁଆଲ୍ ଫଙ୍କ୍‌ସନ୍‌ରେ ମୁଁ ଗୋଟେ ଫୋକ୍ ଡ୍ୟାନ୍‌ସରେ ଭାଗ ନେଇଥିଲି... ମୋ ସାଂଗର ପୁଅଟାର ନାଁ ଥିଲା ଉଦ୍ୟାନ ମହାପାତ୍ର.... ସେ ମୋ'ରି ଗ୍ରୁପ୍‌ର ପିଲା। ପାଖାପାଖି ରୋଲ୍ ନମ୍ବର। ଭଲ ଡ୍ରଇଂ କରେ। ପ୍ରାକ୍ଟିକାଲ ଖାତାରେ ସମସ୍ତେ ତା'ରିଠୁ ଚିତ୍ର କରେଇ ନିଅନ୍ତି। ମୋର ତ ଡ୍ରଇଂ ଏତେ ଭଲ ହୁଏନି। ଶ୍ରାବଣୀ ମୋଠୁ ଖାତା ନେଇ ଉଦ୍ୟାନଠୁ କରେଇ ଆଣେ। ସେ ଶ୍ରାବଣୀ ସାହିର ପିଲା। ଫୋକ୍ ଡ୍ୟାନ୍‌ସର ଗୀତଟି ଥିଲା....

ଚହଟ ଚମ୍ପାଲୋ, ରଙ୍ଗେଇ ଝୁମ୍ପାଲୋ କଥାକୁ ଜବାବ ନାହିଁ,
କେଉଁଠି ଥିଲୁରେ ଏଡ଼ିକି ରସିକ ମରୁନୁ ଜହର ଖାଇ।
ଏମିତି ଜଳୁଛି ତୋ ରୂପ ରୋଷଣୀ ଗୁରୁ ତ ବନିବ ଚେଲା,
ରଂଗ ଟହଟହ ରଙ୍ଗଣୀ ଫୁଲଲୋ, ଏ ରଙ୍ଗ ରହିଲେ ହେଲା।
ରଙ୍ଗ ନୁହେଁ ସେ ଅସଲି ଭାଲିଆ ଲାଗିଲେ ଛାଡ଼ିବ ନାହିଁ...
ଚହଟ ଚମ୍ପାଲୋ.....

ସେଥର ଆମ ଡ୍ୟାନ୍‌ସଟା ଫାର୍ଷ୍ଟ ହୋଇଥିଲା। ସେଇଦିନୁ ମୁଁ ଲକ୍ଷ୍ୟ କରୁଥିଲି ଉଦ୍ୟାନ ମୋ ପ୍ରତି ସଚେତନ ହୋଇ ଯାଉଥିଲା। ଲାଗ୍ ଲାଗ୍ ରୋଲ୍ ନମ୍ବର ହୋଇଥିବାରୁ ପ୍ରାକ୍ଟିକାଲ୍ କ୍ଲାସ୍‌ରେ ଗୋଟେ ଟେବୁଲ୍‌ରେ ପାଖାପାଖି ବସୁ। ପ୍ରାକ୍ଟିକାଲ୍ ଏକ୍ସପେରିମେଣ୍ଟ୍ ବେଳେ ବେଳେ ଏକାଠି

କରିବାକୁ ପଡ଼େ । କେତେଥର ସାରଙ୍କଠୁଁ ନୋଟ୍ ଫେରି ପାଇଲା ବେଳକୁ ତା ଭିତରେ ଗୋଟେ ଗୋଟେ ରଙ୍ଗଣୀ ଫୁଲଥାଏ । କିଏ କେମିତି ରଖି ଦେଇଥିବ ଭୁଲରେ ! ଥରେ ସେ ମୋ' ନୋଟ୍‌ଟା ଧାର ନେଇଥିଲା । କିଛିଦିନ ପରେ ଫେରେଇଲା । ତା' ଭିତରେ ମୁଁ ପାଇଲି ଗୋଟେ ଚମତ୍କାର ଲାଲ୍ ରଙ୍ଗଣୀ ଫୁଲର ଚିତ୍ର । ଶ୍ରାବଣୀକୁ ପଚାରିଲାରୁ ସେ କହିଲା- "ଉଦ୍ୟାନ ଗୋଟେ ଚମତ୍କାର ଚିତ୍ରକର ହୋଇଥିବା ସଙ୍ଗେ ସଙ୍ଗେ ବଢ଼ିଆ କବିତା ବି ଲେଖେ । ରଙ୍ଗଣୀ ଫୁଲକୁ ନେଇ ସେ ଅନେକ ଚିତ୍ର କରିଛି, କବିତା ବି ଲେଖିଛି । ତା'କୁ ଦିନେ ପଚାରିଲି - 'କାହା ପାଇଁ ଏ କବିତା ଲେଖିଛୁ କିରେ ?' ସେ ଟିକେ ହସିଦେଇ କହିଲା - ପବନରେ ଲେଖା ହୋଇଥିବା ନାଁଟାକୁ ଓଠରେ କେମିତି ଆଣିବି ? ନିଃଶ୍ୱାସ ପ୍ରଶ୍ୱାସକୁ ଶବ୍ଦରେ କେମିତି ପ୍ରକାଶ କରିବିରେ ବଣୀ ?" (ଆମେ କେତେ ଜଣ ସାଙ୍ଗ ତା'କୁ ଶ୍ରାବଣୀ ବଦଳରେ ବଣୀ ବୋଲି ଡ଼ାକୁ)

"କିନ୍ତୁ ଆଇ.ଏସ୍.ସି ପରେ ସିଏ କୁଆଡ଼େ ଗଲା ?" ଶ୍ରାବଣୀକୁ ପଚାରିଲି ତା' କଥା ।

"ଯା ଭିତରେ କେତେ ବର୍ଷ ବିତିଗଲାଣି ନାଁ ! ମୁଁ ବି ତା'କୁ ଭୁଲି ଯାଇଥିଲି - ତୁ ଆଜି ମନେ ପକେଇ ଦେଲୁ । ତା' ଖବର ମୋ ପାଖରେ କି କାହା ପାଖରେ ନାହିଁ । କୁଆଡ଼େ ଗଲା ସେ କେଜାଣି ? ଅଦ୍ଭୁତ ପିଲା ସେ ଗୋଟେ....।" ଶ୍ରାବଣୀ କହିଲା ।

"ଛାଡ଼ ସେ ସବୁ... ଚାଲ୍ ଗୋଟେ ଗ୍ରୀନ୍ ପାଇନ୍ ଟ୍ରେକ୍‌ରେ ଯିବା...।" ଦିହେଁ ବାହାରିଲୁ ।

ହୋଟେଲ୍‌ର ଟ୍ରାଭେଲ୍ ଡେସ୍କରେ ପଚାରିଲୁ । ସେମାନେ କହିଲେ- "ଆଖପାଖ ଗାଁ ବାଟ ଦେଇ ପାହାଡ଼ର ଧାରେ ଧାରେ ପାଇନ୍ ଓ ଦେଓଦାର ଗଛର ଛାଇରେ ଟ୍ରେକ୍‌ଟା ଏକଦମ୍ ୟୁନିକ୍ । ସାଂଗରେ ଗାଇଡ଼୍ ନେଇ ପାରନ୍ତି ।"

"ନାଁ ନାଁ, ଆମେ ନିଜେ ଟିକେ ଆଡ଼ଭେଞ୍ଚର୍ ଚାହୁଁଛୁ । ଗାଇଡ଼୍ ନଗଲେ କିଛି ବିପଦ ଅଛି କି ?"

ଝିଅଟି କହିଲା - "ୟେ ହିମାଚଲ, ଦେବ ଭୂମି ହେ ମା'ମ୍ ! ଏକଦମ୍ ସେଫ୍ । ଆମଠୁଁ ଟ୍ରେକ୍‌ର ରୁଟ୍ ଚାର୍ଟ ନେଇ ଯାଆନ୍ତୁ । ଟ୍ରେକ୍ ଟ୍ରାକ୍‌ରେ ସାଇନ୍ ବୋର୍ଡ଼ ସବୁ ଲାଗିଛି । ହଜିବାର ପ୍ରଶ୍ନ ନାହିଁ । ତଥାପି ହାତରେ ୪୫ ମିନିଟ୍ ଯିବା ପାଇଁ, ୪୫ ମିନିଟ୍ ଆସିବା ପାଇଁ ନେଇ ଯାଆନ୍ତୁ । ଜିପିଏସ୍ ଅନ୍ ରଖିଥିବେ । ଟ୍ରାକ୍‌ର ସବୁ ଯାଗାରେ ମୋବାଇଲ ସିଗ୍ନାଲ୍ ମିଳିଯାଏ । କିଛି ଅସୁବିଧା ହେଲେ, ଫୋନ୍ କରିଦେଲେ ଆମେ ରେସ୍କ୍ୟୁ କରିନେବୁ । ହଁ, ଆଉଗୋଟେ କଥା, ଗେଟ୍ ବାହାରେ ଥିବା ଦୋକାନରୁ ଦି'ଟା ବଡ଼ ବଡ଼ ବ୍ରେଡ୍ ନେଇ ଯାଆନ୍ତୁ । ରେସର୍ଟରୁ ଟ୍ରେକିଂ ଷ୍ଟିକ୍ ଧରି ବାହାରିଲେ ଜିମି ଆଉ ଜେନି ଦୁଇଜଣ ଗାଇଡ଼୍ ଓ ଗାର୍ଡ ଆପଣଙ୍କୁ ମିଳିଯିବେ ଫ୍ରିରେ...."

"ଫ୍ରିରେ... ?" ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

"ଜିମି ଆଉ ଜେନି ଦୁଇଟି କୁକୁର । ଗୋଟେ କଳା, ଆଉଗୋଟେ କଳା-ଧଳା ଛାପିଛାପିକିଆ... । ବ୍ରେଡ୍ ଖଣ୍ଡେ ଖଣ୍ଡେ ଦେଲେ ଆପଣଙ୍କ ପଛେ ପଛେ ଯିବେ ଓ ଫେରିବେ । ଜମା ସାଥୀ ଛାଡ଼ିବେନି... । ବହୁତ ଟୁରିଷ୍ଟ ଫ୍ରେଣ୍ଡଲି ସେମାନେ । ଆମ ହୋଟେଲର ବ୍ରାଣ୍ଡ୍ ଆମ୍ବାସଡର କହି ପାରନ୍ତି ।" ହସି ହସି କହିଲେ ସେ...

"ବହୁତ ଇଣ୍ଟରେଷ୍ଟିଙ୍ଗ୍ ୟାର୍... ଗୋଟେ ନୂଆ କଥା... ଆଡ଼ଭେଞ୍ଚର୍‌ଟେ ନବାରେ ଶ୍ରାବଣୀ...." କହିଲି ଆଗ୍ରହରେ ।

ଦୁହେଁ ରୁମ୍‌କୁ ଆସି ବ୍ୟାକ୍‌ପ୍ୟାକ୍ ରେଡି କରି ବାହାରିଲୁ । ଦେଓଦାର, ପାଇନ୍, ସେଡାର ଆଦି ଗଛ ଭୂମିରୁ ଆକାଶକୁ ଭେଦ କରି ଉଠିଯାଇଥା'ନ୍ତି । ଜଙ୍ଗଲ ଟ୍ରାକ୍‌ରେ ଭୂମିରେ ସୂର୍ଯ୍ୟ କିରଣ ପଡୁନଥାଏ । ଯେଉଁଠି ଟିକେ ଖରା ପଡ଼ିଛି ସେଇଠି ଗୋଟେ ଗୋଟେ ଗଛରେ ଧଳା, ବାଇଗଣି ବା ଗୋଲାପୀ ରଙ୍ଗର ଜଙ୍ଗଲୀ ଫୁଲ ଭର୍ତ୍ତି ହୋଇଥାଆନ୍ତି । ପାହାଡ଼ି ରାସ୍ତାରେ ଗଲା ବେଳକୁ ୨-୩ଟା ଗାଁ ପଡ଼ିଲା, ଗାଁ କହିଲେ ୪-୫ଟା ଘର । ଚାରିପଟେ ଜଙ୍ଗଲ, ଆପଲ୍ ବଗିଚା, ସିମ୍‌ଲା ମିର୍ଚ୍ଚର କ୍ଷେତ... । ଆପଲ୍ ବଗିଚାରେ ଫୁଲ ଧରିଥାଏ । ସଫେଦ୍ ଓ ଇଷତ୍ ଗୋଲାପୀ ରଙ୍ଗର ଫୁଲରେ ଗଛଗୁଡ଼ିକ ଭରି ହୋଇଯାଇଥା'ନ୍ତି । ଆମ ଆଗରେ ଜିମି, ପଛରେ ଜେନି ଚାଲିଥାଆନ୍ତି ।

ହଠାତ୍ ଶ୍ରାବଣୀ କହିଲା, "ଦେଖ୍ କେତେ ଡେଙ୍ଗା ଡେଙ୍ଗା ଗୋଲାପ ଗଛ" । ଜଣଙ୍କର ବଗିଚାରେ ଗୋଲାପ ଫୁଲ ଗୁଡ଼ିକ ୧୦-୧୨ଫୁଟ୍ ଉଚ୍ଚ ଡାଳରେ ଫୁଟିଥା'ନ୍ତି । କେବଳ ବ୍ଲଡ୍ ରେଡ୍ ରଙ୍ଗର ଗୋଲାପରେ ବଗିଚା ଭର୍ତ୍ତି । "ଏଇଟା ବୋଧେ ଗୋଟେ ଅଲଗା ବ୍ରିଡ୍ - ତା' ନାଁ ଦିଆଯାଇପାରେ 'ରୋଜ୍ ଇନ୍ ଦି ସ୍କାଏ'", ଶ୍ରାବଣୀ ହସି ହସି କହିଲା ।

୪୫ ମିନିଟ୍ ଟ୍ରେକ୍ ସାରି ଫେରନ୍ତା ରାସ୍ତା ଧରିଲୁ । ଜିମି ଆଉ ଜେନି ବି ମୁହଁ ଫେରେଇଲେ । ଦ୍ୱିପହରରେ ଲଞ୍ଚପରେ ରୁମ୍‌ରେ ବିଶ୍ରାମ ନେଇ ଅପରାହ୍ନରେ ଯାଇ ଗ୍ଲାସ୍ ହାଉସ୍‌ରେ ରଙ୍ଗଣୀ ଫୁଲର ବେଡ୍ ପାଖରେ ଗୋଟେ ବେଞ୍ଚରେ ବସି କଫି ପିଉଥିଲୁ । ପୁଣି ମନରେ ଆସିଲା - "ଏ ରେସର୍ଟରେ ରଙ୍ଗଣୀ ଫୁଲର ପ୍ରାଚୁର୍ଯ୍ୟ କାହିଁକି ?"

ସେଦିନ ଡିନରରେ ରେସର୍ଟ ମ୍ୟାନେଜରଙ୍କ ସହିତ ଦେଖା ହେଲା । ୩୫-୪୦ ବର୍ଷ ବୟସର ବଙ୍ଗାଳୀ ଯୁବକ । ରେସର୍ଟ ବିଷୟରେ କଥା ହେଉ ହେଉ ପଚାରିଲି ରଙ୍ଗଣୀ ଫୁଲ ବିଷୟରେ ।

ହସି ହସି ସେ କହିଲେ "ଏ ଫୁଲଟା ଆମ ରେସର୍ଟର ଥିମ୍ । ଆମର ଇଣ୍ଟେରିଅର୍ ଡିଜାଇନର୍‌ଙ୍କର ଏଇଟା ଫେବରିଟ୍ ଫୁଲ । ଆମକୁ ବି ଭଲ ଲାଗିଲା । ତେଣୁ ଏସବୁ ଆପଣ ଦେଖୁଛନ୍ତି... । ସେ ହିମାଚଳର ପ୍ରଖ୍ୟାତ ଡିଜାଇନର୍ । ହୋଟେଲ୍ ଇଣ୍ଡଷ୍ଟ୍ରିରେ ତାଙ୍କ ନାଁ ସମ୍ମାନର ସହିତ ନିଆଯାଏ । ବଡ଼ ଆମାୟିକ ବ୍ୟକ୍ତିତ୍ୱ । ଏତେ ବଡ଼ ଚିତ୍ରକର ହେବା ସହିତ ଚମତ୍କାର କବିତା ବି ଲେଖନ୍ତି । ସିମ୍‌ଲାରେ ତାଙ୍କର ଘର ଥିଲେ ବି ଏଇଠି ରେସର୍ଟ ତଳେ ଗୋଟେ ଛୋଟ ଗାଁରେ ରହନ୍ତି । ଅଧିକାଂଶ ସମୟ ଏଇଠି ବିତାନ୍ତି । ତାଙ୍କର ଷ୍ଟୁଡିଓ ଗୋଟେ ଦର୍ଶନୀୟ ଜିନିଷ... ।"

"ତାଙ୍କ ନାଁ କ'ଣ କହି ପାରିବେକି ?" ପଚାରିଲି ଉଦ୍‌ବିଗ୍ନ ହୋଇ....

"ଉଦୟଭାନ୍ କୌଶଲ। ସିମ୍‌ଲାରେ ବେଶ୍ ପରିଚିତ ନାଁ। ଯେ କୌଣସି ଜାଗାରେ ପଚାରିଲେ ତାଙ୍କ ଘରର ଠିକଣା ମିଳିଯିବ।"

"ଆମେ ତାଙ୍କୁ ଦେଖା କରିପାରିବୁ କି ?" ପୁଣି ପଚାରିଲି।

"ହଁ, କାହିଁକି ନୁହେଁ ? କାଲି ଆମ ଗାଇଡ୍ ରେସର୍ଟର ବ୍ୟାଟେରୀ କାର୍ଟରେ ତାଙ୍କ ଘରକୁ ନେଇଯିବେ। ଟ୍ରେକିଙ୍ଗ୍ ଟ୍ରାକ୍‌ରେ ତ ଯାଇ ହେବ - ହେଲେ ଆପଣଙ୍କୁ ଅସୁବିଧା ହୋଇପାରେ।"

ତା'ପରଦିନ କାର୍ଟରେ ଯାଇ - ପାହାଡ଼ର ଗୋଟେ ଧାରରେ ପହଞ୍ଚିଲୁ। ଏଇଠୁ ୫୦-୬୦ଟା ପାହାଚ ତଳକୁ ଗଲେ ତାଙ୍କ ଘର। ଗାଇଡ୍ ହାତ ଠାରି ଦେଖାଇଦେଲେ ଘରର ପଛପଟୁ।

ପାହାଚ ଓହ୍ଲାଇ ଘର ସାମ୍ନାରେ ପହଞ୍ଚିଲୁ। ଆରେ.... ଏତ କାଲିର 'ରୋଜ୍ ଇନ୍ ଦି ସ୍କାଏ' ଘର !

ତିନି ଜଣଯାକ ଗେଟ୍ ଖୋଲି ଭିତରକୁ ପଶିଲୁ। ଗାର୍ଡ଼େନ୍‌ରେ ଜଣେ ବୟସ୍କ ଲୋକ ହିମାଚଲି ଟୋପି, ଫତେଇ ଆଉ ଟ୍ରାଉଜର ପିନ୍ଧି ବସିଥା'ନ୍ତି।

ଗାଇଡ୍ କହିଲେ - "ଏମାନେ ଉଦୟଭାନ୍ ସାର୍‌ଙ୍କୁ ଦେଖା କରିବାକୁ ଆସିଛନ୍ତି।"

"ଆପ୍ କାହାଁସେ ହେ ମା'ମ୍ ?" ପଚାରିଲେ ସେ।

ଶ୍ରାବଣୀ କହିଲା "ଓଡ଼ିଶା ସେ..."

ଆମକୁ ଆଶ୍ଚର୍ଯ୍ୟ କରି ସେ ଓଡ଼ିଆରେ ଆରମ୍ଭ କଲେ - "ଓଡ଼ିଶାରୁ କେଉଁଠୁ ଆସିଛ ପିଲାମାନେ ?" ସ୍ନେହବୋଳା ଶବ୍ଦରେ ଆମେ ତରଳି ଯାଉଥିଲୁ...।

"ମୋ ଘର ଢେଙ୍କାନାଳ। ଇଏ ଭୁବନେଶ୍ୱରରୁ... ଦି'ଜଣ ସାଙ୍ଗ ହୋଇ ଢେଙ୍କାନାଳ କଲେଜରେ ଆଇ.ଏସ୍.ସି. ପଢୁଥିଲୁ।" ବର୍ଷଟା କହିଦେଲା ଶ୍ରାବଣୀ....।

"ଆରେ ! ମୁଁ ବାଲେଶ୍ୱରର। କିନ୍ତୁ ତୁମ କଲେଜରେ ଜୁଲୋଜି ଲାବୋରେଟରି ଆସିଷ୍ଟାଣ୍ଟ ଥିଲି, ତମେ ପଢ଼ିଲା ବେଳେ...। ଢେଙ୍କାନାଳ ଛାଡ଼ିବାର ଅନେକ ଦିନ ହେଲାଣି...। ଝାପ୍‌ସା ଝାପ୍‌ସା ମନେ ପଡୁଛି... ତୁମେ ଏସ୍‌ଡିଓ ସାମନ୍ତରାୟ ବାବୁଙ୍କ ଝିଅ ନୁହେଁ ତ ? ନାଁଟା ମନେ ପଡୁନି....।" ମୋ ଆଡକୁ ଚାହିଁ କହିଲେ।

ସ୍ୱର୍ଗରୁ ଖସି ପଡୁ ପଡୁ କହିଲି... "ହଁ ସାର୍ ! ମୁଁ ତନ୍ମୟୀ... ଆପଣ ନରେନ୍ ଦତ୍ତ ସାର୍ ବୋଧେ...।"

"ଠିକ୍ ଚିହ୍ନିଛ - ଏବେ ଆସ ବସ...। ହେଲେ ଉଦୟଭାନ୍ ତ ନାହାନ୍ତି। ଦି'ଦିନ ପାଇଁ ଚଣ୍ଡିଗଡ଼ ଯାଇଛନ୍ତି। ପଅର ଦିନ ଫେରୁ ଫେରୁ ଦ୍ୱିପହର ହୋଇଯିବ।"

ଦିହେଁ ତାଙ୍କ ପାଦ ଛୁଇଁଲୁ।

"ହେଲେ, ଆମେ ତ କାଲି ଦିନକ ଅଛୁ। ପଅର ଦିନ ସକାଳୁ ଚାଲିଯିବୁ... ବୋଧେ ଦେଖା ହୋଇପାରିବନି..!"

"ଏତେ ବାଟରୁ ଆସିଛ... ପୁଣି ମୋର ଷ୍ଟୁଡେଣ୍ଟ୍। ବହୁତ ଖୁସୀ ଲାଗୁଛି ତୁମମାନଙ୍କୁ ଦେଖି। ଚାଲ, ଷ୍ଟୁଡିଓରେ ବସି ଚା' ପିଇବା..।

ଦେଖ... ଏଠି ତଳ ମହଲାଟା ପୁରା ଷ୍ଟୁଡିଓ, ଉପର ମହଲାରେ ଆମେ ରହୁ।"

ଷ୍ଟୁଡିଓରେ ବସି ଚା ପିଉ ପିଉ ଦେଖୁଥିଲି ଏଠି ବି ରଙ୍ଗଣୀ ଫୁଲର କେତେଟା ଚିତ୍ର। ମତେ କେମିତି କେମିତି ଲାଗିଲା... ପଚାରିଦେଲି, "ସାର୍ ଆପଣ ଏଠି କେମିତି ?"

"ଲମ୍ବା ଷ୍ଟୋରୀ... କାଲି ତୁମ ରେସର୍ଟକୁ ଯିବି, ଏଗାରଟା ବେଳକୁ। ମୋର ବି କାମ ଅଛି। ବସି ଗପିବା।"

ତା'ପରଦିନ ଆମେ ଅପେକ୍ଷା କରିଥିଲୁ। ସାର୍ ଆସି କହିଲେ - "ଚାଲ, ସାମ୍ନା ଲନ୍‌ରେ ବସିବା।"

ତିନି ଜଣଯାକ ବସିଥିଲୁ। ଥଣ୍ଡା ଥଣ୍ଡା ଲାଗୁଥାଏ।

ମୁଁ କହିଲି, "ସାର୍ ! ମୁଁ ଟିକେ କଫି ନେଇ ଆସୁଛି।" ରୁମ୍‌କୁ ଗଲି।

ସାର୍ ଶ୍ରାବଣୀ ସହିତ ଗପୁଥା'ନ୍ତି।

ହଠାତ୍ ସାର୍ ଶ୍ରାବଣୀକୁ ପଚାରିଲେ "ଉଦୟଭାନ୍ କିଏ ତମେ ଜାଣିଛ ?"

"ନାଁ ସାର୍"

"ସେ ହେଉଛି ତୁମ କ୍ଲାସ୍‌ମେଟ୍ ଉଦ୍ୟାନ୍ ମହାପାତ୍ର।"

ଝାପ୍‌ସା ଶୁଭିଗଲା ମୋତେ। ହାତରୁ କପ୍‌ଟା ଖସି ପଡ଼ିଲା। ଯୋଗକୁ ଭାଙ୍ଗିଲାନି। ପରଦା ଆଢୁଆଳରେ ରହି ମୁଁ ଶୁଣୁଥିଲି...।

"ଉଦ୍ୟାନ୍ ମୋର ଫେବ୍‌ରିଟ୍ ଷ୍ଟୁଡେଣ୍ଟ୍ ଥିଲା। ମୋରି ଘର ପାଖରେ ତା' ମେସ୍। ମୁଁ ସେତେବେଳେ ଭଲ ଚିତ୍ର ଆଙ୍କୁଥିଲି। ସେ ମୋଠୁଁ ଚିତ୍ର ଶିଖିବା ପାଇଁ ଘରକୁ ଆସୁଥିଲା। ଆମର ପିଲାପିଲି ନଥିବାରୁ ଆମ ପାଇଁ ସେ ପୁଅ ହୋଇଗଲା। ଆମକୁ ଦାଦା ଖୁଡ଼ୀ ଡାକେ। ସୁନ୍ଦର ଚିତ୍ର କରେ। ଦିନେ ତା ରୁମ୍‌ରେ ଗୋଟେ କବିତା ଖାତା ପାଇଲି। କି ଚମତ୍କାର ପ୍ରେମ କବିତା ସବୁ ! ଶବ୍ଦାବଳୀ ହୃଦୟକୁ ଥରେଇଦେବା ପାଇଁ ଯଥେଷ୍ଟ। ଅନେକ ପଚରା ପଚରି ପରେ ସେ କହିଲା - 'ତନ୍ମୟୀ' ନାଁ। ତା ସହିତ ଈଶ୍ୱରଙ୍କ ରାଣ ପକେଇଲା କାହା ଆଗରେ ନ କହିବା ପାଇଁ।

ଆଇ.ଏସ୍.ସି. ପଢୁଥିଲେ ବି ତା' ମନ ପାଠରେ ନଥିଲା। ଥାଏ ଚିତ୍ର ଅବା କବିତାରେ। ନଦୀ, ଝରଣା, ସମୁଦ୍ର, ପାହାଡ଼ ସବୁ ତା'ର ମନ ଖୋଜୁଥିବା ସ୍ଥାନ। କ୍ଲାସ୍ ପରୀକ୍ଷାରେ କମ୍ ନମ୍ବର ରଖିଲେ ବି ମୁଁ ସାର୍‌ଙ୍କୁ କହି ପାଶ୍ କରେଇ ଦିଏ...। ହେଲେ ଫାଇନାଲ୍ ପରୀକ୍ଷା କ'ଣ କେମିତି ହେବ ବୋଲି ସନ୍ଦେହ ଥାଏ।

ଥରେ ମୁଁ ତାକୁ କହିଲି "ଉଦ୍ୟାନ ! ତୁ ଟିକେ ପାଠରେ ମନ ଦେ !"

ସେ କହିଲା - "ଏସବୁ ସାଇନ୍‌ସ ପାଠ ମୋ ପାଇଁ ନୁହେଁ ଦାଦା ! ବାପା ଜବରଦସ୍ତି ପଢ଼େଇଛନ୍ତି। କୌଣସି ପ୍ରକାରେ ପାଶ୍ କରିଗଲେ, ଆଉ ଗୋଟେ କଣ କରିବି।"

"ହେଲେ ଚେଷ୍ଟା ତ କର !" କହି ଚୁପ୍ ରହିଲି।

ତୁମ ଜୁଲୋଜି ପ୍ରାକ୍ଟିକାଲ୍ ପରୀକ୍ଷା ଦିନ ସବୁ ପିଲା ଖାତା ଦେଇ ଚାଲିଗଲେ। ସାର୍ ବି ଖାତା ସଂଗ୍ରହ କରି ନେବାକୁ କହି ଚାଲିଗଲେ। ଉଦ୍ୟାନ ତା'ର ଏକୁଟିଆ ବସି ଚିତ୍ର କରୁଥାଏ। ସମୟ ହୋଇ ଯାଇଥିଲା... ତା'ପାଖକୁ ଖାତା ଆଣିବା ପାଇଁ ଗଲି।

ମୋ ସାମ୍ନାରେ ହାତଯୋଡ଼ି ଠିଆ ହେଲା..... ଲୁହ ଛଳ ଛଳ ଆଖିରେ ସେ ମତେ ଚାହିଁଥିଲା।

"କ'ଣ ହେଇଛି ତୋ'ର, କାନ୍ଦୁଛୁ କାହିଁକି ?

"ଦାଦା ! ନିହାତି ଅନ୍ୟାୟ କଥାଟେ କହିବି... ଯାହା ଦଣ୍ଡ ଦେବେ ରାଜି ଅଛି, ମନା କରିବେନି।"

"କହରେ ବାବୁ।"

"ଦାଦା! ତନ୍ମୟୀଙ୍କୁ ଟାଇଫଏଡ୍ ଜ୍ୱର। ଆଜି ୧୦୨-୧୦୩ ଟେମ୍ପରେଚର୍‌ରେ ସେ କମ୍ପି କମ୍ପି ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ଆସିଥିଲା। ମୋ ପାଖରେ ସେ ବସିଥିଲା। ତା' ଦେହ ହାତ ଥରୁଥିଲା । ଭଲରେ ଚିତ୍ର କରିନି। ଏସ୍‌ଡିଓଙ୍କର ସେ ଏକମାତ୍ର କନ୍ୟା। ମେଡ଼ିକାଲ୍ ପଢ଼ିବ ବୋଲି ତା'ର ସ୍ୱପ୍ନ। ତା'ର ସ୍ୱପ୍ନଟା ଏଇ ପ୍ରାକ୍ଟିକାଲ ପରୀକ୍ଷାଟା ପାଇଁ ଚୁର୍‌ମାର୍ ହୋଇଯିବ। ତା' ଜୀବନଟା ନଷ୍ଟ ହୋଇଯିବ। ମୁଁ ସହି ପାରିବିନି।"

"କ'ଣ କହୁଛୁ ତୁ ?"

ତା'ର ରୋଲ୍ ନମ୍ବରର ଶେଷ ନମ୍ବରଟା ୯, ମୋର ଶେଷ ନମ୍ବରଟା ୮। ମୁଁ ମୋ ଖାତାରେ ତା ରୋଲ୍ ନମ୍ବରଟା ଲେଖିଦେଇଛି। ତା' ଖାତାରେ ୯ ଟାକୁ ୮ କରିଦେଲେ ସେଇଟା ମୋ ଖାତା ହେଇଯିବ। ସେ ପାସ୍ କରିଯିବ.... ମେଡ଼ିକାଲ୍ ପଢ଼ିବ... ଝସଭରକ୍ତ, ଉଦ୍ଗୃଷ୍ଟକ୍ତ ର ଜୀବନ ମୋର ନୁହେଁ। ଏଗୁଡ଼ା ମୋ ଜୀବନରେ କିଛି କାମରେ ଆସିବନି। ଆପଣଙ୍କୁ ନକହି ମୁଁ ଜେ. ଜେ. ସ୍କୁଲ୍ ଅଫ୍ ଆର୍ଟସ୍‌ରେ ଆପ୍ଲାଇ କରିଦେଇଥିଲି। ଆଡ଼ମିଶନ୍ ପାଇଁ ଇଣ୍ଟିମେସନ୍ ଆସିଛି। ଆସନ୍ତା ସପ୍ତାହରେ ହିଁ ଆଡ଼ମିସନ୍ ପାଇଁ ବମ୍ବେ ଯିବି। ମୋର ତ କିଛି ବି କ୍ଷତି ହେବନି। ଦାଦା ପ୍ଲିଜ୍...।"

ମୁଁ ଭାବି ପାରୁନଥିଲି କ'ଣ କରିବି। ଏତେ ବଡ଼ ଅନ୍ୟାୟ କଥା ମୋ ହାତରେ କେମିତି ହେବ ? ପର କ୍ଲାସ୍ ପାଇଁ ଘଣ୍ଟା ବାଜି ଗଲାଣି, ପିଲା ଆସିବା ଆରମ୍ଭ ହୋଇ ଗଲାଣି। ଭାବିବାକୁ ସମୟ ନଥିଲା। ତନ୍ମୟୀ ଖାତାଟା ତା'କୁ ବଢ଼େଇ ଦେଲି.. ୯ ଟାକୁ ୮ କରିଦେଲା। ମୋ ପାଦ ଛୁଇଁ ଦେଇ ଲ୍ୟାବ୍ ବାହାରକୁ ଚାଲିଗଲା...। ମୁଁ ଚାହିଁଥିଲି ତା ଯିବା ପଥକୁ। କେମିତିକା ଧାତୁରେ ଗଢ଼ା ଏ ପିଲା ? ଜୀବନ ସାରା ଏ କଥାଟା ମତେ ଯନ୍ତ୍ରଣା ଦେଉଥିଲା। କାହାକୁ କହି ନଥିଲି। ତୁମକୁ କହିଲା ପରେ ମତେ ଏବେ ହାଲ୍‌କା ଲାଗୁଛି ଶ୍ରାବଣୀ !"

"ହେଲେ, ଆପଣ ଏଠି କେମିତି ସାର୍ ?"

"ଉଦ୍ୟାନ ଔଔଝଇରେ ପଢ଼ିଲା ସମୟରେ ମୋ ସ୍ତ୍ରୀ ଅକାଳରେ ଚାଲିଗଲା। ମୁଁ ଏକା ରହୁଥିଲି। ସେ ଡିପ୍ଲୋମା ଶେଷ କରି ଆସି ମୋ ପାଖରେ ପହଞ୍ଚିଲା। ମତେ ଡାକିଲା ତା' ସହିତ ବମ୍ବେ। ମୋର ରିଟାୟାର୍‌ମେଣ୍ଟ ତ ୩-୪ ବର୍ଷ ବାକି ଥିଲା। ଭଲ୍ୟୁଣ୍ଟାରୀ ରିଟାୟାର୍‌ମେଣ୍ଟ ନେଇ ତା ଷ୍ଟୁଡିଓରେ ଜଏନ୍ କଲି। ତା'ଠୁ ନୂଆ ପ୍ରକାରର ଆର୍ଟ ଶିଖିଲି। ବହୁତ କମ୍ ଦିନ ଭିତରେ ସେ ବମ୍ବେରେ ପ୍ରତିଷ୍ଠିତ ହୋଇଗଲା। ହଠାତ୍ କ'ଣ ଭାବିଲା କେଜାଣି, ଦିନେ କହିଲା – "ଦାଦା ! ଏଠି ମନ ଲାଗୁନି। ଚାଲନ୍ତୁ ଯିବା ସିମ୍‌ଲା। ସେଠି ଗୋଟେ ଛୋଟ ଗାଁରେ ହିମାଳୟ କୋଳରେ ରହିବା, ଆର୍ଟ କରିବା। ମତେ ବି ବମ୍ବେ ଭଲ ଲାଗୁନଥିଲା। ଏଇଠିକି ଚାଲିଆସିଲୁ। ତା'ପରେ ଦଶବର୍ଷ ହେଲା ଏଇଠି। ସେ ତା'ର ନାଁ ପରିବର୍ତ୍ତନ କରି ଗୋଟେ ହିମାଚଳି ନାଁ ନେଇଛି। ଅତୀତକୁ ସତ୍‌ଲୁଜ୍‌ରେ ଭସେଇଦେଇ ଆସିଛି। ସେ କାଲି ଚଣ୍ଡିଗଡ଼ରୁ ଟାକ୍ସିରେ ଦି'ପହରରେ ପହଞ୍ଚିବ।"

ପରଦା ଉହାଡ଼ରୁ ଦି'ଜଣଙ୍କୁ ଦେଖୁଥିଲି। ଦୁହେଁ ଲୁହ ପୋଛୁଥିଲେ। ମୋ ଆଖିରୁ ଅବାରିତ ଲୁହ ଧାର ବହିଯାଉଥିଲା। ନିଃଶବ୍ଦରେ ମୁଁ ଲୁହ ପୋଛୁଥିଲି ଟାୱେଲରେ...। ମେରିଟ୍‌ରେ ମେଡ଼ିକାଲ୍ ସିଟ୍ ପାଇଥିବାର ଅଭିମାନର ମୀନାର ମୋର ଟୁକୁରା ଟୁକୁରା ହୋଇ ଖସି ପଡୁଥିଲା। ଦି'ଜଣ ପାଇନ୍ ଜଙ୍ଗଲ ଆଡ଼େ ମୁହଁ କରି ଚୁପ୍‌ଚାପ୍ ବସିଥା'ନ୍ତି। ପାଞ୍ଚଅସାତ ମିନିଟ୍ ପରେ ନିଜକୁ ସମ୍ଭାଳି ତିନି କପ୍ କଫି ଆଣି ବସିଲି ସାରଙ୍କ ସାମ୍ନାରେ।

ନରେନ୍ ସାର୍ ମତେ ଗୋଟେ ମିନିଟ୍ ଦେଖି ଦେଇ ଉଠିପଡ଼ିଲେ...

"ସାର୍ ! କଫି..." ମୁଁ ବି ଉଠିପଡ଼ି କପ୍ ତାଙ୍କ ଆଡ଼କୁ ବଢ଼େଇ ଦେଉଥିଲି...

"ପୁଣି କେବେ... ଆୟୁଷ୍ମତୀ ଭବ !" ହାତଯୋଡ଼ି କହି ବାହାରି ଗଲେ।

ଶ୍ରାବଣୀ ଚୁପ୍‌ଚାପ୍ ଉଠି ତାଙ୍କ ପାଦ ଛୁଇଁଲା। ମୋ ହାତରେ କଫି କପ୍ ସେମିତି ତାଙ୍କ ଆଡ଼କୁ ବଢ଼େଇଥାଏ... ପାଦ ଛୁଇଁବାର ଅବକାଶ ନାହିଁ ! ଶ୍ରାବଣୀ ଓ ମୁଁ ଦିହେଁ ଦୁହିଁଙ୍କୁ ଦେଖୁଥିଲୁ। ଦି'ଜଣଙ୍କ ଆଖିରେ ଆଶ୍ଚର୍ଯ୍ୟ ଭାବ। ଶବ୍ଦର ଏକାନ୍ତ ଅଭାବ ଆମେ ଅନୁଭବ କରୁଥିଲୁ।

ଭାବୁଥିଲି। କ'ଣ ସେ ପିଲା ? ? ମୋର ମନେ ପଡ଼ିଗଲା... ପରୀକ୍ଷା ଶେଷ ଦିନର କଥା। ସାଧାରଣତଃ ପ୍ରାକ୍ଟିକାଲ୍ ପରୀକ୍ଷା ସହିତ ପରୀକ୍ଷା ଶେଷ ହୁଏ। ସେଥର କ'ଣ ଗଓଖ ଓଡ଼ିଆ କ୍ୱେଶ୍ଚିନ୍ ପେପର ଲିକ୍ ହୋଇଯାଇଥିବାରୁ ଏମ୍.ଆଇ.ଏଲ୍. ପରୀକ୍ଷା ଘୁଞ୍ଚି ଯାଇଥିଲା ପ୍ରାକ୍ଟିକାଲ୍ ପରକୁ। ହଲ୍‌ରେ ଉଦ୍ୟାନ ମୋ ଡାହାଣ ପଟେ ବସିଥାଏ। ପରୀକ୍ଷାରେ ପଡ଼ିଥାଏ, ରାଧାମୋହନ ଗଡ଼ନାୟକଙ୍କ 'ତନ୍ମୟୀ ବର୍ଷା' କବିତାର ଗୋଟେ ପଦ।

"ଶୁଣ ଗୋ ଅବଳା ଶୁଣ, ବଜ୍ର ଏ ନିଦାରୁଣ
ଥରାଉଛି ଅମ୍ବର କକ୍ଷ,
ସୁନ୍ଦରୀ ସରସା ଗୋ, ତନ୍ମୟୀ ବରଷା ଗୋ
ଥରିଯାଏ ନିକି ତବ ବକ୍ଷ ? ?"

ମୋ ନାଁଟା ସରଳାର୍ଥରେ ଦେଖି ମୁଁ ଟିକେ ହସିଦେଲି। ହଠାତ୍ ହଲ୍‌ରେ ପୁଅଝିଅଙ୍କ ଭିତରେ ଗୋଟେ ଚାପା ହସର ତରଙ୍ଗ ଖେଳିଗଲା।

ଉଦ୍ୟାନ ଆସ୍ତେ କହୁଥିଲା - "ଧନ୍ୟ ସେ କବି, ଧନ୍ୟ ସେ କଲମ...."

ତା ଆଡ଼କୁ ଅନେଇଲା ବେଳକୁ ସେ ମୁହଁକୁ ତଳକୁ ପୋତି ଲେଖିବା ଆରମ୍ଭ କରି ଦେଇଥିଲା । କିନ୍ତୁ ଓଠରେ ତା'ର ଛୋଟ ହସଟିଏ ଲାଖିରହିଥିଲା ।

ପରୀକ୍ଷା ସରିବାର ଦି'ଦିନ ପରେ ଲାଇବ୍ରେରୀ ବହି ଫେରେଇବାର ଶେଷ ତାରିଖ । ସମସ୍ତେ କଲେଜ ଆସିବା କଥା... ତା'ପୂର୍ବଦିନ ଅଜଣା କାହାଠୁ ଗୋଟେ ଚିଠି ପାଇଲି-

"ରଙ୍ଗଣୀ ଫୁଲ ତୁମକୁ ଭଲ ଲାଗୁଥିଲେ କାଲି କଲେଜର ଶେଷ ଦିନରେ ତୁମର ସେ ରଙ୍ଗଣୀ ଫୁଲ ରଙ୍ଗର ଶାଢ଼ୀଟା ପିନ୍ଧି ଆସିବାକୁ ଅନୁରୋଧ ।"

ଚିଠିଟା ପଢିସାରିଲା ପରେ ରଙ୍ଗଣୀ ଫୁଲର ପରିଚୟଟା ଅଜଣା ରହିଲାନି ।

କିନ୍ତୁ ମୋର ସେ ଶାଢ଼ୀଟା କିଛି ଦିନ ତଳୁ ଲଣ୍ଡ୍ରୀରେ ହଜିଯାଇଥିଲା । ତା'ପର ଦିନ ସକାଳୁ ସେଇ ରଙ୍ଗର ଶାଢ଼ୀଟେ ପାଇବା ଅସମ୍ଭବ ଥିଲା । କ'ଣ କରିଥା'ନ୍ତି ଆଉ ? ?

ସେଦିନ ଲାଇବ୍ରେରୀରେ ବହି ଫେରେଇ ସମସ୍ତେ ଅଫିସ୍ ପାଖକୁ ଆସିଲୁ । ମୁଁ ଦେଖିଲି, ଉଦ୍ୟାନ ସାଇକେଲ ନେଇ ବାହାରିଲା । ମୁଁ ତାକୁ ଅନେଇଥାଏ...

ପେଡାଲ୍‌ରେ ଗୋଡ଼ ଦେବା ଆଗରୁ ମୋ ଆଡ଼କୁ ଚାହିଁଲା । ମୁହୂର୍ତ୍ତକର ଆଖି ମିଶିବାରେ ମୁଁ ଦେଖିଲି ତା ମୁହଁରେ ସବୁଦିନ ପରି ହସ ନଥିଲା, ଦୁଃଖ ବି ନଥିଲା... ଥିଲା ଗୋଟେ ହଜେଇ ଦେବାର ଭାବ !

ମୁହଁ ଆଡ଼େଇ ସାଇକେଲ ମାରି ଚାଲିଗଲା କଲେଜ ଆମ୍ବତୋଟା ଭିତରେ...

ଶେଷ ଥର ପାଇଁ ମୁଁ ଦେଖୁଥିଲି ତାକୁ ଦୃଷ୍ଟିରୁ ଅନ୍ତର ହେବା ପର୍ଯ୍ୟନ୍ତ ।

ଶ୍ରାବଣୀ ଓ ମୁଁ ବସି କଫି ପିଉଥିଲୁ ଚୁପ୍‌ଚାପ୍ । ତା'କୁ ଏକଥା ସେବେ କହିନଥିଲି କି ଏବେ ବି କହି ପାରିଲିନି ।

ଏଠୁ ଚେକ୍‌ଆଉଟ୍ ଟାଇମ୍ ଦିନ ବାରଟା.. ଆମ ଫ୍ଲାଇଟ୍ ଚଣ୍ଡୀଗଡ଼ରୁ ସଂଧ୍ୟାରେ । ଚାରିଘଣ୍ଟାର ଡ୍ରାଇଭ୍.. ତଥାପି ଶ୍ରାବଣୀକୁ କହିଲି..."ବଣୀରେ ! ଆମେ କାଲି ସକାଳୁ ସକାଳୁ ବାହାରି ଯିବା । ଡେରି କାହିଁକି କରିବା ? ଚଣ୍ଡୀଗଡ଼ରେ ଜଲ୍‌ଦି ପହଞ୍ଚିଲେ ଭଲ...।"

ସକାଳୁ ସକାଳୁ ବାହାରି ପଡ଼ିଲୁ । ତିରିଶ ବର୍ଷ ତଳର ଅକସ୍ମାତ୍ ଆବିଷ୍କୃତ ଋଣ ଭାରରେ ମୁଁ ଅଣନିଶ୍ୱାସୀ ହୋଇ ପଡୁଥିଲି । ଲଗେଜ୍‌ରୁ ମୋର ରଙ୍ଗଣୀ ଫୁଲ ରଙ୍ଗର ଶାଢ଼ୀଟାକୁ ବାହାରକଲି.........

ବାଟରେ କାଳେ କାହା ସଙ୍ଗେ ଦେଖା ହୋଇଯିବ !!!

*ଦୂରଭାଷ: ୯୪୩୭୦୨୫୪୨୯*


# DM Associates
# Chartered Accountants

**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

# ସ୍ୱଦେଶେ ପ୍ରବାସୀ

ଚୈଧୁରୀ ବରଦାପ୍ରସନ୍ନ ଦାସ

ବିସ୍ତୀର୍ଣ୍ଣ ମରୁଭୂମିର ଚତୁର୍ଦ୍ଦିଗକୁ ଚାହିଁଲା ରବି । ଆଗରେ ପଛରେ ସବୁ ଦିଗରେ ତତଲା ବାଲି । ସୀମାନ୍ତ ଦେଖାଯାଉଥିଲା ସୀମାହୀନ । ବିକଳରେ ଶାନ୍ତିର ମୁଣ୍ଡକୁ କୋଳରେ ଧରିଲା । କିଛି ସମୟ ତଳେ ଚଳଚଞ୍ଚଳ ଥିବା ଝିଅଟା ନିଶବ୍ଦ ହୋଇଯାଇଛି । ମୁହଁଟା ବାଲିରେ ମାଡି ହୋଇ ରହିଛି । ବିକଳ ଲାଗିଲା, ଟାଣ ବାଲିରେ କଷ୍ଟ ହେଉଥିବ ତାର ପ୍ରିୟ ପ୍ରତିମା ଶାନ୍ତିକି। ମୁହଁରୁ ବାଲି ଝାଡିଦେଲା, ଆଦରରେ ଶାନ୍ତି, ଶାନ୍ତି ଡାକି ବୋକ ପରେ ବୋକ ଦେଇଚାଲିଲା, ହେଲେ ଶାନ୍ତି ଆଉ ନଥିଲା । ମରୁଶଯ୍ୟା ଛାଡି ସେ ଚାଲିଯାଇଛି। ଦୂରକୁ ଦୂରକୁ, ଅନେକ ଦୂରକୁ । ପାଖରେ ଆହା ବୋଲି କହିବାକୁ କେହି ନାହିଁ । ଆକାଶରେ ଚଢେଇଟିଏ ବି ନାହିଁ । ସାକ୍ଷୀକେବଳ ସୂର୍ଯ୍ୟ ଆଉ ତାର ଆରପଟରେ ଲୁଚିଥିବା ଚନ୍ଦ୍ର । ପୁଣି ଧରଣୀ, ମରୁତ ଦଶଦିଗ ପାଳ ।

ଧରଣୀ ତ ମଣିଷର ମାଆ । ଖାଲି ମଣିଷ ନୁହେଁ, ସମଗ୍ର ଜୀବଜଗତର ସେ ମା'। ଆକାଶ ତ ସେମିତି ମଣିଷର ପିତା, ଜୀବଜଗତର ବି ପିତା । ମରୁତ ତ ଜୀବନ । ନିଶ୍ୱାଃସ ରୁନ୍ଧି ହୋଇଗଲା ପରି ଲାଗିଲା ରବିକି । ବିକଳରେ ଦୁଇହାତ ଲମ୍ୱେଇ ଦେଲା। ପିଲାଦିନେ ମା'କୁ ଚାହିଁ ହାତ ଲମ୍ୱେଇଲେ ଆଉ ଦିଇଟା ହାତ ଲମ୍ୱି ଆସୁଥିଲା । ସେ ହାତ ଥିଲା ମା'ର । ଏଇ ସବୁ ଦୁଃଖ ଭିତରେ ଯିଏ ପାହାଡ ପରି ପାଖରେ ଠିଆ ହେଉଥିଲେ ସେ ଥିଲେ ବାପା, ହେଲେ ଆଜି ସେଇ ହାତ ଅପହଞ୍ଚ, ଧରଣୀ, ଆକାଶ ନିର୍ବିକାର ।

ବିକଳରେ ଶାନ୍ତିର ମଥାକୁ ତୋଳି ଧରି ସେ ଚାହିଁଥାଏ । ହେଲେ ସୀମାନ୍ତର ତାର ବାଡ ଆରପଟେ ଅସହାୟ ଆକାଶ ଆଉ ଧରଣୀ। ଦେହରେ ବଳ ନାହିଁ । ପାଦ ଅବଶ ତଥାପି, "ବୋଉଲୋ, ବୋଉଲୋ" ବୋଲି କହି କେତେ ଖୋଜ ଦଉଡିଲା ରବି । ପୁଣି କଷ୍ଟେ ମଷ୍ଟେ ଛୋଟେଇ ଛୋଟେଇ ଆସି ତୋଳି ଧରୁଥାଏ ଶାନ୍ତିର ମୁହଁକୁ । ବାଲିରେ ମୁହଁଟା ମାଡି ହୋଇଗଲେ ସେ ଚମକି ପଡୁଥାଏ। ଦେହରେ କଷ୍ଟଲାଗିଲା ପରି ଅନୁଭବ କରୁଥାଏ ।

ରବି ଆଉ ଶାନ୍ତି । ଶାନ୍ତି ଆଉ ରବି । ବିସ୍ତୀର୍ଣ୍ଣ ମରୁବାଲିର ସେମାନେ ଅଧିକାରୀ । ହେଲେ ଏ ଅଧୀକାର ଛଡେଇ ନେବାକୁ କେହି ନାହାନ୍ତି । ଶାନ୍ତିର ଚଳତ୍ ଶକ୍ତିହୀନ ଦେହକୁ ଚାହୁଁଥାଏ ରବି । ଶାନ୍ତିରେ ଶୋଇଯାଇଛି ଶାନ୍ତି । ଶାନ୍ତି ତା'ପାଇଁ କେବଳ ଶାନ୍ତି । ମୃତ ନୁହେଁ କି ଜୀବିତ ନୁହେଁ । ସେ ମୃତ୍ୟୁ ଓ ଜୀବନ ଠାରୁ ଆହୁରି ଉର୍ଦ୍ଧ୍ୱରେ । ବିରାଟ ମରୁଭୂମିରେ ମଧୁ ସଂଗୀତ ଗାଉଥିବା ସ୍ୱପ୍ନର କୋଇଲିଟିଏ କି ବାଲିର ଆବରଣ ତଳେ କଳକଳ ବହୁଥିବା ଝରଣାଟିଏ ।

ଏଇ ପ୍ରେମପକ୍ଷୀ ଦିଓଟିର ଠିକଣା ହେଲା ପାକିସ୍ତାନର ସୀମାନ୍ତ ଘୋଟକି ଜିଲ୍ଲାର ମିରପୁର ସହରର । ଭାରତର ଏଇ ସଂସ୍କୃତି ସମ୍ପନ୍ନ ଅଞ୍ଚଳ ରହିଲା ପାକିସ୍ତାନରେ । ଚିରିଗଲା ଭାରତମାତାର ପିନ୍ଧାପାଟ । ଯେଉଁମାନେ ଦିନେ ଗୋରା ଶାସନ ବିରୁଦ୍ଧରେ ଏକାଠି ସ୍ୱର ଉଠେଇଥିଲେ, ପାଲଟିଲେ ଶତ୍ରୁ । ଦିଇଖଣ୍ଡ ନାହିର ପରିଚୟ ବଦଳିଗଲା । ରବି ଆଉ ଶାନ୍ତି କିଶୋର ଆଉ କିଶୋରୀ । ଆଇନ ଆଖିରେ ଏମାନେ ପତିପତ୍ନୀ । ବାପା କନ୍ୟାଦାନ କରିଥିଲେ। ମାତ୍ର ଷୋଳ ବର୍ଷର କିଶୋରୀ ବଧୂ ପାଲଟି ଥିଲା । ମିଛିମିଛିକା ଧୂଳିଘରର ବାହାଘର ନଥିଲା । ଥିଲା ସତ । ପାକିସ୍ତାନରେ କମ ବୟସରେ ପିଲାଙ୍କ ବାହାଘର ହୁଏ । ବାହାଘର ପରେ ଚଉଠି ରାତିରେ ଏମାନେ ସପନ ଦେଖିଲେ। ସେ ସପନକୁ ବାନ୍ଧି ରଖିପାରିଲାନି ସୀମାନ୍ତର ତାରବାଡ। ଉଡିଗଲା ହିଙ୍ଗଲାଜ ମାତାଙ୍କ ଠାରୁ ଜୟସାଲମେରର ତନୋତମାତାଙ୍କ ପର୍ଯ୍ୟନ୍ତ। କଲମ ବହି ଧରି ନଥିବା ଶାନ୍ତି ଦେଖିଲା ସାଗରକୂଳରେ ନୀଳ ସରସ୍ୱତୀ ବାଗ୍‌ଦେବୀ ଶାରଳା ବୀଣା ବଜାଉଛନ୍ତି । ଦେବୀଙ୍କର ସ୍ୱର୍ଗୀୟ ସୁଷମା ତାକୁ ମୋହିତ କଲା । ମନରେ ଭାରତ ଆସିବାର ଇଚ୍ଛା ପ୍ରବଳ ହେଲା ।

ସ୍ୱପ୍ନଟା ପ୍ରସରୀ ଗଲା ଶାନ୍ତିଠାରୁ ରବିକି ପୁଣି ଫେରି ଆସିଲା ଶାନ୍ତି ପାଖକୁ । ତା'ପରେ ଏକ ଦିବ୍ୟ ପ୍ରେମର ସାଗରରେ ଉବୁଟୁବୁ ହେଲେ ଏଇ କିଶୋର କିଶୋରୀ, ପ୍ରେମିକ ପ୍ରେମିକା ପୁଣି ପତିପତ୍ନୀ । ସ୍ୱପ୍ନପକ୍ଷୀ ଡେଣା ହଲେଇ ଅସୀମ ଆକାଶରେ ଉଡିଗଲା । ସେଠି ତାରବାଡ ନାହିଁ, ବନ୍ଧୁକଧାରୀ ସିପାହୀ ଜଗିନାହାନ୍ତି । ସୀମାହୀନ ସୀମାନ୍ତ ତାଙ୍କୁ ସ୍ୱପ୍ନ ଦେଖେଇଲା । ଏଇ ପାକିସ୍ତାନୀ କିଶୋର କିଶୋରୀ ଭାରତ ଆସିବାକୁ ଆଇନର ଦ୍ୱାରସ୍ଥ ହେଲେ। ଏକଦା ନିଜ ଦେଶ ଥିବା ଭାରତ ଆଜି ବିଦେଶ । ଭିସା ପାଇଁ ଦରଖାସ୍ତ କଲେ । ବିନା ଭିସାରେ ଦେଶକୁ ଆଉ ଗୋଟିଏ ଦେଶକୁ ଆସିବା ବେଆଇନ୍,ଦଣ୍ଡନୀୟ ମଧ୍ୟ। ଏଇ କିଶୋର ଦମ୍ପତିଙ୍କ ମନରେ ସ୍ୱପ୍ନ, ମାତୃଭୂମି ଭାରତ ଆସିବେ । ସାଥୀ ହୋଇ ପାସପୋର୍ଟ ଅଫିସଗଲେ ।

ଖୁସିରେ ପାସପୋର୍ଟ ଗ୍ରହଣ କରିବାକୁ ଗଲାବେଳେ ଅଫିସ ତରଫରୁ ଜଣାଇ ଦିଆଗଲା, କାଶ୍ମୀରର ପହଲଗାଓଁରେ ଆତଙ୍କବାଦୀଙ୍କର ନାରକୀୟ କାଣ୍ଡ । ଗୋଟିଏ ନୁହେଁ, ଦୁଇଟି ନୁହେଁ ଛବିଶିଟି ନିରୀହ ଜୀବନ ଚାଲିଯାଇଛି । ଯିବା ଆସିବା ମନା । ଖବରଟା ଶୁଣି ଆକାଶରୁ ଖସି ପଡିଲା ପରି ଲାଗିଥିଲା ପିଲା ଦିଇଟାଙ୍କୁ । କାଚ ଜିନିଷ ଚଟାଣରେ ପଡି ଭାଙ୍ଗିଗଲା ପରି ସ୍ୱପ୍ନ ଗୁଡାକ ଟୁକୁଡା ହୋଇଯାଇଥିଲେ । କିନ୍ତୁ ସେଇ ଭଙ୍ଗାରୁଜା ସପନକୁ ସେମାନେ ଯୋଡି ଦେଖିଲେ ସୀମା ଆରପଟେ ଦେଖାଯାଉଛି ଜୟସାଲମେରର ତାନୋତ ମାତା ମନ୍ଦିର । ପୁଣି ପାର୍ଶ୍ୱନାଥଙ୍କର ଆଠଶହ ବର୍ଷର ପୁରୁଣା କଳାମୁଗୁନି ପଥର ମୂର୍ତ୍ତି । ଆହୁରି ଆକର୍ଷିତ କଲା ଭୁଜପତ୍ର ତାଳପତ୍ରରେ ଲେଖନୀରେ ଖୋଳା ଅକ୍ଷରର ପୋଥିର ଜ୍ଞାନ ଭଣ୍ଡାର ପାଠାଗାର । ସ୍ୱପ୍ନ ଦେଖିଲେ ଝୁନଝୁନ ଜିଲ୍ଲାର ରାଣୀସତୀ ମନ୍ଦିରର । ଲକ୍ଷ୍ୟ ପଥରେ ବାଧା ମଣିଷର ଜିଦ୍ ବଢାଏ, ଏକନିଷ୍ଠତା ବଢାଏ । ଭାରତ ଆସିବାର ବାଧା ତାଙ୍କୁ ଆସିବା ପାଇଁ ଆହୁରି ଆହୁରି ପ୍ରରୋଚିତ କରୁଥାଏ । ବାପ ମା' ବୁଝେଇଲେ, ସାଇପଡିଶା ବି । ହେଲେ ଏଇ ସ୍ୱପ୍ନ ଦେଖୁଥିବା ପକ୍ଷୀ ଦୁଇଟି ଆଶାର ଆକାଶରେ ଅନେକ ଉଚ୍ଚକୁ ଉଡିଯାଇଥିଲେ । ଭାବିଥିଲେ ଆରପଟରେ ଗୋଟାଏ ସୁନ୍ଦର ଦୁନିଆ ଅଛି । ବାହୁ ମେଲେଇ ଅପେକ୍ଷା କରିଛି ଭାରତର ମାଟି ।

ସେଦିନ ରାତିରେ ଗୋଟାଏ ସ୍ୱପ୍ନର ସନ୍ଧାନରେ ଏଇ ଦମ୍ପତି ଘର ଛାଡିଲେ । ଆଗରେ ଜୟସାଲମୀର ସୀମାନ୍ତର ମରୁଭୂମି । ସୀମାନ୍ତ ମୁକୁଳା ନଥିଲେ ବି ଆରପଟକୁ ଯିବାକୁ କାଇଁ କିଛି ବାଧା ନଥିଲା । ପ୍ରହରୀର ସତର୍କ ଆଖିରେ ପ୍ରାୟ ପଲକ ପଡିଯାଇଥିଲା । ପାଖରେ କିଛି ଖାଦ୍ୟ ଆଉ ଗୋଟାଏ ପାଣି ଜାର । ଆଖିରେ ଦିଗନ୍ତ ବ୍ୟାପି ସ୍ୱପ୍ନ ।

ସୀମାନ୍ତ ଟପିଲା ବେଳକୁ ପୂର୍ବାକାଶ ଲାଲ ଦେଖାଗଲା । ଆକାଶର ବାଦଲଖଣ୍ଡ ଭିତରେ ଲୁଚକାଳି ଖେଳି କଅଁଳା ବାଛୁରୀପରି ସୂର୍ଯ୍ୟ ଦିଗ୍‌ବଳୟରୁ ଡେଇଁ ପଡିଲେ । ସୂର୍ଯ୍ୟାଲୋକର ଏଇ ଅପରୂପ ସୌନ୍ଦର୍ଯ୍ୟ ଦର୍ଶନରେ ବୁଡିଗଲେ ରବି ଆଉ ଶାନ୍ତି । ବାଲି ଉପରେ ଚକ୍‌ଚକ୍ କରୁଥାଏ ରବି କର । ରବି ଆବେଗରେ ଜାବୁଡି ଧରିଲା ଶାନ୍ତିର ହାତକୁ । ସାଗରଗାମୀ ନଦୀଟିଏ ନଦୀ ପରି ଶାନ୍ତି ଲୋଟି ପଡିଲା ରବି କୋଳରେ । ଏତେ ବଡ ଇଲାକାର ସେମାନେ ରାଜାରାଣୀ । ଜୀବନରେ ଖୁସିର ଗୋଟାଏ ଚରମ ମୁହୂର୍ତ୍ତ । ଆଗକୁ ମରୁରାଇଜଟା ସୁନ୍ଦର ଦେଖାଗଲା । ଆତ୍ମହରା ହୋଇ ଉଠିଲେ ଏଇ ଦମ୍ପତି ।

ମା'କି ସୁନ୍ଦର ରାଇଜ । ହସିହସି ମୋବାଇଲରୁ ଫୋନ୍ କରି କହୁଥିଲେ ଏଇ ପିଲାମାନେ । ବିଷାଦନାହିଁ, ଶଙ୍କା ନାହିଁ ମା' ନିଶ୍ଚୟ କହୁଥିଲେ, କାଇଁକି ଗଲୁରେ ବାପା ହେଲେ କାହାରି କଥା ଶୁଭୁ ନଥିଲା ଏଇ ପାଗଳ ପାଗେଳୀଙ୍କି । ସୂର୍ଯ୍ୟ ଉଦୟ ହେବାଠାରୁ ବଦଳୁଥିବା ଆକାଶର ରଙ୍ଗକୁ ମୋବାଇଲ ଫୋନ୍‌ର କ୍ୟାମେରାରେ ତୋଳିଧରି ଘରକୁ, ସାଙ୍ଗମାନଙ୍କ ପାଖକୁ ଫଟୋ ପଠାଉଥାଆନ୍ତି । ରବିକୁ ଠିଆକରି ଶାନ୍ତି ଫଟୋ ଉଠାଉଥାଏ, ପୁଣି ଶାନ୍ତିକୁ ଠିଆକରି ଫଟୋ ଉଠାଉଥାଏ ରବି । ବେଳେବେଳେ ପୁଣି ଏକାଠି ନେଇଥାଆନ୍ତି ସେଲଫି । କ୍ୟାମେରା ସ୍କ୍ରିନ୍‌ରେ ଯୁଗଳ ମୁହଁକୁ ଦେଖି ଖୁସିରେ ଫାଟି ପଡୁଥାଆନ୍ତି । ଖୁସିର ପବନ ମରୁଭୂମିର ଟାଣଖରାକୁ ଶୀତଳ କରିଦେଉଥାଏ ।

ଟିଫିନ ବକ୍ସରୁ ଖାଦ୍ୟ କାଢିଲେ ସେ ଦମ୍ପତି । ଲୁଚିଲୁଚି ଆସିଥିଲେ ବି ମନପସନ୍ଦର ଖାଦ୍ୟବାଛି ଆଣିଥିଲେ ଫ୍ରିଜରୁ । ବାଟରୁ ବି କିଛି କିଣିଥିଲେ । ପକ୍ଷୀର ଯେମିତି ଆକାଶରେ ଠିକଣା ନଥାଏ ଏ ପ୍ରେମପକ୍ଷୀ ଦିଓଟିଙ୍କର କିଛି ଧରାବନ୍ଧା ଠିକଣା ନଥିଲା । କମ୍ପାସ କି ଜିପିଏସ୍ ନୁହେଁ ଖାଲି ଦିଗ । ଏଇ ଦିଗରେ ଭାରତ । ଚାଲୁ ଚାଲୁ କେତେବେଳେ ଯେ ସେମାନେ ଭାରତର ସୀମା ଟପି ଆଗେଇଛନ୍ତି ମନେରଖି ପାରିନଥିଲେ । କେହି ତ ଜନମାନବ ଆଖି ଆଗରେ ନଥିଲେ । ରାତିରେ ଖାଲି ଦେଖୁଥିଲେ ବୁଧ ଗ୍ରହଟିକି । ଏମାନେ ଘୁରିବୁଲୁଥିଲେ ନିହାରିକାର ସ୍ୱପ୍ନିଳ ପଥରେ । ଏଇ ଦୁଇ ପ୍ରେମ ପକ୍ଷୀ ଚାଲୁଚାଲୁ ଆଣିଥିବା ଖାଇବା ସରିଗଲା, ପିଇବା ପାଇଁ ଆଣିଥିବା ପାଣିବି ସରି ଆସିଲା । ଜାରରେ ଖାଲି ଶେଷ କେତେ ଟୋପା ମାତ୍ର । ମୋବାଇଲ ଫୋନର ଚାର୍ଜ ବି ସରିଆସିଲା ।

ସ୍ୱପ୍ନ ମଉଳି ଆସିଲା । ପାଣି, ପାଣି ଚିତ୍କାର କରି ଉଠିଲେ ଏଇ ପ୍ରେମପକ୍ଷୀ ଯୁଗଳ । ସମସ୍ତେ ନିରବ । ଆକାଶ, ପବନ, ଧରଣୀ ସମସ୍ତେ । ଉତ୍ତପ୍ତ ମରୁବାଲି ଆହୁରି ଉଗ୍ର ହେଲା । ଟୋପାଏ ପାଣି ପାଇଁ ଛଟିଛଟିଟି ହାତଲମ୍ବି ଆସିଲା ବେଳେ ଏକ ଭିନ୍ନ ଦୃଶ୍ୟ ଦେଖିଲା ପ୍ରକୃତି । ରବି ଶାନ୍ତି ମୁହଁ ପାଖରେ ଟେକି ଧରୁଛି ପାଣି ଜାରକୁ । ଶାନ୍ତି ମୁହଁ ଫେରେଇ ନେଇ ପାଣି ଜାରକୁ ଟେକି ଧରୁଛି ରବିର ମୁହଁ ପାଖରେ । ନିଜର ଜୀବନ ପାଇଁ ନୁହେଁ ସାଥୀର ଜୀବନ ପାଇଁ କି ମମତା । ପରସ୍ପର ପାଇଁ ଚରମ ତ୍ୟାଗ ଦେଖିଲା ପ୍ରକୃତି, ତଥାପି ନିର୍ମାୟା, ନିଷ୍ଠୁର, ନିର୍ମମ ଏଇ ପ୍ରକୃତି । ମେଘ ହୋଇ ବରଷିଲାନି କି ଫଳ କେଇଟା କେଉଁଠୁ ଉଡେଇ ଆଣିଲାନି ।

ଜୀବନ ମୃତ୍ୟୁର ଶେଷ ସଂଘର୍ଷ ବେଳେ ଏଇ ପ୍ରେମପକ୍ଷୀମାନଙ୍କ ପାଖରେ କିଛି ସମୟ ପାଇଁ ମୃତ୍ୟୁ ସଂଜୀବନୀ ଥିଲା କେତେଟୋପା ପାଣି । ପରସ୍ପର ପାଇଁ ସେଇ ଜୀବନ ରସକୁ ତ୍ୟାଗ କରୁକରୁ ରବି ମୁହଁରେ ଜାରକୁ ଚାପି ଦେଇ ଟଳିପଡିଲା ଶାନ୍ତି । କିଛି କ୍ଷଣ, ପରେ ବି କ୍ଷମତା ଶାସନ ଆଉ ରାଜ୍ୟଭୋଗର ଲିପ୍‌ସାର ଲେଲିହାନ ଯୁଇରେ ଜଳିଗଲେ ଏଇ ପ୍ରେମପକ୍ଷୀ ଯୁଗଳ । ନୁହଁନ୍ତି ପାକିସ୍ତାନର ନୁହଁନ୍ତି ଭାରତର କିନ୍ତୁ ମହାଭାରତୀୟ ଚେତନାର ପ୍ରତୀକ ରବି ଆଉ ଶାନ୍ତି । ବିସ୍ତାରବାଦ ଓ ପ୍ରେମର ଯୁଦ୍ଧ ଭୂଇଁରେ ଶହୀଦ ହେଲେ ।

ପଚି ଆସିଥିବା ଶବ ନିକଟରୁ ପାଇଥିବା ପାକିସ୍ତାନୀ ପରିଚୟ ପତ୍ରକୁ ପୋଲିସ ଅଫିସର ଜଣକ ଦେଖୁଥିବାବେଳେ ପାଖ ଗାଆଁର ଅଶିତି ବର୍ଷର ବୃଦ୍ଧ ଲୁହ ଢଳଢଳ ଆଖିରେ କହିଲେ, ବାବୁ ଏମାନେ ଆଜି ସ୍ୱଦେଶେ ପ୍ରବାସୀ । କାଳ୍ପନିକ ସୀମାରେଖାର ବିଭାଜନରେ ଚିରିଯାଇଛି ହୃଦୟ ଆଘାତ ପାଇଛି ଆତ୍ମା । ଜହ୍ଲାଦମାନେ ଚଉକିର ମୋହ ପାଇଁ ବାଣ୍ଟିଦେଲେ ଆତ୍ମାକୁ ମା'ମାଟିକି ସେଇଥିପାଇଁ ଏଇ ଦେବ ଶିଶୁମାନେ ସ୍ୱଦେଶେ ପ୍ରବାସୀ । ମା'ମାଟିକୁ ଝୁରିଝୁରି ଏମାନେ ଆଜି ଶହୀଦ । ମରୁଭୂମିର ଲୁହରେ ସେଇଠି ଗଢିହେଲା ପ୍ରେମମନ୍ଦିର ।

*ବାରଙ୍ଗ, କୋଟିଆଁ, ଜଗତସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ଜଠର

ମୂଳ ସିନ୍ଧୀ -ଅରୁଣା ଜେଠୱାଣୀ
ନଗେନ୍ଦ୍ର ନାଥ ପଟ୍ଟନାୟକ

ଶେଷଥର ପାଇଁ ତା'ର ମନାଲୀ ଯିବାର ଥିଲା । ମନାଲୀ ଏକ ରହଣିସ୍ଥଳ, ବିଗତ ଅଠର ବର୍ଷ ହେବ ସେଠିକି ଯିବାଲାଗି ସେ ଏଡ଼ାଇ ଦେଇ ଆସୁଥିଲା; କିନ୍ତୁ ଏବର ପରିସ୍ଥିତି ତ ଭିନ୍ନ ପ୍ରକାରର । ତା'ର ବିବାହ ହୋଇ ସାରିଥିଲା । ସେ ଛ' ମାସର ଅନ୍ତଃସତ୍ୱା । ଏଇ ବିଗତ ଛ' ମାସ ମଧ୍ୟରେ କେତେ ସଲିଳ ଭାବନରୂପୀ ପୋଲ ତଳେ ବହିଯାଇଥିଲା । ତା'ବାପାଙ୍କ ସାଙ୍ଗେ ସେ ମନାଲୀରେ ପହଁଚିଥିଲା । ଏମିତିରେ ତ ତା' ନିଜ ମା'ଙ୍କର ଘର ମଧ୍ୟ ସେଇଠି । ଏମିତି ନୁହେଁ ଯେ ବିଗତ କାଳଖଣ୍ଡର ତିକ୍ତତା, କର୍କଶତା ଲୋପପାଇଥିଲା । ପୁଣି ଏ କଥା ବି ନୁହେଁ ଯେ ତା'ର ଆଘାତଜନିତ ଜଖମ ଘାଟି ଏବେ ଶୁଖିଯାଇଛି; କିନ୍ତୁ ଆଜି ସେ ପ୍ରତ୍ୟେକ ଜିନିଷକୁ ଏକଦମ୍ ଭିନ୍ନ ଦୃଷ୍ଟିକୋଣରେ ବିଚାର କରିପାରୁଥିଲା ।

ଅଚାନକ ହୋଟେଲ ବ୍ୟାସର ବାଲକୋନିରେ ଛିଡ଼ାହୋଇ ସୋନିଆ ଆଖପାଖରେ ଗୁଂଜରିତ ହେଉଥିବା ନିଜ ପିଲାଦିନର ଡ଼ାକମାନ ଶୁଣିପାରୁଥିଲା: 'ମୁଁ ଅମ୍ମା ପାଖକୁ କେବେ ଯାଇନି, ମୁଁ ସେଇ ଅଙ୍କଲଙ୍କ ସଙ୍ଗେ କେବେ ଯାଇନି । ମୁଁ ଦୁହିଁଙ୍କୁ ଘୃଣାକରେ ।' ନିଜ ଅନ୍ତରର ବିଷ ହେତୁ ସେ ପୁଣି ରହିଯାଇଥିଲା । ନିଜ ଶୈଶବର ଭାବନା ପ୍ରବାହ ଓ ଅନୁଭବ ସବୁ ଉପରେ ନିଘା ଦେବା ମାତ୍ରେଇ ହଠାତ୍ ସୁ ସୁ ଗର୍ଜି ଉଠୁଥିବା ବ୍ୟାସ ନଦୀର ପଖର ଜଳସ୍ରୋତ ଆଡକୁ ତା' ଦୃଷ୍ଟି ଫେରିଆସିଲା । ବର୍ତ୍ତୁଳ ଚକ୍ରାକାର ପଥଦେଇ ହାତୁଡ଼ି ପିଟି ଭାଙ୍ଗିଦେଲା ପରି ପାହାଡ଼ିଆ ସ୍ଥାନରେ ପାଟିକରି,ସ୍ଫଟିକରେ ଚିକ୍‌ମିକ୍ କରୁଥିବା ପଥର ଓ ହିମପାତକୁ ସାଙ୍ଗରେ ନେଇ ଅଫୁରନ୍ତ ଆନନ୍ଦ ଉଲ୍ଲାସରେ ଗୁଣୁଗୁଣୁ ହୋଇ ସେ ଆଗକୁ ବଢୁଥିଲା ।

: 'ପ୍ରିୟ ସୋନିଆ,ତୁ କ'ଣ ପ୍ରସ୍ତୁତ ହୋଇଛୁ ? କକାଙ୍କ ଟ୍ରକ୍‌ଟି ଯେକୌଣସି ମୁହୂର୍ତ୍ତରେ ଏଠିକି ଆସିପାରେ । ତତେ ନେଇଯିବା ପାଇଁ ।' ତା' ବାପା ଶ୍ୟାମ୍ ମୁନଚିସ୍ ନିଜ କୋଠରି ଭିତରେ ଥାଇ କୁହାଟ ଛାଡ଼ିଲେ । ଏକା ଝଟକାରେ ଭାବନା ସ୍ରୋତର ବଳୟ ଭିତରୁ ବାହାରିଆସିଲା ସୋନିଆ । ନଦୀ ସେ ପାରିରେ ମଂଜଥରା ହେମାଳରେ ଗୋଟିଏ ମେଣ୍ଢାକୁ ଥରୁଥିବାର ସେ ଲକ୍ଷକଲା । ସେଇ ପାହାଡ଼ିଆ କ୍ଷେତ୍ରର ସାହାରାରେ ନିଘଂଚ ଝୁମ୍ପୁଡିଘରଗୁଡିକୁ ନିରୀକ୍ଷଣ କଲା । ସେ ବସ୍ତିଗୁଡିକ ଧୂମ୍ରରେ ଆଚ୍ଛାଦିତ ହୋଇଥିଲା ।

: 'ଆସୁଅଛି ପାପା',କିଛି ସମୟ ବିରାମ ଉପରାନ୍ତେ ସେ ଜବାବ ଦେଲା । ନିଜ ଆଖିଦ୍ୱୟରୁ ଧୂଆଁ ଆଡେଇ ଦେଉ ଦେଉ ସେ ପାପାଙ୍କ ପର୍ସ ଖୋଲି ପୁରୁଣା ହଳଦିଆ କାଗଜ ଖଣ୍ଡେ ଅଣ୍ଡାଳି ବାହାରକଲା । ଡ଼ହକ ନିଦାଘରେ ଶୁଖିଯାଇଥିବା ପତ୍ରଭଳି ଚଠି ଖଣ୍ଡିକ ପର୍‌ପର୍ ହୋଇ ଚିରିଯାଉଥିଲା । ଏହା ଥିଲା ତା'ମାମାଙ୍କ ହାତଲେଖା ଚିଠି । ମାମା ତା'ର ଦ୍ୱାଦଶ ଜନ୍ମତିଥି ଉପଲକ୍ଷେ ଲେଖିକରି ତା' ନିକଟକୁ ପଠେଇଥିଲେ । ସେ ସେଟାକୁ ପୁଣିଥରେ ପଢ଼ିଚାଲିଲା

: 'ମୋ ସବାସାନ ଝିଅ ,ମୁଁ କେମିତି ତତେ ନିଜ ଭଲ ପାଇବାର ବିଶ୍ୱାସ ଦେବି । ମା'ର ବାସଲ୍ୟ ମମତା ନଦୀ ଭଳି ଅନନ୍ତ । ତୁ ତ ମୋର ରକ୍ତ, ହାଡ ଓ ମାଂସର ଅଂଶବିଶେଷ । ନାଭି ରଜ୍ଜୁର ସମ୍ପର୍କ ଏବେ ବି ମଜଭୁତ ଓ ପ୍ରୀତିପଦ । ତୁ ବାପାଙ୍କ ସଙ୍ଗେ ଏଇ ପ୍ରଚଣ୍ଡ ରୌଦ୍ରତାପରେ ଆସିଲେ ମୁଁ ଖୁସିରେ ଉଲ୍ଲସିତ ହୋଇଉଠିବି । ମୋର ବିଶ୍ୱାସ, ଶ୍ୟାମ ଆଉ ମୁଁ ଏବେ ସୁଦ୍ଧା ତୋର ଉତମ ଦୋସ୍ତ ହୋଇ ରହିଛୁ । ସେ ଯେବେ ଆସନ୍ତି ସବୁକିଛି ମଧୁର ଓ ସୁନ୍ଦର ହୋଇଯାଏ; କିନ୍ତୁ ତୋର ଅନୁପସ୍ଥିତି ଏକ ଶୂନ୍ୟତା ଭରିଦେଇଛି । ତୋର ଅଭାବ ସଦାକାଳେ ରହିଛି । ତୁ ଆସି ପାରନ୍ତୁନି । ମୁଁ ତେତେ ଦେଖିବା ପାଇଁ ଆକୁଳ ହେଉଛି । କେବଳ ଥରୁଟିଏ...ସ୍ନେହ,ମାମା ।'

ତା'ର ମନେଥିଲା,ମନାଲୀରେ କେବଳ ମା'ଙ୍କର ଉଲ୍ଲେଖ ମାତ୍ରେ ତାକୁ ଭାରି ରାଗ ମାଡୁଥିଲା । ସେ ଗର୍ଜି ଉଠୁଥିଲା, ଆଇନା ଭଙ୍ଗାରୁଜା କରି କାନ୍ଥଗୁଡିକୁ ବି ନିଜର ଉନ୍ନତ କ୍ରୋଧରେ ବଶୀଭୂତ ହୋଥ ଧକ୍କା ଗୋଇଠା ମାଡ଼କଲା । ତା' ପାପା ଶ୍ୟାମ ତାକୁ ଆଇସ୍‌କ୍ରିମ, ଚକୋଲେଟ ଏବଂ ତାଙ୍କ କକା ପୁଅ ଝିଅ ଭାଇ-ଭଉଣୀମାନଙ୍କ ସଙ୍ଗରେ ବଣଭୋଜି କରିବା ଲାଗି ତାକୁ ନେଇଯାଇ ଟିକେ ଥଣ୍ଡା କରିବାକୁ ଚେଷ୍ଟାକଲେ ।

: 'ଶୋଇପଡ଼ରେ ମୋ ଧନ',ତା ବାପା ପୁଣି ବଡପାଟିରେ ସ୍ନେହବୋଳା କଂଠରେ କହିଲେ । ଚଟାପଟ୍ ତା'ର ହୋସ ଫେରିଆସିଲା। ଅନୁଭବ କଲା ସେ ଏ ପର୍ଯ୍ୟନ୍ତ ବି ଚିତ୍ରଟିକୁ ଜାବୁଡ଼ି ଧରିଛି । ହିମପାତର ସାମାନ୍ୟ ପରସ୍ତ ତା'ଶରୀରରେଲାଗିଥିଲା ଏବଂ ପବନ ଛୁଆଁରେ ବରଫ ଭଳି ଥଣ୍ଡା ହେଉଥିଲା । ସେ ଉଷୁମ କୋଠରି ଆଡକୁ ମୁହାଁଇଲା। ସେ ତା' ଗୋଡକୁ ଟାଣିଲା, ଉଲ୍‌ବୁଣା ମଫଲରକୁ ବେକରେ ସଂକୁଚିତକଲା ଏବଂ ପେଗ୍ ହୁଇସ୍କି ନିଃଶେଷ କରିଦେଲା ।

: 'ଟ୍ରକ ଯେକୌଣସି ସମୟରେ ଆସିପାରେ ।' ସେ ତା'ଆଡ଼କୁ ଆଖି ମିଟିମିଟି କରି କଣେଇ ଚାହିଁ କହିଲେ ।

ସେ ଓଠକୁ ବନ୍ଦ କରିଦେଲା ।

: 'ସୋନିଆ ଓ ତୁ ଆଉ ମତେ ଅପମାନିତ କରନା ।' ଲୁଚିଯାଇଥିବା ଏକ ଡ଼ର ତା'ଆଖିରେ ସ୍ପଷ୍ଟ ବାରି ହୋଇ ପଡୁଥିଲା ।

: 'ପ୍ରିୟ ସୋନିଆ, ତୁ ପରା କଥା ଦେଇଥିଲୁ ତୁ କେବେ ପଛଘଂଟା ଦେବୁନି ବୋଲି । ତୋ ମାମା ଆତୁର ହୋଇ ତୋ' ବାଟକୁ ଚାହିଁ ରହିଛନ୍ତି ।' ଲୁହ ଝରାଉଥିବା ମଝିରେ ସେ ସ୍ମିତହସ ହସିବାକୁ ଚେଷ୍ଟା କରୁଥିଲେ ।

: 'ନାଇଁ ପାପା, କେବେ ନୁହେଁ ।'ଏମିତି କହୁ କହୁ ବାହୁଯୋଡ଼ିକ ଶ୍ୟାମର ବେକରେ ଲଗେଇ ସେ ତା'କପୋଳରେ ଚୁମାଦେଲା ।

: 'ପାପା,ମୁଁ ମାମାକୁ ଭେଟିବାକୁ ଚାହୁଁଛି, ମୁଁ ନିଶ୍ଚୟ ଭେଟିବି।' ନିଜକୁ ସଂଯତ କରୁ କରୁ ସେ କହିଲା ।

ଆଖି ଉପରେ ଆଖି ରଖି ଶ୍ୟାମ କହିଲା: 'ସୋନିଆ ତୁ କେବେ ଥରୁଟିଏ ବି ପଚାରିଲୁନି ଯେ, ମୁଁ କାହିଁକି ତୋ ମାଆକୁ କାକା ସହିତ ବିବାହ କରିଥିଲି ।'

ଏ ପ୍ରଶ୍ନଟି ପାପା କାଲି ରାତି ଟ୍ରେନରେ ଯାତ୍ରା କରିଥିଲା ବେଳେ ପଚାରିଥିଲେ। ନିଜ କାନ୍ଧକୁ ଉଚ୍ଚାକରି ସେ ସୋରିଷ କିଆରି ଆଡ଼କୁ ଦୃଷ୍ଟି ଫେରାଇଆଣିଲା । ଚଳନ୍ତା ରେଳଗାଡ଼ି ପଛରୁ ଦୌଡୁଥିବା ଯେଉଁ ଦୃଶ୍ୟ ତା' ଦୃଷ୍ଟି ଆକର୍ଷଣ କରୁଥିଲା। ହିମାଚଳ ପ୍ରଦେଶର ଐତିହାସିକ ଭଗ୍ନସ୍ତୁପ, ସମାଧି-ସ୍ତମ୍ଭ ଓ ପାହାଡ଼ିକ୍ଷେତ୍ର, ଦେବାଳୟ ଓ ବରଫଢ଼ଙ୍କା ପାହାଡ଼ମାନ ଓ ଗୋଧୂଳିର ସୂର୍ଯ୍ୟକିରଣ ଉପରେ ସେ ତା' ଦୃଷ୍ଟି ନିବଦ୍ଧ କଲା । ଏ ନିର୍ଣ୍ଣୟ ଏତେ ସହଜ ନ ଥିଲା । ଶ୍ୟାମ ତା ହାତକୁ ଚାପୁ ଚାପୁ କହିଲେ: 'କିନ୍ତୁଯେଉଁଦିନ ମୋର ହୃଦବୋଧ ହେଲା ଯେ ତୋ ମାଆ କାକାକୁ ଭଲପାଉଛି ମୁଁ ତାକୁ ସେଦିନୁ ଭଲକରି ଜାଣିନେଲି । ସେ ତାକୁ ପ୍ରଥମେ ଭଲ ପାଉଥିଲା, ପ୍ରଥମେ ତା'ର ଅଧିକାର ଥିଲା ।

ମାଆ ତା'ର ଜଣେ ସୌମ୍ୟଦର୍ଶନ ନବଯୁବକକୁ ଭଲ ପାଉଥିଲା ବୋଲି ସୋନା ଜାଣଥିଲା । ମେଷମାନେ ଚରୁଥିବା କୃଷିଫାର୍ମ ବିଷୟରେ ପଢ଼ିବା ସକାଶେ ସେ ଅଷ୍ଟ୍ରେଲିଆ ଚାଲିଯାଇଥିଲା । ପାଂଚବର୍ଷରୁ ଉର୍ଦ୍ଧ୍ୱକାଳ ସେ ସେଇଠି ଅବସ୍ଥାନ କଲା । ଇତିମଧ୍ୟରେ ଡ଼ଲିର ବୃଦ୍ଧ ଜେଜେ-ଜେଜମା ତାକୁ ଶ୍ୟାମ ସଙ୍ଗେ ବିବାହ କରିବା ଲାଗି ବାଧ୍ୟକଲେ; କିନ୍ତୁ ପ୍ରଥମ ପ୍ରେମର ଏ ତର୍କ ତଥା ତା'ର ଯଥାର୍ଥ ଦାବି ତା' ତଂଟିରେ ଲାଖି ରହୁଥିଲା । କଳ୍ପନାରେ ବି ଭାବି ନ ଥିଲା ଯେ,ତା' ବାପା ଏବେ ବି ତା ମାମାର ଦୋସ୍ତ । ଏ କି ପ୍ରକାର ତ୍ରିକୋଣୀୟ ସମ୍ବନ୍ଧ ? ସେ ଭାବୁଥିଲା। 'ପ୍ରିୟ କାକା ତୋର ଏଠି କେଉଁ ମୁହୂର୍ତ୍ତରେ ଆସିପାରନ୍ତି ।' ଶ୍ୟାମ ଖବରକାଗଜର ପୃଷ୍ଠା ଓଲଟାଇ କହିଲା । ସୋନିଆ କ୍ଷଣିକପାଇଁ ପୂରା ଅବିଶ୍ୱାସ ଦୃଷ୍ଟିରେ ଚାହିଁଲା । କେଡ଼େ ସହଜରେ 'କାକା'ର ନାଁ ତା' ଜିଭ ଉପରକୁ ଆସିଲା । ସେଇ ଲୋକଟି ପରା ତା' ପିଠିରେ ଛୁରୀ ଭୁସି ଦେଇଥିଲା ।

: 'ପାପା,ସତରେ ସେ ଭଲ ମଣିଷଟେ । ସେ ନିଜ ସ୍ତ୍ରୀଟିକୁ ସେଇ ଲୋକଟିକୁ ଦେଇଦେଲା ଯାହାକୁ ସେ ବେଶି ଭଲ ପାଉଥିଲା । ସେମାନେ ଏବେ ବନ୍ଧୁତ୍ୱର ଖଣ୍ଡିତ ଅଂଶଗୁଡ଼ିକୁ ଆପଣାଇ ବଂଚିଛନ୍ତି ।'ଏ କଥା ଭାବୁଭାବୁ ସେ ଗାଧୁଆଘର ଆଡ଼କୁ ଆସିଲା ।

'କାକା' ଶବ୍ଦଟି ଏବେ ବି ତା'ପାଇଁ କିଂଚିତ୍ କଠୋର ଥିଲା । ସେଇ ଲୋକଟି ଅଷ୍ଟ୍ରେଲିଆରୁ ଫେରିଆସି ଏମିତି କେମିତି ତା' ମା'କୁ ତାଠୁ ଆଉ ତା ପାପାଠୁ ଛିନ୍ନ କରିପାରନ୍ତି । ଗାଧୁଆଘର ଭିତରେ ସେ ନିଜ ଉଲଙ୍ଗ ଦେହର ପ୍ରତିବିମ୍ବ ଦେଖିଲା । ତା' ପେଟଟି ଏବେ ସ୍ପଷ୍ଟଭାବେ ଉଦ୍‌ଗତ୍ ହୋଇ ଆସିଥିଲା । ଝିଅ ନା ପୁଅ... ! ସେ ଆଉ ତା'ପତିଦେବ ଅରବିନ୍ଦ ସର୍ତ୍ତ ଆରୋପ କରିଥିଲେ । ଅରବିନ୍ଦ...ତାକୁ ଏବେ ତା'ର ଉପସ୍ଥିତି ନିହାତି ଦରକାର ଥିଲା । ।

ସେ ହଜାର ହଜାର ମାଇଲ ଦୂରରେ ଥିଲା ନିଜ ସ୍ୱାମୀ ଅରବିନ୍ଦଠୁ। ତଥାପି ସେ ତା' ନିକଟରେ ଥିଲା । ଏହା ଗୋଟିଏ ପାଗଳପଣ, ଉନ୍ମାଦ, ଏକ ପକ୍ଷକ୍ଷୁପ୍ରଭାବାବେଶ। ଭାବନା ସମଷ୍ଟିର ଗୋଟିଏ ଆବର୍ତ୍ତ, ଏକ ଆତ୍ମା ଉନ୍ମତ ହୋଇ ବିଳପୁଥିଲା। ସତରେ ସେ କ'ଣ ତାକୁ ତ୍ୟାଗ କରିପାରନ୍ତା ? ଯଦି ତା'ବାପା ତାର ବିବାହ ଆଉ କାହା ସହିତ ସ୍ଥିର କରିଦିଅନ୍ତି ଯେ କି ଉଚ୍ଚସ୍ଥାନରେ ରହିଥିବ । ନା-ନା, କେବେ ନୁହେଁ ।

: 'ଆଲୋ ମାମା.... !' ସେ ଗୁଣୁଗୁଣେଇଲା । 'ମୁଁ ତମକୁ ବୁଝୁଛି, ବିଲକୁଲ ବୁଝିଯାଇଛି ।' ସେ ନିଜ ମାମା ଆଉ କାକା ମଧ୍ୟରେ ଥିବା ପ୍ରେମକୁ ହିଁ ବୁଝିଥିଲା; କିନ୍ତୁ ଗର୍ଭାଶୟରେ ବଢୁଥିବା ପିଲାଟି ତାକୁ ନିଜ ମାମା ଆଡ଼କୁ ଟାଣୁଥିଲା ବୋଲି ସେ ବେଶ୍ ଭଲଭାବେ ବୁଝିପାରୁଥିଲା । ସେଇ ଜଠରରେ ଯେଉଁଠି ଜୀବନର ସ୍ପନ୍ଦନ ଅଛି । ସେ ନିଜ ମାଆର ହାତ ଧରିବାକୁ ଚାହୁଁଥିଲା ।

ଖବୁ ଜୋର୍‌ରେ ଦରଜା ଖଡ୍‌ଖଡ ଶବ୍ଦଟିଏ ଶୁଣିବାକ୍ଷଣି ସେ ବେଗାବେଗି କପଡ଼ା ବଦଳେଇ ପକାଇଲା । ଅତି ଢିଲା ଫ୍ରକ୍‌ଟିଏ ପିନ୍ଧି ତା' ଉପରେ ଖଣ୍ଡେ ଚାଦର ଢାଙ୍କିଦେଲା । ସାମାନ୍ୟ କ୍ଷୀଣ ପାଟିଶବ୍ଦ ଥିଲା, ହୁଏତ କାକା ଆସୁଥିଲେ । ସେ ଶିଡ଼ିରୁ ତଳକୁ ଓହ୍ଲାଇ ଆସିଲା । ହୋଟେଲ ବାହାରେ ପଥର ମାଟିର ପ୍ରାଚୀରରେ ଜଳୁଥିବା ନିଆଁ ଓକ୍ ଗଛତଳେ ଚକ୍‌ଚକ୍ କରୁଥିଲା । ସେ ଯେମିତି ବନ୍ଧୁର ଆବୁଡାଖାବୁଡ଼ା ରାସ୍ତାରେ ଯାତ୍ରା କରୁଥିଲା, ଗତି ସହିତ ଅରବିନ୍ଦ ଆଡ଼େ ତାର ନିଘା

ଥିଲା । ଅରବିନ୍ଦର ସୁନ୍ଦର ଚେହେରା, ଧୂସର ରଙ୍ଗର ଆଖି, ଧରିତ୍ରୀ ଭଳି ଧୂସର । ସେ ପ୍ରେମଜାଲରେ କେବେ ଫସିଥିଲା ?

ଅଠର ଡିସେମ୍ବର,ସନ୍ଧ୍ୟା ଆଠଟା ବାଜିବା ମାତ୍ରେ କ୍ଲବରେ । ଦୃଷ୍ଟି ଫେରାଇଆଣିଲା ତା'ଆଡ଼କୁ । ଇଚ୍ଛାର ଭାବନା, ପ୍ରେମର ଆଲୋକ ଓ ଅଭିଳାଷର ତୀବ୍ରତା ଲୁଚାଛପାରେ ଗତି କରିଥାଏ । ତା' ମନର ଝର୍କାଟି ଖୋଲିଗଲା । ତାହା ଥିଲା ଚମତ୍କାରର ଗୋଟିଏ ମୁହୂର୍ତ୍ତ । ସ୍ୱତନ୍ତ୍ର ଉପହାରର ଏକ ନିମିଷ , ଜାଗରୁକତାର ଏକ ମୁହୂର୍ତ୍ତ । ଚେଉଁ ଉଠୁଥିବା ଗୋଟିଏ ଆବାଜ , ଅଜବ ଅଧ୍ୟାୟ,ଏକ ତୃଷିତ କୋଳିଗଛ ଭଳି ଯେ ବର୍ଷଜଳ ପାଇଁ ଆକୁଳବିକଳ ହୁଏ । ଏଭଳି ପ୍ରେମ ଥିଲା ତା ସ୍ୱାମୀ ଅରବିନ୍ଦ ପାଇଁ। ହୋଇପାରେ,ଏମିତି ପ୍ରେମ ଥିଲା ମାଆଙ୍କର କକାଙ୍କ ପ୍ରତି । ଜିପ୍‌ଟି ପଥର ଉପରେ ଯେମିତି ପହଁଚିଛି କାକା ଧୂଆଁକୁ ଦେଖାଇ କହିଲେ: 'ଏ ମନିକ୍ରମରବରଫାବୃତ ପାହାଡ଼ମାଳା । ସୋନା ପଛକୁ ବୁଲିପଡ଼ି ଦେଖିଲା,ତା ଆଖିରେ ଆଖି ମିଳାଇଲା । ସେ କ'ଣ ଅରବିନ୍ଦର ଛବି ଦେଖୁଥିଲା ସେ ଆଖିରେ ?

ସୋନିଆ , ଆମେ ସବୁ ତୁମ ମାମାକୁ ଭଲପାଉଛୁ । ତାଙ୍କ ଜିପ୍‌ଟି ହିମ ଆଚ୍ଛାଦିତ ନିସ୍ତବ୍ଧତା ସହିତ ତାଳ ମିଳେଇ ଗତି କରୁଥିଲା । ଗୋଟିଏ ଛୋଟ ଗଡ଼ରେ ନ ପହଁଚିବା ପର୍ଯ୍ୟନ୍ତ କାକା ତା' କାନ୍ଧକୁ ଥାପୁଡେଇଲେ। ସେଇ କିଲାଟି ଉଚ୍ଚସ୍ଥାନରେ ନିର୍ମିତ ହୋଇଥିଲା । ସ୍ତ୍ରୀଲୋକଟିଏ ବାଇଗଣୀ ରଙ୍ଗର ଶାଲଟି ଦେହରେ ବେଢ଼ି ହୋଇ ଦରଜା ଖୋଲୁଥିଲା ।

ଘର ଭିତର ପରିବେଶ ଉଷ୍ଣତାରେ ଭରିଯାଇଥିଲା । ଚିମିନିରେ କାଠ ଜଳୁଥିଲା । ରନ୍ଧାରନ୍ଧି କରିବା ପାଇଁ ଚୁଲୀ ଥିବା ସ୍ଥାନଟିର ଉପରେ କାନ୍ଥରେ ଲାଗିଥିବା ଫ୍ରେମଲଗା ପ୍ରତିଛବିଟି ବେଶ୍ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା । ତା' ସାମନାରେ ଥିବା ଝୁଲା ଚଉକିଟି ରିକ୍ତ ଥିଲା । ହୁଏତ ମାମା ତାର ସେଇ ଝୁଲା ଚଉକିଟି ଉପରେ ବସି ସାଙ୍ଗଦୋସ୍ତ ଓ ବନ୍ଧୁପରିଜନଙ୍କ ପାଇଁ ଉପହାର ସକାଶେ ଉଲ୍‌ରେ ସୁଏଟର ଓ ମଫଲର୍ ବୁଣୁଥିଲେ । କିଲାରେ ରାସ୍ତା ଓ ଗଳି ନ ଥିବାରୁ ସେ ଅଜ୍ଞାତ, ଅପରିଚିତଙ୍କ ଭଳି ସେଠିକି ଭାଗିଲା ଯେଉଁଠି ତା' ବେମାର ପଡିଥିଲେ ।

'ମା' ମୁଁ ଆସିଗଲିଣି ।' ମା'ଦରଜା ଖୋଲିଲା ମାତ୍ରେଇ ସେ କଇଁକଇଁ ହୋଇ କାନ୍ଦିଉଠିଲା । ଜଣେ ନିରୀହ ହତାଶ ମାଆ ଉଦାସପଣକୁ ଢାଙ୍କିଦେଇ କାଚ-କାଠରେ ତିଆରି ହୋଇଥିବା ବିଛଣାରେ ଶୋଇଥିଲା । ସୋନିଆ ତା ଆଡକୁ ଅପଲକ ନୟନରେ ଚାହିଁଲା ।

'ମା...ମା... !' ସୋନିଆ ତାକୁ ବୋକ ଦେଲା ଏବଂ ଆଖି ତା'ର ଅଶ୍ରୁସିକ୍ତ ହୋଇ ଆସୁଥିଲା । ଦୁଇ ମର୍ଦ୍ଦ ଛିଡ଼ାହୋଇ ସେଇ ଭାବପ୍ରବଣ ମିଳନର ଉଚ୍ଛ୍ୱାସକୁ ନିରୀକ୍ଷଣ କରୁଥିଲେ । ଦୁଇ ସ୍ତ୍ରୀଲୋକ ମଧ୍ୟରେ ଜଣେ ବୃଦ୍ଧ ଆଉ ଜଣେ ନବଯୁବକ । ଏମିତି ଲାଗୁଥିଲା ଯେପରି ବ୍ୟାସ ନଦୀର ଉଜାଣି ପାଣି ପର୍ବତମାଳା ମଝିରେ ଏକ ସଂକୀର୍ଣ୍ଣ ମାର୍ଗ ଦେଇ ବହିଯାଉଛି ।

ଚାହାପିଆ ପର୍ବ ସରିଯିବା ପରେ ସୋନିଆ ମା'ର ବିଛଣା ଉପରେ ଏକ ଆରାମଦାୟକ ସ୍ଥାନରେ ବସିପଡ଼ିଲା । ନିଜେ ଉଷ୍ଣତା ଅନୁଭବ କରୁଥିଲା ଏବଂ ଅଭୟପାଇଥିଲା । ଭାବି ସ୍ତମ୍ଭୀଭୂତ ହେଉଥିଲା ଯେ ସେ କେମିତି ଏଇ ମହିଳାକୁ, ନିଜ ମାଆକୁ ଘୃଣା କରିପାରିଲା, ଯିଏକି ଦେଖିବାକୁ ସୁକୋମଳ, କମନୀୟ ଓ ପୁଣ୍ୟବତୀ,ଗୋଟିଏ ଗୋଲାପଫୁଲର ପାଖୁଡ଼ାଗୁଡିକ ପରି । ମା'ତା'ର ଫିସ୍‌ଫିସ୍ କଂଠରେ କହିଲେ: 'ସୋନିଆ,ମୁଁ ଏଇ ଦିନଟିକୁ ପ୍ରତୀକ୍ଷା କରିଛି । ମତେ ଜଣାଥିଲା ଯେ ତୁ ଯେବେ କୌଣସିଦିନ ନିଜେ ଭଲପାଇବା ଆରମ୍ଭ କରିଦେବୁ ତୁ ବୁଝିପାରିବୁ ଯେ ୟାର ଶକ୍ତି କ'ଣ । ତୁ କ'ଣ ପ୍ରେମ ବିଷୟରେ ଅନନ୍ୟ, ପରମ ସତ୍ୟ ଜାଣିଛୁ ?' ମାଆ ପଚାରିଲେ ।

: ହଁ ମାମା, ଗୋଟିଏ ପ୍ରେମର ଆଲୋକଶିଖା ଅପରିଚିତକୁ ପ୍ରଜ୍ୱଳିତ କରିଥାଏ ।'

ତା'ପରେ ସେ ତା' ମାଆ କପୋଳରେ ପୁଣି ବୋକଦେଲା । ପେଟ ଭିତରେ ବଢୁଥିବା ପିଲାଟି ତାକୁ ଖୁବ୍ ଜୋରରେ ଲାତ୍ ମାରିଲା ।

: 'ଆସ ସୋନିଆ, ପଛପଟ ଜଙ୍ଗଲକୁ ଯାଇ ଘେରାଏ ବୁଲିଆସିବା।' ଏଇଆ କହି କାକା ସୋନିଆକୁ କିଲାର ପଛପଟେ ଲମ୍ବିଥିବା ରାସ୍ତାଟି ଦେଖାଇବାକୁ ଲାଗିଲେ । ଶ୍ୟାମ ଆଉ ଡ଼ଲୀ କୋଠରିରେ ରହିଗଲେ । ଦୁହେଁ ଉଷୁମ ଚାହା ସୁଡୁକାଏ ସୁଡୁକାଏ ପିଇ ପରସ୍ପରକୁ ଅନାଅନି ହୋଇ ମୁର୍କିମୁର୍କି ହସୁଥିଲେ । ଝିଅର ଏବେ ମା ସଙ୍ଗେ ଭେଟ ହୋଇଛି ବୋଲି ତାଙ୍କୁ ବେଶ୍ ଖୁସୀ ଲାଗୁଥିଲା । ଏ ପୁର୍ନମିଳନ ହୃଦୟ ଯୋଡିକୁ ବିଗଳିତ କରୁଥିଲା ଏବଂ ବିଗତ ବର୍ଷ ବର୍ଷର ଜମିଯାଇଥିବା ଧୂଳି ଅଳନ୍ଧୁକୁ ସଫା କରୁଥିଲା ।

ପଛପଟେ ଥିଲା ପାଇନ୍ ଗଛମାନଙ୍କର ଏକ ନିଘଂଚ ଜଙ୍ଗଲ । ଅଠରଟି ପାଇନ୍ ଗଛ ପୃଥକ ପୃଥକ ବୟସର ଅଲୌକିକ ଛବିହୋଇ ପ୍ରେମ ନିବେଦନ କରୁଥିଲେ ମନାଲୀର ବରଫାବୃତ ଉଠାଣିରେ । ହଁ ପ୍ରେମର ରଙ୍ଗିନ ଛବି, କାହିଁକିନା ପ୍ରତ୍ୟେକ ଗଛରେ ସୋନିଆର ଜନ୍ମତାରିଖ ଲଗାଯାଇଥିଲା । ସୋନିଆ ନିଜ ଆଖିକି ବିଶ୍ୱାସ କରୁ ନ ଥିଲା । ସେ ଅଥଳ ଗଭୀରତା ପର୍ଯ୍ୟନ୍ତ ଏଇ ପ୍ରେମର ଉଷ୍ଣତାକୁ ଅନୁଭବ କରୁଥିଲା । ତା' ଆଖିଯୋଡ଼ିକ ଲୁହରେ ବତୁରି ଯାଇଥିଲା । ପ୍ରତିବର୍ଷ ତା' ମାଆ ଗୋଟିଏ ଗଛ ଲଗାଉଥିଲା, ପାଇନ୍ ଗଛ । ସେଇ ଗଛର ପ୍ରେମ ଉପହାର । ସେତେବେଳେ ତା' ଜନ୍ମଉତ୍ସବ ପାଳନ କରିବା ପାଇଁ ଝିଅଟି ମାଇଲ ମାଇଲ୍ ଦୂରରେ ଥିଲା । ନିଜର ପିଲାଳିଆମି ଆଚରଣ ଓ କ୍ରୋଧ ହେତୁ ସେ ଦୂରତ୍ୱ ସୃଷ୍ଟି କରିଥିଲା । ଜଠରରେ ବଢୁଥିବା ନୂଆ ଜୀବନଟି ଖୁବ୍ ସୁନ୍ଦର ଭାବେ ସେଇ ଖାଇଟିକୁ ବୁଜିଦେଇଥିଲା ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡିଶା ସରକାର ଓସ୍କାର ସିଟି, ଲେନ ନଂ-୯, ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ ରୋଡ୍ , ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# କଳାଜାଇ

## ମନୋଜ କୁମାର ଜେନା

ସସ୍ମିତା ମାଲକାନାଗିରିରେ ଏସ୍.ପି. ଭାବରେ ଯୋଗଦାନ କରିବା ପରେ ତାର ଅଧସ୍ତନ ପୋଲିସ୍ ଅଫିସରଙ୍କ ସଙ୍ଗେ ଘନ ଘନ ବିଚାର ବିମର୍ଷ କରିଥିଲା । ମାଲକାନ୍‌ଗିରିରେ ମାଓବାଦୀଙ୍କ ପ୍ରବଳ ଉପଦ୍ରବ । ଛଅମାସ ହେବ ସେମାନଙ୍କର ନେତୃତ୍ୱ ଜଣେ ଶିକ୍ଷିତ ଯୁବକ ନେଲାପରେ ମାଓବାଦୀଙ୍କ ଉତ୍ପାତ ଦ୍ୱିଗୁଣିତ ହୋଇଛି । ସସ୍ମିତା ମାଓବାଦୀଙ୍କୁ ନିପାତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଥିଲା । ମାଲକାନଗିରିରେ ମାଓବାଦୀଙ୍କୁ ଦମନ କରିବା ଥିଲା ସସ୍ମିତାର ଚାକିରି ଜୀବନର ଏକ ବଡ଼ ଆହ୍ୱାନ ।

ସେଦିନ ଅପରାହ୍ନରେ ଶହ ଶହ ମାଓବାଦୀ ଅସ୍ତ୍ର ଶସ୍ତ୍ର ଧରି ଏସ୍.ପି.ଙ୍କ ଅଫିସ୍ ପାଖକୁ ଦ୍ରୁତ ଗତିରେ ମାଡ଼ି ଆସିଲେ । ଏତେ ମାଓବାଦୀଙ୍କୁ ମୁକାବିଲା କରିବାକୁ ସୀମିତ ପୋଲିସ ବାହିନୀ ସାହସ କରି ପାରିନଥିଲେ । ସେମାନେ ସସ୍ମିତାଙ୍କୁ ତାର କ୍ୱାଟରକୁ ଯିବାକୁ ପ୍ରବର୍ତ୍ତାଇ ବିଫଳ ହେଲେ । ପିସ୍ତଲ ଧରି ଯାହା ହେଉ ପଛେ ସସ୍ମିତା ତାର ଚେୟାରରେ ଅବିଚଳିତ ହୋଇ ମାଓବାଦୀଙ୍କୁ ମୁକାବିଲା କରିବାକୁ ପ୍ରସ୍ତୁତ ହେଉଥିଲା । ଏସ୍.ପି.ଙ୍କ ଅଫିସକୁ ନିଆଁ ଓ ପେଟ୍ରୋଲ ଦ୍ୱାରା ଜାଳି ଦେବାକୁ ଥିଲା ମାଓବାଦୀଙ୍କର ପରିକଳ୍ପିତ ଯୋଜନା । ମାଓମାନଙ୍କ ନେତା ଏସ୍.ପି. ଅଫିସ ଆଡ଼କୁ ଶାଗୁଣା ଭଳି ଝାମ୍ପିନେବାକୁ ମାଡ଼ି ଆସିଲା । ସମସ୍ତେ ଭାବିଲେ ନିଆଁ ଜଳାଇ ଏସ୍.ପି.ଙ୍କ ଅଫିସକୁ ଜାଳି ପୋଡ଼ି ପାଉଁଶ କରି ଦେବା ସଙ୍ଗେ ସଙ୍ଗେ ଏସ୍.ପି.କୁ ଜୀବନ୍ତ ସମାଧି ଦେଇଦେବେ । ମାଓବାଦୀମାନେ ଥାନା ଆଡ଼କୁ ମାଡ଼ି ଆସିଲେ । ଏହା ଭିତରେ ପୋଲିସମାନେ ବନ୍ଧୁକଧରି ମୁକାବିଲା ପାଇଁ ପ୍ରସ୍ତୁତ ହେଲେ । ତାପରେ କଣ ହେଲା କେଜାଣି ମାଓବାଦୀମାନେ କିଛି ନ କରି କସରା ପାହାଡ଼ର ବଣିଆପଡ଼ା ଜଙ୍ଗଲ ଭିତରକୁ ଦ୍ରୁତ ଗତିରେ ପଳାୟନ କଲେ । ଏହା ଥିଲା ମାଓ ନେତାର ନିର୍ଦ୍ଦେଶ । ମାଓବାଦୀଙ୍କ ଅପ୍ରତ୍ୟାଶିତ ପଳାୟନ ଦେଖି ପୋଲିସ୍‌ମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଭାବିଲେ-ସେମାନଙ୍କର କିଛି ଯୋଜନା ରହିଛି । ଥାନାର ପରିସର ଓ ପରିବେଶକୁ ତନଖି କରିଯାଇଛନ୍ତି । କିଛି ଭୟଙ୍କର ପ୍ରଳୟଙ୍କରୀ ଯୋଜନା ପ୍ରସ୍ତୁତ କରି ଥାନାକୁ କିଛିଦିନ ଭିତରେ ଆକ୍ରମଣ କରିବେ ।

ସସ୍ମିତା ପୋଲିସ ଓ ଫୋର୍ସମାନଙ୍କ ସହ ଆଲୋଚନା କରି ଏକ ରଣନୀତି ପ୍ରସ୍ତୁତ କଲା । ମାଓବାଦୀମାନେ ପୁଣି ସଂଗଠିତ ହୋଇ ବିପୁଳ ଅସ୍ତ୍ରଶସ୍ତ୍ର ଗୋଳାବାରୁଦ ନେଇ ସେମାନଙ୍କୁ ଆକ୍ରମଣ କରିବା ପୂର୍ବରୁ ଅପ୍ରତ୍ୟାଶିତ ଭାବରେ କମ୍ବିଂ ଅପରେସନ କରି ତାଙ୍କ ଦୁର୍ଗକୁ ମୂଳୋତ୍ପାଟିତ କରିବାକୁ ସ୍ଥିର କଲା । ପରଦିନ ଭୋରରୁ ପୋଲିସ୍ ବାହିନୀ ପ୍ରଚଣ୍ଡ ଆକ୍ରମଣ କରିବାରୁ ମାଓବାଦୀମାନେ ଲାଣ୍ଡମାଇନ ଓ ଗୋଳାବାରୁଦ ଛାଡ଼ି ଯେ ଯୁଆଡ଼େ ପଳାଇ ଗଲେ । ୧୦ଜଣ ମାଓବାଦୀ ଆହତ ହୋଇ ଘଞ୍ଚ ଜଙ୍ଗଲରେ ଲୁଚିଗଲେ । ପାଇଥିବା ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦକୁ ନେଇ ବିଜୟଗର୍ବରେ ଫେରି ଆସିଥିଲେ ପୋଲିସ୍ ବାହିନୀ । ସମସ୍ତଙ୍କ ପଛରେ ଥାଆନ୍ତି ସୁସ୍ମିତା । ହଠାତ୍ ଏକ ଶବ୍ଦ ଶୁଣି ପଛକୁ ଅନାଇଲାବେଳକୁ ଏକ ଦୁର୍ଦ୍ଦାନ୍ତ ମାଓବାଦୀ ବୁଦା ଭିତରୁ ବାହାରି ଘଞ୍ଚ ଜଙ୍ଗଲ ଭିତରକୁ ଦୌଡ଼ି ପଳାଉଛି । ସସ୍ମିତା ତାର ପଶ୍ଚାତ୍‌ଧାବନ କରି ତା ଉପରକୁ ଗୁଳି ଚଳାଇଲା ବେଳକୁ ତାର ହାତ ଅଟକିଗଲା । ହାତପାହାନ୍ତାରୁ ଖସିଗଲା ମାଓବାଦୀଙ୍କ ନେତା ।

ଅଫିସ୍‌କୁ ଫେରିଆସି ସେ ଅନୁତାପର ନିଆଁରେ ଜଳୁଥିଲା । ଜଣେ ସଚ୍ଚୋଟ ପୋଲିସ୍ ଅଫିସର ହୋଇ ସାମ୍ନାରେ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ପାଇ ତା ଉପରେ ଗୁଳି ଚଳାଇ ପାରିଲାନି, ଏହା ତାର ବିବେକକୁ କୋରି ପକାଉଥିଲା । ସେ ମାଓବାଦୀ ଥିଲା ଶ୍ୟାମଳ ବର୍ଣ୍ଣ, ଲଣ୍ଡିତ ମସ୍ତକ, ହାଫ୍ ପ୍ୟାଣ୍ଟ ଓ ଦେହରେ ଏକ କଳା ରଙ୍ଗର ସାର୍ଟ । କିନ୍ତୁ ଯାହା ସସ୍ମିତାକୁ ହଲଚଲ୍ କରି ଦେଇଥିଲା, ତାହା ମାଓନେତାର ଗୋଡ଼ରେ ଥିବା ଏକ ବିରାଟ କଳାଜାଇ । ଠିକ୍ ଭାରତ ମାନଚିତ୍ର ଭଳି ।

ସସ୍ମିତାର ସ୍ମୃତି କାକଳି ତୋଳି ଉଡ଼ିଯାଇଥିଲା ବାଣୀବିହାରର କୃଷ୍ଣଚୂଡ଼ାର ପଣତ ତଳେ ଅଙ୍କୁରିତ ହୋଇଥିବା ତାର ପ୍ରଥମ ପ୍ରଣୟ । ବାଣୀବିହାରର ଛାତ୍ର ୟୁନିଅନର ସଭାପତି ପାଇଁ ଠିଆ ହୋଇଥିବା ପ୍ରାର୍ଥୀ ଭାରତ ସାମନ୍ତରାୟର ବ୍ୟକ୍ତିତ୍ୱ ତାକୁ ମୁଗ୍ଧ କରିଥିଲା । ସସ୍ମିତା ଥିଲା ଉଇଁ ଆସୁଥିବା ଜହ୍ନଟିଏ ପରି ଶୀତଳ । କଇଁଫୁଲ ପରି ତା ହସର ନିର୍ମଳପଣ ହିଁ ସମସ୍ତଙ୍କୁ ବିମୁଗ୍ଧ କରେ । ତାହାହିଁ ଆହ୍ଲାଦିତ କରିଥିଲା ଭାରତକୁ । ସସ୍ମିତା ଭାବୁଥିଲା-ଭାରତର ଛଳ ଛଳ ଝରଣା ପରି ବ୍ୟକ୍ତିତ୍ୱ । ତାଙ୍କର ମୁଠାଏ ଭଲ ପାଇବା, ଟିକିଏ ଖୋଲାପଣ ଆଉ ଗୋଟିଏ ପ୍ରଶସ୍ତ ହୃଦୟ ଅଛି, ଯାହା ଭିତରେ ସେ ନିଜକୁ ସମ୍ପୂର୍ଣ୍ଣ ହଜାଇ ପାରିବ । ସ୍ୱପ୍ନର ଛୁଆଁରେ ଗଢ଼ିବ ଛୋଟ ଘରଟିଏ । ସେଠିଥିବ ଭରସାର ସୌଧ, ସ୍ନେହ ମମତାର ରଙ୍ଗ, ଭଲ ପାଇବାର ଚଟାଣ, ଛଳଛଳ ହେଉଥିବା ଅନ୍ତରଙ୍ଗତା । ଭାରତ ସଭାପତି ଭାବେ ନିର୍ବାଚିତ ହେବାପରେ ସସ୍ମିତାର ଆନନ୍ଦର ସୀମା ନଥାଏ ।

ବାଣୀବିହାରର ଉନ୍ମୁକ୍ତ ପରିବେଶରେ ମଳୟର ଦୋଳିରେ ଝୁଲି ଝୁଲି ସେ ମୁକ୍ତ ବିହଙ୍ଗଟିଏ ଭଳି ଡେଣା ହଲାଇ ଉଡୁଥିଲା । ଭାରତର ମୁଗ୍ଧ ଦୃଷ୍ଟି ଯେତେବେଳେ ତା ଉପରେ ପହଁରିଯାଏ, ଲଜ୍ଜାରେ ଆରକ୍ତ ହୋଇଯାଏ ତାର ମୁଖମଣ୍ଡଳ ।

ଭାରତ ଥିଲା ସାମ୍ୟବାଦୀ । କମ୍ୟୁନିଷ୍ଟ ଆଦର୍ଶରେ ତାର ଅଟଳ ବିଶ୍ୱାସ । ସେ ଥିଲା ସମ୍ଭ୍ରାନ୍ତ ପରିବାରର ସନ୍ତାନ । ଅଚଳାଚଳ ସମ୍ପତ୍ତି । କିନ୍ତୁ ଖଟିଖିଆ ମେହେନତୀ ଜନତା ପାଇଁ ତା ହୃଦୟରେ ଲହଡ଼ି ମାରୁଥାଏ ସମ୍ବେଦନଶୀଳତା । ଅନ୍ୟାୟ ଅନୀତି ଦେଖିଲେ ତା ରକ୍ତରେ ନିଆଁ ଜଳେ । ସସ୍ମିତା ଥିଲା ରକ୍ଷଣଶୀଳ ମଧ୍ୟବିତ୍ତ ପରିବାରର ସନ୍ତାନ । ଦେଖିବାକୁ ସୁନ୍ଦରୀ, ଆକର୍ଷଣୀୟା । ସସ୍ମିତା ଭାରତକୁ ବୁଝାଏ-ତୁମେ ଏକୁଟିଆ ଏ ସମାଜକୁ ବଦଳେଇ ପାରିବନି । ଆଦର୍ଶକୁ ନେଇ ଆମେ ବଞ୍ଚିପାରିବାନି । ବାସ୍ତବତା ସହ ସାଲିସ କରିବାହିଁ ଜୀବନ । ତୁମେ କୃତୀଛାତ୍ର । ଭଲ ଚାକିରି କରି ସମାଜରେ ପ୍ରତିଷ୍ଠିତ ହୋଇପାରିବ । ଭାରତ ହସ ହସି କହେ- ମୃତ୍ୟୁର କୋଳକୁ ଡେଇଁପଡ଼ି ଯେ ଜୀବନକୁ ଜନ୍ମଦିଏ, ସେହିଁ ପ୍ରକୃତ ମଣିଷ । କେତେଜଣ ସଂକଳ୍ପବଦ୍ଧ ସାଧକ ଚାହିଁଲେ ଏ ଦୁନିଆର ମୋଡ଼କୁ ବଦଳେଇ ପାରିବେ । ଏ ଦୁନିଆକୁ ଅନ୍ୟାୟଶୂନ୍ୟ କରି ପଛଧାଡ଼ିର ମଣିଷମାନଙ୍କୁ ଏକ ସରସ, ସୁନ୍ଦର, ସମୃଦ୍ଧ ଜୀବନ ଦେଇପାରିବେ । ଖେଳରେ ହାର୍ ଜିତ୍ ଥାଏ । ବିଫଳତା ଲାଗି ଡର ରହିଲେ ସଫଳତା ଆସିବ କିପରି ? ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ହେଲେ ପାଗଳପଣ ଦରକାର ।

ସୁନ୍ଦର ସୁଠାମ ଭାରତର ହସ ହସ ମୁହଁରେ କି ଯାଦୁଗରୀ ! ତାର ଗୋରା ତକତକ ଦେହ, କୁଞ୍ଚିତ କେଶ ଓ ବାଗ୍ମିତା ସସ୍ମିତାକୁ ପାଗଳିନୀ କରେ । ପ୍ରେମ ଆକାଶରେ ସଦା ଜହ୍ନର ଆଲୋକ, ପ୍ରେମ ଏକ ଶ୍ରାବଣମାସର ବନ୍ୟା । ସସ୍ମିତା ଯୁକ୍ତି ନକରି ବିମୁଗ୍ଧ ନୟନରେ ଭାରତକୁ ଅନାଇ ରହିଥାଏ ଆଉ ତାର ପ୍ରଶସ୍ତ ଛାତିତଳେ ନିଜକୁ ଅଜାଡ଼ିଦିଏ । ସସ୍ମିତା ଭାବୁଥିଲା ତା ଆଖିର ଅଞ୍ଜନରେ ଭାରତକୁ ପ୍ରୀତିମଗ୍ନ କରିଦେବ, ହୃଦୟକୁ ଚିରି ଶେଫାଳି ପରି ଲୋଟିଯାଇ ଭାରତକୁ କରିବ ସଂସାରମନସ୍କ ।

ବାଣୀବିହାରରେ ଏମ୍.ଏ. ପରୀକ୍ଷା ପରେ ନିଖୋଜ ହୋଇଗଲା ଭାରତ । ତାର ପତ୍ତା ମିଳିଲାନି । ତାର ମୋବାଇଲ୍ ସୁଇଚ୍ ଅଫ୍ ଦେଖାଇଲା । ଭାଙ୍ଗିଗଲା ସସ୍ମିତାର ମନ । ସମୟର ସ୍ରୋତରେ ସ୍ମୃତି ସବୁ ଭାସିଯିବାକୁ ଲାଗିଲା । ବନ୍ଧନ ଶିଥିଳ ହେବାକୁ ଲାଗିଲା । ସ୍ୱପ୍ନର କୋଣାର୍କ ଭାଙ୍ଗିଗଲା, ତାଜମହଲର ରଙ୍ଗ ଧୂସର ହେଲା, ସାଗରର ଜୁଆରେ ଭଟ୍ଟା ପଡ଼ିଗଲା । ଅପ୍ରାପ୍ତିର ଅବଶୋଷ, ଅବସାଦ ଘୁଣପୋକ ପରି କୋରିକୋରି ଯନ୍ତ୍ରଣା ଦେଉଥିଲେ । ବିରହ ଦଶା ଭୋଗୁଥିଲେ ଦୁଇଟି ହୃଦୟ, ମୁହୂର୍ତ୍ତମାନେ କ୍ରୁଶବିଦ୍ଧ ହେଉଥିଲେ । ବିଫଳତା ପରେ ଯନ୍ତ୍ରଣାର ଜୁଇ ଭିତରୁ ଉଠି ସସ୍ମିତା ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଶପଥ ନେଲା । ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଇପିଏସ୍ ପାଇଲା । ଜୀବନରେ ଅବିବାହିତ ରହିବାକୁ ସ୍ଥିର କଲା ।

ଆଜି ସେଇ ଦୁର୍ଦ୍ଦାନ୍ତ ମାଓବାଦୀର ଗୋଡ଼ର କଳାଜାଇ ତାର ହଜିଯାଇଥିବା ସ୍ମୃତିକୁ ଉଖାରିବାକୁ ଲାଗିଲା । ଭାରତର ଗୋଡ଼ରେ ଠିକ୍ ଏହିପରି କଳାଜାଇଟାଏ ଥିଲା । କିନ୍ତୁ ଭାରତ ଯେ ସୁନ୍ଦର ସୁଠାମ । ଏତ ଗୋଟାଏ ହାର୍ଡ଼କୋର ମାଓବାଦୀ । ଭାରତର ଘଞ୍ଚ କେଶରାଶିରେ ଆକର୍ଷଣୀୟ କୁଞ୍ଚନ । ଏଇ ମାଓବାଦୀ ଏକ ଲଣ୍ଡା, ଶ୍ୟାମଳ ବର୍ଣ୍ଣର ଯୁବକ । ଏ ଯୁବକ ଭାରତ ନୁହେଁ, ସଂଯୋଗ କ୍ରମେ ଗୋଡ଼ରେ ସେଇ ଏକା କଳାଜାଇ । କୃଷ୍ଣଚୂଡ଼ା ଗଛର ଉହାଡ଼ରେ ଭାରତ ଅତି ସନ୍ତର୍ପଣରେ ଦେଖାଏ ତାର ଗୋଡ଼ର ପଛପଟେ ଥିବା କଳାଜାଇକୁ । ହସି ହସି କହେ-ଏ କଳାଜାଇର ଆକାର ଭାରତ ମାନଚିତ୍ର ପରି । ତେଣୁ ମୋ ବାପା ମା ମୋ ନାଁ ଦେଇଥିଲେ ଭାରତ । ତାପରେ ଦୁହେଁ ହସରେ ଉଚ୍ଛୁଳି ପଡ଼ନ୍ତି । ଅଗ୍ନିବର୍ଷୀ ଭାଷଣ ଦେଉଥିବା ସାମ୍ୟବାଦୀ ଯୁବନେତା ଭାରତ ଯେ ସଭା ସମିତିରେ ବିପ୍ଳବର ଦୁନ୍ଦୁଭି ବଜାଏ, ସେ କଅଁଳା ବାଛୁରି ପରି ତା ଚାରିପଟେ ଫକ୍ ଫକ୍ ହୋଇ ଡେଉଁଥିବାର ଦେଖିଲେ, ସସ୍ମିତାର ମନରେ ଲହଡ଼ି ମାରେ ଅପୂର୍ବ ଉଲ୍ଲାସ, ପ୍ରାପ୍ତି ଓ ପରିତୃପ୍ତିର ପୁଲକ ।

ନିଜକୁ ଯେତେ ଭୁଲାଇବାକୁ ଚେଷ୍ଟା କଲେ ବି ସସ୍ମିତା ଆଖିରେ ନାଚୁଥିଲା ସେ କଳାଜାଇ । ମନର ବାହୁଙ୍ଗାରୁ ଛିଣ୍ଡିଯାଇ ନଥିଲା । ପ୍ରେମ ଏକ ଅମରି ଗଛ । କାଟି ଦିଅ କି ଭାଙ୍ଗିଦିଅ, ଶୁଖିଲା କାଠି ଖଣ୍ଡେ ହୋଇ ପଡ଼ି ରହିଥିବ ମାଟି କାମୁଡ଼ି । ଅସରାଏ ବର୍ଷା ହୋଇଗଲେ ଛନ୍ ଛନ୍ ହୋଇ ମୁଣ୍ଡ ଟେକି ଉଠିବ ।

ଅଫିସରେ ସସ୍ମିତା ବସିଥିବା ବେଳେ ହଠାତ୍ ଶହ ଶହ ସଶସ୍ତ୍ର ମାଓବାଦୀ ତା ଅଫିସ୍‌କୁ ଘେରାଉ କରିନେଲେ । ସସ୍ମିତା କିଂକର୍ତ୍ତବ୍ୟବିମୂଢ଼ । ସାମ୍ନାରେ ଧସେଇ ପଶି ଆସିଲା ଏକ ମାଓବାଦୀ । ହାତରେ ପିସ୍ତଲ । ଲଣ୍ଡିତ ମୁଣ୍ଡ, ଆଖି ଦୁଇଟା ଚକ୍ ଚକ୍ କରୁଛି । ଜଙ୍ଗଲରେ ରହି ପୁରା କଳା ପଡ଼ିଯାଇଛି । ସସ୍ମିତା ଭାରତକୁ ଚିହ୍ନି ପାରି ଆଶ୍ଚର୍ଯ୍ୟ ହୋଇ ଲୁହ ଛଳ ଛଳ ଆଖିରେ କହିଲା-ଭାରତ, ତୁମେ ଶେଷରେ ମାଓବାଦୀ ପାଲଟିଗଲ ? ମୋର ମଥା ଉପରେ ଗୁଳି ଚଳାଅ । ଗୁଳି ଚଳାଇଲେ ଯଦି ତୁମର ସ୍ୱପ୍ନର ଭାରତ ତୁମକୁ ମିଳିଯିବ, ତା ହେଲେ ଡେରି କରୁଛ କାହିଁକି ?

– ମାରିଥିଲେ ତୁମକୁ କେବେଠୁ ମାରି ସାରନ୍ତିଣି । ଯେତେବେଳେ ତୁମ ଅଫିସକୁ ପୋଡ଼ିବାକୁ ଆସିଥିଲୁ, ତୁମକୁ ଏସ୍.ପି. ସିଟ୍‌ରେ ଦେଖି କିଛି ନ କରି ପଳାୟନ କରିବା ପାଇଁ ମୋ ଲୋକମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଲି । ତୁମ ଉପରେ ଗୁଳି ଚଳାଇବା ବେଳକୁ ମୋର ହାତ ଜଡ଼ ପାଲଟିଗଲା । ଜଙ୍ଗଲ ଭିତରେ କମ୍ବିଂ ଅପରେସନ୍ ବେଳେ ମୋତେ ସାମ୍ନାରେ ପାଇବି ତୁମେ ବି ଗୁଳି ଚଳାଇପାରିନଥିଲ । କାରଣ କଣ କେହି ନଜାଣିଲେବି ଆମେ ଦୁହେଁ ଜାଣିଛେ । ମୁଁ ହାରି ଯାଇଚି ସସ୍ମିତା । ଆମ ପ୍ରେମ ପାଖରେ ଆମର ଆଦର୍ଶ ହାରିଯାଇଛି । ନିଘଞ୍ଚ ଜଙ୍ଗଲରେ ପଶୁର ଜୀବନ ଯାପନକରି ମଣିଷ ମାରି ଶ୍ରେଣୀହୀନ ସମାଜ ସ୍ଥାପନ ପାଇଁ ଆଶା କରିବା ନିରର୍ଥକ । ମୁଁ ମୋର ଭୁଲ୍ ବୁଝିପାରିଛି । ଆମେ ସବୁ ଆଜି ଆସିଛୁ ତୁମ ପାଖରେ ଆତ୍ମସମର୍ପଣ କରିବା ପାଇଁ ।

ବର୍ଷଣମୁଖୀ ଘନକୃଷ୍ଣ ମେଘମାଳାର ହଠାତ୍ ଝଲକାଏ ବିଦ୍ୟୁତ୍ ରେଖାଭଳି ସସ୍ମିତା ମୁହଁରେ ହସର ଆଲୋକ ରେଖା ଝଲସି ଉଠିଲା ।

*୫୭, ଗୌରୀଗାର୍ଡ଼େନ, ଗୌରୀ ନଗର, ଭୁବନେଶ୍ୱର*
*ଦୂରଭାଷ: ୯୫୭୪୩୩୧୯୫୭*

# ଅପମାନର ପ୍ରେରଣା

ଡ. ଚନ୍ଦ୍ରକଳା ନାୟକ

ଘର ବାହାରେ କେହି ଜଣେ ବାରମ୍ବାର କଲିଂ ବେଲ ବଜାଉଥିଲା । ଓ ହୋ .... ଆଜି ରବିବାରଟାରେ କିଏ ? ଏତେ ସକାଳୁ ରାତି ନପାହୁଣୁ ମଣିଷକୁ ଟିକେ ଶାନ୍ତିରେ ଶୋଇବାକୁ ଦେବେନି । ସକାଳଟାରୁ ଗେଟ ବାହାରେ କିଏ ଗୋଟେ ପହରା ଦେଲାଣି । ମାଗଣ କରିବାକୁ କିଏ ବୋଧେ ଆସିଛନ୍ତି । ମୋର ସମ୍ପର୍କୀୟ ତ କେହି ଏତେ ସକାଳୁ ଆସିବେନି । ଯଦି ବି କିଏ ନିଜ ଲୋକ ଆସିଥାନ୍ତେ, ଫୋନ ତ ନିଶ୍ଚୟ କରିଥାନ୍ତେ । ମଧୁମିତା ଏ ସବୁ ଭାବୁ ଭାବୁ ପୁଣି ଜୋରରେ କଲିଂ ବେଲଟା ବାଜିଲା । ଅସଜଡା ଅଲରା କେଶ ଓ ଶାଢୀର କାନିକୁ ସଜାଡି ସଜାଡି ମଧୁମିତା କବାଟ ଖୋଲିଲା ।

କବାଟ ମୁହଁରେ ଜଣେ ଦରବୁଢା ମଣିଷଙ୍କୁ ଦେଖିଲା । ଏକଦମ ନିପଟ ଗାଉଁଲିଆ । ରୋଗୀଣା, ମଳିମୁଣ୍ଡିଆ, ଜୀର୍ଣ୍ଣ ଶରୀର, ପୋଷାକପତ୍ର ଭାରି ଅପରିଷ୍କାର, ଆଣ୍ଠୁ ଉପରକୁ ମଳିଛିଆ ଗଂଜି ଖଣ୍ଡେ ଦେହରେ, ଆଉ ହାତରେ ଗାନ୍ଧୀ ଅମଳର ଝୁଲା ବ୍ୟାଗଟିଏ । ବୁଢାର ମୁହଁରୁ ଜଣା ପଡୁଥିଲା, ସେ ଯେମିତି ବହୁତ ଦୁଃଖୀ ଓ ବିଷାଦ ଗ୍ରସ୍ତ ।

ବୁଢାଟା ଭିକାରୀ ଭାବି ମଧୁମିତା ବିରକ୍ତି ପ୍ରକାଶ କଲା । କହିଲା କଣ ହେଲା ? ରାତି ନପାହୁଣୁ ମାଗିବାକୁ ଚାଲି ଆସିଲ ? କିଛି ବି ମିଳିବନି, ଏଠୁ ଆଗ ଗଲ । ବୁଢା ଏକ ନୟନରେ ତୃଷାର୍ତ୍ତ ପରି ମଧୁମିତାର ମୁହଁକୁ ଅନାଇ ରହିଛି । ପାଟିରୁ ଭାଷା ବାହାରୁ ନଥିଲା । ବୁଢା କହିଲା- ମାଆ ଟିକେ ଶୁଣ ମୋ କଥା । ମଧୁମିତା କହିଲା- କଣ ଶୁଣିବି, ଏମିତି ତ ଆଜିର ସକାଳଟା ତୁମେ ପୁରା ଖରାପ କରିଦେଲ । ସକାଳୁ ବାରବୁଲା ମୁହଁ ଚାହିଁଲି ଯେ, ଆଜି ଦିନଟା ଅମଙ୍ଗଳ ନିଶ୍ଚୟ ହେବ ।

ବୁଢା ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଆସିଲା । ବୁଢାକୁ ଲାଗିଲା ତା ଗାଲରେ ଯେମିତି କିଏ ଶକ୍ତ ଚାପୁଡାଟିଏ ଦେଲା । ଏ ଅମଙ୍ଗଳିଆ ଶବ୍ଦଟା ତା ଜୀବନର ନିଃସଙ୍ଗତାକୁ ରାମ୍ପି ପକାଉଥିଲା । ବୁଢା ନିଜକୁ ସମ୍ଭ୍ରମ କରି କହିଲା, ମାଆ ମୁଁ ଭିକାରୀ ନୁହେଁ । ମୁଁ ସାଧାରଣ ମଣିଷ । ଟିକେ 'ଜଗତ'କୁ ଡାକିଦେବ । ମୋର ତା ସହ ଗୋଟେ କଥା ବାକି ଅଛି । ମଧୁମିତା ଏଥର କ୍ରୋଧରେ ଥରିବାକୁ ଲାଗିଲା । ବୁଢା ତୋର ଏତେ ସାହସ, ତୁ ମୋର ସ୍ୱାମୀଙ୍କ ନାଁଆ ଧରୁଛୁ । ଯାଆ, ଯାଆ ଏଥର ପଳା, ନହେଲେ ଦେଖିବୁ ମୋତେ ।

ଏତେବଡ ଚିତ୍କାର ଶୁଣି ମଧୁମିତାଙ୍କ ସ୍ୱାମୀ ଜଗତବନ୍ଧୁ ମିଶ୍ରଙ୍କ ନିଦ ଭାଙ୍ଗିଗଲା । ବିଛଣାରୁ ଉଠି ମୁହଁ ନଧୋଇ ଦାଣ୍ଡଘର ଦେଇ ବାହାରକୁ ଆସିଲେ । ଆରେ ମଧୁମିତା କଣ ହେଲା ? ମୁଁ ତ ଡରିଗଲି । ଭାବିଲି ଫୁଲ ତୋଳୁ ତୋଳୁ କିଛି ଗୋଟାଏ ଅଘଟଣ ଘଟି ଯାଇଛି ବୋଧେ । ଆଜିକାଲି ସୁନାଚେନ ଟାଣିବାର ଟ୍ରେନଟା ଚାଲିଛି ତ । ମଧୁମିତା ମୁହଁ ବୁଲାଇ ସ୍ୱାମୀଙ୍କୁ ଉତ୍ତର ଦେଲା, ଏ ବୁଢାର ଦେଖିଲ କେତେ ବହପ ? ମୋ ଘରେ ଠିଆହୋଇ ମୋ ସ୍ୱାମୀଙ୍କ ନାମକୁ କଦର୍ଯ୍ୟ ଭାବରେ କହୁଛି । ଆରେ କିଏ ? ପଚାରିଲେ ଜଗତବନ୍ଧୁ ।

ମଧୁମିତା ରାସ୍ତା କଡକୁ ଅଙ୍ଗୁଳି ନର୍ଦ୍ଦେଶ କରି ସେଇ ମଳିମୁଣ୍ଡିଆ ଗାଉଁଲି ଲୋକଟାକୁ ଆଙ୍ଗୁଳି ନିର୍ଦ୍ଦେଶ କଲା । ଜଗତବନ୍ଧୁ ଜୋରରେ ଚାଲି ଚାଲି ଯାଇ, ପାଖରେ ଦେଖି, ଆଶ୍ଚର୍ଯ୍ୟ ପ୍ରକାଶ କଲେ । ଏ ଦୀନାକକା ତମେ । ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । ବୃଦ୍ଧ ଉତ୍ତର ଦେଲେ- ବାପାରେ ତୁ ମୋତେ ଚିହ୍ନି ପାରିଲୁ । ଏଇଟା ମୋର ପରମ ସୌଭାଗ୍ୟ । ଆଜିକାଲି ନିଜ ଲୋକ ମୁହଁ ଫେରାଇ ଦେଉଥିବା ବେଳେ ତୁ ଏ ଦିନା କକାକୁ ଚିହ୍ନି ପାରିଛୁ, ସେଇଟା ମୋ ପାଇଁ ଯଥେଷ୍ଟ । ଦୀର୍ଘ ତିରିଶ ବର୍ଷ ତଳର ଏଇ ମଣିଷକୁ ତୁ ଏକାଥରେ ଜାଣିଦେଲୁ । ଅଥଚ ମୋ ପୁଅ ମୋତେ ଏ ରୂପରେ ଦେଖିଲେ ଚାକରର ପରିଚୟ ଦିଏ । ତୋର ଏଇ କାକା ଡାକଟା ଭାରି ମିଠାରେ ।

କିଛି ଦୂରରେ ଦଣ୍ଡାୟମାନ ମଧୁମିତା ଏ ଦୃଶ୍ୟକୁ ଖୁବ ଆଶ୍ଚର୍ଯ୍ୟରେ ଅନାଇ ରହିଥାଏ । ଜଗତବନ୍ଧୁ କହିଲା, - ଆରେ ମଧୁମିତା ଦେଖୁଛ କଣ, ଏ ପରା ଆମ ମଧୁପୁର ଗାଁର ମୁରବୀ । ଦିନକୃଷ୍ଣ ଶତପଥୀ ଓରଫ ସମସ୍ତଙ୍କ ପ୍ରୀୟ ଦୀନାକକା । ଜାଣିଛ, ଆଖପାଖ ଅଂଚଳରେ ସମସ୍ତେ ତାଙ୍କୁ ମାନନ୍ତି । ପାଂଚଖଣ୍ଡ ମୌଜାରେ ନ୍ୟାୟ କରିବାର ଅଛି ତ,

ଦିନାକକାକୁ ହିଁ ଖୋଜାପଡେ। ଧନୀ ବି ଥିଲେ, ହେଲେ କଣ ହେବ, ଗୋଟିଏ ମାତ୍ର ପୁଅ ଅଭିମନ୍ୟୁକୁ ଡାକ୍ତରୀ ପଢ଼ାଇବାରେ ସର୍ବସ୍ୱାନ୍ତ ହୋଇଗଲେ। ତାଙ୍କ ପୁଅ ଏବେ କଟକ ଏସ.ସି.ବି ମେଡିକାଲରେ ଜଣେ ଜଣାଶୁଣା ସ୍ତ୍ରୀ ରୋଗ ବିଶେଷଜ୍ଞ । ଜାଣିଛ ମଧୁ, ମୁଁ ଆଜି ଓ.ଏ.ଏସ ହେବା ଫଳରେ ଦୀନାକକାଙ୍କର ହିଁ ହାତ ଅଛି । ତାଙ୍କ ପାଇଁ ତ ମୁଁ ଆଜି ପ୍ରତିଷ୍ଠିତ। ହେଲେ ଏମିତି ପରିସ୍ଥିତି, ଆଉ ଏତେ ବର୍ଷ ପରେ .... ଏତିକି କହି ମଧୁମିତା ଅଟକି ଗଲା। ଇଚ୍ଛା ନଥିଲେ ବି କାକାଙ୍କୁ ପ୍ରଣାମ ଜଣାଇଲା। ମଧୁମିତା ନିଜର ବ୍ୟବହାର ପାଇଁ ଦୁଃଖ ପ୍ରକାଶ ବି କଲା। ଜଗତବନ୍ଧୁ ନିଜ ସ୍ତ୍ରୀଙ୍କ ଖୁବ ପ୍ରଶଂସା କାକାଙ୍କ ଆଗରେ କରୁଥିଲେ। ସେ ଜାଣନ୍ତି ମଧୁମିତାଙ୍କୁ ପ୍ରଶଂସା କରିବା ଭାରି ସୁଆଦିଆ ଲାଗେ। ଘରକୁ ଡାକିନେବା ବାଟରେ ଜଗତବାବୁ କହୁଥିଲେ, ମଧୁ ଭାରି ପରୋପକାରୀ। ସମସ୍ତଙ୍କ ଭଲ ମନ୍ଦ ବୁଝେ। ଭୁଲବଶତ ସେ ଆପଣଙ୍କୁ ଚିହ୍ନି ପାରି ନଥିବାରୁ ଭାରି ଅନୁତପ୍ତ। ଆପଣଙ୍କୁ ଜାଣିଥିଲେ କଣ ତଡି ଦେଇଥାନ୍ତା ?

ଏଥର ପ୍ରଫୁଲ୍ଲ ମନରେ ମଧୁ କାକାଙ୍କୁ ଘରକୁ ଡାକିନେଲା। କାକା, ମୋତେ ଝିଅ ଭାବି କ୍ଷମା କରିଦିଅନ୍ତୁ। ଆପଣ ବସନ୍ତୁ ଏଇ ସୋଫାରେ, କଥାବାର୍ତ୍ତ କରନ୍ତୁ, ମୁଁ ଚାହା ଜଳଖିଆର ବ୍ୟବସ୍ଥା କରୁଛି। ମଧୁମିତା ଠିକ ଯିବାର ସୁଯୋଗ ନେଇ ଜଗତବାବୁ କାକାଙ୍କ ଶୋଚନୀୟ ଅବସ୍ଥା କଥା ବୁଝିବାକୁ ଆରମ୍ଭ କଲେ। କାକା, ଅଭିମନ୍ୟୁ କଣ କିଛି ବୁଝୁନାହିଁ। ସେ ତ ବିରାଟ ବଡ ଲୋକ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ। ଆଉ ଆପଣ ଏମିତି ଅବସ୍ଥାରେ ...... । ତାର ତ କିଛି ଅଭାବ ନାହିଁ। କିନ୍ତୁ ଆପଣଙ୍କ ଏ ଅବସ୍ଥା ପାଇଁ ଦାୟୀ କିଏ ?

କାକା କୋହ ଭରା କଣ୍ଠରେ କାନ୍ଦିବାକୁ ଆରମ୍ଭ କଲେ। କହିଲେ ବାପା, ଏତ କଲା କର୍ମର ଫଳ। ଯେମିତି ଗଛ ଲଗାଇଛି, ଫଳ ତ ମୁଁ ହିଁ ଭୋଗିବ ନାଁ। ଜାଣିଛୁରେ ବାପ, ସେ ମୋତେ ବାପର ପରିଚୟ ଦେଲା ନାହିଁ। କଟକରେ ତାର ବନ୍ଧୁ ମାନଙ୍କୁ ମୋତେ ଚାକରର ପରିଚୟ ଦେଲା। ସେ ତ ଶ୍ୱଶୁର ଘରର ଜ୍ୱାଇଁ ହୋଇ ଶ୍ୱଶୁର ଘର କଥା ବୁଝୁଛି। ଶାଳୀ, ଶଳା, ଶ୍ୱଶୁର, ସେ ସବୁ ତାର ଏକାନ୍ତ ଅନ୍ତରଙ୍ଗ। ମୁଁ କିଏ ? ଏବେ ତ ପୁଅ ଜନମ ପର ଘରକୁ ଲୋ ବାପା।

ସମସ୍ତେ କଣ ତୋ ପରି ପୁଅ ହୋଇଛନ୍ତି ଯେ, ବାପା, ମାଆଙ୍କ ସୁଖ ଦୁଃଖ ବୁଝିବେ। ଆଚ୍ଛା କହିଲୁ ପ୍ରଥମ ଥର ଦେଖାରେ ତୁ ବୋହୂକୁ ମିଛ କାହିଁକି କହିଲୁ ? ମୁଁ ତ ତୋର କିଛି ବି କରିନି। ବରଂ ତୋତା ଆନେକ କଷ୍ଟ ଦେଇଛି। କେବଳ ଗାଁରୁ ଏଠିକି ଆସିବାର ଏକମାତ୍ର କାରଣ, ତୋତେ ଭୁଲ ମାଗି ଶେଷ ଜୀବନରେ ଶାନ୍ତିରେ ମିରି ପାରିବି। ଛି , କାକା ଏ କଣ କହୁଛନ୍ତି। ସେ ଅତୀତକୁ ମୁଁ କେବେଠାରୁ ଭୁଲି ସାରିଛି। ବର୍ତ୍ତମାନ ମୁଁ ତ ଖୁବ ଭଲରେ ଅଛି। ହଠାତ ଦୀନକୃଷ୍ଣ ସୋଫାରୁ ଓହ୍ଲାଇ ଜଗତବାବୁଙ୍କ ଗୋଡ ଦିଇଟାକୁ ଧରି କଇଁ କଇଁ ହୋଇ କାନ୍ଦି ଉଠିଲେ। ଅନୁତାପର ଲୁହ ଗୁଡା ଆଦୌ ବୋଲ ମାନୁ ନଥିଲା। ଜଗତବାବୁ ଦିନାକାକାଙ୍କୁ କୁଣ୍ଢାଇ ପକାଇଲେ। ଅତି ବିନୟରେ କହିଲେ- କାକା, ଆପଣ ଏମିତି କଣ କହୁଛନ୍ତି ? ମୋତେ କ୍ଷମା ମାଗିଲେ, ମୋର ଅମଙ୍ଗଳ ହେବ। ମୋର ଆୟୁସ ହାନି ଘଟିବ। ମନେ ଅଛି କାକା, ଆପଣଙ୍କ କେଇପଦ କଥା, ମୋ ଜୀବନ ରାସ୍ତାକୁ ବଦଳାଇ ଦେଇଥିଲା। ମୋ ଭିତରର ଆତ୍ମସତ୍ତାକୁ ଉଖାରି ଜାଗ୍ରତ କରିଥିଲା। ଆଜି ବି ମୋର ସେ ଦିନ ଜଳ ଜଳ ହୋଇ ମନେ ପଡୁଛି।

ସେଦିନ ଥିଲା ମାର୍ଚ୍ଚ ସାତ ତାରିଖ ରବିବାର। ଆପଣ ଏବଂ ଆପଣଙ୍କ ପୁଅ ଅଭିମନ୍ୟୁ କଟକ ବାହାରି ଥିଲେ। ମୁଁ ପଚାରି ଥିଲି, ଆରେ ଅଭିମନ୍ୟୁ ଭାଇ ଏତେ ସହଳ କୁଆଡେ ? ଅଭିମନ୍ୟୁ ଘୃଣା ଓ ବିରକ୍ତି ହୋଇ ଉତ୍ତର ଦେଇଥିଲା, ରାଣ୍ଡି ପୁଅ ଅନନ୍ତା, ତୋର ଭାରି ସାହସ। ଅତି କଦର୍ଯ୍ୟ ଭାବେ ମୋତେ ଅପମାନ ଦେଇଥିଲା। ତା ପରେ କାକା ଆପଣ ମୋତେ ଅମଙ୍ଗଳିଆ, ଅଲକ୍ଷଣା କହି ଅନେକ ଗାଳି ଦେଇଥିଲେ। ମୁଁ କିଛି ବୁଝିବା ପୂର୍ବରୁ ଆପଣ କଟକରୁ ଫେରିଲେ, ଜୀବନରେ ମାରି ଦେବାର ଧମକ ଦେଇ ଚାଲି ଯାଇଥିଲେ।

ମୁଁ ତ ନିଆଶ୍ରି ପିଲା। ଅଭିମନ୍ୟୁ ଠାରୁ ତିନିବର୍ଷ ସାନ ହେବି। ଏ କଥା ପଦକରେ କଣ ଥିଲା, ସେଦିନ ମୁଁ ନିଜେ ବି ବୁଝି ପାରି ନଥିଲି। ପଛରୁ ଡାକିବାଟା କଣ ମୋର ଏତେ ବଡ ଭୁଲ ? ବୋଉକୁ କାନ୍ଦି କାନ୍ଦି ସବୁ କହିଲି। ବୋଉ ମୋତେ ବୁଝାଇ ଦେଲା, ଆରେ ବାପା ସେମାନେ ଶୁଭ କାମରେ ଯାଉଥିବେ। ତୁ ପଛରୁ ଡାକିଦେଲୁ ତ , ସେଥିପାଇଁ ତୋତେ ସେମାନେ ଗାଳି ଦେଲେ। ମୋ ମନରେ ଆଶଙ୍କା ଜମାଟ ବାନ୍ଧିଥିଲା। ଅଭିମନ୍ୟୁର ପରୀକ୍ଷା ଯଦି ଖରାପ ହୁଏ, ସେ ତ ମୋତେ ଛାଡିବନି। ଗ୍ରାମ ଦେବତୀ ବାହୁତିଙ୍କ ପାଖରେ ନିଇତି ସକାଳେ ସଂଜେ ଅଭିମନ୍ୟୁ ପାଇଁ ମିନତୀ କରେ। ମାଆ ଲୋ, ଅଭିମନ୍ୟୁ ପରୀକ୍ଷାରେ ସଫଳ ହେଉ। ମୋ ବୋଉ ମୁଣ୍ଡରେ ଦାଗ ନଲାଗୁ। ବୋଉ ମୋତେ କୋଳରେ ଜାବୁଡି ଧରି ଥରେ ନୁହେଁ ଶହେ ଥର କହିଛି, ତୁ ମୋର ସୁନାପୁଅ। ଏ ଦୁଃଖୀ ବିଧବା ମାଆର ଜୀବନ ଧନ। ତୁ ବି ଦିନେ ତାଙ୍କ ପରି ବଡ ଲୋକ ହେବୁ। ହେଲେ କେବେ ତୋ ଜୀବନରେ କର୍ମ ଓ ସଂସ୍କାର ଭୁଲିବୁ ନାହିଁ।

ମୋ ଛୋଟ କଁଅଳ କଁଅଳ ହାତରେ ମୋ ବୋଉର ଲୁହମୋତେ ଭାରି କଷ୍ଟ ଦିଏ, ତାର ଏ ଦୁନିଆରେ କେହି ବି ନାହିଁ। ପିଲାମାନେ ତ ଦେବତା ସମାନ। ତାଙ୍କ ପାଖରେ ଛନ୍ଦ, କପଟ, ଛଳନା କିଛି ବି ନାହିଁ। ତେବେ ମୁଁ କାହିଁକି କାହାର ଅମଙ୍ଗଳ କରିବି। ଶେଷରେ ଅଭିମନ୍ୟୁର ପରୀକ୍ଷା ଫଳ ପ୍ରକାଶ ପାଇଲା। ଭଲ ନଂବର ରଖି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହେଲା। ଆମ ଗାଁ ମଧୁପୁର ଛାଡି ଅଭିମନ୍ୟୁ କଟକ ଗଲା। ସେଇ ଦିନ ମୋ ମୁଣ୍ଡରୁ ଅମଙ୍ଗଳିଆ ଓ ରାଣ୍ଡିପୁଅର କଳଙ୍କଟାବି ଧୋଇଗଲା।


ଆଦର୍ଶ, କର୍ମନିଷ୍ଠା, ସାଧନା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ବାଧାବିଘ୍ନ ସବୁ ଅତିକ୍ରମ କଲି। ବହୁ ଦୁଃଖରେ ମୋ ବୋଉ ମୋତେ ପାଠ ପଢାଇଲା। ବ୍ରାହ୍ମଣ ଘରର ବୋଉ ହୋଇ ପର ଘରେ ପାଇଟି କଲା। ମୁଁ ମଣିଷ

ହେବି ବୋଲି ତା ଜୀବନକୁ ସେ ଏକାକାର କରିଦେଲା। କାକା ଆପଣ ତ ତାର ମୂକସାକ୍ଷୀ। କେତେ କଷ୍ଟରେ ପାହାଚ ପରେ ପାହାଚ ଚଢି ମୁଁ ଆଜି ଏଇଠି ପହଂଚିଛି। ଏ ସଫଳତା ତ ମୋର ନୁହେଁ। ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତେ ମୋତେ ଆର୍ଶିବାଦ କରିଛନ୍ତି। ମୋ ବୋଉର ଦୁଃଖ , କଷ୍ଟ, ଲୁହ ସବୁର ପୁଞ୍ଜି ମୁଁ ଭୋଗ କରୁଛି। ମୋ ସଫଳତାର ପରଠାରୁ ଆମ ମାଆ ପୁଅଙ୍କ ଆଖିରୁ ଲୁହ ଆଉ ଝରିନି। ମୋ ସଫଳତା କେବଳ ମୋ ବୋଉର ନୁହେଁ। ମୋ ଗାଁ ଲୋକଙ୍କର ବି। ଆପଣଙ୍କର ଲାଞ୍ଛନା, ଅପମାନ ଓ ଅଭିମନ୍ୟୁର ଧୀକାର ମୋତେ ପ୍ରେରଣା ଦେଇଥିଲା। ମୁଁ ଲଢିବାକୁ ଦମ୍ଭ ଧରିଥିଲି। ସେ ଅଲକ୍ଷଣା, ଅମଙ୍ଗିଳିଆ ଶବ୍ଦ ଦିଟା ବତୀଘର ହୋଇ ମୋ ଜୀବନର ଜାହାଜକୁ ପଥ ଦେଖାଇଛି। ସେଥିପାଇଁ କାକା ଆପଣ ହିଁ ମୋର ଏକମାତ୍ର ପ୍ରେରଣା। ମୋତେ କଣ ଆପଣ କ୍ଷମା ମାଗୁଛନ୍ତି।

ଦୀନକୃଷ୍ଣଙ୍କ ଆଖିରୁ ଅମାନିଆ ଲୁହ ନଇ ପରି ବହି ଚାଲିଥାଏ। ସତରେ ଜଗତ, ତୁ କେତେ ମହାନ ! ତୋର ଏଇ ଉଦାରତା ଓ ମଣିଷ ପଣିଆ ପାଇଁ ଏ ସହରରେ ଏକ ଉଦାହରଣ ହୋଇଛୁ। ଗାଁରେ ତ ସମସ୍ତେ ତୋର ଉଦାହରଣ ଏବେ ତାଙ୍କ ପିଲା ମାନଙ୍କୁ ଦେଉଛନ୍ତି। 'ରାଣ୍ଡି ପୁଅ ଅନନ୍ତା' ଶବ୍ଦଟିକୁ ସୁନ୍ଦର ଓ ସାବଲୀଳ ଭାବରେ ଏକ ପ୍ରେରଣାର ଉତ୍ସ ଭାବେ ଗ୍ରହଣ କରି, ତୁ ତୋ ଜୀବନକୁ ମଧୁମୟ କରିଛୁ। ମୋ ପରି ହୀନ, ସଂକୀର୍ଣ୍ଣ ମନା ସ୍ୱାର୍ଥପର ଲୋକକୁ ଅସଲ ମୁଖା ପିନ୍ଧାଇଛୁ। ତୁ ସତରେ ଜଗତ ଗୋଟିଏ ମଙ୍ଗଳମୟ ଧ୍ୱନୀ। ମାଆ ତୋର, ଆଦରେ ନାଁ ଦେଇଥିଲା, ଜଗତବନ୍ଧୁ। ତୁ ତ ସତରେ ଏ ଜଗତର ବନ୍ଧୁ। ସଭିଙ୍କର ପ୍ରୀୟ ମଣିଷ।

ଜଗତବନ୍ଧୁ ଓ କାକାଙ୍କ ଆଖିରେ ଅସରନ୍ତି ଲୁହ ଥିବା ସମୟରେ ମଧୁମିତା ପ୍ରବେଶ କଲା। କାକା, ଚା ନିଅନ୍ତୁ। ଚା ପିଇ ସାରିଲେ ଆପଣ ଟିକେ ଲୁଗା ବଦଳାଇ ଦେବେ। ମୁଁ ଜଳଖିଆ ପ୍ରସ୍ତୁତ କରି ସାରିଛି। ଆମ ପାଖରେ କିଛି ଦିନ ରହିବେ। ତା ପରେ ଇଚ୍ଛା ହେଲେ ଯିବେ ନଚେତ.....। ଗାଁର ଦୀନକୃଷ୍ଣ ମିଶ୍ର ଏଇ ଆପଣା ପଣିଆ ଭିତରେ ଭାବବିହ୍ୱଳ ହୋଇ କିଛି ବି ଶୁଣି ପାରୁ ନଥିଲେ। ମଧୁମିତା କହିଲେ- କାକା, ଚା ଥଣ୍ଡା ହୋଇଗଲେ, ଭଲ ଲାଗିବନି ପରା। ଏଥର ଚକ ଚକ କରୁଥିବା ଶଙ୍ଖ କପଟିକୁ ଦିନକୃଷ୍ଣ ଦେଖି ଚା ଢୋକେ ପିଇଦେଇ ଗଭୀର ଆତ୍ମତୃପ୍ତିରେ ମଧୁମିତାର ତାରିଫ କରୁଥିଲେ। ଜଗତବନ୍ଧୁ ମନେ ମନେ ଭାବୁଥିଲେ ମୁହୂର୍ତ୍ତକ ଅପମାନ କେମିତି ତାଙ୍କ ପାଇଁ ପ୍ରେରଣା ହୋଇଥିଲା। ସେଥିପାଇଁ ସେ କାକାଙ୍କୁ କୃତଜ୍ଞତା ଜଣାଉଥିଲେ।

*ଅଧାପିକା, ମହୁପୁରୁଷ ହାଡିଦାସ ମହାବିଦ୍ୟାଳୟ,*
*ଛତିଆ, ଯାଜପୁର,*
*ଦୂରଭାଷ: ୯୪୩୭୯୫୭୬୧୭*






# ବିପରୀତ

**ନରହରି ମିଶ୍ର**

ଦୁନିଆ ଦାଣ୍ଡରେ ଆଜି ସଭିଏଁ ଭିକାରୀ
ଏଠି ରଙ୍କ ଠାରୁ ରାଜା ଯାଏ
ମୂଲିଆ ଠାରୁ ମହାଜନଯାଏ
କିଛି ନଦେଇ ସବୁ ନେଇ ଜାଣନ୍ତି
ଆଲୋକ ପରିବର୍ତ୍ତେ ଗେଣ୍ଡା ଧରି
ଅନ୍ଧାରକୁ ଖୁବ୍ ଭଲ ପାଆନ୍ତି।

ଏଠି ଅପୂଜ୍ୟର ପୂଜା ହୁଏ
ନୀତିହୀନ ପାଏ ସମ୍ବର୍ଦ୍ଧନା
ମିଥ୍ୟାଚାରୀର ପାଦପୂଜା ହୁଏ
ହୃଦୟହୀନର ହୁଏ ବେଶୀ ନିରାଜନା।
ଏଠି ପ୍ରତି ମୁହୂର୍ତ୍ତରେ ମଣିଷ ପାଲଟେ ଅସୁର
ମରିଯାଏ ମାନବିକତା, ବର୍ବରତା ଲଂଘିଯାଏ ସୀମା
ଆତଙ୍କବାଦୀଙ୍କ ଗୁଳିରେ
ନଈପାଣି ଲାଲ ହୋଇଯାଏ
ଦଳିତ ପ୍ରାଣର ହାହାକାର
ଧୂଆଁ ହୋଇ ମିଶିଯାଏ ଆକାଶ ଛାତିରେ।
ଲୁଟେରା ଦଳ ଲୁଟିନିଅନ୍ତି ଦେଶର ସମ୍ପତ୍ତି
ରଥଚକ ଭାଙ୍ଗିଯାଏ, ଚାଲିପାରେନି
ଜାତି ନନ୍ଦିଘୋଷ
ମୁହଁରେ ଅମୃତ ଆଉ ପେଟରେ ବିଷ।
ଧର୍ମନାମରେ କଳଙ୍କ
ଅନ୍ୟାୟର ଧ୍ୱଜା ଉଡ଼େ ଫରଫର
ଧନୀ ହୁଏ ପୁଞ୍ଜିପତି
ଗରୀବ ମରୁଥାଏ ଅନ୍ଧାରି ଗୁମ୍ଫାରେ
ଈଶ୍ୱରମାନେ ଲୁଚିଯା'ନ୍ତି
ଅହଂକାରର କାନ୍ଥ ପଛପଟେ
ମେଣ୍ଢାମାନେ ବଳି ପଡ଼ନ୍ତି

ଅସହିଷ୍ଣୁତାର ଅମୋଘ ଅସ୍ତ୍ରେ।

*ଏଫ୍-୨୧୫, ସେକ୍ଟର-୮, ମର୍କତ ନଗର, କଟକ-୧୪*
*ଦୂରଭାଷ: ୯୭୭୮୮୬୯୬୮୧*

# ଗୋଠ ଗମାତ

**ଅଜୟ ପ୍ରଧାନ**

ଗାଉନ୍ ଟେକି ପାହି ଡେଉଁଚି ସମୁଦ୍ର
ମୋବାଇଲ୍'ରେ ବ୍ୟସ୍ତ କିଶୋରୀ ପରି
ଚୁପ୍ ନଈ।

କୁଆଡ଼େ ଗଲେ ବାବୁଏ
ଖୋଜୁ ଖୋଜୁ ଦିଶିଲା କୁନା ପେଲୁଚି ଧଇଁ!

ଆରେ କୁନା କୁଆଡ଼େ ଗଲା ଟିଟୁଆ
ଆରେ ଟିଟୁଆ କୁଆଡ଼େ ଗଲା କାମ
ଆରେ କାମ କୁଆଡ଼େ ଗଲା ବଂଗାଳି?
ଇଡିଅଟଗୁଡ଼ା ଯାଇଚ ମିଶି
ଚାରିକୁ ଚାରି!

ପବନର କାନି ବାଜୁଚି ଦେହେ ଉଡ଼ିଉଡ଼ିକା, ଆହା!
ମୁଠୁଣିଏମୁଠଣିଏ ଦିଶୁଚଂତି ଧାନଗଛ, ଆହା କି ସୁନ୍ଦର!
ପାଖ ପଡ଼ିଆରେ କାଉଂକର ବସିଚି ସଭା କି ମେଲଣ!
ସମୁଦ୍ରର ଭଂଗା ଆଂଠୁ ତଳେ ଗାଆଁଟିଏ ଦୂରେ
ନଈରେ ମାଛଧରା ଡଂଗା-ଆହା କି ମନୋହର!

ବୋଲଡର୍ ବଂଧ ଉପରେ ଶୁଭ ଦିଆହଉ କାର୍ଯ୍ୟକ୍ରମର।

ଚୁଲିରେ ସିଝୁଥାଉ ମଟନ୍
ଧରିଚାଲ ସେ ଛେଚା କଂକଡ଼ା ଓ ଚିଂଗୁଡ଼ିରସୁଣ ଚକଟା
ଆଜିଦିନ କେଲୁଣୀମୁହାଣ!
ଆରେ କାମ ଆରେ କୁନା!
ବନା, ବନା ମ ପେଗ୍ ଗୋଟେ ଦି'ଟା -
ଗଣନାଟ୍ୟ ଆସିଚି ପୁରୀରୁ-ଫାଷ୍ଟ ସୋ କରିବ
ସୁପରହିଟ୍ ନାଟ: ପ୍ରାଚୀ-କାବୁଆନଈର କୂଳେ,
ଆରଂଭ ହଉ କନସର୍ଟ:
ଶୁଖୁଆ ପୋଡ଼ା କକଂଡ଼ାଛେଚା ସ' ଭଜା ପୋହଳା!
ଚିଅର୍ସ!

ମା' କେଲୁଣି! ସର୍ବକ୍ଷମା କର।
ଆଏ ବାବୁ ଦିଲ୍ଲୀପ!
ତମ ନୂଆ ରେଡ଼ିଓରୁ କାଇଁ ଶୁଭୁନି ତ ଗୀତ

ଶୁଣୁ ଟିକେ ଏଇ ମେଘମେଦୁର ଆକାଶ
ଶୁଣଂତୁ ଟିକେ ପାଣି ଆଉ ପବନ !
ଡଂଗାରେ ଚାଲିଯାଉଚି ମାଛଧରାଳି ମୁଂଡଟୁଂଗାରି,
କିଛି ଶୁଣି ଝାଡ଼ିହଉ ଆମ ଦୁଃଖ ଲଟପଟ ମନ
ଧୀରେ ଚାଲିଯାଉ ଗୁହା-ଅଂଧାରରୁ
ବ୍ୟଥା ସବୁ ଥାଉ
କବିତାରେ ଲୁଚେଇବା ଆମେ କେବେ ପରେ;
ଗାନା-ଖାନା-ପିନା-ଜିନା ବସ୍, ଚଲ୍ ଜାନା
ଏଇଆ ଜୀବନ ନା !

ନା, ଆରେ ବାବୁ ନା, ବଢ଼ାନା ଭଲ୍ୟୁମ୍
ସେତିକି, ବାସ୍
ଏଇଟା ମୋର ଲାଷ୍ଟ୍ ।

ଜଣାପଡୁନି କି !
ମୁହଁ ମାଡ଼ି ପଡ଼ିଲାଣି ମଂଜ କଦଳୀପତ୍ରରେ ସଂଜ,
ସିଆଡ଼େ ଦେଖ, ଚୂଲି ଜଳୁଚିଟି ?

*ଦଇତାପଡ଼ା ସାହି, ପୁରୀ-୧*

# ହେ ! ସଂଘର୍ଷର ବାଦଶାହା !

**ଡାଃ ମନୋରଜଂନ ଦାଶ**

ହେ ! ସମ୍ମାନନୀୟ ସଂଘର୍ଷର ବାଦଶାହା !
ତୁମକୁ ମୋର ଶହେବାର ପ୍ରଣାମ !
ଏବେ କାହିଁକି କେଜାଣି, ତୁମ କଥା ଭାରି ମନେ ପଡୁଚି, ମୋର ।
ସାତଭାୟା ସମୁଦ୍ରକୂଳକୁ ମୋତେ ଚିହ୍ନେଇ ଦେଇଥିଲ ତୁମେ !
ମୁଁ ଛାତିରେ ସାଇତିଚି, ପିଲାବେଳେ ତୁମର ସେନେହ, ଶ୍ରଦ୍ଧାର
ଅଭୁଲା ସ୍ମୃତି....
ମୁଁ କିନ୍ତୁ ଜଳୁଚି ଏବେ ଦୁଃଖର ନିଆଁରେ....
ସଂଘର୍ଷକୁ ପାରୁନି ସହ୍ୟ କରି !
ହାରୁଚି ବାରମ୍ବାର ।
ଭାବୁଚି ! ତୁମେ ସଂଘର୍ଷକୁ ଆପଣାର କରିନେଇ
ହସି ହସି ବାଟଚାଲୁଥିଲ କେମିତି !
ହେ ! ଅଫେରା ରାଇଜର ପ୍ରଣମ୍ୟ ମୋର !
ମୋତେ ଆଶୀର୍ବାଦ ଓଜାଡ଼ି
ଶକ୍ତି ପ୍ରଦାନ କରିଦିଅ ଟିକିଏ ।
ମୋ ଅଭିମାନକୁ ତମେ ତ ବେଶ୍ ବୁଝିଥିଲ !
ମୋତେ ଅନୁମତି ଦିଅ, ମୁଁ ତୁମ ସହ ଅଦୃଶ୍ୟରେ
ଦୁଃଖ ସୁଖ ହେବି ଟିକିଏ !
ଭାରି ଅସହାୟବୋଧ ଘାରୁଚି ମୋତେ !
ଆପଣାର ପଣକୁ ଖୋଜୁଚି ଯେ ଖୋଜୁଚି..... ।

*ପ୍ରଭାବତୀ ନିଳୟମ୍, ଚୂନଡିହ, ପଟ୍ଟାମୁଣ୍ଡାଇ, ଜି.: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*

# ଝାଉଁଳା ଈଶ୍ୱର

**ରମେଶ ଚନ୍ଦ୍ର ସାହୁ**

ବାପା ମାନଙ୍କ ମନକୁ କେହି ବୁଝିପାରନ୍ତିନି
ସେ କାଳରୁ ଏକାଳ
ସେମାନଙ୍କ ଶ୍ରମରେ ହସୁଥାଏ
ନୁଖୁରା ସଂସାର
ଝାଳ ଗନ୍ଧରେ ପୁରୁଥାଏ ଅଭାବର ପେଟ
ଖୁସିର ଅମାର
ମୁଣ୍ଡରେ ଠେକା ଥାଉ କି ଚିରା ଗାମୁଛା
ନିରୀହ ବାପାମାନଙ୍କୁ ନ ଥାଏ
ଖରା ବର୍ଷା ଶୀତ କାକରର ଡର
ସେମାନଙ୍କ ପାଇଁ ଲେଖା ଯାଏନା
ଶ୍ଳୋକରେ ଅଷ୍ଟକ କି ଛନ୍ଦ ଅନୁଷ୍ଟୁପ
ଜୀବନର ଶେଷ ଶ୍ୱାସ ଯାଏଁ
ସେମାନେ ସାଉଁଟନ୍ତି ନିନ୍ଦା ଓ ଉପେକ୍ଷା
ସମାଜ ଆଖିରେ ଝାଉଁଳା ଈଶ୍ୱର ।
ବୟସର ଅପରାହ୍ନରେ
କ୍ରମଶଃ ଉଜୁଡ଼ିଯାଏ ବାପାମାନଙ୍କ
ଅର୍ଜିତ ସୁଖର ସାହାନାଇ, ଅଲୋଡ଼ା
ମୁହଁ ବୁଜି ସେ ପଡ଼ିଥାନ୍ତି ଘର କୋଣରେ
ଗୁଣି ହେଉଥାନ୍ତି ଡାକ ମୁନ୍‌ସୀ ଗପର ସାରାଂଶ
ଅଖୋଜା ଅନାବଶ୍ୟକ ଅଦରକାରୀ ବୁଢ଼ା ! !
ବଡ଼ ହେଲେ ପିଲାମାନେ ହୁଅନ୍ତି ସହର ମୁହାଁ
ଦେଶାନ୍ତରୀ, ଅଫେରା ପକ୍ଷୀ
ବାପାମାନେ ଝରକା ଖୋଲି ବସିଥାନ୍ତି
ଆଖିରେ ନଥାଏ ପ୍ରତ୍ୟାଶାର ଆଟୋପ
ମୁହଁରେ ଓହଳିଥାଏ ହତାଶାର ବୁଢ଼ିଆଣି ଜାଲ
ପୁରୁଣା ବିଭ୍ରାନ୍ତିର ଡର
କହ୍ନେଇମାନେ ମାଡ଼ନ୍ତିନି ଗୋପ ଗାଁ ମାଟି
ନନ୍ଦମାନଙ୍କ ଆଣ୍ଠୁରେ ବସିଥାନ୍ତି
ନିଷ୍ପ୍ରାଣ ମୁହଁମାନେ
ମାଟିରୁ ଆକାଶଯାଏ ବ୍ୟାପୁଥାଏ
ସ୍ନେହର ବିଫଳତା ଓ ଅବିଶ୍ୱାସର ଜୁଆର ।

*ଅବସରପ୍ରାପ୍ତ ପ୍ରାଧାପକ, ରାସୋଳ, ଢେଙ୍କାନାଳ-୨୧*
*ଦୂରଭାଷ: ୯୪୩୮୪୧୮୪୯୨*

# ଶିକାର

**ନୀଳକଣ୍ଠ ବେହେରା**

ଶିକାରୀ ତା ସାଧିଲେ
ଲକ୍ଷସ୍ଥଳ ନିତି।
କେବେତ ଲକ୍ଷ ଭେଦ
କେବେ ଲକ୍ଷ ହୀନ।
ଅଭ୍ୟାସରେ କିନ୍ତୁ ଜିତୁଥାଏ ଦିନ।
ସବୁବେଳେ ସାଧୁ ଥାଅ
ଅବ୍ୟର୍ଥର ବାଣ
ବ୍ୟର୍ଥ ଯାଇନି କେବେ
ବାଣ ଅବା ବାଣର ସଂଧାନ,
ତୁମ ତେରଛା ବାଣର ଶବ୍ଦ ଭେଦୀରେ
ମୁଁ ତ ଏକ ସହଜ ଶିକାର, ଥାଏ ଗତିହୀନ।
ଯିଏ ଯାହା କହୁ, ତମର ଶିକାର ହୋଇ
ମୋ ନିଜକୁ ମଣେ ଭାଗ୍ୟବାନ।

*ମାର୍ଫତ୍: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍*
*ଜୋନାଲ୍ ଅଫିସ୍, ବ୍ରହ୍ମପୁର-୧, ଗଂଜାମ*

# ଅନ୍ଧାର ହେଲାଣିତ

**ପୀୟୂଷ ପଟ୍ଟନାୟକ**

ଯାଅନି ସେ ବାଟେ ଶୁଣିବଗୋ ସେଠି ବ୍ୟଥିତ ହୃଦୟ ପୀଡ଼ା
ଜହ୍ନ ବି ସେଠି ଜୋଛନା ଢାଳେନି ଆଲୋକ ଢାଳେନି ତାରା
ଉଦାସୀ ରାତ୍ରି ସ୍ୱପ୍ନ ଦେଖେନି ମୂକ ଗୋ ଚକ୍ରବାକ
ଅତୀତର କିଛି ଛିଣ୍ଡା ପୃଷ୍ଠା ପଡ଼ିଛି ରାସ୍ତା ଯାକ।

ବିଫଳ ତୃଷ୍ଣା ମୃତଦେହ ସେଠି ଶୋଇଛି ଅଶ୍ରୁ ଆଖେ
ଫିଙ୍ଗି ଦିଅଗୋ ମୁଠାଏ ଗଙ୍ଗଶିଉଳି ସେ ବାଟ ପାଖେ
ବୁଝାଇତ ଦିଅ ଫେରିବନି ସିଏ ଯା ପାଇଁ ଦୁଃଖ ଏତେ
କହି ସେ ଯାଇଛି ଅପେକ୍ଷା ତାରେ କରିବନି ଆଉ ମୋତେ।

ଅତୀତର କେଉଁ ପୁରୁଣା ବହିର କ୍ରୋଡ଼ପତ୍ରରେ କେହି
ଲେଖିତ ଦେଇଛି ତାସାଥେ ତୁମର ଶେଷ ଦେଖାଥିଲା ଯହିଁ
ସେଇ ବାଟେ ଏବେ କିମ୍ପାଗୋ ଆଖି ସବୁ ଦିନେ ଲୁହଢାଳେ
ଯାଇଛି ସେବାଟ ଦୂର ଦିଗନ୍ତେ ଫେରିନି ଯେ ଯାଏ ଥରେ।

ତା ସାଥେ ମିଶିବା ପାଇଁ ତୁମ ପାଇଁ ସେଇ ବାଟ ଶେଷ ବାଟ
କରନି ଗୋ ଡେରି ଦିନ ଯାଏ ସରି ଅନ୍ଧାର ହେଲାଣିତ।

*ଡି-୮୦, ମୈତ୍ରୀ ବିହାର, ଭୁବନେଶ୍ୱର*
*ଦୂରଭାଷ: ୭୫୦୬୧୮୯୦୩୦*

# ଭୋଜି

**ଦିଲ୍ଲୀପ ଶତପଥୀ**

ପିଲାଦିନେ କେତେ ଭୋଜି ମୁଁ ଖାଇଛି
ଠାକୁର ଦାଣ୍ଡରେ ବସି,
ମୁଗ ଖେଚୁଡ଼ିକୁ ସିରିଣୀ ଚକଟା
ବାଳ ଭୋଗ ଲଡୁ ରାଶି।

ଅଷ୍ଟ ପ୍ରହରୀ ସେ ପଙ୍ଗତେ ପତର
ଧରି ତଳେ ଯାଉ ବସି,
ଡାଲମା, ଖଟାକୁ ଅରୁଆ ଅନ୍ନ ଯେ
ଅମୃତ ପରାଏ ବାସି।

ଏକୋଇଶିଆରେ ପୁରୀ ବୁଟ ଡାଲି
ଖିରି କଦଳୀ ଚକଟା,
ପତରକୁ ଶୋଭା ଟମାଟର ଖଟା
ସାଥେ ମାମୁଁ ଘର ମିଠା।

ବାହା ପୁଆଣୀରେ ବିରି ଡାଲି ସାଥେ
ଭାତ, ଓଉଖଟା, ଖିରି,
ମରିଚ ପାଣିକୁ ପୋଟଳ ରସା ଯେ
ନାନା ବିଧ ତରକାରୀ।

ମଡ଼ା ପୋଡ଼ା ପରେ ଦାଣ୍ଡ ଦୁଆରରେ
ପତରେ ଚୁଡ଼ା ହୁଡୁମ,
ବସା ଦହି ସାଙ୍ଗେ ଗୁଡ଼ ନଡ଼ିଆର
ଅପୂର୍ବ ସେହି ମିଳନ।

ନବମୀ ପଣାରୁ ବାର ପତର ଯେ
ଭୋଜି ଭାତର ଆସର,
ମିଠା, ପିଠା ପଣା, ଛଣା ଛଣି ଲୁଣି
ବାସ ଆସେ ଆମିଷ ର।

ବାର ମାସେ ତେର ଓଷା ବ୍ରତ ସବୁ
ସଜେଇ ରଖିଚୁ ଆମେ,
ଜନମରୁ ମୃତ୍ୟୁ ଖାଇବା ପାଇଁକି

ନାନା ଠାକୁରଙ୍କ ନାମେ।

ଖାଦ୍ୟ ପ୍ରିୟ ଆମ ଜଗତର ନାଥ
ଏଠି ତାଙ୍କ ଖାଦ୍ୟ ସ୍ଥାନ,
ଛାଠିଏ ପଉଟି ଭୁଞ୍ଜିବା ଉତ୍ତାରୁ
ପୋଡ଼ ପିଠା ଠେଇଁ ମନ।

ଖାଇବା ଖୋଇବା ଚାଲିଥାଉ ନିତି
ଥାଉ ପ୍ରଭୁ ଆଶୀର୍ବାଦ,
ପୁରିଗଲେ ପେଟ ହୃଦୟ ହସିବ
ସବୁ କାମ ହେବ ସିଦ୍ଧ।

*"ମାତୃ ପିତୃ କୃପା", ୫୦୮, ନୂଆସାହି, ନୂଆପଲ୍ଲୀ,*
*ଭୁବନେଶ୍ୱର-୭୫୧୦୧୨*
*ଦୂରଭାଷ: ୯୪୩୭୧୭୫୭୬୪*

# ନିଜକୁ ଚିହ୍ନିବା

**ବାସନ୍ତୀ ଦାସ**

ନିଜକୁ ଚିହ୍ନିବାରେ ଏତେ ଭୁଲ ହେଲା
କଟିଗଲା ବର୍ଷ ବର୍ଷ ଆସିଲା ବାର୍ଦ୍ଧକ୍ୟ
ତଥାପି ବାକି ରହିଲା ଚିହ୍ନିବା ମଣିଷ
ବାକି ମଧ୍ୟ ରହିଗଲା ବଳକା ଆୟୁଷ
ଏବେ ହତାଶରେ ଉହ୍ନେଇରେ ଜଳେ
ସ୍ୱପ୍ନ ଶାନ୍ତି କର୍ମର ଅବଶେଷ
ନିଃସ୍ୱ ମୁଁ ଏବେ....
ଅବସୋସ ଖାଲି ଅବସୋସ।
ସମୟକୁ ଦେଇଥିଲି ପ୍ରଜ୍ଞା ସଂଜ୍ଞା
ପ୍ରଗଳ୍ଭପଣ ଓ ଆତ୍ମୀୟତା ଯେତେ
ଦେଇଥିଲି ଖୋଲାପଣ ମନର ମାଧୁର୍ଯ୍ୟ
ହୃଦୟର ଯାହାସବୁ ସାଇତା ସୌନ୍ଦର୍ଯ୍ୟ
ଅବିରତ ସଂଗୁପ୍ତ ନିଜ କୋଠରୀରେ
ମନ ମୂନ ଚୈତନ୍ୟ ଏକାକାର କରି
ପିଇ ଥିଲି ବିଷ
ଯେତେ ବିତରି ପୀୟୁଷ
ଶେଷ ବେଳେ ହୁଏ ଯା ନିରାଶ
ନିଃସ୍ୱ ମୁଁ ଏବେ....
ଅବସୋସ ଖାଲି ଅବସୋସ।
ପୂର୍ଣ୍ଣତା ପାଇବାକୁ ଶୂନ୍ୟ ହେଲି ନିଜେ
ଅଭେଦ୍ୟ ରହିଲା ମୋର ଭାଗ୍ୟ ଭଗ୍ନ ହୃଦ
ସ୍ୱାଭିମାନ ଅପମାନ ଏକାକାର ହେଲା
ଉଜାଡ଼ିଲା ମନବନ ରହିଯାଏ ଖେଦ
ଉଜାଣି ଯମୁନା ଆଉ ଫେରିବନି ପଛେ
କଟିଗଲା ଡେଣା ଆଉ ହେବନାହିଁ ଯୋଡ଼ି
ସକଳ ଇଚ୍ଛାକୁ ଆଜି କରି ନାଶ
ଭୋଗେ ମୁଁ ନିରତ କ୍ଲେଶ
ନିଃସ୍ୱ ମୁଁ ଏବେ....
ଅବସୋସ ଖାଲି ଅବସୋସ।

*ସମ୍ପାଦିକା-ଶିଳାଶ୍ରୀ, ଭୁବନେଶ୍ୱର-୨*

# ଅନ୍ତରପୁରୁଷ

**ପଲ୍ଲବୀ ଦାସ**

ତୁମ ଭିତରର ମଣିଷକୁ
ବାରବାର ହାଣୁଛ କାହିଁକି ?

ଉପରକୁ ହସହସ ଧଳାବାବୁ – ସମ୍ଭ୍ରାନ୍ତ ତୁମେ
ଶୁଖିଲା ସ୍ୱପ୍ନ ବାଣ୍ଟୁଛ,
ସରଳ ହୃଦୟ ମାନଙ୍କୁ ଟ୍ରକ ଡାଲାରେ ବୋହିନେଉଛ,
ଆଉ ନିଜ ବିବେକ ପୁରୁଷ – ତୁମକୁ ବାଟ ଛେକୁଛି
ଠେଲାଖାଇ ପଡ଼ିଛି ଗଛମୂଳେ, ରକ୍ତ ଝରୁଛି।

ତୁମେ ଚାହିଁଲ ତ ପାଇଗଲ
ସିଂହାସନ, ରାତିରପଲଙ୍କ, ସନ୍ଧ୍ୟାର ଅତର,
ସକାଳ ଦେଖୁନଥିବା ତୁମ ସୁଖ ଅଳସ ଦେହ
ପୁଣି ସଜହେଇ ବାହାରିବ ଶିକାର ପାଇଁ।

ଶିକାର ଆଉ କୋଉଠି ଦୂରରେ କି ?
ଏଇ ପାଖରେ ପା'
ଭାରି ସହଜ – ନିଜ ବିବେକର ବେକ ମୋଡ଼ିବା,
ଦଳିମକଚିବା, ଗୋଡ଼କୁ ଚୋଟ ପକେଇବା
କିଏ ଦେଖୁଛି ନା ଜାଣୁଛି ଯେ' ??

କେବେ କଥାହେଇଛ ନିଜ ଅନ୍ତରାତ୍ମା ସହ ?
କ'ଣ ସବୁ କହେ ?
କେତେ ହାତଧରି ବୁଝେଇଛି,
ରଙ୍ଗଶାଳାକୁ ଆପେ ଟାଣିହେଇଯାଅ,
ସେ' ନାଚାର, ମନମାରି ବସେ,
ତୁମ ପେଟପୁରେ,
ସେ' ବିଚରା ଓପାସ ଅନିଦ୍ରା ସାରାରାତି।

ବାହାର ସମାଲୋଚନାକୁ ତୁମର ଭାରି ଡର
ଗହଳି କମିଗଲେ ପୁଣିଚାଲେ ପଶାଖେଳ

ବିବେକ କହେ - ଶୋଇପଡ଼ ଏବେ
ତୁମେ ତା'କୁ ଠେଲିଦିଅ ପଦାକୁ।

ଦିନେ ବଳ ସରିଯିବ, ବୟସ ବଳିଯିବ
ତୁମ ଭିତରର ମଣିଷ ନିର୍ବାକ୍
ପାପକଳଙ୍କର ଉଇ ଚରିଥିବ ତା' ଉପରେ
ରୋଗ ଘର କରିଥିବ, ଯନ୍ତ୍ରଣା ତାକୁ କୋରୁଥିବ।

ଯେତେବେଳେ ଖୋଜିବ ସେ' - ମଣିଷକୁ
ସିଏ ବି ତୁମକୁ ଆଡ଼ମୁହାଁ କରିଦେବ,
ତୁଣ୍ଡ ଖୋଲିବନି ବିବେକ - ଅନ୍ତରପୁରୁଷ ପରା,
ଧନମାନ ଥାଇ ବି ତୁମଘର ଅନ୍ଧାରୁଆ ଲାଗୁଥିବ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ: ୮୬୫୮୭୪୦୨୯୧*

# ମନ ଶାରୀ : ରଟୁ ନାହିଁ ରାମ ହରି

**ଜ୍ୟୋତି ପ୍ରକାଶ କର**

ବଦଳିଲାଣି ମନଶାରୀର ସ୍ୱର
ଭୁଲିଲାଣି ଇପ୍‌ସିତ ଈଶ୍ୱରଙ୍କ ଇଷ୍ଟମନ୍ତ୍ର,
ପାଶୋରି ଦେଲାଣି
ରଖେ ହରି ମାରେ କିଏ
ମାରେ ହରି ରଖେ କିଏ ର ରଟନା।
ଏବେ ମୁଁ'ମାନେ ପାରିବା ପଣିଆର ପ୍ରତୀକ,
ସଙ୍କୁଚିତ ମହାଉପନିଷଦର ଉକ୍ତି
ବସୁଧୈବ କୁଟୁମ୍ବକମ୍‌ର ଚିନ୍ତନ
ବସୁଧାକୁ କୁଟୁମ୍ବବୋଧର ମନନ।
ଅପହୃତ ମଣିଷ ପଣିଆ
ଅପରର କାନ୍ଧକୁ ଶିଡ଼ିକରି
ଚଢ଼ିଚଢ଼ି ଯାଉଛି 'ମୁଁ' ଆତ୍ମଗର୍ବରେ
ଛୁଇଁବାକୁ ସଫଳତାର ଶିଖରକୁ
ତୋଳିବାକୁ ତୋଫା ଜହ୍ନ ଆକାଶରୁ।
ହତାଦର ହେଲାଣି ହରିଙ୍କ ହରିନାମ
ହରି ଆଉ ରଖିପାରୁନାହାଁନ୍ତି
କି, ମାରିପାରୁ ନାହାଁନ୍ତି
'ମୁଁ' ରୂପୀ ନରରାକ୍ଷସଙ୍କ
ସାହାଣ ମେଲାକୁ।
କୋକୁଆର ଅଦୃଶ୍ୟ ଭୟରେ
ଅସହଜ ଅପହଞ୍ଚ ଅହିଂସାର ଅବସ୍ଥିତି,
ରାମଚରିତ ଏବେ ଆକର୍ଷଣୀୟ ଆଖ୍ୟାନ
ଧ୍ୱନିତ, ବିଜ୍ଞାପନର ଧ୍ୱନିରେ
ବିଜ୍ଞ ଅବିଜ୍ଞଙ୍କ ବାଦାନୁବାଦରେ
ବୁଦ୍ଧି ବିବେକର ଶୀତଳ ଯୁଦ୍ଧରେ।
କିଏ ବିନ୍ଧକଲା ପଞ୍ଜୁରୀରେ ବାସ
ମନ ଶାରୀର ଅଦୃଶ୍ୟ ଶରୀର,
ଆଉ ରଟୁନାହିଁ ନିତ୍ୟ ସତ୍ୟ
ମନସୂତ୍ର ଗୁନ୍ଥା ସ୍ତୋତ୍ରମାଳା
ହରେରାମ ହରେକୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ।

*ପ୍ଲଟ ନଂ-୪୯/ସି, ଶକ୍ତି ନଗର, ଲିଙ୍କରୋଡ୍, ଅରୁଣୋଦୟ ମାର୍କେଟ୍, କଟକ-୭୫୩୦୧୨*
*ଦୂରଭାଷ: ୯୪୩୮୫୩୨୪୫୭*

# ଜହ୍ନରେ ଘର

**ବିଳାସ ଚନ୍ଦ୍ର ବେହେରା**

ବୈଜ୍ଞାନିକମାନେ    ପରୀକ୍ଷା କରନ୍ତି
    ଜହ୍ନରେ କରିବା ଘର
ନିରୋଳାରେ ରହି    ଶାନ୍ତିରେ ଚଳିବା
    ନଥିବ କାହାକୁ ଡର।

ଜହ୍ନ ରାଇଜର    ଶୀତଳ ଜୋଛନା
    ଶିହରଣ ଆଣି ଦେବ
ପୃଥିବୀ ପୃଷ୍ଠର    ଅଶାନ୍ତ ଭାବନା
    ହୃଦୟକୁ ନ ଛୁଇଁବ।

ସଂସ୍କାର ସଂସ୍କୃତି    ଭୁଲିଗଲେ ସବୁ
    କରନ୍ତି ଝଗଡ଼ା ଝଟି
ଭାଇଚାରା ଶବ୍ଦ    ଚୁଲିକୁ ଗଲାଣି
    ଅଶାନ୍ତ ଜନମ ମାଟି।

ଗାଜନୀତି କଥା    ନକହିବା ଭଲ
    ସବୁ ଦଳ କହେ ସତୀ
ସ୍ୱାର୍ଥ ପାଇଁ ଭୁଲେ ମାନବିକତାକୁ
    ଜଳାଞ୍ଜଳି ଜାତି ପ୍ରୀତି।

ଟିକିଏ କଥାରେ    ଫୁଟୁଅଛି ଗୁଳି
    ଅହଙ୍କାରେ ବଶବର୍ତ୍ତୀ
ଆଇନ କାନୁନ    ବିଧିର ବ୍ୟବସ୍ଥା

ମନରେ ନ ଆଣେ ଶାନ୍ତି।

ପୃଥିବୀର ଏହି ବିଷାକ୍ତ ପବନ
ଦେହ ପ୍ରାଣେ ଭରେ ବିଷ
ସେଥିପାଇଁ ଚାଲ ମିଳିମିଶି କରି
ଜହ୍ନରେ କରିବା ବାସ।

*ନଳିତା ନିଳୟ, ବକ୍ସବଣିଆ, ୪୨ ମୌଜା, କଟକ*

# ଗୋଟେ ମାତ୍ର ଚକୋଲେଟ୍

**କୁମାର ଧର୍ମନ୍**

ଗୋଟେ ମାତ୍ର ଚକୋଲେଟ୍‌ରେ
ବୁଝିଯାଏ ଝିଅ
ଅଟକି ଯାଏ ତାର
ଅମାନିଆ ଲୁହ।

ଖଣ୍ଡେ ଚାବିଦିଆ ଖେଳନାରେ
ତାକୁ ମିଳିଯାଏ ଢେର ସାରା ଆକାଶ, ଅସୀମ ପୃଥ୍ୱୀ
ଓ ବଡ଼ ଫାଳେ ସମୁଦ୍ର

ହେଲେ
ଆମ କଥା ଅଲଗା
ଗୋଟା ସମୁଦ୍ର ମିଳିଗଲେ, କି
ପାହାଡ଼ଟେ ଗିଳିଗଲେ ସୁଦ୍ଧା କାହିଁକି ଲାଗେ
ଆମେ ବିସ୍କୁଟ ଖଣ୍ଡେ ମାତ୍ର ଖାଇଛୁ
ଆମ ପେଟରେ ପରା ସାରା ବ୍ରହ୍ମାଣ୍ଡର ଭୋକ।

ଆମ ଆଖିରେ ଅସୀମ ଅରଣ୍ୟ କାହିଁକି
ଶାଗ ବିଡ଼ାଟେ ପରି ଦିଶେ
ପାଟିର ଆଁରେ ପୃଥ୍ୱୀ ଟା କିଆଁ
ଛୋଟ ଆପଲ ଖଣ୍ଡେ ପରି ପଶେ।

ଅଥଚ ମୋ ଚାରିପାଖେ ଝିଅ
ଘୁରାଉ ଥାଏ ତାର ରିମୋଟ କଣ୍ଟ୍ରୋଲ କାର୍
ଲାଗେ ସେ ଘୁରି ଆସୁଚି ସମଗ୍ର ଗ୍ଲୋବ୍ ପ୍ରତିଥର
ଗୋଟେ ଗୋଟେ ମିନିଟ୍‌ରେ
ଗୋଟେ ମାତ୍ର ଚକୋଲେଟ୍ ଓ
ଖେଳନା ବଳରେ।

*ଦୂରଭାଷ: ୯୪୩୮୫୯୨୩୨୮*

# ପରିଣୟର ଅଭିନନ୍ଦନ..

**ମନୋଜ କୁମାର ବେହେରା**

ହିନ୍ଦୁ ଧର୍ମ ବୈବାହିକ ବନ୍ଧନ
ଜୀବନ ଦିବ୍ୟଭବ୍ୟ ଅନୁଷ୍ଠାନ
ଦ୍ୱିପଥିକକୃତ ପ୍ରତିଜ୍ଞା..
ପ୍ରତ୍ୟେକ କ୍ଷଣସଂଗ ଆନନ୍ଦ ଆହ୍ୱାନ
ପରସ୍ପର ସମର୍ପଣ ପରାକାଷ୍ଠା
ଅନ୍ତର ଅନନ୍ତ ଖୁସିର ମଣ୍ଡନ
ସମର୍ପଣର ବନ୍ଧନରେ
ପରିଣୟର ଅଭିନନ୍ଦନ ।
ବୈଦିକ ସଂସ୍କୃତି ବୈବାହିକ
ଜନ୍ମଜନ୍ମାନ୍ତର ଆତ୍ମିକ ସମ୍ବନ୍ଧ
ପରସ ସାକ୍ଷୀ ପବିତ୍ର ଅଗ୍ନିର
ଭାବର ସଂକଳ୍ପ ବୈଦିକ ସୁଗନ୍ଧ,
ପ୍ରଥମ ବ୍ରତ ଉପାସନା ତୀର୍ଥ
କିନ୍ତୁ ବଧୂ ସହ କରିବ ସମ୍ପାଦନ
ସମର୍ପଣର ବନ୍ଧନରେ
ପରିଣୟର ଅଭିନନ୍ଦନ ।
ଦ୍ୱି ଏକ ଦୁଜମାତା ପିତା ଆଦର
ଜୀବନ ପର୍ଯ୍ୟନ୍ତ ରକ୍ଷା ତୃତୀୟ ବଚନ
ଚତୁର୍ଥ ପରିବାର ଦାୟିତ୍ୱ ନିର୍ବାହନ
ସୁଖଦ ଭବିଷ୍ୟ ଯୋଜନା ରଚିବା
ପଞ୍ଚମ ଆୟବ୍ୟୟର ପାରଦର୍ଶିତା
ସମାନତା ପ୍ରେମ ବ୍ୟବହାର ସଂଯମ
ସମର୍ପଣର ବନ୍ଧନରେ
ପରିଣୟର ଅଭିନନ୍ଦନ ।
ଘର ବାହାରେ ହାର୍ଦ୍ଦିକମାନ ସମ୍ମାନ
ଷଷ୍ଠ ସଂକଳ୍ପ ଅନୁପ ରଥ,
କିନ୍ତୁ ନର ନାରୀ ମର୍ଯ୍ୟାଦିତ ଆଚରଣ
ସପ୍ତମ ନିର୍ମଳ ବିମଳ ଶପଥ
ଦାମ୍ପତ୍ୟ ପ୍ରେମ ଅଭିଳାଷା ନିତ
ପରସ୍ପର ମିଳନ ସାଦର ରଞ୍ଜନ
ସମର୍ପଣର ବନ୍ଧନରେ
ପରିଣୟର ଅଭିନନ୍ଦନ ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,*
*ୟୁନିଟ୍-୯ (ଫ୍ଲାଟ୍), ଭୁବନେଶ୍ୱର-୨୨*
*ଦୂରଭାଷ: ୭୯୭୮୮୩୦୬୧୧*

ତନ୍ମାତ୍ର




# ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ

**-: ଶମ୍ଭୁ :-**

ବ୍ୟାନର : ଅନୁପମା ମୁଭିଜ୍, ପ୍ରଯୋଜକ : ବିଭୂତି ଭୂଷଣ ଜେନା, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା : ଏସ୍. ଦିଲ୍ଲୀପ ପଣ୍ଡା, ସଙ୍ଗୀତ : ଦୀପକ କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି:- ଶୁଭମ ନାୟକ (ନବାଗତ), ତମନ୍ନା, ପିୟୁଷ ତ୍ରିପାଠୀ (ଯାତ୍ରା ଅଭିନେତା), ଜୀବନ ପଣ୍ଡା, ହରିହର ମହାପାତ୍ର, ଡିସ୍କୋ ରେଡି, ବ୍ଲାକ ରବି, ମନୋଜ ଦାସ, ଚିନ୍ତାମଣି, ମିଟୁ ମିଥୁନ, ଦେବରାଜ, ଡା. ଲକ୍ଷ୍ମୀଧର ପଣ୍ଡା, ରାଜଲକ୍ଷ୍ମୀ ପ୍ରମୁଖ। ଶିଶୁ କଳାକାର : ବିନାପ୍ସା ଜେନା, ଦେବରାଜ।

**ଚଳଚ୍ଚିତ୍ରର କାହାଣୀଟି ଏହିପରି:-**

ଶମ୍ଭୁ ଗୋଟେ ଅନାଥ ପିଲା। ବସ୍ତିରେ ରୁହେ। ବସ୍ତିଲୋକମାନେ ତାକୁ ପାଳି ପୋଷି ବଡ଼ କରିଛନ୍ତି। ତେଣୁ ବସ୍ତିଲୋକମାନଙ୍କ ପାଇଁ ଦରକାର ପଡ଼ିଲେ ଜୀବନ ଦବାକୁ ପ୍ରସ୍ତୁତ। ଅନ୍ୟାୟ କରେ ନାହିଁ କି ଅନ୍ୟାୟ ସହେ ନାହିଁ। ସେଇ ସହରରେ ଆତଙ୍କ ଖେଳେଇଥିବା ଡନ୍ କେକେ ସହ ଶମ୍ଭୁର ପଙ୍ଗା ହୁଏ ବସ୍ତି ଭାଙ୍ଗିବାକୁ ନେଇ। ଜନ୍ କେକେ ହାରିଯାଏ ଓ ନିଜ ଦଳରେ ଶମ୍ଭୁକୁ ସାମିଲ୍ କରିନିଏ। ଯୋଉ କ୍ରାଇମ୍ ଡନ୍ କେକେ କରିପାରେନାହିଁ ଶମ୍ଭୁ ତାକୁ ସହଜରେ କରିଦିଏ ॥ ଏକଦା ରାଜ୍ୟର ଜଣେ ପୂର୍ବତନ ମନ୍ତ୍ରୀଙ୍କର କଳାଧନକୁ କେକେ ଶମ୍ଭୁ ପାଖରେ ବିଶ୍ୱାସରେ ରଖେ। ଅନ୍ୟ ଏକ ଘଟଣାକ୍ରମେ ନାୟିକା ସ୍ୱାତୀର ବାପାଙ୍କର ରାଜଧାନୀରେ ଥିବା ଏକ ମୂଲ୍ୟବାନ ଜମିକୁ କେକେ ଜବରଦସ୍ତ ହଡ଼ପ କରିବା ପାଇଁ ବାରମ୍ବାର ଚାପ ପକାଉଥାଏ। ଜମି ଦବାକୁ ସ୍ୱାତୀର ବାପା ରାଜି ନ ହବାରୁ କୌଶଳକ୍ରମେ ସ୍ୱାତୀର ବାପା ଭାଇକୁ ମର୍ଡର କରି ଦୋଷ ଶମ୍ଭୁ ଉପରେ ଲଦିଦିଏ। ସ୍ୱାତୀ ବଦଲା ନବାକୁ ଯାଇ ଶମ୍ଭୁକୁ ନିଜ ପ୍ରେମ ଜାଲରେ ଫସେଇ ଏକ ଉଚ୍ଚା ବିଲ୍ଡିଂରୁ ଠେଲି ଦିଏ। ଶମ୍ଭୁ ବଞ୍ଚିଯାଏ ସତ ହେଲେ ସବୁଦିନ ପାଇଁ ପାଗଳ ହେଇଯାଏ ଓ କେଉଁଆଡ଼େ ଚାଲିଯାଏ। ଏପଟେ କେକେର କଳାଧନ ଶମ୍ଭୁ ପାଖରେ ଥାଏ ବୋଲି ଶମ୍ଭୁକୁ ନ ପାଇ ପାଗଳଙ୍କ ଭଳି ତାକୁ ଶମ୍ଭୁକୁ ନ ପାଇ ପାଗଳଙ୍କ ଭଳି ତାକୁ ଖୋଜି ବୁଲୁଥାଏ। ସେପଟେ ନାୟିକା ସ୍ୱାତୀ ଅନ୍ୟ ସହରରେ ବାସ କରୁଥିବାବେଳେ ଦୈବାତ୍ ପାଗଳ ଶମ୍ଭୁ ସହ ଦେଖାହୁଏ। ଶମ୍ଭୁ ତାକୁ ଫଲୋ କରେ ହେଲେ ସ୍ୱାତୀ ନିଜକୁ ଲୁଚାଇବାକୁ ସକ୍ଷମ ହୁଏ। ଏହି ସମୟରେ କେକେର ଗୁଣ୍ଡାମାନେ ଶମ୍ଭୁକୁ ଦେଖି କେକେକୁ ଖବର ଦିଅନ୍ତି। କେକେ ଓ ତା'ର ଗୁଣ୍ଡାମାନେ ଫଲୋ କରି ଶମ୍ଭୁ ହରି ପାଖରେ ରହୁଥିବା ଜାଣି ତା' ପାଖରୁ ଶମ୍ଭୁକୁ ନେଇ ଟ୍ରିଟ୍‌ମେଣ୍ଟ କରନ୍ତି। ହେଲେ ଶମ୍ଭୁ ତା' ପ୍ରେମିକାକୁ ସହରରେ ଦେଖିବାରୁ ତାକୁ ଖୋଜିବାକୁ ଖସି ଆସେ କେକେ କବଳରୁ। କେକେ ତା' ଉପରେ ନଜର ରଖିବାକୁ କୁହେ ତା' ଗୁଣ୍ଡାମାନଙ୍କୁ। ସ୍ୱାତୀ ବିରିଆନୀ ଢାବାରେ ଶମ୍ଭୁକୁ ଏକୁଟିଆ ପାଇ ପୁନର୍ବାର ଆକ୍ରମଣ କରେ ଜୀବନରୁ ମାରି ଦବା ପାଇଁ; ହେଲେ କେକେର ଗୁଣ୍ଡାମାନେ ଶମ୍ଭୁକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରନ୍ତି ଓ ଦିନରାତି ଜଗି ରହନ୍ତି। ନିଜ ଜୀବନ ପ୍ରତି ବିପଦ ଥିବା ଜାଣି ସ୍ୱାତୀ ଡକ୍ଟର ବେଶରେ ଆସି ଶମ୍ଭୁକୁ ମାରିବାକୁ ଗଲାବେଳେ ଗୁଣ୍ଡାମାନଙ୍କଠୁ ଜାଣିପାରେ କି ତା' ବାପା ଭାଇର ହତ୍ୟାକାରୀ ଶମ୍ଭୁ ନୁହେଁ ବରଂ କେକେ। ସ୍ୱାତୀ ପଶ୍ଚାତାପ କରେ। ଏହି ସମୟରେ କେକେର ଗୁଣ୍ଡାମାନେ ସ୍ୱାତୀକୁ ଆକ୍ରମଣ କଲାବେଳେ ଶମ୍ଭୁ ତାକୁ ଉଦ୍ଧାର କରି କୌଣସି ଏକ ଅଜଣା ସ୍ଥାନକୁ ନେଇଯାଏ। ସେଠାରୁ ମଧ୍ୟ କେକେର ଗୁଣ୍ଡାମାନେ ସ୍ୱାତୀକୁ ଉଠେଇ ଆଣନ୍ତି ଓ ପଛେ ପଛେ ଶମ୍ଭୁ ଆସେ। ଶେଷରେ ଶମ୍ଭୁ ସହ କେକେ ଓ ଦୁର୍ନୀତିଗ୍ରସ୍ତ ନେତାର ଫାଇଟ୍ ହୁଏ। କେକେ ଓ ନେତାଙ୍କର ସେଥିରେ ମୃତ୍ୟୁ ହୁଏ। ଶମ୍ଭୁ ତା' ପାଗଳାମୀରୁ ମୁକ୍ତି ପାଏ। ସ୍ୱାତୀ ଓ ଶମ୍ଭୁ ପରସ୍ପରକୁ ପାଇ ଖୁସି ହୁଅନ୍ତି।

**-: ସାର୍ :-**

ବ୍ୟାନର: କମଳ ସିନେ ପ୍ରଡ଼କ୍‌ସନ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା : କେଶବ ମଲ୍ଲିକ, ସଙ୍ଗୀତ : ଆରୋହୀ ଅଜିତା। ଅଭିନୟରେ:- ସମରେଶ ରାଉତରାୟ, ଅଶ୍ରୁମୋଚନ ମହାନ୍ତି, ଦିପନ୍ୱିତ ଦାସ ମହାପାତ୍ର, ଅଭିଷେକ ରଥ, ଅର୍ଲିନ ଅଙ୍କିତା, ସମିତା ମହାନ୍ତି, ମିଲି ମିଶ୍ର, ସୁଶୀଲ ମିଶ୍ର, ନୀଳମଣି ସାହୁ, ଋଷି ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି, ଦେବାଶିଷ ପାଢ଼ୀ (ବାବି), ପ୍ରଫୁଲ୍ଲ ପଣ୍ଡା, ସର୍ବେଶ୍ୱର ବେହେରା, ସିଦ୍ଧାର୍ଥ କର, କାଜଲ ବାରିକ, ସ୍ମୃତିରେଖା ଦାସ, ଜୟଶ୍ରୀ ନାୟକ ପ୍ରମୁଖ। ଶିଶୁ କଳାକାର : ଦେବାଂଶି, ୟଶ୍ ଓ କ୍ରିଷ୍ଣା।




**ଚଳଚ୍ଚିତ୍ରଟିର କାହାଣୀ ଏହିପରି:-**

ଶିକ୍ଷକତା ଏକ ବୃତ୍ତି ନୁହେଁ, ସେବା। ଏଇ କଥାକୁ ପାଥେୟ କରି ଚାଲୁଥିବା ଜଣେ ଶିକ୍ଷକ ହେଲେ ଅଗଣି ମହାନ୍ତି। ସ୍କୁଲକୁ ଆସୁନଥିବା କିମ୍ବା ପଢ଼ା ଛାଡ଼ିଥିବା ପିଲାମାନଙ୍କୁ ଖୋଜି ଖୋଜି ସ୍କୁଲକୁ ଆଣିବା ତାଙ୍କର ଏକ ନିଶା କହିଲେ ଚଳେ। ସେହିଭଳି ଦୁଇଜଣ ପିଲା ହେଲେ ରମେଶ ଛୋଟରାୟ ଓ ମୂରଲୀ ମୋହନ ନାୟକ। ଅଗଣି ସାରଙ୍କ ଚେଷ୍ଟାରେ ଦୁଇ ଜଣଯାକ ଭଲ ପାଠପଢ଼ନ୍ତି ଏବଂ ଉଚ୍ଚ ପଦବୀରେ ମଧ୍ୟ ଅଧିଷ୍ଠିତ ହୁଅନ୍ତି। ସମୟ କ୍ରମେ, ସ୍କୁଲ ନିକଟସ୍ଥ ସହରରେ ସବ୍ ରେଜିଷ୍ଟ୍ରାର ଭାବେ ଯୋଗ ଦିଅନ୍ତି ରମେଶ। ଅଗଣି ସାରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ପିଲାଦିନେ ମାଆଙ୍କ ପାଇଁ ଏକ ସିଲାଇ ମେସିନ୍ କିଣିବା ପାଇଁ ସ୍କୁଲରେ ପହଞ୍ଚନ୍ତି ସେ; କିନ୍ତୁ ସେତେବେଳେକୁ ଅଗଣି ସାର୍ ଅବସର ଗ୍ରହଣ କରି ନିଜ ପୈତୃକ ଗ୍ରାମରେ ରହୁଥାନ୍ତି। ସ୍କୁଲରୁ ତାଙ୍କ ଠିକଣା ସଂଗ୍ରହ କରି ସେଠାରେ ପହଞ୍ଚନ୍ତି ସେ। କିନ୍ତୁ ଅଗଣି ସାରଙ୍କ ପୁଅ ବୋହୂ ତାଙ୍କୁ ଘରୁ ବାହାର କରିଦେଇଥାନ୍ତି। ମର୍ମାହତ ରମେଶ ସାରଙ୍କୁ ଖୋଜି ଖୋଜି ଏକ ରାସ୍ତା କଡ଼ରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରନ୍ତି, ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରି ସୁସ୍ଥ କରନ୍ତି ଏବଂ ନିଜ ଘରକୁ ନେଇ ଆସନ୍ତି। ଠିକ୍ ସେଇ ସମୟରେ ଏକ ଜମି ଦୁର୍ନିତୀ ଜାଲିଆତିରେ ଫଶିଯାଆନ୍ତି ରମେଶ। ସେ ଜାଲିଆତିରୁ ତାଙ୍କୁ ଉଦ୍ଧାର କରନ୍ତି ଅଗଣି ସାର୍ ଓ ତାଙ୍କ ପିଲାଦିନର ସ୍କୁଲ ସାଥି ମୂରଲୀ ମୋହନ ନାୟକ। ଶେଷରେ ଅଗଣି ସାର ରାଷ୍ଟ୍ରପତି ମେଡାଲ ପାଇଁ ମନୋନୀତ ହୁଅନ୍ତି, ଆଉ ସବୁ ପୁରାତନ ଛାତ୍ରଛାତ୍ରୀ ତାଙ୍କୁ ସମ୍ମାନିତ କରି ସ୍ୱୀକାର କରନ୍ତି - ଜଣେ ଶିକ୍ଷକ ହିଁ ଜଣେ ଛାତ୍ର ପାଇଁ ଭଗବାନ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

# ସତରେ କ'ଣ ସଂକଟରେ ଭାରତୀୟ କ୍ରୀକେଟ !!

ଟେଷ୍ଟ କ୍ରୀକେଟ୍‌ରେ ଭାରତର ବିପର୍ଯ୍ୟୟ ପରେ ଆମେମାନେ ତଥାପି ମଧ୍ୟ ଆଶ୍ୱସ୍ତ ଥିଲୁ ଆମର ଏକଦିବସୀୟ ଓ ଟି-୨୦ ଫର୍ମାଟ୍‌ରେ ବିଶ୍ୱର ସର୍ବୋତ୍କୃଷ୍ଟ ଦଳ ଭାବରେ । ଆରୋପ ପ୍ରତ୍ୟାରୋପ ମଧ୍ୟରେ ଟେଷ୍ଟ ଦଳକୁ ସଜଡ଼ାଯିବା ଆଲୋଚନା ଓ ହେଉଥିଲାବେଳେ ନିକଟରେ ଦକ୍ଷିଣ ଆଫ୍ରିକା ଠାରୁ ମିଳିଥିବା ଆହ୍ୱାନ ଆମର ଅନ୍ୟ ଦୁଇଟି ଫର୍ମାଟରେ ଖେଳୁଥିବା ଦଳ ଉପରେ ସନ୍ଦେହ ବଢ଼ାଇ ଦେଇଛି । ଏହା ସତ୍ୟ କ୍ରୀକେଟ୍ ଏକ ଅନିଶ୍ଚିତାର ଖେଳ ଏବଂ ଏଥିରେ ଖେଳାଳୀମାନେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ରଖିବା କଷ୍ଟକର । ଜଣେ ଖେଳାଳୀଠାରୁ କେଉଁଠିହେଲେ ପ୍ରତ୍ୟେକ ମ୍ୟାଚ୍‌ରେ ଭଲ ରନ୍ ସ୍କୋର୍‌ଟି କିମ୍ବା ଅଧିକ ଉଇକେଟ୍ ଦଖଲ କରିବାର ଆଶା ରଖାଯିବା ଅନୁଚିତ କାରଣ ଗୋଟିଏ ଗୋଟିଏ କିମ୍ବା ଦୁଇ ତିନିଟି ମ୍ୟାଚ୍‌ରେ ବିଫଳ ହେବା ଖେଳାଳୀର ଅବକ୍ଷୟର ଠୋସ୍ ସୂଚନା ବୋଲି ମନେ କରାଯାଇପାରିବନି । ସେଇ ଭିତ୍ତିରେ ଆଶଙ୍କା ଓ କ୍ରମାଗତ ଖେଳାଳୀ ଅଦଳ ବଦଳ ବହୁ ସମୟରେ ଅପ୍ରାସଙ୍ଗିକ ବିବେଚିତ ହୋଇଥାଏ । ଏକଥା ବି ସତ ଯେ ନିଜର ପ୍ରତିଭା ତୁଳନାରେ ହଠାତ୍ କିଛି ବହୁତ ଭଲ ପ୍ରଦର୍ଶନକୁ ନେଇ ଆମେ ସେଇ ଖେଳାଳୀଟିକୁ ବହୁ ଉଚ୍ଚସ୍ଥାନ ନେଇଥାଉ ଏବଂ ପରବର୍ତ୍ତୀ ପ୍ରଦର୍ଶନ ଗୁଡ଼ିକରେ ଆମେ ତା'ଠାରୁ ଅନୁରୂପ ପ୍ରଦର୍ଶନ ଆଶା କଲାବେଳେ ଆମକୁ ନିରାଶ ହେବାକୁ ପଡ଼େ । ଖୁବ୍ ଛକା ଚୌକା ପିଟୁଥିବା ଖେଳାଳୀଙ୍କୁ ଏବଂ ଭଲ କ୍ୟାଚ୍ କିମ୍ବା ବିପକ୍ଷ ବ୍ୟାଟ୍‌ସମ୍ୟାନଙ୍କର ଦୁର୍ବଳତା ନିମନ୍ତେ ଉଇକେଟ୍ ଦଖଲ କରୁଥିବା ବୋଲରଙ୍କୁ ଆମେ ମୁଣ୍ଡରେ ବସାଇଦେଉ । ଏହାହିଁ ଆମକୁ ସଫଳତାକୁ ଖୁବ୍ ଶୀଘ୍ର ବିପର୍ଯ୍ୟୟ ଭାବରେ ଦେଖାଇଦିଏ ।

କ୍ରୀକେଟ୍ ଏକ ସନ୍ତୋଳନର ଖେଳ ଏବଂ ଏଥିରେ ନିଜର ଦକ୍ଷତାକୁ ସବୁବେଳେ ପ୍ରାଥମିକତା ଦେଇ ସେଥିରୁ କିଛି ଭଲ ପ୍ରଦର୍ଶନ ବାହାର କରିପାରିବା ହିଁ ତାତ୍ପର୍ଯ୍ୟପୂର୍ଣ୍ଣ । ଏଇ ଧରିନିଆଯାଉ ବୁମରା ଖୁବ୍ ଭଲ ବୋଲିଂ କରି ମଧ୍ୟ ଉଇକେଟ୍ ପାଇଲେନି ଏବଂ ଯଦିଓ ରନ୍ ଦେବା ହାର ଖୁବ୍ କମ୍ ଥିଲା । ଏହାର ଅର୍ଥ ନୁହେଁ ଯେ ସେ ଜଣେ ବିଫଳ ବୋଲର ଏବଂ ପରବର୍ତ୍ତୀ ମ୍ୟାଚ୍‌ରେ ସେ ପୁନରାୟ ଭଲ ପ୍ରଦର୍ଶନ କରିପାରିବାର ଶକ୍ତି ତାଙ୍କ ପାଖରେ ଅଛି । ଠିକ୍ ସେଇଭଳି ଅନ୍ୟ ଜଣେ ବୋଲର ସାଧାରଣ ବୋଲିଂ କରିଥିଲେ ମଧ୍ୟ ବିପକ୍ଷ ବ୍ୟାଟର୍‌ର ଫର୍ମର ଅଭାବ ଓ କିଛି ଚମତ୍କାର କ୍ଷେତ୍ରରକ୍ଷଣ ପାଇଁ ଭଲ ଉଇକେଟ୍ ପାଇଲେ ମଧ୍ୟ ପର ମ୍ୟାଚ୍‌ରେ ସେହି ସଫଳତା ଜାରି ରଖିବା କଷ୍ଟକର ହୋଇପାରେ । ବ୍ୟାଟର କ୍ଷେତ୍ରରେ ମଧ୍ୟ ସେଇଆ । ଛକା, ଚଉକା ବର୍ଷା କଲେ ମଧ୍ୟ ବ୍ୟାଟ୍‌ରେ ବଲକୁ ଠିକ୍ ଭାବରେ ନେଇପାରୁନଥିଲେ ସେଇ ପ୍ରଦର୍ଶନ ମଧ୍ୟ କେବଳ ସାମୟିକ ହୋଇଯାଏ । କିନ୍ତୁ ଆମେମାନେ ଯିଏ ଭଲ ରନ୍ କଲା ଓ ବେଶୀ ଉଇକେଟ୍ ନେଲା ତା'କୁ ହିରୋର ମର୍ଯ୍ୟାଦା ଦେଇଦେବା ଆରମ୍ଭ କରୁ ଏବଂ ତାହାହିଁ ସମୁଦାୟ ପତନର ପ୍ରଥମ ସୋପାନ ।

ବିଗତ କେତୋଟି ଏକଦିବସୀୟ ଓ ଟି-୨୦ ମ୍ୟାଚ୍‌ରେ ଭାରତୀୟ ଖେଳାଳୀଙ୍କ ପ୍ରଦର୍ଶନ ଦେଖିଲେ ପରିଷ୍କାର ଜଣାପଡ଼ିଯାଏ ପ୍ରତ୍ୟେକ ଖେଳାଳୀ ନିଜ ନିଜର ଆତ୍ମବିଶ୍ୱାସ ହରାଇବସିଛନ୍ତି । ବୁମରାଙ୍କର ଚମତ୍କାର ବୋଲିଂ ନାହିଁ, ଗିଲ୍, ସୂର୍ଯ୍ୟକୁମାର ଓ ଅଭିଷେକଙ୍କର ଧୂଆଁଧାର ବ୍ୟାଟି ମଳିନ ହୋଇଯାଇଛି । ହାର୍ଦ୍ଦିକ ଭଲ ଖେଳୁଥିଲେ ମଧ୍ୟ ସେଥିରେ ନିର୍ଦ୍ଦିଷ୍ଟତା ନାହିଁ । ସ୍ପିନରମାନେ ଆତ୍ମବିଶ୍ୱାସ ହରାଇବସିଛନ୍ତି । ଅକ୍ଷର, ଓ୍ୱାସିଂଟନଙ୍କ ଭଳି ଦ୍ୱିତୀୟ ଧାଡ଼ିର ଖେଳାଳୀ ଭଲ ପ୍ରଦର୍ଶନ କରୁଛନ୍ତି । ଏ ସବୁକୁ ଚିନ୍ତା କଲେ ଜଳ ଜଳ ବାରିହୋଇଯାଏ ପ୍ରତ୍ୟେକଙ୍କ ନିକଟରେ ଥିବା ଆତ୍ମବିଶ୍ୱାସର ଅଭାବ । ଭାରତୀୟ ଦଳରେ ଥିବା ପ୍ରତିଭାମାନଙ୍କ ବୋଧହୁଏ ଠିକଣା ଭାବରେ ଉପଯୋଗ କରାଯାଉନଥିବା କିମ୍ବା ସେମାନଙ୍କୁ ଉତ୍ସାହିତ କରିବାରେ କିଛି ଅଙ୍କୁଶ ସମ୍ଭବତଃ ଏଭଳି ପରିସ୍ଥିତି ସୃଷ୍ଟି କରିଛି ବୋଲି ବିଶ୍ୱାସ କରାଯାଏ । କୋଚ ଗମ୍ଭୀର ଓ ମନୋନୟନକାରୀ ମାନଙ୍କରେ ମାତ୍ରାଧିକ ପରୀକ୍ଷା ନିରୀକ୍ଷା ଖେଳାଳୀଙ୍କ ମନୋବଳ ଭାଙ୍ଗିବାର ମୂଳ କାରଣ ନିଶ୍ଚିତ । ଖୁବ୍ ଭଲ ଖେଳୁଥିଲେ ମଧ୍ୟ ଦଳରେ ସ୍ଥାନ ନିରାପଦ ନୁହେଁ ଏବଂ ଭଲ ଖେଳୁନଥିଲେ ବି ରୀକ୍ଷାମୂଳକ ଭାବରେ ଦଳରେ ସ୍ଥାନ ପାଇବା ମଧ୍ୟ ଅସମ୍ଭବ ନୁହେଁ । କେତେବେଳେ ବୟସାଧିକ୍ୟ ନାମରେ ପୁରୁଣା ଖେଳାଳୀଙ୍କୁ ହଟାଇ ଦିଆଯାଉଛି ତ କେତେବେଳେ ଅନୁଭବର ଅଭାବ ପାଇଁ ନୂଆ ଖେଳାଳୀ ବାଦ୍ ପଡ଼ିଯାଇଛନ୍ତି । ଦୁଇବର୍ଷ ତଳେ ଅନ୍ୟ ଦେଶମାନେ ଭାରତର ପ୍ରଥମ ଦଳ ଭଳି ଆଉ ଗୋଟିଏ ଦ୍ୱିତୀୟ ଶକ୍ତିଶାଳୀ ଦଳ ବେଞ୍ଚରେ ଅପେକ୍ଷାରେ ବସିଛନ୍ତି ବୋଲି ସମସ୍ତେ ମନ୍ତବ୍ୟ ଦେଉଥିଲେ । କିନ୍ତୁ ସେଇ ସମସ୍ତ ଖେଳାଳୀଙ୍କୁ ଏଭଳି ଭାବରେ ଫେଣ୍ଟି ଦିଆଯାଇଛି ଯେ ସମସ୍ତଙ୍କର ବର୍ତ୍ତମାନ ସତ୍ତା ବିପଦରେ ।

ଆଜି ଭାରତୀୟ କ୍ରୀକେଟ ଏତେ ଶକ୍ତିଶାଳୀ ହୋଇଥିବା ସତ୍ତ୍ୱେ ବିପଦରେ ଓ ସଂକଟରେ ଥିଲାଭଳି ପ୍ରତୀୟମାନ ହେଉଛି । ସତରେ କ'ଣ ଏ ସଂକଟ ଦୂର ହୋଇପାରିବ ? ? ?

ଜ୍ୟୋତିଷ ବିଚାର




# ମାସିକ ରାଶିଫଳ

## (ତା: ୧୫/୧୨/୨୦୨୫ ରୁ ତା: ୧୪/୦୧/୨୦୨୬)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ଚଳିତ ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତଫଳର ଉପଭୋକ୍ତା ହେବେ। କର୍ମ ପଥରେ ବିଶୃଙ୍ଖଳା ଘଟିବାର ନାହିଁ। ଦୃଢ଼ ମନୋବଳକୁ ଏକତ୍ରିତ କରି ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ହଜମ କରିବାର ସାମର୍ଥ୍ୟ ଜୁଟାଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିବେ। ପରିଶ୍ରମ ଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ଉପରିସ୍ଥ ମାନଙ୍କ ଆସ୍ଥାଭାଜନ ହେବା ଫଳରେ ମନରେ ଉତ୍ସାହ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ କେତେକ ପ୍ରଶ୍ନିଳ ଚକ୍ଷୁର ସାମନା କରିବାକୁ ପଡ଼ିପାରେ। ବେପାର ବାଣିଜ୍ୟରେ ପଛେଇ ଯିବା ଆଶଙ୍କା ନାହିଁ। ବିବାଦୀୟ କ୍ଷେତ୍ରରେ ଆପଣଙ୍କ ପକ୍ଷ ଶକ୍ତ ରହିବ। ଆର୍ଥିକ ଦୃଷ୍ଟିରୁ ପୂର୍ବତୁଳନାରେ ଆଶ୍ୱସ୍ତ ହେବେ। ଭାବ ପ୍ରବଣତା ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିପାରିଲେ ଅଶାନ୍ତିର ଶିକାର ହେବେନାହିଁ। ନିର୍ମାଣ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇବ। ଭ୍ରମଣ ଯୋଗେ ଓ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଅନୁଭବ କରିବେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଛୁଆପିଲାମାନଙ୍କ ଶର୍ଦ୍ଦିଶ୍ଳେଷ୍ମା ଓ କ୍ଷତ ବିକ୍ଷତ ମନରେ ଦୁଃଖ ଜାତ କରାଇବ। ଅବୟବରେ ପୀଡ଼ା ଅନୁଭୂତ ହେବ। ପାରିବାରିକ ଜୀବନରେ ଦୁଶ୍ଚିନ୍ତାଗ୍ରସ୍ତ ହେବେ ନାହିଁ। ମହିଳାମାନେ ଯଥା ସମ୍ଭବ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ଭବିଷ୍ୟତ ଯୋଜନାରେ ବ୍ରତୀ ହେବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ମନୋନିବେଶ କରିବେ। ଅଶୁଭ ଦିବସ:- ୨୭, ୨୮, ୭, ୮ ଅଷ୍ଟମଚନ୍ଦ୍ର:- ୧୮, ୧୯, ୧୩, ୧୪ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ।



**ବୃଷ:-** ମାସଟିରେ ଆପଣ ନାନାପ୍ରକାରର ଅଶାନ୍ତିର କବଳିତ ହେଲେବି ସେ ସବୁକୁ ଏଡ଼ାଇଦେଇ କର୍ମପଥରେ ଅଗ୍ରଗତି କରିବେ। ସମାଧାନର ବଳିଷ୍ଠ ପଥ ପ୍ରାପ୍ତ ହେବା କାରଣରୁ ଅତିଷ୍ଠ ହେବାର ଆଶଙ୍କା ନାହିଁ। ସାମାଜିକ ସ୍ତରରେ ପ୍ରତିପତ୍ତି ବୃଦ୍ଧି ଘଟିବ। ଈଶ୍ୱର ବିଶ୍ୱାସ ଓ ଧୈର୍ଯ୍ୟ ଧାରଣ ଦ୍ୱାରା ସମସ୍ୟା ସକାଳର କୁହୁଡ଼ିରେ ପରିଣତ ହେବ। ଆପଣାରମାନେ ଈର୍ଷା କରିପାରନ୍ତି। ବିପଦ ଆସିବା ଆଗରୁ ସତର୍କତା ଅବଲମ୍ବନ କରି ବିବାଦୀୟ ବଳୟରୁ ସହଜରେ ଉଦ୍ଧାର ପାଇବେ। ବେପାର ବାଣିଜ୍ୟରେ ପଛେଇଯିବେ ନାହିଁ। ପତିତ ଧନର ପ୍ରାପ୍ତି ହେବା କାରଣରୁ ଆଶ୍ୱସ୍ତ ହେବେ। ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ। ଆୟର ପନ୍ଥା ଖୋଲିଯିବ। ସମୟାନୁସାରି କାର୍ଯ୍ୟରେ ନିଜକୁ ନିୟୋଜିତ କରି ଶାନ୍ତି ପାଇବେ। ଶୁଭ ସମ୍ବାଦ ପ୍ରାପ୍ତିର ଆଶା ବ୍ୟର୍ଥ ହେବନାହିଁ। ଦ୍ରବ୍ୟ ନଷ୍ଟ ପ୍ରତି ସତର୍କତା ଜରୁରୀ। ବନ୍ଧୁବାନ୍ଧବରେ ସମ୍ମାନ ରକ୍ଷା ସମ୍ଭବ ହେବ। ମନର ଅବଶୋଷ ମେଣ୍ଟି ଯାଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିପାରେ। ଭ୍ରମଣ ଯୋଗେ ଆନନ୍ଦିତ ହେବେ। ପିତ୍ତ ଶ୍ଳେଷ୍ମା ଓ ପେଟରୋଗ ଦେଖାଦେବ। ପାରିବାରିକ ଜୀବନ ଚଳନୀୟ ହେବ। ମହିଳାମାନେ ଧୈର୍ଯ୍ୟ ଓ ସାହସର ସହିତ ଅନେକ କାର୍ଯ୍ୟ ସାଧନ କରିବେ। ହାତରେ ଦୁଇ ପଇସା ରହିବ। ବିଦ୍ୟାର୍ଥୀମାନେ ଉନ୍ନତିର ପଥରେ ଯାତ୍ରା କରିବେ। ଅଶୁଭ ଦିବସ:- ୩୦, ୩୧ ଅଷ୍ଟମ ଚନ୍ଦ୍ର:- ୨୦, ୨୧, ୨୨ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ।



**ମିଥୁନ:-** ଚଳିତ ମାସଟିରେ ଆପଣ ସମସ୍ୟା ଜନିତ ହେଲେବି କର୍ତ୍ତବ୍ୟକୁ ପ୍ରାଧାନ୍ୟ ପ୍ରଦାନକରି କର୍ମପଥରେ ଗତିଶୀଳ ହେବେ। ଶେଷ ଆଡ଼କୁ ଗତି ସାମାନ୍ୟ ଶିଥିଳତା ହେବାର ସୂଚନା ମିଳୁଛି। କେତେକ କ୍ଷେତ୍ରରେ ବିଳମ୍ବ ଜନିତ କ୍ଷୋଭ ଓ ଅବଶୋଷର ଶିକାର ହୋଇପାରନ୍ତି। ଉପରିସ୍ଥ ମାନଙ୍କୁ ସନ୍ତୁଷ୍ଟ କରାଇପାରିଲେ କାର୍ଯ୍ୟ ହାସଲ ବିଳମ୍ବିତ ହେବାର ନାହିଁ। ସାମାଜିକ ସ୍ତରରେ କେତେକ କୁଚକ୍ରୀ ମାନଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ। ବିବାଦୀୟ କ୍ଷେତ୍ରରେ ବିଜୟର ବାନା ଉଡ଼ାଇ ପାରନ୍ତି। ବେପାର ବାଣିଜ୍ୟରେ ଯଥେଷ୍ଟ ଲାଭ ନ ମିଳିଲେବି କ୍ଷତିର ଆଶଙ୍କା ନାହିଁ। ଆର୍ଥୀକ ଦିଗ ମଧ୍ୟମ ଧରଣର ରହିବ। ଅପ୍ରତ୍ୟାଶିତ ଭାବେ ହାତକୁ ଅର୍ଥ ଆସିବା ଯୋଗେ ଯୋଜନାବଦ୍ଧ କାର୍ଯ୍ୟକୁ ଆଗେଇ ନେବେ। ମନରେ ଜୟ ଓ ଶାନ୍ତି ବିରାଜମାନ କରିବ। ମାଙ୍ଗଳିକ କାର୍ଯ୍ୟରେ ଛାମୁଆ ହେବେ। ଭ୍ରମଣରେ ରୁଚି ବଢ଼ିବ। ସୌଖୀନ ଦ୍ରବ୍ୟ ପ୍ରତି ଆକୃଷ୍ଟ ହେବେ। ଆପଣାରମାନେ ଅସହିଷ୍ଣୁ ହେବେ। ଅଧସ୍ତନମାନଙ୍କୁ ଖଟାଇ କାର୍ଯ୍ୟ

ସଂପାଦିତ କରିବେ। ମନର କଥା ମନରେ ରହିବ। ପିତ୍ତଦୋଷ ଓ ସ୍ନାୟବିକ ଦୁର୍ବଳତା ଦେଖାଦେବ। ପାରିବାରିକ ଜୀବନ ସୁଖକର ହେବ। ମହିଳାମାନଙ୍କ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବା ନିମିତ୍ତ ଉଦ୍ୟମ କରିବେ। ବିଦ୍ୟାର୍ଥୀମାନେ ଆତ୍ମ ସନ୍ତୋଷ ଅନୁଭବ କରିବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୧, ୨, ୫, ୬, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



କର୍କଟ:- ମାସଟି ଆପଣଙ୍କୁ ଶୁଭଫଳ ପ୍ରଦାନ କରିବାର ବଳିଷ୍ଠ ସୂଚନା ପ୍ରଦାନ କରୁଛି। ଅପେକ୍ଷାକୃତ ଭାବେ ମନୋବଳ ବୃଦ୍ଧି ଘଟାଇ ଉତ୍ସାହର ସହିତ କର୍ମପଥରେ ଆଗେଇଯିବା ନିମିତ୍ତ ସୁଯୋଗ ଉପସ୍ଥିତ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ଜଟିଳ କାର୍ଯ୍ୟକୁ ସହଜ ସରଳ କରିବାରେ ସମର୍ଥ ହେବେ। ଲକ୍ଷ୍ୟସ୍ଥଳ ପ୍ରାପ୍ତି ନିକଟତର ହେବ। ପୁରୁଣା କାର୍ଯ୍ୟର ପରିସମାପ୍ତି ସାଙ୍ଗକୁ ବର୍ତ୍ତମାନର କର୍ମପନ୍ଥା ସୁଚିନ୍ତିତ କରିବେ। ସାମାଜିକ ସ୍ତରରେ ଲୋକାଦୃତିର ଅଭାବ ଘଟିବ ନାହିଁ। ବିବାଦୀୟ କ୍ଷେତ୍ରରେ ମୁଣ୍ଡ ଉଚ୍ଚା ରହିବ। ଆର୍ଥିକ ଦିଗରୁ ସ୍ଥିରତା ବଜାୟ ରହିବ। ବେପାର ବାଣିଜ୍ୟରେ ନୂତନ ଉତ୍ସାହ ପରିଲକ୍ଷିତ ହେବ। ଆଶାଜନକ ଲାଭ ଉଠାଇପାରନ୍ତି। ଲୋକ ସଂପର୍କ ଯୋଗେ ଉତ୍ସାହିତ ହେବେ। ଆମୋଦ ପ୍ରମୋଦ ସାଙ୍ଗକୁ ଭ୍ରମଣଯୋଗେ ଆନନ୍ଦମୁଖର ହେବ। ନୂତନ କର୍ମ ଯୋଗାଡ଼ର ସୁଯୋଗ ଅଛି। ଅବିବାହିତ ମାନଙ୍କ ନିମିତ୍ତ ବିବାହ ଯୋଜନା ଆଶା କରାଯାଇପାରେ। ଖାଦ୍ୟ ଓ ପୋଷାକର ରୁଚି ଅଭିବୃଦ୍ଧି ଘଟିବ। ଘରୋଇ ସମସ୍ୟାର ସମାଧାନ ଯୋଗେ ଶାନ୍ତି ପାଇବେ। ମୁଣ୍ଡବଥା ସାଙ୍ଗକୁ ପେଟରୋଗ ଓ ଥଣ୍ଡାରୋଗ ଦେଖାଦେବ। ପାରିବାରିକ ଜୀବନ ସୁଖକର ହେବ। ମହିଳାମାନେ ସ୍ୱାର୍ଥପର ଗୁଣକୁ ଅବଦମିତ କଲେ ଆଦର ପାଇବେ। ଭୋଗ ବିଳାସରେ ଭଟ୍ଟା ପଡ଼ିବାର ନାହିଁ। ବିଦ୍ୟାର୍ଥୀମାନେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିବେ।

ଅଶୁଭ ଦିବସ:- ୧୮, ୧୯, ୩, ୪, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।




**ସିଂହ:-** ଆପଣଙ୍କ ନିମିତ୍ତ ଚଳିତ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ଅଶୁଭ ଅପେକ୍ଷା ଶୁଭତ୍ୱର ପରିମାଣ ଅଧିକ ହେବ। ପୂର୍ବରୁ ଗଡ଼ି ଚାଲିଥିବା ବହୁ ଅଶାନ୍ତି ପରିବେଶ ଅପସରି ଯିବା କାରଣରୁ ତଥା ଅନ୍ୟମାନଙ୍କ ଦ୍ୱାରା ପ୍ରେରଣାର ଉତ୍ସ ହସ୍ତଗତ ହେବାଫଳରେ ସମସ୍ତ ନକାରାତ୍ମକ ପରିବେଶକୁ ପଛରେ ପକାଇ କର୍ତ୍ତବ୍ୟ ପଥରେ ଆଗକୁ ଆଗକୁ ମାଡ଼ି ଚାଲିବେ। ଉତ୍ସାହ ଓ ଆଗ୍ରହ ଯୋଗେ କର୍ତ୍ତବ୍ୟର ପରିଶ୍ରମ ଲାଘବ ହେବା ସହିତ ବକେୟା ତଥା ବର୍ତ୍ତମାନର କର୍ମକୁ ପୂର୍ଣ୍ଣତା ଦେବେ। ଉପରିସ୍ଥ ମାନଙ୍କ ଦ୍ୱାରା ଆଦୃତି ଯୋଗ ଅଛି। ସାମାଜିକ ସ୍ତରରେ ଭାବମୂର୍ତ୍ତି ମଳିନ ହେବାର ନାହିଁ। ବିବାଦୀୟ କ୍ଷେତ୍ର ସହଜହେବ। ଋଣ ପରିଶୋଧରେ ସକ୍ଷମ ହେବେ। ବେପାର ବାଣିଜ୍ୟରେ ନୂତନ ପନ୍ଥା ପୋଷଣ କରିବେ। ପର ହାତରୁ ଧନ ନିଜ ହାତକୁ ଆସିବ। ଗୃହ ଓ ଭୂମି କ୍ରୟ କରିପାରନ୍ତି। ମାଙ୍ଗଳିକ କର୍ମରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଭ୍ରମଣ ଯୋଗେ ମାନସିକ ଶାନ୍ତି ବୃଦ୍ଧି ଘଟିବ। ଭୋଗ ବିଳାସ ପ୍ରତି ରୁଚି ବଢ଼ିବ। ବାୟୁ ବିକାର ଓ ପିତ୍ତ ପ୍ରକୋପ ବୃଦ୍ଧି ପାଇବ। ପାରିବାରିକ ଜୀବନରେ ଶାନ୍ତି ଭଙ୍ଗ ହେବାର ନାହିଁ। ମହିଳାମାନେ ଭୋଗ ବିଳାସରେ ସମୟ ବିତାଇବେ। ନେତୃତ୍ୱ ଗ୍ରହଣ କରି ପ୍ରଶଂସା ସାଉଁଟିବେ। ବିଦ୍ୟାର୍ଥୀମାନେ ଉନ୍ନତିର ପଥ ଗ୍ରହଣ କରିବେ।

ଅଶୁଭ ଦିବସ:- ୯, ୧୦ ଅଷ୍ଟମଚନ୍ଦ୍ର:- ୨୭, ୨୮, ୨୯ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**କନ୍ୟା:-** ଚଳିତ ମାସରେ ଆପଣ ପୂର୍ବ ତୁଳନାରେ ଅଧିକ ଶୁଭଫଳ ପ୍ରାପ୍ତିର ଆଶା କରିପାରିବେ। ବିନା ଶୋଚନା ଅଥବା ବିନା ବାଧାରେ ସ୍ୱାଧୀନ ଭାବେ ଆଗେଇ କର୍ତ୍ତବ୍ୟ ସଂପାଦନ କରିବେ। ଅନ୍ୟର ହୁକୁମକୁ ମାନିବାକୁ ବାଧ୍ୟ ହେବେନାହିଁ। ନିଜର ମତାମତକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ ସାଧନ କରିବେ। ମନର ଅବଶୋଷ ଓ ଅବସାଦର ଅବସାନ ଘଟିବ। ଐଶୀକୃପା ଓ ଗୁରୁଜନମାନଙ୍କ ଆଶୀର୍ବାଦରୁ ବିପଦ ଟଳିଯିବ। ଧୈର୍ଯ୍ୟ ଓ ମନୋବଳ ଯୋଗେ ଗତିପଥକୁ ସରଳ କରିପାରିବେ। ସୃଜନଶୀଳ ଚିନ୍ତାଧାରା ଯୋଗେ ବହୁଜନରେ ପ୍ରଶଂସିତ ହେବାର ଯୋଗ ଅଛି। ସାମାଜିକ ସ୍ତରରେ ମୂଲ୍ୟବୃଦ୍ଧି ଘଟିବ। ଶତୃମାନଙ୍କର ଚକ୍ରାନ୍ତକୁ ବିଫଳ କରିବେ। ମାଲିମୋକଦ୍ଦମାରୁ ଶାନ୍ତି ମିଳିବ। ବେପାର ବାଣିଜ୍ୟରେ ଲାଭହେବା ପ୍ରାୟ ନିଶ୍ଚିତ। ଆର୍ଥିକ ଦିଗ ସବଳ ରହିବ। ବିଳାସ ପ୍ରତି ମନୋଭାବ ବଢ଼ିବ। ସ୍ୱାଧୀନ ଜୀବନଯାପନ କରିବେ। ତୀର୍ଥଭ୍ରମଣ ଓ ମାଙ୍ଗଳିକ କାର୍ଯ୍ୟରେ ଆଗ୍ରହୀ ହେବେ। ଗୃହ ମରାମତି କରିପାରନ୍ତି। ସନ୍ତାନମାନଙ୍କ ଯୋଗେ ସୁଖୀ ହେବେ। ଗଣ୍ଠିବାତ ଓ ଭୁଲାପଣ ଦେଖାଦେବ। ପାରିବାରିକ ସ୍ଥିତିରେ ବିଭ୍ରାଟ ଘଟିବାର ନାହିଁ। ମହିଳାମାନେ ପରିବାରରେ ଓ ସମାଜରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ପରିଚାଳନା ଦକ୍ଷତା ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୦, ୨୧, ୨୨, ୧୦, ୧୧ ଅଷ୍ଟମଚନ୍ଦ୍ର:- ୩୦, ୩୧ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**ତୁଳା:-** ମାସଟି ଆପଣଙ୍କ ପକ୍ଷେ ଶୁଭଫଳ ବହନ କରିବାର ଆଭାସ ପ୍ରଦାନ କରୁଛି। କର୍ମପଥରେ ବିନା ଅଙ୍କୁଶରେ ଗତିକରି କାର୍ଯ୍ୟର ସଫଳ ରୂପାୟନ କରିବେ। ମାସର ପ୍ରଥମାର୍ଦ୍ଧ ଅପେକ୍ଷା ଶେଷାର୍ଦ୍ଧଟି ବିଶେଷ ଆନନ୍ଦପ୍ରଦ ହେବ। କର୍ମକ୍ଷେତ୍ରର ଗତି ସାବଲୀଳ ହେବା ଯୋଗେ ମନର ଅଶାନ୍ତି ଅବଶୋଷ ଦୂରେଇଯିବ। ଶତୃମାନେ କ୍ରମଶଃ ଦୁର୍ବଳ ହୋଇପଡ଼ିବା କାରଣରୁ କର୍ମପଥରେ ଅନ୍ତରାୟ ସୃଷ୍ଟି କରିପାରିବେ ନାହିଁ। ଚାରିପାଖେ ଘୁରି ବୁଲୁଥିବା ନକାରାତ୍ମକ ପରିବେଶର ଅନ୍ତ ଘଟିବ। ସାମାଜିକ ସ୍ତରରେ ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରହିବାର ସମ୍ଭାବନା ଅଧିକ। ବିବାଦୀୟ କ୍ଷେତ୍ର ମନରେ ଆଶଙ୍କା ସୃଷ୍ଟି କରିବାର


ନାହିଁ। ବେପାର ବାଣିଜ୍ୟରେ ନୂତନ ପରିବେଶ ସୃଷ୍ଟି କରିବେ। ଆପଣାର ମାନେ ବେଳେବେଳେ ଛିଦ୍ର ଖୋଜିବାକୁ ଅପଚେଷ୍ଟା କରିପାରନ୍ତି। ଆର୍ଥିକ ଦିଗରୁ ମନଉଣା କରିବାର ନାହିଁ। ଅଯଥା କଳ୍ପନାରୁ ବିରତ ନହେଲେ ବିଷାଦିତ ହୋଇପାରନ୍ତି। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟ ସଂପାଦନ କରିବାର ଅଛି। ଅହେତୁକ ଭାବେ ଆଶା ପୂରଣ ହେବା ଫଳରେ ଆତ୍ମ ସନ୍ତୋଷ ଜାତହେବ। ବାତଦୋଷ ଓ ଥଣ୍ଡାଦୋଷର ଉପସର୍ଗ ଦେଖାଦେବ। ପାରିବାରିକ ଜୀବନ ଶାନ୍ତିମୟ ହେବ। ମହିଳାମାନେ ଉଚ୍ଚ ଆଶା ପୋଷଣ କରିବେ। ପରିବାର ମର୍ଯ୍ୟାଦା ରକ୍ଷା କରିବାରେ ତତ୍ପରତା ପ୍ରକାଶ ପାଇବ। ବିଦ୍ୟାର୍ଥୀମାନେ ବିଭ୍ରାନ୍ତ ହେବାର ନାହିଁ।

ଅଶୁଭ ଦିବସ:- ୧୮, ୧୯, ୨୩, ୨୪, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୨୦, ୨୧, ୨୨ ବାକିଦିନ ଶୁଭ।



**ବିଛା:-** ଶୁଭାଶୁଭ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ। ପୂର୍ବ ତୁଳନାରେ ଶୁଭତ୍ୱର ପରିମାଣ ପରିଲକ୍ଷିତ। ମଝିରେ ମଝିରେ ଅଶାନ୍ତିର କଳାବାଦଲ ଘେରିଯିବା ଦ୍ୱାରା ବିଷାଦ ଅନୁଭବ କରିବେ। ବୈଷୟିକ ସୁଖୀ ସମୃଦ୍ଧି ହାତପାଆନ୍ତାକୁ ଆସୁ ଆସୁ ଅଟକିଯିବ। କର୍ମକ୍ଷେତ୍ରର ଗତି ବିପରୀତ ମୁଖି ନହେଲେବି ବିଳମ୍ବ ଜନିତ କ୍ଷୋଭ ପ୍ରକାଶ ପାଇବ। ବେଳେବେଳେ ଏକଲାପଣ ବୋଧ ହେବ। ଆତ୍ମ ସଂଯମ କର୍ତ୍ତବ୍ୟରେ ଏକାଗ୍ରତା ଓ ଧୈର୍ଯ୍ୟ ଦ୍ୱାରା ଅନେକ ସମସ୍ୟା ପାଣିଫୋଟକାରେ ପରିଣତ ହେବ। ଐଶ୍ୱରୀୟ ଚିନ୍ତାଧାରା ଓ ଭାବଭକ୍ତି ଉଦ୍ରେକ ହେବ। ସାମାଜିକ ସ୍ତରରେ ଅବହେଳିତ ହେବେ ନାହିଁ। ଶତ୍ରୁମାନେ ପଛେଇ ଯିବେ। ବେପାର ବାଣିଜ୍ୟରେ ଉତ୍ତମ ମନୋନିବେଶ କରି ସ୍ଥିତି ଦୃଢ଼ କରିବେ। ଆର୍ଥିକ ଦିଗ ଗୁଳୁରାଣ ମେଣ୍ଟାଇବାରେ ସଂକୀର୍ଣ୍ଣ ହେବନାହିଁ। ଶୁଭକାର୍ଯ୍ୟରେ ଯୋଗଦାନ ଓ ସୁଖ ଭ୍ରମଣ ଯୋଗେ ମନ ପରିବର୍ତ୍ତନ ହେବ। ଦୀର୍ଘମିଆଦି ଯୋଜନାକୁ ପ୍ରାଧାନ୍ୟ ଦେବେ। ପତିତ ଧନ ହାତକୁ ଆସିବା ଫଳରେ ଆମୋଦ ପ୍ରମୋଦ ପ୍ରତି ଆଗ୍ରହ ଜାତହେବ। ରାଜକାର୍ଯ୍ୟ ସଂପାଦନରେ ଓ ପିତୃ କାର୍ଯ୍ୟରେ ବାଧା ସଂପାଦନ ଉପୁଜିପାରେ। ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟାକୁ ବାଦଦେଲେ ବଡ଼ ଧରଣର ରୋଗ ଭୋଗର ଆଶଙ୍କା ନାହିଁ। ପାରିବାରିକ ଜୀବନରେ ପ୍ରାଧାନ୍ୟତା ବୃଦ୍ଧିପାଇବ। ମହିଳାମାନେ ସ୍ୱାଧୀନତବାଦୀ ହୋଇ କର୍ତ୍ତବ୍ୟ ସଂପାଦନ କରିବେ। ସ୍ୱାସ୍ଥ୍ୟ ଚିନ୍ତାରେ ଚିନ୍ତିତ ହୋଇପାରନ୍ତି। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ବୋଝ ନମଣି ତାହାକୁ ଆୟତ୍ତ କରିବାର ଅଭ୍ୟାସ ଜାରିରଖିବେ।

ଅଶୁଭ ଦିବସ:- ୨୫, ୨୬, ୫, ୬ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ।



**ଧନୁ:-** ମାସଟିରେ ସୁଖ ଦୁଃଖର ଅନୁଭୂତିକୁ ବାଣ୍ଟି ଚଳିବେ। କର୍ମକ୍ଷେତ୍ରରେ ନିଷ୍ଠା, କର୍ମଦକ୍ଷତା ଓ ମନୋବଳ ଖଟାଇ କାର୍ଯ୍ୟ ହାସଲ କରିବେ। ପ୍ରତିଭା ତଥା ପରାକାଷ୍ଠା ପ୍ରଦର୍ଶନ କରି ଉପରିସ୍ଥମାନଙ୍କ ଶ୍ରଦ୍ଧାଭାଜନ ହେବେ। ଶାରିରୀକ ଓ ମାନସିକ ଖଟଣୀର ପ୍ରାବଲ୍ୟ ଯୋଗେ କ୍ଳାନ୍ତି ଅନୁଭୂତ ହେଲେବି ଅନ୍ୟମାନଙ୍କ ପ୍ରୋତ୍ସାହନ ଯୋଗେ ସେ ସବୁକୁ ସହଜରେ ହଜମ କରିଯିବେ। କୌଶଳ ତଥା ବୁଦ୍ଧିମତାକୁ ପ୍ରୟୋଗ କରି କର୍ମସ୍ଥଳୀରେ ନୂତନ ପଥ ଆବିଷ୍କାର କରିବେ। ସାମାଜିକ କ୍ଷେତ୍ରରେ ମାନ ସମ୍ମାନ ପ୍ରତିଷ୍ଠା ଅର୍ଜନ କରିବା ନିମିତ୍ତ ମଉକା ମିଳିବ। ଶତ୍ରୁମାନଙ୍କର ମୁହଁରେ କଳା ଲାଗିପାରେ। ବେପାର ବାଣିଜ୍ୟ ସୁଦୂର ପ୍ରସାରି ହେବ। ଆପଣାରମାନେ ସାମୟିକ ମୁଣ୍ଡବିନ୍ଧାର କାରଣ ସାଜିବେ। ଅର୍ଥ ଓ ସମ୍ମାନ ଦିଗରୁ ଆଶ୍ୱସ୍ତ ହେବେ। ଉପଯୁକ୍ତ ଫଳ ପ୍ରାପ୍ତିରେ ବିଳମ୍ବ ଘଟିବା ଫଳରେ ଆତୁରତା ବୃଦ୍ଧିପାଇବ। ମାସର ଶେଷାର୍ଦ୍ଧରେ ଦୂର ଭ୍ରମଣ କରିପାରନ୍ତି। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇପାରେ। ମୂଲ୍ୟବାନ ଦ୍ରବ୍ୟ ଅଥବା ଗୃହ କ୍ରୟ କରିପାରନ୍ତି। ଭବିଷ୍ୟତ ପ୍ରତି ଯତ୍ନଶୀଳ ହେବେ। ପିତ୍ତଦୋଷ ଓ ଥଣ୍ଡାଦୋଷ କ୍ଳେଶପ୍ରଦ ହେବ। ଖାଦ୍ୟ ଓ ପୋଷାକ ରୁଚି ବଢ଼ିବ। ପାରିବାରିକ ଜୀବନରେ ବୁଝାମଣାର ଆବଶ୍ୟକତା ଅନୁମେୟ। ମହିଳାମାନେ ସ୍ଥିର ଚିତ୍ତ ଓ ସ୍ୱାର୍ଥପରତାକୁ ନିୟନ୍ତ୍ରଣରେ ରଖିଲେ ଆଦର ପାଇବେ। ବିଦ୍ୟାର୍ଥୀମାନେ ଚଞ୍ଚଳତା ପରିହାର କରି ମାର୍ଗୀହେଲେ ଭବିଷ୍ୟତ ସ୍ୱପ୍ନ ସାକାର କରିବେ।

ଅଶୁଭ ଦିବସ:- ୭, ୮ ଅଷ୍ଟମ ଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୨୭, ୨୮, ୨୯ ବାକିଦିନ ଶୁଭ।



**ମକର:-** ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେବ। ମାସର ପ୍ରଥମାର୍ଦ୍ଧରେ ଶୁଭଫଳର ମାତ୍ରା ଅଧିକ ହେବାର ଆଶା ଅଧିକ। ବିନା ବାଧାରେ କର୍ମକ୍ଷେତ୍ରରେ ଆଗେଇଯିବାର ସୁଯୋଗ ମିଳିବ। କର୍ମ ଯେତେ କଠିନ ହେଲେବି ପରିଶ୍ରମ ଓ ବୁଦ୍ଧିବଳରେ ତଥା ଆବଶ୍ୟକ ପଡ଼ିଲେ ଅର୍ଥ ଖଟାଇ ତାହାର ସଫଳ ରୂପାୟନ କରିବେ। କର୍ତ୍ତବ୍ୟକୁ ବ୍ରତଭାବେ ଗ୍ରହଣ କରି ନିଜକୁ ଉତ୍ସର୍ଗ କଲେ ଫଳପ୍ରାପ୍ତି ଅସମ୍ଭବ ହେବନାହିଁ। ନିନ୍ଦା ଓ ପ୍ରଶଂସାକୁ ହଜମ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସଂକଳ୍ପ ଗ୍ରହଣ କରିବେ। ସାମାଜିକ ସ୍ତରରେ ଲୋକ କଲ୍ୟାଣ କର୍ମ କରି ପ୍ରଶଂସାର ପାତ୍ର ହେବେ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବାର ପ୍ରଚେଷ୍ଟା ଜାରି ରହିବ। ଉପରିସ୍ଥ ମାନଙ୍କ ନିମିତ୍ତ ଦଳିତଚିତ୍ତ ହେଲେବି ପରିଣତି ଉତ୍ସାହପ୍ରଦ ହେବ। ବେପାର ବାଣିଜ୍ୟରେ ଅନ୍ୟମାନଙ୍କ ସହିତ ସମତାଳ ଦେଇ ଗତି କରିବେ। ପତିତ ଧନ ହାତକୁ ଆସିବ। ଖାଦ୍ୟ ଓ ଭ୍ରମଣ ରୁଚି ବୃଦ୍ଧିପାଇବ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ପ୍ରାପ୍ତି ଯୋଗ ଅଛି। ନୂତନ ଯାନ ଅଥବା ସୌଖୀନ ଦ୍ରବ୍ୟ କ୍ରୟ କରିବେ। ମାଙ୍ଗଳିକ ଉତ୍ସବାଦି କର୍ମରେ ସଂପୃକ୍ତି ଘଟିବ। ଆର୍ଥିକ ଦିଗ ଦୁଶ୍ଚିନ୍ତା କାରକ ହେବନାହିଁ। ପିତ୍ତ ପ୍ରକୋପ ଓ ରକ୍ତ ଶର୍କରା ରୋଗର ଶିକାର ହେବେ। ପାରିବାରିକ ଜୀବନ ସରଳ ହେବ। ମହିଳାମାନେ ସମାଜ କଲ୍ୟାଣ କର୍ମରେ ନିଜକୁ ସାମିଲ କରିବେ। ବ୍ୟକ୍ତିତ୍ୱ ପରିସ୍ଫୁଟ ହେବ। ବିଦ୍ୟାର୍ଥୀମାନେ ଚେଷ୍ଟାରେ ଅବହେଳା କରିବେ ନାହିଁ।

ଅଶୁଭ ଦିବସ:- ୨୦, ୨୧, ୨୨, ୩୦, ୩୧, ୯, ୧୦

ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ଜଂଜାଳମୟ ହେଲେବି କର୍ତ୍ତବ୍ୟ ସଂପାଦନ ଯୋଗେ ସୁଖମୟ ହେବ। କର୍ମକ୍ଷେତ୍ରରେ ଅସମ୍ଭବକୁ ସମ୍ଭାବନାମୟ କରି ଆତ୍ମ ସନ୍ତୋଷ ଉପଲବ୍ଧି କରିବେ। ବିପରୀତମୁଖି ଚିନ୍ତାଧାରାକୁ ସଂପୂର୍ଣ୍ଣ ପରିହାର କରି ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା କର୍ମକ୍ଷେତ୍ରରେ ଆଗକୁ ଆଗକୁ ବିନା କାହାରି ପରାମର୍ଶରେ ମାଡ଼ିଚାଲିବେ। ଶତ୍ରୁମାନେ ହଇରାଣ ହରକତ କରିବା ନିମିତ୍ତ ଚେଷ୍ଟା କରି ଅସଫଳ ହେବେ। ବଚନ କୁଶଳତା ତଥା ଉତ୍ତମ କର୍ମରେ ମନୋନିବେଶ ସହିତ ପରୋପକାରକୁ ବ୍ରତ ରୂପେ ଗ୍ରହଣ କରିବାଦ୍ୱାରା ଲୋକାଦୃତିର ଅଭାବ ରହିବ ନାହିଁ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବାର ପ୍ରଚେଷ୍ଟା ବଳବତ୍ତର ହେବ। ପତିତ ଧନର ଉଦ୍ଧାର ନିମିତ୍ତ ପ୍ରୟାସ ଜାରି ରଖିବେ। ବେପାର ବାଣିଜ୍ୟରୁ ଯଥେଷ୍ଟ ଲାଭ ନମିଳିଲେବି କ୍ଷତିର ଛାଟ ବାଜିବ ନାହିଁ। ଆର୍ଥିକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ଆତ୍ମୀୟ ମାନଙ୍କ ଗହଣରେ ଉତ୍ତମ ସମୟ ଅତିବାହିତ କରିବେ। ଜମିଜମା ସଂକ୍ରାନ୍ତୀୟ ବିବାଦରୁ ଉଦ୍ଧାର ମିଳିବ। ଭୋଗ ବିଳାସ ପ୍ରତି ଆଗ୍ରହ ବୃଦ୍ଧିପାଇବ। ବନ୍ଧୁ ଓ ପଡ଼ୋଶୀମାନଙ୍କ ଯୋଗେ ଉପକୃତ ହୋଇପାରନ୍ତି। ଶାରିରୀକ ଓ ମାନସିକ ସ୍ଥିତିକୁ ନେଇ ଅବସାଦ ଗ୍ରସ୍ତ ହେବେ। ପାରିବାରିକ ଜୀବନରେ ବୁଝାମଣା ଦ୍ୱାରା ଶାନ୍ତି ମିଳିବ। ମହିଳାମାନେ ସମସ୍ତ କ୍ଷେତ୍ରରେ ଆଗୁଆ ହେବେ। ବ୍ୟକ୍ତିଗତ ସ୍ୱାଧୀନତା ସହ ସାମାଜିକ ଭାବମୂର୍ତ୍ତି ପ୍ରତି ଧ୍ୟାନଦେବେ। ବିଦ୍ୟାର୍ଥୀମାନଙ୍କ ଚେଷ୍ଟା ଅସଫଳ ହେବନାହିଁ।
ଅଶୁଭ ଦିବସ:- ୧୫, ୧୬, ୧୭, ୨୩, ୨୪, ୧, ୨, ୧୧, ୧୨ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୨୦, ୨୧, ୨୨ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ପକ୍ଷେ ମାସଟି ମିଶ୍ରଫଳ ଦାୟକ ହେବ। ମାସର ପ୍ରଥମାର୍ଦ୍ଧର ଚେଷ୍ଟା ଚରିତ୍ର ଓ ପରିଶ୍ରମର ଫଳ ଶେଷାର୍ଦ୍ଧରେ ମିଳିବ। ଯୋଜନା ସନ୍ତୋଷ ଉପଲବ୍ଧି କରିବେ। ଗଡ଼ିଚାଲିଥିବା ସମସ୍ୟାର ଅନ୍ତ ଘଟିବା ଯୋଗେ ଆଶ୍ୱସ୍ତ ହେବେ। କର୍ମପଥରେ ଯଥା ସମ୍ଭବ ଆଗେଇବା ନିମିତ୍ତ ପରିବେଶ ଅନୁକୂଳ ହେବ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଉଦ୍ୟମ ବଳବତ୍ତର ହେବ। ସାମୟିକ ବିପରୀତ ବୁଦ୍ଧିର କବଳିତ ହୋଇପାରନ୍ତି। ଗୁପ୍ତ ଶତ୍ରୁମାନେ ପଥରୋଧ କରିବାର ଚାଲ ବିଛାଇ ପାରନ୍ତି। ଦୃଢ଼ ଇଚ୍ଛାଶକ୍ତି ଓ ଦୈବୀକୃପା ଯୋଗେ କୌଣସି କାର୍ଯ୍ୟ ଅସମ୍ଭବ ହେବନାହିଁ ସାମାଜିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବେ। ବିବାଦୀୟ କ୍ଷେତ୍ରରେ ହାରିଯିବାର ନାହିଁ। ବେପାର ବାଣିଜ୍ୟ ପୂର୍ବ ତୁଳନାରେ ଉନ୍ନତ ହେବ। ଭ୍ରମଣ ଓ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦିତ ହେବେ। ବହୁମୂଲ୍ୟ ସଂପତ୍ତିର ତଥା ନିର୍ମାଣ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ାଇବାରେ ନିଜକୁ ନିୟୋଜିତ କରିବେ। ଅର୍ଥ ଯୋଗାଡ଼ ନିମିତ୍ତ ସୁଯୋଗ ମିଳିବ। ବନ୍ଧୁ ଓ ଆତ୍ମୀୟମାନେ ସହଯୋଗର ହାତ ବଢ଼ାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟର ପଦଧ୍ୱନି ଶୁଣାଯାଇପାରେ। ନୀରବତା ଅବଲମ୍ବନ ଦ୍ୱାରା ସମ୍ମାନ ବୃଦ୍ଧି ଘଟିବ। ପେଟରୋଗ ଓ ଗଳାରୋଗ ଦେଖାଦେବ। ପାରିବାରିକ ଜୀବନ ସହଯୋଗମୟ ହେବ। ମହିଳାମାନେ ସମସ୍ତ ପରିବେଶରେ ଧୈର୍ଯ୍ୟଧାରଣ ପୂର୍ବକ ନିଜକୁ ସ୍ଥିର ରଖି ପରିସ୍ଥିତିର ମୁକାବିଲା କରିବେ। ବିଦ୍ୟାର୍ଥୀମାନେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବେ।
ଅଶୁଭ ଦିବସ:- ୧୮, ୧୯, ୩, ୪, ୫, ୬, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୭, ୧୧, ୧୨ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

Postal Regd. No. CK (C)/91/2024-2026

**The Samaroha** December - 2025, Vol. - 35, Issue - 3 RNI Regd. No. : 034056/1981

KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

**₹ 20/-**

Date of Publication : 17.12.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in